

ସ୍ୱିଟୀ କୁଜୁର ଯୁ-୧୮ ଭାରତୀୟ ଦଳର ଅଧିନାୟିକା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-324 •SATURDAY •23 MAY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୨୪ •ଶନିବାର •୨୩ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦





## ମଦ କାରବାର ବିରୋଧରେ ମହିଳାଙ୍କ ଆନ୍ଦୋଳନ

# ଏକାଧିକ ମଦ ପେଟି ଜବତ୍

ବ୍ରହ୍ମବରଦା, ୨୨।୫(ସମିସ)

ବ୍ରହ୍ମବରଦା ଥାନା ଅଞ୍ଚଳରେ ଦିନକୁ ଦିନ ଧରି ଚୋରା ମଦ ଖୁଲମ୍‌ଖୋଲା ଭାବେ ବିକ୍ରି ହେଉଛି। ଜନସାଧାରଣ ବ୍ରହ୍ମବରଦା ଥାନା କିମ୍ବା ଅବକାରୀ ବିଭାଗକୁ ବାରମ୍ବାର ଅଭିଯୋଗ କଲା ପରେ ବି ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଅର୍ଥଙ୍ଗା ପଞ୍ଚାୟତର ଅର୍ଥଙ୍ଗା ଗ୍ରାମର ଦଳିତ ସାହିରେ ଦୀର୍ଘଦିନ ଧରି ବେଆଇନ ଭାବେ ମଦ, ମୋହୁଲି ଓ ହାଣ୍ଡିଆ ବ୍ୟବସାୟ ଚାଲୁଥିବା ଅଭିଯୋଗକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମର ୫/୬ଟି ସ୍ଥାନରେ ଏହି ବେଆଇନ କାରବାର ଚାଲୁଥିବା ବେଳେ ଏହାର କୁପ୍ରଭାବରେ ପିଲାଠାରୁ ଯୁବକ ପର୍ଯ୍ୟନ୍ତ ଅନେକ ମଦ୍ୟପାନରେ ଆସକ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଅନେକ ପରିବାରରେ ଅଶାନ୍ତି ସୃଷ୍ଟି ହେବା ସହ ଆର୍ଥିକ କ୍ଷତି ମଧ୍ୟ ଘଟୁଥିବା କୁହାଯାଇଛି। ଘଟଣାକୁ ନେଇ ଆଜି ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ବେଆଇନ ମଦ କାରବାର ବନ୍ଦ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ସେମାନେ ସମ୍ପୃକ୍ତ ବ୍ୟବସାୟୀମାନଙ୍କ ଘରକୁ ଘର ଯାଇ ଏପରି କାରବାର ବନ୍ଦ କରିବାକୁ ବୁଝାଉଥିବା ବେଳେ ସେମାନଙ୍କ ପାଖରେ ଥିବା ମାଦକ ସାମଗ୍ରୀ ଗୁଡିକୁ ବିକ୍ରି ନ କରିବାକୁ କହି ମହିଳା ମାନେ ନିଜ ଆୟତକୁ ନେଇଥିଲେ। ଏହି ସମୟରେ ବ୍ରହ୍ମବରଦା ହାଟ ସ୍ଥିତ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନରୁ ଦୁଇ ଯୁବକ ଏକାଧିକ ପେଟି ମଦ ନେଇ ସମ୍ପୃକ୍ତ ବ୍ୟବସାୟୀ ମାନଙ୍କ ନିକଟକୁ ଯାଉଥିବା ବେଳେ ମହିଳାମାନଙ୍କ ହାତରେ ଧରାପଡ଼ିଥିଲେ। ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମହିଳାମାନେ ଉକ୍ତ ଯୁବକଙ୍କ ସହିତ ମଦ ପେଟିକୁ ଜବତ କରି ଗ୍ରାମର ଠାକୁର ଘରେ ଅଟକ ରଖିଥିଲେ। ତେବେ ସୁଯୋଗ ଦେଖି ଯୁବକ ଦ୍ୱୟ ସେଠାରୁ ଖସି ପଳାଇଥିବା ବେଳେ ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହିତ ଜବତ ମଦକୁ ନିଜ ହେପାଜତକୁ ନେବାକୁ ଉଦ୍ୟମ କରିଥିଲା। କିନ୍ତୁ ଗ୍ରାମବାସୀ ପୁଲିସ ଉପରେ ଭରସା ପ୍ରକାଶ କରିନଥିବା ବେଳେ ମଦ ହସ୍ତାନ୍ତର କରି ନ ଥିବା ଜଣାପଡ଼ିଛି। ତେବେ ସନ୍ଧ୍ୟାରେ ଏନେଇ ଗ୍ରାମବାସୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବେ ବୋଲି ସୂଚନା ମିଳିଛି।



## ଶେଖ ସଂନୱାର ସାମ୍ବାଦିକ ୟୁନିଅନ ସଭାପତି



ବିଞ୍ଝାରପୁର, ୨୨।୫(ସମିସ): ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ଶେଖ ସଂନୱାର (ସୋନୁ)ଙ୍କୁ ସଂଗଠନର ନୂତନ ସଭାପତି ଭାବେ ଚୟନ କରାଯାଇଛି। ବୈଠକରେ ସଂଗଠନର ସୁଦୃଢୀକରଣ, ସାମ୍ବାଦିକମାନଙ୍କ ବୃତ୍ତିଗତ ସମସ୍ୟା ଏବଂ ଆଗାମୀ କାର୍ଯ୍ୟ ଯୋଜନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ନବନିର୍ବାଚିତ ସଭାପତି ଶେଖ ସଂନୱାର କହିଥିଲେ ଯେ, ସମସ୍ତ ସାମ୍ବାଦିକଙ୍କୁ ସାଥିରେ ନେଇ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ କରିବା ସହ ସାମ୍ବାଦିକମାନଙ୍କ ନ୍ୟାୟସଙ୍ଗତ ସ୍ୱାର୍ଥ ସୁରକ୍ଷା ପାଇଁ କାର୍ଯ୍ୟ କରାଯିବ। ନୂତନ ନେତୃତ୍ୱରେ ୟୁନିଅନର କାର୍ଯ୍ୟକଳାପ ଆହୁରି ସକ୍ରିୟ ହେବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି।

## ଟ୍ରକ୍ ପଛ ପଟୁ ପିଟିଲା ଟ୍ରାଭେଲର

କୁଆଖିଆ, ୨୨।୫(ସମିସ): ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା। ମା' ତାରିଣୀଙ୍କ ଦର୍ଶନ ପାଇଁ ଯିବା ସମୟରେ ଘଟିଛି ଅଘଟଣ। ଟ୍ରକ ପଛ ପଟୁ ପିଟିଲା ଟ୍ରାଭେଲର। ୧୦ରୁ ଅଧିକ ଯାତ୍ରୀ ଆହତ। କୁଆଖିଆ ଥାନା ୧୬ନଂ ଜାତୀୟ ରାଜପଥ କୁଆଖିଆ ଓଭର ବ୍ରିଜ ନିକଟରେ ଆଜି ଭୋର ସମୟରେ ଘଟିଛି ଏହି ଦୁର୍ଘଟଣା। ସୂଚନା ମୁତାବକ ଏକ ଟ୍ରାଭେଲରରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ରଘୁନାଥପଲ୍ଲୀ ଅଞ୍ଚଳରୁ ବାହାରି ତାରିଣୀ ଦର୍ଶନ ଅଭିମୁଖେ ଯାଉଥିଲେ। ତେବେ ଜାତୀୟ ରାଜପଥ ଉପରେ ପୂର୍ବରୁ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣାରେ ଆହତ ହୋଇଥିବା ୧୦ରୁ ଅଧିକ ଯାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ କୁଆଖିଆ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ପୁରୁଣା ମାମଲାରେ ମହିଳା ଗିରଫ

କୟାଁଗୋଲା, ୨୨।୫(ସମିସ): ମଙ୍ଗଳପୁର ପୁଲିସ ଆଜି ଏକ ପୁରୁଣା ୱାରେଣ୍ଟ ବଳରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୨୦୧୫ ମସିହାର ମାମଲାରେ ଦୀର୍ଘ ଦିନ ଧରି ଫେରାର ଥିବା ଅଭିଯୁକ୍ତାଙ୍କୁ ଧରିବାରେ ପୁଲିସ ସଫଳ ହୋଇଛି। ମଙ୍ଗଳପୁର ଥାନା ପୁଲିସ ଆଜି ଏକ ପୁରୁଣା ୱାରେଣ୍ଟ ଆଧାରରେ ନାରୀଗାଁ ଅଞ୍ଚଳର ସୁଲୋଚନା ମଲ୍ଲିକ ନାମକ ଜଣେ ୩୮ ବର୍ଷୀୟା ମହିଳାଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସୁଲୋଚନା ମଲ୍ଲିକଙ୍କ ବିରୋଧରେ ଥାନାରେ ସିଟି ନମ୍ବର ୧/୨୦୧୫ ମାମଲା ରୁଜୁ ହୋଇଥିଲା। ଦୀର୍ଘ ଦିନ ଧରି ସେ ପୁଲିସକୁ ଚକମା ଦେଇ ଫେରାର ଥିଲେ। ଗିରଫ ପରେ ପୁଲିସ ଅଭିଯୁକ୍ତାଙ୍କୁ ଆଜି କୋର୍ଟଚାଲାଣ କରିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ପୁରୁଣା ୱାରେଣ୍ଟ ଗୁଡିକର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଏଭଳି ଅଭିଯାନ ଜାରି ରହିବ। କୋର୍ଟଙ୍କ ଦ୍ୱାରା ଜାରି ହୋଇଥିବା ୱାରେଣ୍ଟ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥାଏ। ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ଥିବାରୁ ଏବଂ ଅଭିଯୁକ୍ତା ଫେରାର ଥିବାରୁ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ କରିଛି। ଏ ନେଇ ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ପ୍ରକାଶ କରିଛନ୍ତି।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ

କୋରେଇ, ୨୨।୫(ସମିସ): କୋରେଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତାରାକୋଟ ଆଥଲେଟିକ ଆସୋସିଏସନ ଗୃହରେ ବ୍ଲକ ସଭାପତି ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାଗୁଣି ଜେନା, ଜିଲ୍ଲା ସମ୍ପାଦକ ସୁଶାନ୍ତ ମିଶ୍ର, ବ୍ଲକ ଦଳିତ ସେଲ ସଭାପତି ଶ୍ୟାମ ସୁନ୍ଦର ଜେନା, ଏସସି ସେଲ ଜିଲ୍ଲା ଉପସଭାପତି ପରୀକ୍ଷିତ ମଲ୍ଲିକ, ବ୍ଲକ ସଂଗଠନ ସମ୍ପାଦକ ନିରଞ୍ଜନ ନାୟକ, ଦଳିତ ନେତା ବାବୁଲି ପେରେଇ, ମଦନ ମଲ୍ଲିକ, ହଳଦିଗଡ଼ିଆ ପଞ୍ଚାୟତ ସଭାପତି ପୁରସ୍ତମ ବିଶ୍ୱାଳ, ତାରାକୋଟ ପଞ୍ଚାୟତ ସଭାପତି ଜନାର୍ଦ୍ଦନ କର, ଉମାକାନ୍ତ ବେହେରା, ରଘୁନାଥ ଜେନା, ସୁଧୀର ମହାନ୍ତି, ସଦାଶିବ ରାଉତ, ପୁରସ୍ତମ ମାଝୀ, ଅମୃତିଆ ପଞ୍ଚାୟତ ସଭାପତି ଉପେନ୍ଦ୍ର ମିଶ୍ର, ଅବଦୁଲ ଆଦାଦ ଖାଁ, ହେମାଉଦ୍ଦିନ, ପୁରସ୍ତମ ସାହୁ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଅରୁଣ ସିହ୍ନା, ସାଧୁଚରଣ ବେହେରା, ଭାଗିରଥି ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଚାରାରୋପଣ



ଦାନଗଦି, ୨୨।୫(ସମିସ): ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅବସରରେ ଶୁକ୍ରବାର ଦିନ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏହାର କାରଖାନା ପରିସରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ କର୍ମଚାରୀ ଏବଂ ଠିକା କର୍ମଚାରୀମାନଙ୍କ ସମେତ ୨୦୦ରୁ ଅଧିକ ଲୋକ ସାମିଲ ହୋଇ ବିଭିନ୍ନ ପ୍ରଜାତିର ୫୦୦ରୁ ଅଧିକ ଦେଶୀ କିସମର ଚାରାରୋପଣ କରିଥିଲେ। ଟାଟାଷ୍ଟିଲ୍ କଳିଙ୍ଗନଗରର ପରିବେଶ ବିଭାଗ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ସହ ଜୈବ ବିବିଧତାକୁ ବୃଦ୍ଧି କରିବା ପାଇଁ କମ୍ପାନୀ ଯେଉଁ ବଡ଼ ଯୋଜନା କରିଛି। ନିଜର କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କୁ ଏଥିରେ ସାମିଲ କରି ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ରକୃତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପ୍ରକ୍ରିୟାକୁ ଜାରି ରଖିଛି।

## ଖରସ୍ରୋତାରେ ବୁଡ଼ି ନାବାଳକ ମୃତ

● ବାପା ସହ ଗାଧୋଇ ଯାଇଥିଲା ପୁଅ

ବିଞ୍ଝାରପୁର, ୨୨।୫(ସମିସ): ଖରସ୍ରୋତା ନଦୀକୁ ବାପାଙ୍କ ସହ ଗାଧୋଇ ଯାଇଥିବା ୧୦ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣା ମୁତାବକ ପ୍ରସନ୍ନଜିତ ରାଉତରାୟଙ୍କ ପରିବାର ଯାଜପୁର ରୋଡ୍‌ରେ ରହୁଥିବା ବେଳେ କିଛି ଦିନ ହେବ ଖରାଛୁଟି କାଟିବା ପାଇଁ ବିଞ୍ଝାରପୁର ଥାନା ଅନ୍ତର୍ଗତ ଓଲେଇଚନ୍ଦନପୁର ଗ୍ରାମକୁ ଆସିଥିଲେ। ହେଲେ ପ୍ରସନ୍ନଜିତ ଶୁକ୍ରବାର ମଧ୍ୟାହ୍ନରେ ନିଜ ନାବାଳକ ପୁଅ ଶୁଭଙ୍କର ଓରଫ ଋଷି (୧୦)କୁ ନେଇ ଘର ନିକଟସ୍ଥ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉ ଥିବା ବେଳେ ଦୁର୍ଭାଗ୍ୟ ବଶତଃ ନଦୀରେ ଋଷି ବୁଡ଼ି ଯାଇଥିଲେ। ଏହି ସମୟରେ ସେଠାରେ ଗାଧୋଉ ଥିବା ଗ୍ରାମବାସୀ ତୁରନ୍ତ ଋଷିଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାର ଖବର ପାଇ ବିଞ୍ଝାରପୁର ପୁଲିସ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଋଷିଙ୍କ ମୃତଦେହ ଜବତ କରିବା ସହ ଏକ ମାମଲା ୧୨/୨୬ରେ ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତଦେହ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ବଡ଼ଚଣା ବିଜେଡି ବ୍ଲକ କମିଟି ଘୋଷଣା

ବଡ଼ଚଣା, ୨୨।୫(ସମିସ): ବଡ଼ଚଣା ବ୍ଲକ ବିଜୁ ଜନତା ଦଳର ସଭାପତି ତାପସ ଚନ୍ଦ୍ର ରାୟଙ୍କ ସୁପାରିସ କ୍ରମେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ବିଧିବଦ୍ଧ ଭାବେ ନୂତନ ବ୍ଲକ କମିଟି ଘୋଷଣା କରିଛନ୍ତି। ଉକ୍ତ କମିଟିରେ ଉପସଭାପତି ଭାବେ ଗଗନ ବିହାରୀ ସ୍ୱାଇଁ, ଧୁଳେଶ୍ୱର ଦାସ, ଜଗନ୍ନାଥ ମୁଦୁଲିଙ୍କ ନାମ ସ୍ଥାନ ପାଇଛି। ସାଧାରଣ ସମ୍ପାଦକ ଭାବରେ ଦେବେନ୍ଦ୍ର ଜେନା, ଜୟନ୍ତୀ ସ୍ୱାଇଁ, ନିଳକଣ୍ଠ ବରାଳ, ସତ୍ୟ ପ୍ରକାଶ ଦାସ ଓ ଶ୍ରୀକାନ୍ତ ସାମଲଙ୍କ ନାମ ସ୍ଥାନ ପାଇଛି। ସେହିପରି ସମ୍ପାଦକ ଭାବେ ବରଦା ପ୍ରସାଦ ରାୟ, ଅଶୋକ ଜେନା, ସୁଶାନ୍ତ ନାୟକ, କିଶୋର ମହାନ୍ତି, ପ୍ରହଲ୍ଲାଦ ବାରିକ, ଦୀପକ ମହାପାତ୍ର, ଅନନ୍ତ କିଶୋର ଦାସଙ୍କ ନାମ ସ୍ଥାନ ପାଇଛି। କୁଳମଣି ବାରିକଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରହଲ୍ଲାଦ ନନ୍ଦ ଓ ଚିତ୍ତ ରଞ୍ଜନ ମହାପାତ୍ର, କୈଳାସ ଚନ୍ଦ୍ର ରାଉତ, ଗଣେଶ୍ୱର ସାମଲ, ମାନଗୋବିନ୍ଦ ସେଠୀ, ଉମେଶ ଚନ୍ଦ୍ର ସାମଲ, ବିଚିତ୍ରାନନ୍ଦ ଜେନା, ସୁକ୍ରମଣି ପୂର୍ତ୍ତି, ଇତିଶ୍ରୀ ସାମଲ, ମଦନ ମୋହନ ବଳ, ନିତ୍ୟାନନ୍ଦ ନାୟକ, ଅଜୟ କୁମାର ସାମଲଙ୍କ ନାମ ସ୍ଥାନ ପାଇଛି। ବ୍ଲକ ସୋସିଆଲ ମିଡିଆର ସଂଯୋଜକ ଭାବେ ଦୀପ୍ତି ରଞ୍ଜନ ସାମଲଙ୍କ ନାମ ସ୍ଥାନ ପାଇଛି। ବଡ଼ଚଣା ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଇଦ୍-ଉଲ-ଜୁହା ପର୍ବ ପାଇଁ ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର, ୨୨।୫(ସମିସ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୬ଗୋଟି ପଞ୍ଚାୟତରେ ଥିବା ସଂଖ୍ୟାଲଘୁ ମୁରବିମାନଙ୍କୁ ନେଇ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଥାନା ପରିସରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ ତାରିଖ ଗୁରୁବାର ପଡୁଥିବା ଇଦ୍-ଉଲ୍ ଜୁହା ପର୍ବ ପାଇଁ ଅନୁଷ୍ଠିତ ବୈଠକରେ ଚାରିନଙ୍ଗଳ, ନଳୀପୁର, ବିକ୍ରମତିରଣ, ପତରାଜପୁର, କଳାଶ୍ରୀ ଗୋପାଳପୁର, ପଣସୁଦା ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ମୁରବି ମାନେ ଯୋଗ ଦେଇଥିଲେ। ଏହି ପର୍ବକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ଥାନା ଅଧିକାରୀ ଶ୍ରୀଯୁକ୍ତ ମହାନ୍ତି ଉପସ୍ଥିତ ସମସ୍ତ ମୁରବିମାନଙ୍କର ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନୀ, ଚାରିନଙ୍ଗଳ ସରପଞ୍ଚଙ୍କ ପ୍ରତିନିଧି ଗୋଲାମ କିବରିୟା ଖାଁ, ସେକ୍ ମୋଇନ ଅହମଦ, ଇଦ୍ଗା କମିଟି ସମ୍ପାଦକ ରସିକୁଦ୍ଦିନ ଖାଁ, ସେକ୍ ରିୟାସତ ଅଲ୍ଲୀ, ହିବଜୁର ରହେମାନ, ସେକ ଇକବାଲ ହୁସେନ, ସେକ ଆଲ୍ଲାଉଦ୍ଦିନ, କୁତୁବୁଦିନ ଖାଁ. ସୁଲତାନ ସଇଫୁଲା ଖାଁ. ରହେମତ ଅଲ୍ଲୀ, ସେକ୍ ଯାଉଲା ଓ ଆରସଦ ଅହମଦ ପ୍ରମୁଖ ଯୋଗ ଦେଇଥିଲେ।

## ରାସ୍ତା ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ଶିଳାନ୍ୟାସ



କବାଟବନ୍ଧ, ୨୨।୫(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୧୧ ନମ୍ବର ଜିଲ୍ଲା ପରିଷଦ ଜୋନ ଅଞ୍ଚଳରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ଶିଳାନ୍ୟାସ ହୋଇଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଠାରୁ ରେଖିଦେଇପୁର ରାସ୍ତାର ଏଣ୍ଡଳବା ପଞ୍ଚାୟତ ପୋତୁଅ ଠାରୁ ଅଞ୍ଜିରା ପଞ୍ଚାୟତ ମହୁଲଖୋଲି ପର୍ଯ୍ୟନ୍ତ ଏହି ରାସ୍ତାକୁ ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିଳାନ୍ୟାସ କରିଥିଲେ। ପୋତୁଅ ଠାରୁ ମହୁଲଖୋଲ ପର୍ଯ୍ୟନ୍ତ ୪ କିମି ଲମ୍ବା ଏହି ରାସ୍ତାରେ ଉଭୟ ପିଚୁ ଏବଂ କଂକ୍ରିଟ ନିର୍ମାଣ ହେବ। ମୋଟ ୪ କିମି ରାସ୍ତା ମଧ୍ୟରୁ ୩.୦୭୦ କିମି ପିଚୁ ରାସ୍ତା ଏବଂ ୯.୩୦ ମିଟର କଂକ୍ରିଟ ରାସ୍ତା ନିର୍ମାଣ ହେବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୧ ନମ୍ବର ଜୋନ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ୧୩ ନମ୍ବର ଜୋନ ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ତାଳଜଙ୍ଗ ପଞ୍ଚାୟତ ସରପଞ୍ଚ ବିପିନ ସେଠୀ, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଉପାଧ୍ୟକ୍ଷା, ଯୁବ ନେତା ଟିଙ୍କୁ ଜେନା, ଦିବ୍ୟରଞ୍ଜନ ବାରିକ, ସ୍ମୃତି ରଞ୍ଜନ ଧୀରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଗିରିଆ ସେବା ସମବାୟ ସମିତିକୁ ନେଇ ଅସନ୍ତୋଷ

**ଜିଲ୍ଲାପାଳଙ୍କୁ ଭେଟିଲେ ବୋର୍ଡ ସଦସ୍ୟ**

ପାଣିକୋଇଲି, ୨୨।୫(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ବଗିରିଆ ପ୍ରାଥମିକ କୃଷି ସମବାୟ ସମିତର ପୂର୍ବତନ ସମ୍ପାଦକ ସୁଦର୍ଶନ ମଲ୍ଲିକ ତଞ୍ଚକତା କରି ତାଙ୍କ ପୁଅ ଦେବାଶିଷ ମଲ୍ଲିକଙ୍କୁ ସହସମ୍ପାଦକ ନିଯୁକ୍ତି ମାମଲାର ଭିନ୍ନ ମୋଡ଼ ନେଇଛି। ବୋର୍ଡ ସଦସ୍ୟମାନେ ଜିଲ୍ଲାପାଳ ଓ ଡିଆରସିଏସ୍‌ଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଯେ ଗତ ଏପ୍ରିଲ ୩୦ ତାରିଖ ସମ୍ପାଦକ ଶ୍ରୀ ମଲ୍ଲିକ ତାଙ୍କ ପଦବୀରୁ ଅବସର ଗ୍ରହଣ କରିଛନ୍ତି। କିନ୍ତୁ ଅବସର ପୂର୍ବରୁ ନିଜ ପୁତ୍ରକୁ ବଗିରିଆ ପାକ୍ସରେ ଜାଲିଆତି କରି ସହ ସମ୍ପାଦକ ଭାବେ ନିଯୁକ୍ତି କରିଥିଲେ। ଏହାର ପ୍ରତିବାଦ କରି ବୋର୍ଡ ସଦସ୍ୟମାନେ ଅଭିଯୋଗ କରିଥିଲେ। ଗତ ଏପ୍ରିଲ ୨୪ ତାରିଖ ଅଭିଯୋଗ ପରେ ଗତ ମେ' ୮ ତାରିଖ ଯୁଗ୍ମ ନିବନ୍ଧକଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇଥିବା ବେଳେ ସମ୍ପାଦକଙ୍କ ଜାଲିଆତି ଓ କଳା କାର୍ଯ୍ୟ ଧରାପଡ଼ିବା ଭୟରେ କିଛି ସମର୍ଥକଙ୍କୁ ଧରି ତଦନ୍ତରେ ବାଧା ଉପୁଜାଇଥିଲେ। ଗତ ମେ' ୪ ତାରିଖ ବରୁଣ୍ଡାଇ ସେବା ସମବାୟ ସମିତିର ସମ୍ପାଦକ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅବଧି ତାଙ୍କୁ ପୂର୍ବ ସମ୍ପାଦକ ଶ୍ରୀ ମଲ୍ଲିକ କାର୍ଯ୍ୟଭାର ହସ୍ତାନ୍ତର କରିନାହାନ୍ତି। ଅପରପକ୍ଷେ ତାଙ୍କ ପୁଅଙ୍କୁ କିଛି ଅସାମାଜିକ ବ୍ୟକ୍ତିଙ୍କ ସହ ଜୋର ଜବରଦସ୍ତ ସମିତି କାର୍ଯ୍ୟାଳୟକୁ ପଠାଇ କାର୍ଯ୍ୟରେ ନିୟୋଜିତ କରିବା ପାଇଁ କାର୍ଯ୍ୟନିର୍ବାହୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଫଳରେ କାର୍ଯ୍ୟ ସୁରୁଖୁରରେ ହେବା ପରିବର୍ତ୍ତେ ବିଭିନ୍ନ ସମସ୍ୟା ଉପୁଜୁଛି। ଯାହା ଫଳରେ ଆଜି ବୋର୍ଡର ସଦସ୍ୟ ଉପସଭାପତି ନିରୁପମା ମହାପାତ୍ର, ଅଶୋକ କୁମାର ସାହୁ, ନଟବର ମହାପାତ୍ର, ସୁବାସ ଚନ୍ଦ୍ର ସାହୁ, ଅରୁଣ ସାହୁ, ପ୍ରଣୟ ମହାପାତ୍ର, ଅକ୍ଷୟ ଧଳ ପ୍ରମୁଖ ଏହାର ତଦନ୍ତ କରି ସମବାୟ ସମିତିକୁ ସୁରୁଖୁରରେ ଚଳାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଦୁର୍ଗମ ଅଞ୍ଚଳରେ ମଶାରି ବଣ୍ଟନ



ଯାଜପୁର, ୨୨।୫(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଉପରଗୁହିଆଶାଳ ଗ୍ରାମରେ ସମସ୍ତ ଜନସାଧାରଣଙ୍କୁ ମ୍ୟାଲେରିଆ ଦାଉରୁ ରକ୍ଷା ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ ଉପରଗୁହିଆଶାଳ ଗ୍ରାମରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ବଣ ପାହାଡ଼ ଘେରା ଏହି ଗାଁରେ ସମସ୍ତ ହିତାଧିକାରୀଙ୍କୁ ୬୫ଟି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କରାଯିବା ସହ ମଶାରିର ବ୍ୟବହାର ଓ ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ମଶାରିର କୀଟନାଶକ ଧାରଣ କ୍ଷମତା ୩ରୁ ୪ ବର୍ଷ ରହିବ ଏବଂ ଏହାକୁ ପ୍ରତ୍ୟେକ ଦିନ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି। ଆଗାମୀ ଦିନରେ ଆଉ ଏକ ଦୁର୍ଗମ ଅଞ୍ଚଳ ତୁମୁଣିରେ ମଧ୍ୟ ମଶାରି ବଣ୍ଟନ କରାଯିବା ନେଇ ଯୋଜନା ରହିଛି। ଏହାସହ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରତ୍ୟେକ ସପ୍ତାହରେ ୨ ଥର ଉକ୍ତ ଗ୍ରାମଗୁଡିକୁ ସ୍ୱାସ୍ଥ୍ୟ ଟିମ୍ ପଠାଯାଇ ଜ୍ୱରରେ ପୀଡ଼ିତ ରୋଗୀଙ୍କ ରକ୍ତ ପରୀକ୍ଷା କରିବା ସହିତ ତୁରନ୍ତ ମ୍ୟାଲେରିଆ ଔଷଧ ସେବନ କରିବାକୁ ଦିଆଯାଉଛି। ଦୁର୍ଗମ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ସହ ପ୍ରୟାସ କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର କହିଛନ୍ତି।

## ପଟୁଣିଆ ପଞ୍ଚାୟତରେ ଆବାସ ଓ ଭତ୍ତା ବଣ୍ଟନ



ଧର୍ମଶାଳା, ୨୨।୫(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତ୍ୟୋଦୟ ଯୋଜନାରେ ଆବାସ ଗୃହ ଓ ଭତ୍ତା ବଣ୍ଟନ କରାଯାଇଛି। ପଟୁଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ୪୪ଜଣ ହିତାଧିକାରୀଙ୍କୁ ଆବାସ ଗୃହ ଓ ୧୧ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ପଟୁଣିଆ ପଞ୍ଚାୟତ ପ୍ରଭାରୀ ଅଲେଖ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପଟୁଣିଆ ପଞ୍ଚାୟତ ସରପଞ୍ଚ ବୈଶାଳି ରାଉତ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଦୀପ୍ତି ରଞ୍ଜନ ସାମଲ, ଜୟନ୍ତ କୁମାର ଜେନା, ପଞ୍ଚାୟତ ବୁଥ ସଭ୍ୟ ସୁବୋଧ କୁମାର ନାୟକ, ଜିଆର୍‌ଏସ୍ ଅନିତା ନାୟକ, ରମେଶ ରାଉତ ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କୁ ଆବାସ ଗୃହ ଓ ଭତ୍ତା ବଣ୍ଟନ କରିଥିଲେ।

## ସ୍ୱାସ୍ଥ୍ୟ ବିଭାଗ ଟିମର ଟିକରପଡ଼ା ପରିଦର୍ଶନ



ସୁକିନ୍ଦା, ୨୨।୫(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏକ ଟିମ୍ ସୁକିନ୍ଦା ବ୍ଲକର କାଂସ ଗ୍ରାମପଞ୍ଚାୟତ ସରୁଆବିଲି ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଟିକରପଡ଼ା ଗ୍ରାମକୁ ପରିଦର୍ଶନରେ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଡାକ୍ତର ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ତଥା ସିନିୟର ଏପିଡେମିଓଲୋଜିଷ୍ଟ ଡାକ୍ତର ଜ୍ୟୋତି ରଞ୍ଜନ ରାଉତ, ଯାଜପୁର ଉପପ୍ରବନ୍ଧକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁଧାଂଶୁ ଶେଖର ନାୟକ, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ, ସୁକିନ୍ଦାର ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଏବଂ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପରିଦର୍ଶନରେ ଯାଇଥିଲେ। ଉକ୍ତ ଗ୍ରାମର ସୂର୍ଯ୍ୟ ଜୁଆଙ୍ଗଙ୍କ ପରିବାରରେ ମୋଟ ।ତ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରିବାରର ସମସ୍ତ ଶିଶୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ଆର୍‌ବିଏସ୍‌କେ ଟିମ୍ ପରିଦର୍ଶନ କରି ସେମାନଙ୍କୁ ଔଷଧ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ଦ୍ୱାରା ମେ' ୨୦ ତାରିଖରେ ଏକ ସ୍ୱାସ୍ଥ୍ୟ ମେଳାର ଆୟୋଜନ କରାଯାଇଥିଲା। ସେଥିରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରିଗ୍ ସୁନ୍ଦର ପଣ୍ଡାଙ୍କ ଦ୍ୱାରା ସମସ୍ତ ୩୨ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୧ ଜଣ ଶିଶୁଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଗ୍ରାମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ କାର୍ଯ୍ୟକ୍ରମ, ପୋଷଣ ସ୍ଥିତି ଓ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବୃଦ୍ଧି ସହ ସରକାରୀ ସ୍ୱାସ୍ଥ୍ୟ ସେବାକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ପୁଷ୍ଟିସାଧନ ବିଶେଷଜ୍ଞ ତଥା ପରାମର୍ଶଦାତା, ଏନ୍‌ଆର୍‌ସି, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଙ୍କ ସହ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଥିବା ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବେତଣ୍ଡା ହତ୍ୟାକାଣ୍ଡ ଘଟଣାରେ ୫ ଗିରଫ

ଧର୍ମଶାଳା, ୨୨।୫(ସମିସ)



ଧର୍ମଶାଳା ଥାନା ବାରବାଟି ପଞ୍ଚାୟତ ବେତଣ୍ଡା ଗ୍ରାମରେ ଗତ ଏପ୍ରିଲ ୧୬ ତାରିଖରେ ସଂଗଠିତ ସୁକାନ୍ତ ମଳିକ ହତ୍ୟାକାଣ୍ଡରେ ଲିପ୍ତ ୫ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲଣ କରିଛି। ସୂଚନା ମୁତାବକ ଗତ ଏପ୍ରିଲ ୧୬ ତାରିଖରେ ବେତଣ୍ଡା ଗ୍ରାମର ସୁକାନ୍ତ ମଳିକ ବାରବାଟି ବଜାରକୁ ଯାଇ ରାତି ସାଢ଼େ ୯ଟାରେ ଘରକୁ ଫେରୁଥିବା ବେଳେ ଘର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଫାର୍ସା, ଭୁଜାଲି, ଶାବଳ ଓ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ସୁକାନ୍ତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସୁକାନ୍ତଙ୍କ ପତ୍ନୀ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ସହ ଉକ୍ତ ଗ୍ରାମର ୭ ଜଣ ମହିଳା ସମେତ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇ ଫେରାର ହୋଇ ସୁରତକୁ ପଳାଇଥିଲେ। ଧର୍ମଶାଳା ପୁଲିସ ପାଖରେ ଅପହଞ୍ଚ ଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ ଯୋଜନା ଚଳାଇଥିଲା। ତେବେ ମୁଖ୍ୟ ଅଭିଯୁକ୍ତମାନେ ସୁରତରେ ରହୁଥିବା ଠାବ କରି ପୁଲିସର ଏକ ଟିମ୍ ସେଠାରେ ଚଢ଼ଉ କରି ୫ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଧର୍ମଶାଳା ଥାନାକୁ ଆଣିଥିଲା। ଗିରଫ ଅଭିଯୁକ୍ତମାନେ ଏହି ଥାନା ବେତଣ୍ଡା ଗ୍ରାମର ବିପିନ ମଳିକ(୩୧), ତପିନ ମଳିକ(୨୭), ସଞ୍ଜୟ ମଳିକ(୩୦), ରାଜୁ ମଳିକ(୩୪) ଓ ମାନଗୋବିନ୍ଦ ମଳିକ(୩୩) ବୋଲି ଜଣାପଡ଼ିଛି। ଆଜି ପୂର୍ବାହ୍ନରେ ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଏସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଏବଂ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ବାରିପଦା ନିର୍ବାଚନମଣ୍ଡଳୀରେ ବିଜେଡିର ନାରୀ ସୁରକ୍ଷା ଅଧିକାର ଅଭିଯାନ

# 'ଆଗକୁ ନାରୀ ଅଧିକାର ନେଇ ଲଢେଇ ତୀବ୍ର ହେବ'

ବାରିପଦା, ୨୨।୫(ସମିସ)




ଆଗକୁ ନାରୀ ଅଧିକାର ଲଢେଇ ତୀବ୍ର ରୂପ ନେବ ବୋଲି ଶୁକ୍ରବାର ବାରିପଦା ନିର୍ବାଚନମଣ୍ଡଳୀର ହଜାର ହଜାର କର୍ମୀ ରଣହୁଙ୍କାର ଦେଇଛନ୍ତି। ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଏହି ନାରୀ ଅଧିକାର ଲଢେଇ ପଦଯାତ୍ରାରେ ୫୦୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇ କେନ୍ଦ୍ର ସରକାରଙ୍କର ଦୋମୁହାଁ ନୀତିକୁ ନିନ୍ଦା କରିଥିଲେ।

ବିଜୁ ଭବନରୁ ବିଶାଳ ପଦଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ସଭା ଶ୍ରୀ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ପ୍ରିୟବ୍ରତ ମାଝୀ ଓ ଭାରତୀ ସିଂ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ମୟୂରଭଞ୍ଜ ସଦର ସଭାପତି ଡା. ଦେବାଶିଷ ମାରାଣ୍ଡି, ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଦୀପକ ମଡୁଆଲ, ଉପନଗରପାଳ ସୀମା ଦାସ, ମହିଳା ଜୋନାଲ ସଭାପତି ପ୍ରୀତିନନ୍ଦା କାନୁନଗୋ, ମହିଳା ରାଜ୍ୟ ସମ୍ପାଦକ ଶ୍ରାବଣୀ ଦାସ, ସବିତା ବେହେରା, ନାରୀନେତ୍ରୀ ବୀଣାପାଣି ସାହୁ, ସମ୍ପା ମଜୁମଦାର, ପାର୍ବତୀ ହେମ୍ବ୍ରମ, ପୁଷ୍ପଲତା ମାଣ୍ଡି, ପ୍ରଭାତ ମହାନ୍ତି, ପ୍ରଭାତ ନାୟକ, ସୁଧନ୍ୟ ନାଏକ, ସୁନ୍ଦର ସିଂ, ସରୋଜ ମହାପାତ୍ର, ଗୀତାରାଣୀ ବେହେରା, କାଉନସିଲର ସୁକେସିନୀ ସେଠୀ, ଅନୁରାଧା ମହାନ୍ତି, ରାଜ ଗୁପ୍ତା, ପୂଜା ତରେଇ, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ମହେଶ ଭଞ୍ଜଦେଓ, ଦେବାଶିଷ ଦାସ, ଲିଟନ ମହାପାତ୍ର, ଦର୍ପନାରାୟଣ ପାଲ, କୁମାର ମୁଖୀ, ସୁଧୀର ବାରିକ, ଅନନ୍ତ ଦାସ, ଦେବାଶିଷ ପାତ୍ର, ତ୍ରିଲୋକେଶ ପଣ୍ଡା, ଭାଗ୍ୟଲକ୍ଷ୍ମୀ ନାୟକ, ଜିତା ସିଂ, ଶିବଶଙ୍କର ପାତ୍ର, ଛତିଶ ମହାକୁଡ଼, ଅମର ସେଠୀ, ସୁଜିତ ମହାନ୍ତି, ରତ୍ନାକର ବେହେରା, ଅରୁଣ ବରାଡ, ସୁନୀଲ କୁମାର ନାୟକ, ଅବଦୁଲ ହବିବ, ହରେକୃଷ୍ଣ ଦାସ, ଜିତ ପଟ୍ଟନାୟକ, ଶେଖ୍ ହାକିମ, ନନ୍ଦନ ଭଞ୍ଜ, ଅମ୍ବିକା ରାଉତ, ଆଶିର୍ବାଦ ଦାସ, ସୁଶାନ୍ତ ପାଶା, ଆଭାସ ଦେ, ଅନିତା ସେଠୀ, ଅଭିଜିତ୍ କଲିଆ, ମନୀଷ ବେହେରା, ଦେବବ୍ରତ ସେନାପତି, ଅମିତ୍ ବୈଠା, ଭବାନୀ ଶଙ୍କର ଧଡ଼ା, କମଲଧଲ, ଅମିତ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।

## +୨ ପରୀକ୍ଷାରେ ସୀମାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା





ସାରସକଣା, ୨୨।୫(ସମିସ): +୨ ପରୀକ୍ଷାରେ ସୀମାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ବିଜ୍ଞାନରେ ୯୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଛନ୍ତି। କଳାରେ ୨୩୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୫ ଜଣ ପ୍ରଥମ ଶ୍ରେଣୀ, ବାଣିଜ୍ୟରେ ୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଶିବଶଙ୍କର ମଣ୍ଡଳ ୫୦୬ ନମ୍ବର ରଖି ପ୍ରଥମ, ସୁଶ୍ରୀ ପ୍ରିୟଙ୍କା ସାହୁ ୪୯୯ ଦ୍ୱିତୀୟ ଓ ତପତି ପଲେଇ ୪୭୭ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କଳାରେ ଦୁଲିମଣି ମାରାଣ୍ଡି ୫୨୩, ରିମା ବେହେରା ୫୧୪ ଓ ବଳରାମ ପାତ୍ର ୫୧୩ ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ, ବାଣିଜ୍ୟରେ ସ୍ନେହଲତା ନାଏକ ୪୯୨, ପ୍ରିୟଙ୍କା ମୁର୍ମୁ ଓ ନାରାୟଣ ଟୁଡୁ ଉଭୟ ୩୭୬ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଧନ୍ଦାମୂଳକ ପରୀକ୍ଷାରେ ସୁଭଦ୍ରା ପରିଡ଼ା ୫୧୮ ନମ୍ବର୍ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗତ ଶିକ୍ଷାବର୍ଷରେ କଳାରେ ୨୫୪ ଜଣଙ୍କ ମଧ୍ୟରୁ ୮୨ ଜଣ ପ୍ରଥମ ଶ୍ରେଣୀ, ବିଜ୍ଞାନରେ ୧୨୧ ଜଣଙ୍କ ମଧ୍ୟରୁ ୩୬ ଜଣ, ବାଣିଜ୍ୟରେ ୨୯ ଜଣଙ୍କ ମଧ୍ୟରୁ ୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିତ ବର୍ଷ କଳାରେ ୨୩୮ ଜଣଙ୍କ ମଧ୍ୟରୁ ୭୫ ଜଣ, ବିଜ୍ଞାନରେ ୯୬ ଜଣଙ୍କ ମଧ୍ୟରୁ ୪୧ ଜଣ, ବାଣିଜ୍ୟରେ ୩୧ ଜଣଙ୍କ ମଧ୍ୟରୁ ୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କ ଏହି ସଫଳତାର ଶ୍ରେୟ ସେମାନଙ୍କ କଠିନ ପରିଶ୍ରମ, ଅଧ୍ୟାପକ ଅଧ୍ୟାପିକାଙ୍କ ପ୍ରଚେଷ୍ଟା, ପିତାମାତାଙ୍କ ଆଶୀର୍ବାଦକୁ ପ୍ରଦାନ କରିଛନ୍ତି।

## ରାଜନୀତି ବିଜ୍ଞାନ ଓ ଓଡ଼ିଆ ବିଭାଗର ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ

କପ୍ତିପଦା, ୨୨।୫ (ସମିସ): ନୂଆସାହି ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ୩୫ ଦିନିଆ ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ ଚାଲିଛି। ଏହା ଜୁନ ୧୭ ପର୍ଯ୍ୟନ୍ତ ଚାଲିବ। ପିସବେଲ ସାମାଜିକ ସଂଗଠନ ଭୁବନେଶ୍ୱର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଲମ୍ବୋଦର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପିସବେଲ ସଂଗଠନର ସଭାପତି ହରେକୃଷ୍ଣ ବେହେରା ଓ ତାଙ୍କର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ରୂପରେଖ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡଃ ଶାନ୍ତସୁନ୍ଦର ଆଚାର୍ଯ୍ୟ, ଅଧ୍ୟାପିକା ଇପ୍‌ସିତା ପଣ୍ଡା, ଅଧ୍ୟାପକ ଚନ୍ଦ୍ରମୋହନ ପରିଡ଼ା ଓ ମାନସୀ ସାହୁ ପ୍ରମୁଖ ଉପସ୍ଥିତି ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଗ୍ରୁପରେ ଭାଗ କରାଯାଇ ବିଭିନ୍ନ ବିଷୟବସ୍ତୁ ଦିଆଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଶାସନରେ ଆଦିବାସୀ ମହିଳାଙ୍କ ଅଂଶଗ୍ରହଣ, ସୁଭଦ୍ରା ଶକ୍ତି ଓ ସଶକ୍ତୀକରଣ, କୃଷି ପରିଚାଳନାରେ ଯୁବପିଢ଼ିଙ୍କ ଅଂଶଗ୍ରହଣ ବିଷୟବସ୍ତୁ ଉପରେ ସେମାନେ ବିଭିନ୍ନ ଗ୍ରାମ, ଅନୁଷ୍ଠାନ ଓ କ୍ଷେତ୍ରୀୟ ପରିଦର୍ଶନ କରି ନିଜର ସନ୍ଦର୍ଭ ଉପସ୍ଥାପନ କରିବେ। ଓଡ଼ିଆ ବିଭାଗ ଛାତ୍ରଛାତ୍ରୀ ଓଡ଼ିଆ ସାହିତ୍ୟରେ ନାରୀଙ୍କ ଭୂମିକା ଓ ସାନ୍ତାଳୀ ସଂସ୍କୃତିରେ ଓଡ଼ିଆ ଲୋକ ପରମ୍ପରାର ପ୍ରଭାବ ବିଷୟବସ୍ତୁ ଉପରେ ବିଭିନ୍ନ ଗ୍ରାମ, ଅନୁଷ୍ଠାନ, କ୍ଷେତ୍ରୀୟ ପରିଦର୍ଶନ କରି ନିଜର ସନ୍ଦର୍ଭ ଉପସ୍ଥାପନା କରିବାକୁ ଆଲୋଚନା କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।



## ସୋନ ବ୍ୟାରେଜ ପ୍ରକଳ୍ପ ପାଇଁ ଗ୍ରାମସଭା



ଉଦଳା, ୨୨।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅଧୀନରେ ଥିବା ସୋନ ନଦୀ ଉପରେ ହେବାକୁ ଥିବା ସୋନ ବ୍ୟାରେଜ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରତୀକ୍ଷିତ ଏହି ବ୍ୟାରେଜ ପାଇଁ ଦୀର୍ଘଦିନ ଧରି ଦାବି ହେଉଥିବାବେଳେ ୨୦୧୪ରୁ ଏହାକୁ ଶୁଭ ଦିଆଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଏହାର ସର୍ଭେ କାର୍ଯ୍ୟ ସରିବା ପରେ ଉଦଳା ଓ ଜିବିନଗର ବ୍ଲକର କିଛି ଗାଁରେ ଚାଲିଛି ଗ୍ରାମସଭା। ବୈରାଟପୁର ଓ ଧୂଳିନ୍ଦା ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଯାଇଛି ସ୍ୱତନ୍ତ୍ର ଗ୍ରାମସଭା। ସୋନ ବ୍ୟାରେଜର ରୂପରେଖ ଓ ବ୍ୟାରେଜ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ସହ କେମିତି ଶୀଘ୍ର ବ୍ୟାରେଜ କାର୍ଯ୍ୟ ହୋଇପାରିବ, ସେନେଇ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ଉପରୋକ୍ତ ମୌଜାର ଜମି ମାଲିକଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ ଅଧିକାରୀ। ଗ୍ରାମସଭାରେ ସଭାପତି ଭାବେ କୋଚିଲାଡିହା ପଞ୍ଚାୟତର ସରପଞ୍ଚ ସାରମଣି ହେମ୍ବ୍ରମଙ୍କ ସହ ସୋନ ବ୍ୟାରେଜ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ମାନସ ମାଝୀ, ସୋନ ବ୍ୟାରେଜ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ସୋରେନ, ସୋନ ବ୍ୟାରେଜ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ଶ୍ରୀ ପାତ୍ର ଯୋଗଦେଇ ଆଗାମୀ ବ୍ୟାରେଜ ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରାଣୀ ଗ୍ରାମବାସୀଙ୍କୁ ସୂଚାଇବା ସହ ଜମି ଅଧିଗ୍ରହଣ ଓ ବ୍ୟାରେଜ କାର୍ଯ୍ୟ କେମିତି ହୋଇପାରିବ, ତାହା ଉପରେ ଆଲୋକପାତ କରିଥିଲେ। ଏହି ବ୍ୟାରେଜ ହେବା ଫଳରେ ଜିବିନଗର ସମେତ ବାଲେଶ୍ୱର ଜିଲ୍ଲାର କିଛି ପଞ୍ଚାୟତର ଚାଷୀ ଉପକୃତ ହେବା ସହ ଉଦଳା ଓ ଜିବିନଗର ବ୍ଲକ ମଧ୍ୟରେ ଯାତାୟାତ ପାଇଁ ସୁବିଧା ହୋଇପାରିବ ବୋଲି ସୂଚନା ମିଳିଛି। ଏହି ଗ୍ରାମସଭାରେ ଧୂଳିନ୍ଦା ୱାର୍ଡ ମେମ୍ବର ଶକୁନ୍ତଳା ବିଶ୍ୱାଳ, ବୈରାଟପୁର ୱାର୍ଡ ମେମ୍ବର ରୁପାଲୀ ବେହେରାଙ୍କ ସହ ନୋଗେଶ ରଣା, ଦୀପକ ମିଶ୍ର, ସରୂପ ମହାପାତ୍ର, ଜୀବନ ବେହେରା, ପ୍ରଫୁଲ ନାୟକ, ଶଶୀଧର ଦଳେଇ, ଶ୍ରୀନିବାସ ଦେହୁରୀଙ୍କ ସମେତ ଶହ ଶହ ଗ୍ରାମବାସୀ ଯୋଗ ଦେଇଥିଲେ।

### ଗ୍ରାମବାସୀଙ୍କ ଗଣଧାରଣା ପରେ ଚେତିଲା ପ୍ରଶାସନ

## କିଟିସାହିରେ ଜଳିଲା ବିଜୁଳି ଆଲୁଅ

ଶରତ/କପ୍ତିପଦା, ୨୨।୫(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲୀ ପଞ୍ଚାୟତର ୩୩ଟି ପରିବାର ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ଥିଲେ। ଏ ନେଇ କିଟିସାହି ବାସିନ୍ଦା ଗତବର୍ଷ ନଭେମ୍ବର ୧୨ ତାରିଖ ଦିନ ଶରତ ବିକାଶ ମଞ୍ଚ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରିଥିଲେ। ଜିଲ୍ଲାପାଳ ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରିଥିଲେ ଓ ବିଦ୍ୟୁତ ସଂଯୋଗ କରାଯିବା ନିମନ୍ତେ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ ସଂଯୋଗ କରାଯିବା ନିମନ୍ତେ କପ୍ତିପଦା ବିଦ୍ୟୁତ ବିଭାଗ ଅତ୍ୟନ୍ତ ତତ୍ପରତା ପ୍ରକାଶ କରିଥିଲେ। ଗ୍ରାମରେ ବିଦ୍ୟୁତ ଖୁଣ୍ଟ ଓ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ ସଂଯୋଗ କରାଯାଇଛି। କପ୍ତିପଦା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଟି. ନାଗେଶ ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟୁତ ବିଭାଗ କର୍ମଚାରୀ ତାପସ ମହାନ୍ତି, ତୃପ୍ତି ମହାପାତ୍ର, ଚନ୍ଦନ ବେହେରା ଓ ପ୍ରଦୀପ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଗ୍ରାମବାସୀ ଓ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ଦୁଲମୁ ଆଲଡା, ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ଗୁଲୁରାମ ଲାମାଏ, ଆନନ୍ଦ ବିନ୍ଧାଣୀ, ଆରୁଲ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



## ସ୍ୱତନ୍ତ୍ର ଜିଲ୍ଲା ଗଠନ ଦାବି



ରାଇରଙ୍ଗପୁର, ୨୨।୫(ସମିସ): ପାଞ୍ଚପିଢ଼ ଓ ବାମନଘାଟି ଉପଖଣ୍ଡକୁ ନେଇ ସ୍ୱତନ୍ତ୍ର ଜିଲ୍ଲା ଗଠନ ପାଇଁ ଦାବି ହୋଇଛି। ଏ ନେଇ ରାମଦୋଳି ୟୁଥ ପାୱାର ଆସୋସିଏସନ ପକ୍ଷରୁ ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡା ବାମନଘାଟି ଅତିରିକ୍ତ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆଦିବାସି ବହୁଳ ମୟୂରଭଞ୍ଜ ଜିଲ୍ଲା ରାଜ୍ୟର ସର୍ବବୃହତ ଜିଲ୍ଲା ଅଟେ। ଚାରୋଟି ଉପଖଣ୍ଡକୁ ନେଇ ଜିଲ୍ଲା ହୋଇଛି। ସେଥିରୁ ବାମନଘାଟି ଓ ପାଞ୍ଚପିଢ ଉପଖଣ୍ଡରୁ ଜିଲ୍ଲା ମୁଖ୍ୟାଳୟ ବାରିପଦାକୁ ଆସିବା କଷ୍ଟକର ହେଉଛି। ଦୂରତା ପାଇଁ ଅନେକ କାର୍ଯ୍ୟ ବିଳମ୍ବ ହେଉଛି। ଉକ୍ତ ଦୁଇ ଉପଖଣ୍ଡରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପଛରେ ରହିଛି। ଯାହାକୁ ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତେଣୁ ସମସ୍ୟାର ସମାଧାନ ପାଇଁ ବାମନଘାଟି ଓ ପାଞ୍ଚପିଢ ଉପଖଣ୍ଡକୁ ନେଇ ସ୍ୱତନ୍ତ୍ର ଜିଲ୍ଲା ଗଠନ କରାଯାଉ ବୋଲି ଦାବି କରିଛନ୍ତି। ସ୍ୱତନ୍ତ୍ର ଜିଲ୍ଲା ଘୋଷଣାରେ ବିଳମ୍ବ ହେଲେ ତିରିଂରୁ ଭୁବନେଶ୍ୱର ଯାଏଁ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବେ ବୋଲି କହିଛନ୍ତି।

### ● ଡକାୟତି ଯୋଜନା ପଣ୍ଡ କଲା ପୁଲିସ

## ୩ ଜଣ ଆନ୍ତଃରାଜ୍ୟ ଡକାୟତ ଗିରଫ

ରାଇରଙ୍ଗପୁର, ୨୨।୫(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଏକ ବଡ଼ ଡକାୟତି ଯୋଜନା ପଣ୍ଡ କରିଛି। ଡକାୟତି ଯୋଜନା ଚାଲିଥିବାବେଳେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୩ ଜଣ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଗିରଫ କରାଯାଇଛି। ଗିରଫ ଡକାୟତ ଝାଡ଼ଖଣ୍ଡ ରାଜ୍ୟ ୱେଷ୍ଟ ସିଂହଭୂମ ଜିଲ୍ଲାର ହଳଦୀପୋଖରୀ ଅଞ୍ଚଳର ଅପ୍ପା ଯୁଧିନ, ସମିମ ଅଲ୍ଲୀ ଓ ସଦାମ ହୁସେନ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ହାଟବାଦଡା ପେଟ୍ରୋଲ ପମ୍ପ ପଛରେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ନେଇ ଏକତ୍ରିତ ହୋଇଥିବା ଖବର ମିଳିଥିଲା। କୌଣସି ଘରେ କିମ୍ବା ଅନ୍ୟ ସ୍ଥାନରେ ବଡ଼ଧରଣର ଡକାୟତି କରିବାକୁ ଯୋଜନା କରୁଥିଲେ। ପୁଲିସ ଟିମ୍ ପହଞ୍ଚିବା ବେଳକୁ ୭/୮ ଜଣ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ପୁଲିସ ପିଛା କରି ୩ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଡକାୟତି ନିମନ୍ତେ ବ୍ୟବହୃତ ସମଗ୍ରୀ, ମାରଣାସ୍ତ୍ର ଓ କାର ଜବତ କରାଯାଇଛି। ସେମାନେ ଗୋପାଳପୁର ପେଟ୍ରୋଲ ପମ୍ପରୁ ଡକାୟତି କରିବା ନେଇ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି। ସମସ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ଅନ୍ୟମାନଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରହିଛି।

### ● ବଡ଼ବନ୍ଧରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର ଘଟଣା

## ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ରାଇରଙ୍ଗପୁର, ୨୨।୫(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ବଡ଼ବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ଜଣେ ଛାତ୍ର ମୃତ୍ୟୁବରଣ କରିଥିଲେ। ଉକ୍ତ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ମାସା ଆର୍ମୀ ସଂଗଠନ ପକ୍ଷରୁ ଦୁର୍ଘଟଣାରେ ଜଡ଼ିତ ମେସ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି।



ରାଇରଙ୍ଗପୁରରେ ରହି ପଢୁଥିବା ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭାଶିଷ ବୈପାଇର ଗତ ସୋମବାର ଅପରାହ୍ନରେ ସାଙ୍ଗମାନଙ୍କ ସହ ଗାଧେଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରଦିନ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଦେଉଗାମ ନାମକ ଏକ ଘରୋଇ ମେସରେ ରହି ଶୁଭାଶିଷ ପଢୁଥିଲେ। ମେସ ମାଲିକଙ୍କ ଅବହେଳା ପାଇଁ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମାସା ସଂଗଠନ ପକ୍ଷରୁ ଉକ୍ତ ଘଟଣାରେ ଜଡ଼ିତ ମେସ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ମେସ୍ ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

### ● ଭିନ୍ନ ଏକ ବିବାହ

## ଜ୍ୱାଇଁଠାରୁ ଯୌତୁକ ଆଣିଲେ ଝିଅର ବାପା

କପ୍ତିପଦା, ୨୨।୫ (ସମିସ): ଯୌତୁକ ଏକ ସାମାଜିକ ବ୍ୟାଧି। ଯୌତୁକ ପାଇଁ ମହିଳା ନିର୍ଯାତନାର ଶିକାର ହେଉଥିବାବେଳେ ଆତ୍ମହତ୍ୟା କରୁଛନ୍ତି। ଆଦିବାସୀ ସମ୍ପ୍ରଦାୟରେ ମଧ୍ୟ ଯୌତୁକ ପ୍ରଥା ଚଳି ଆସୁଛି। ତେବେ ଝିଅ ନୁହେଁ ବରପକ୍ଷ ଯୌତୁକ ଦେଇ ବିବାହ କରୁଥିବା ଭଳି ନିଆରା ବିବାହ ଦେଖିବାକୁ ମିଳିଛି। କପ୍ତିପଦା ବ୍ଲକର ଧନଚିତ୍ରୀ ଗ୍ରାମରେ ଏହା ଦେଖିବାକୁ ମିଳିଛି। ମାନସିଂ ହେମ୍ବ୍ରମ ତାଙ୍କ ବଡ଼ଝିଅର ଖୁଣ୍ଟା ଥାନା ଅନ୍ତର୍ଗତ ସିମଗଡ଼ିଆ ଗ୍ରାମରେ ବିବାହ ହୋଇଛି। ବିବାହ ସମୟରେ ଜ୍ୱାଇଁ ଘର ଲୋକ ଝିଅ ଘରକୁ ଯୌତୁକ ଦେଇଛନ୍ତି। ଦୁଇଟି ଗାଈ, ଗୋଟିଏ ଛେଳି, ୩ଟି ୨୮ ଫୁଟର ତନ୍ତବୁଣା ଲୁଗା, ତିନୋଟି ତନ୍ତ ବୁଣା ଗାମୁଛା, ୨ଟି କାଠ ପାନିଆ, ୭୦ ଟଙ୍କା, ୭ କିଲୋ ଚାଉଳ, ଗ୍ରାମବାସୀଙ୍କୁ ୮ଟି ହାଣ୍ଡିଆ ହାଣ୍ଡି ଯୌତୁକ ସ୍ୱରୂପ ଝିଅର ବାପା ମାନସିଂ ହେମ୍ବ୍ରମଙ୍କୁ ଦେବା ସହ ଭୋଜି ଦେଇ ଝିଅର ବାପା କନ୍ୟାଦାନ କରିଥିଲେ। ଏଭଳି ବିବାହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## କୁସୁମିଆ ଗ୍ରୀନ୍ ଜୋନ ପକ୍ଷରୁ ଚାଷୀଙ୍କୁ ତାଲିମ

କୁଆମରା, ୨୨।୫(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର କୁସୁମିଆ ଗ୍ରୀନ୍ ଜୋନ ପକ୍ଷରୁ ଚାଷୀଙ୍କୁ ଆମ୍ବ, କୃଷି, ମତ୍ସ୍ୟ ଓ ପ୍ରାଣୀ ଉପରେ ତାଲିମ ପ୍ରଦାନ କରାଯାଇଛି। ଉକ୍ତ ଚାରିଦିନିଆ ପ୍ରଶିକ୍ଷଣ ଶିବିରକୁ ବରିଷ୍ଠ କୃଷି ବୈଜ୍ଞାନିକ ମୟୂରଭଞ୍ଜ (୧) ଡଃ ସଂଘମିତ୍ରା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।



ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ବହୁ ଚାଷୀ ଯୋଗ ଦେଇଥିଲେ। ଆମ୍ବ ଚାଷ ପ୍ରଣାଳୀ ଓ ଉତ୍ପାଦନ, ସେୟାର ବଜାରରେ ବିକ୍ରି କରିବା, କୃଷି, ମତ୍ସ୍ୟ ଓ ପ୍ରାଣୀ ଉପରେ ଚାଷୀ କିପରି ଲାଭବାନ ହୋଇପାରିବେ, ସେ ନେଇ ତାଲିମ ପ୍ରଦାନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଅମ୍ବିକା ପ୍ରସାଦ ଦାସ ଓ ଦେବିକା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୁଣା ବାରିପଦା ପ୍ରାଣୀ ଚିକିତ୍ସାଳୟର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡଃ ଅସିତ କୁମାର ଦାସ, ଗୋପବନ୍ଧୁନଗର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରଦ୍ଧାଞ୍ଜଳି ସାହୁ, କୁଆମରା ବନପାଳ ଅବନୀ କୁମାର ଜେନା, ମିଶନ ଶକ୍ତି ବ୍ଲକ ସହ ସଂଯୋଜକ ଲିପୁନ କୁମାର ସିଂ, ସହକାରୀ ଉଦ୍ୟାନ କୃଷି ବିଭାଗ ଅଧିକାରୀ ପୁରୁଷୋତ୍ତମ ସିଂ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ୨୦ରୁ ଅଧିକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଆମ୍ବ ଉତ୍ସବକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଠାକୁରମୁଣ୍ଡା ଗସ୍ତ

ମହୁଲଡିହା, ୨୨।୫(ସମିସ): ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ପ୍ରକଳ୍ପ ନିର୍ଦ୍ଦେଶକ ବରିଷ୍ଠ ଆଇଏଫଏସ ଜି. ରାଜେଶ ଠାକୁରମୁଣ୍ଡା ଓ କରଞ୍ଜିଆ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର କେନ୍ଦୁମୁଣ୍ଡିରେ ଥିବା ବହୁମୁଖୀ ଉତ୍ପାଦ କ୍ଲଷ୍ଟରର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ସେଥିରେ ନୂତନ ଭାବେ ଗଢି ଉଠିଥିବା ପାଞ୍ଚପିଢ଼ ମଲ୍ଟି ପ୍ରଡକ୍ଟ କ୍ଲଷ୍ଟରର ବୋର୍ଡ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିବା ସହିତ ରୋଜଗାରରେ କିପରି ଉନ୍ନତି ଆସିପାରିବ, ସେ ସଂକ୍ରାନ୍ତରେ ନିଜର ମତ ରଖିଥିଲେ। ପରେ ପାଟବିଲ ଗ୍ରାମକୁ ଯାଇ ବନ ସୁରକ୍ଷା ସମିତି ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସହିତ ଆଲୋଚନା କରିଥିଲେ। ଗାଁକୁ ଯାଇ ମା' ଲକ୍ଷ୍ମୀ ଏସଏଚଜି ପରିଚାଳନା କରୁଥିବା ଏପିସି କ୍ଲଷ୍ଟରରେ ସେମାନଙ୍କ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। କ୍ଲଷ୍ଟରରେ କରାଯାଇଥିବା ସେଡରେ ଫ୍ଲୋରିଂ କରାଯାଇ ନ ଥିବାରୁ ଆରସିସିଏଫଙ୍କୁ ଏସଏଚଜିକୁ ସହାୟତା କରିବାକୁ ପରାମର୍ଶ ଦେଇଥିଲେ।

ଅପରାହ୍ନରେ କରଞ୍ଜିଆ ଡିଏଫଓଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କରଞ୍ଜିଆ, ରାଇରଙ୍ଗପୁର ଓ ବାରିପଦା ଡିଏମୟୁରେ ପ୍ରକଳ୍ପର ଅଗ୍ରଗତି ଉପସ୍ଥାପନ କରାଯାଇଥିଲା। ନିର୍ଦ୍ଦେଶକ କହିଥିଲେ, ଆମେ ପ୍ରକଳ୍ପର ଶେଷ ବର୍ଷରେ ପହଞ୍ଚିଛେ। ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ପାଇଁ ଲୋକଙ୍କ ନିମନ୍ତେ ବିକଳ୍ପ ରୋଜଗାର ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଆରସିସିଏଫ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡଃ. ପ୍ରକାଶ ଚାନ୍ଦ ଗୋଗିନେନି, ବାରିପଦା ଡିଏଫଓ ଗୋବିନ୍ଦ ବିଶ୍ୱାଳ, ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର, ଏସପିଏମ ମମତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏସଏମଏସ ନିଶିକାନ୍ତ ଜେନା ଧନ୍ୟବାଦ ଦେଇଥିଲେ। ବୈଠକରେ ସମସ୍ତ ରେଞ୍ଜ ଅଫିସର, ଫରେଷ୍ଟର, ସଂଯୋଜକ, ବନରକ୍ଷୀ, ସଦସ୍ୟ ସମ୍ପାଦକ, ଅନ୍ୟାନ୍ୟ ଡିଏମୟୁର ଏସଏମଏସ ପ୍ରମୁଖ ଯୋଗ ଦେଇଥିଲେ।



## ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ

# ନିୟମିତ ବ୍ୟବଧାନରେ ରକ୍ତଚାପ ପରୀକ୍ଷା ପାଇଁ ଆହ୍ୱାନ

ବାରିପଦା, ୨୨।୫(ସମିସ)



ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ନିୟମିତ ପରୀକ୍ଷା, ସୁସ୍ଥ ଖାଦ୍ୟାହାର, ବ୍ୟାୟାମ ଓ ସଠିକ୍ ଜୀବନଶୈଳୀ ଅନୁସରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏ ଅବସରରେ ଡା. ମହନ୍ତ ଉଚ୍ଚ ରକ୍ତଚାପକୁ 'ନିରବ ଘାତକ' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ନିୟମିତ ବ୍ୟବଧାନରେ ରକ୍ତଚାପ ପରୀକ୍ଷା କରାଇବା ସହ ସୁସ୍ଥ ଜୀବନଶୈଳୀ ଅନୁସରଣ ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ନାୟକ ୩୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ପ୍ରତି ୬ ମାସରେ ନିୟମିତ ରକ୍ତଚାପ ପରୀକ୍ଷା କରାଇବାକୁ ଅନୁରୋଧ କରିଥିଲେ।

ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶଶୀକାନ୍ତ ସେଠୀ କହିଥିଲେ, ଅନିୟମିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାହାର ଓ ମାନସିକ ଚାପ ଉଚ୍ଚ ରକ୍ତଚାପର ପ୍ରମୁଖ କାରଣ। ନିୟମିତ ବ୍ୟାୟାମ, ସୁସ୍ଥ ଖାଦ୍ୟାହାର ଓ ଧୂମପାନ-ମଦ୍ୟପାନରୁ ଦୂରରେ ରହିବା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ କହିଥିଲେ, ସଚେତନତା ଓ ନିୟମିତ ସ୍କ୍ରିନିଂ ମାଧ୍ୟମରେ ଉଚ୍ଚ ରକ୍ତଚାପକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରାଯାଇପାରିବ। ସୁସ୍ଥ ଜୀବନଶୈଳୀ ଅନୁସରଣ କଲେ ହୃଦରୋଗ ଓ ଷ୍ଟ୍ରୋକ୍ ଭଳି ଜଟିଳ ରୋଗର ଝୁମ୍ପ କମିପାରିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନନ୍ଦା ମିଶ୍ର କହିଥିଲେ, ପରିବାର କଲ୍ୟାଣ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ବିଭିନ୍ନ ସଚେତନତା ଓ ସ୍କ୍ରିନିଂ କାର୍ଯ୍ୟକ୍ରମ ଚାଲିଛି। ନିୟମିତ ଫଲୋଅପ୍ ଓ ଡାକ୍ତରଙ୍କ ପରାମର୍ଶ ମାନିଲେ ସୁସ୍ଥ ଜୀବନଯାପନ ସମ୍ଭବ। ଏ ଅବସରରେ ରାଇରଙ୍ଗପୁର, ବହଳଦା ଓ ଶାମଖୁଣ୍ଟା ବ୍ଲକକୁ ଉଚ୍ଚ ରକ୍ତଚାପ ପରୀକ୍ଷା, ଚିକିତ୍ସା ଓ ପରବର୍ତ୍ତୀ ଯାଞ୍ଚ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଅଣସଂକ୍ରାମକ ରୋଗ ବିଭାଗ ଡା. ଜ୍ଞାନେନ୍ଦ୍ର ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ଅନୀଲ କୁମାର ମହାନ୍ତି, ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଏଏନଏମ ଯୋଗଦେଇ ଜନସାଧାରଣଙ୍କୁ ରକ୍ତଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

ସକାଳ THE SAKALA



# କାଳବୈଶାଖୀରେ ଉଡ଼ିଲା ଘର, ଭାଙ୍ଗିଲା ଗଛ



ବନ୍ଧୁଗାଁ,୨୨।୫(ସମିସ): ବନ୍ଧୁଗାଁ ବ୍ଲକରେ ଆଜି କାଳବୈଶାଖୀ ପ୍ରଭାବରେ ସାମାନ୍ୟ ବର୍ଷା ସହ ପ୍ରବଳ ପବନ ହୋଇ ଅନେକ ସ୍ଥାନରେ ଘରଦ୍ୱାର ଉଡାଇବା ଦେଇଛି। ମଧ୍ୟାହ୍ନରେ ହଠାତ ଆକାଶ ମେଘାଛନ୍ନ ହୋଇ କାଳବୈଶାଖୀ ପବନ ବହି ଥିଲା। ପୁଣି ଘଡ଼ଘଡ଼ି ବିଜୁଳି ସହ କାଳବୈଶାଖୀ ଜନିତ ବର୍ଷା ଆରମ୍ଭ ହୋଇ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲା। ସୂଚନା ଅନୁଯାୟୀ କାଳବୈଶାଖୀ ବର୍ଷା ହେବାରୁ ବନ୍ଧୁଗାଁରୁ ପାର୍ବତୀପୁରମ ଓ ରାୟଗଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତାରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଯାଇଛି। ପୁଣି ଏଲଙ୍ଗାବାଲସା ଗ୍ରାମର ତିନୋଟି ଟାଇଲ ଛପର ଘର ଉଡ଼ାଇ ଦେବାରୁ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇ ଯାଇଛି ଏବଂ ଅଳ୍ପକେ ଛୋଟ ଛୋଟ ପିଲାଙ୍କ ଜୀବନ ବଞ୍ଚି ଯାଇଛନ୍ତି। ସାନମାଥୁର କଲୋନିର କିଛି ଆଜବେଷ୍ଟ ଓ ଟିଣ ଛପର ଘର ଉଡ଼ାଇ ଦେଇଛି। ବନ୍ଧୁଗାଁ ପଞ୍ଚାୟତର କିଛି ଗାଁରୁ ମଧ ଚାଳଛପର ଘର ଗୁଡ଼ିକ ଉଡ଼ାଇ ଦେଇଛି। ପ୍ରବଳ ଗରମ ହେଉଥିବା ବେଳେ ଲୋକେ ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଘର ବାହାରି ରାସ୍ତା ଉପରେ ବୁଲୁଥିବା ଦେଖିବାକୁ ମିଳିଛି। ରାତ୍ର ହୋଇ ଥିବାରୁ କେଉଁ କେଉଁ ଗ୍ରାମରେ ଜଣ ସବୁ କ୍ଷୟକ୍ଷତି ହୋଇଛି ଆସନ୍ତା କାଲି ଜାଣିବାକୁ ମିଳିବ।

# ପୌରାଞ୍ଚଳରେ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ



ନବରଙ୍ଗପୁର,୨୨।୫(ସମିସ): ନବରଙ୍ଗପୁର ପୌରାଞ୍ଚଳର ବ୍ୟାପକ ବିକାଶ ପାଇଁ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଆଜି ମୋଟ ୬୫ ଲକ୍ଷ ଅଟକଳ ମୂଲ୍ୟରେ ୧୦ ଗୋଟି ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ବିଧାୟକ ପ୍ରଥମେ ଚାମୁରିଆଗୁଡା ସ୍ଥିତ ସତସଙ୍ଗ ବିହାର କମ୍ୟୁନିଟି ହଲ ପାଇଁ ଶିଳା ନ୍ୟାସ କରିଥିଲେ। ପରେ ଭଗବତୀ ସାହି ସ୍ଥିତ ଚାପୀଡ଼ି ପିଠାର ଉନ୍ନତିକରଣ ପାଇଁ ୬ ଲକ୍ଷ ଟଙ୍କା ଅଟକଳ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସେହିପରି ୱାର୍ଡ ନଂ ୧୦ କେଉଟ ସାହି ସ୍ଥିତ ରାଧାକୃଷ୍ଣ ମନ୍ଦିର, ଭବାନୀ କ୍ଲବ ଓ ଗୋରାମୁଣ୍ଡା ସ୍ଥିତ ଦିବ୍ୟ ଦର୍ଶନ ଜ୍ଞାନ ମନ୍ଦିର ଉନ୍ନତି କରଣ ପାଇଁ ମୋଟ ୧୮ ଲକ୍ଷ ଅଟକଳ କାର୍ଯ୍ୟର ଶୁଭ ଶିଳା ନ୍ୟାସ କରିଥିଲେ। ୱାର୍ଡ ନଂ ୧୧ ଗୌଡ଼ ସାହି ଗଣେଶ ମଣ୍ଡପ, ୱାର୍ଡ ନଂ ୧୨ ପି ଏଚ ଡି ଅଫିସ ନିକଟ ଶିବ ମନ୍ଦିର, ୧୫ ନଂ ୱାର୍ଡ ଟାପା କାରିଆ ଗୁଡା ସ୍ଥିତ ଭତରା ଭବନ ଓ ୱାର୍ଡ ନଂ ୧୬ ସ୍ଥିତ ଆର୍ଯ୍ୟ ବୈଶ୍ୟ ସଙ୍ଘ କମ୍ୟୁନିଟି ହଲ, ସୀତାରାମ ଡଙ୍ଗରି ଘର ନିକଟ ଠାକୁରାଣୀ ମନ୍ଦିର ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ସହ ପୌର ଅଧକ୍ଷ କୁନୁ ନାୟକ, କାଉନସିଲର ଏ. ସତୀଶ, ଶର୍ମିଷ୍ଠା ଦେଓ, ଅମିତ ପ୍ରଧାନ, ସୋମେଶ ଖରା, ପୁନମ ସାହୁ, ନଗର ମଣ୍ଡଳ ସଭାପତି ପିଣ୍ଟୁ ମିଶ୍ର, ବରିଷ୍ଠ ନେତା ଦେବଦାସ ମାହାଙ୍କୁଡ, ଅଚ୍ୟୁତାନନ୍ଦ ବିଷୋୟୀ, ସୁରେଶ ଶାସ୍ତ୍ରୀ, ମୃତଞ୍ଜୟ ଦାଶ, ଶ୍ରୀଧର ପାତ୍ର, ମଧୁ ଗାଦବା, ସଞ୍ଜୟ ସାହୁ ପ୍ରମୁଖଙ୍କ ସହ ଆଇଟିଡିଏର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବିଜେଡିର 'ନାରୀ ଅଧିକାର ଅଭିଯାନ' କାର୍ଯ୍ୟକ୍ରମ




କାଲିମେଳା,୨୨।୫(ସମିସ): ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ତରଫରୁ କାଲିମେଳା ବ୍ଲକ ସଦର ସ୍ଥିତ ହାଟପଦା ଠାରେ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ସମାରି ତାଙ୍ଗୁଲଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ବିଜେପି ସରକାର ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଥିବା ସହ ନାରୀ ନିର୍ଯାତନା ରୋକିବାରେ ଅସମର୍ଥ ବୋଲି ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଓ ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ରାଜ୍ୟ ସମ୍ପାଦକ ଦୁର୍ଗା ତ୍ରିପାଠୀ ଯୋଗଦେଇ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏହାସହ ଲୋକସଭା ଓ ବିଧାନସଭାରେ ତୁରନ୍ତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା ଓ ରାଜ୍ୟରେ ବଢୁଥିବା ନାରୀ ନିର୍ଯ୍ୟାତନା ଉପରେ କଡ଼ା ପଦକ୍ଷେପ ନେବା ଦାବି କରାଯାଇଥିଲା। ପରେ କାଲିମେଳା ବିଡିଓଙ୍କ ଜରିଆରେ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ସମାରି ତାଙ୍ଗୁଲ, ବିଜେଡି ନେତା କଣ୍ଟେସ ପୋଟଲା, କେ ରାହୁଲ ରାଓ, ସର୍ବ କୁମାର ବିଶୋଇଙ୍କ ସହ ବହୁ ବିଜେଡି ମହିଳା ନେତ୍ରୀ, ଜିଲ୍ଲା ପରିଷଦ ସଦସ୍ୟା ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ।

# ରାଜ୍ୟରାଣୀ ଟ୍ରେନ୍‌ରେ ନିଶା ଦେଇ ଲୁଟ୍, ଯୁବକ ଗୁରୁତର



ଗୁଣପୁର,୨୨।୫(ସମିସ): ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ଜଣେ ଯାତ୍ରୀଙ୍କୁ ନିଶାଦ୍ରବ୍ୟ ଦେଇ ଲୁଟ୍ କରାଯାଇଛି। ରାୟଗଡା ଜିଲ୍ଲା ଗୁଣପୁର ସହର ନୀଳାଦ୍ରିବିହାର ଲେନ୍ ୪ର ବାସିନ୍ଦା ନାରାୟଣ ଦାସ ଏହି ଲୁଟ୍ ର ଶିକାର ହୋଇଥିବା ଜଣାପଡ଼ିଛି। ବ୍ୟକ୍ତିଗତ କାମରେ ବ୍ରହ୍ମପୁର ଯାଇଥିବା ନାରାୟଣ କାମ ସାରି ରାଜ୍ୟରାଣୀ ଟ୍ରେନ୍ ଯୋଗେ ଗୁଣପୁରକୁ ଫେରୁଥିବା ବେଳେ ଟ୍ରେନ୍ ମଧ୍ୟରେ କିଛି ଦୁର୍ବୃତ୍ତ ନାରାୟଣଙ୍କ ସହ ବନ୍ଧୁତା ସୃଷ୍ଟି କରି ପରେ କୌଶଳକ୍ରମେ ତାଙ୍କୁ ନିଶାଦ୍ରବ୍ୟ ଦେଇଥିବା ସନ୍ଦେହ କରାଯାଉଛି। ନିଶା ପ୍ରଭାବରେ ନାରାୟଣ ଅଚେତ ହୋଇପଡ଼ିଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଗଳାର ସୁନା ଚେନ୍, ଗୋଟିଏ ମୁଦି, କିଛି ନଗଦ ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍ ପରେ ନାରାୟଣ ଟ୍ରେନ୍‌ର ଏକ ଜେନେରାଲ୍ ବଗିରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଅନ୍ୟପଟେ, ନାରାୟଣ ଘରକୁ ଫେରୁଥିବା କଥା ପୂର୍ବରୁ ତାଙ୍କ ଭାଇ ଧ୍ରୁବ ଚରଣ ଦାସଙ୍କୁ ଜଣାଇଥିଲେ। ଭାଇଙ୍କୁ ନେବା ପାଇଁ ଧ୍ରୁବ ଚରଣ ଗୁଣପୁର ରେଳ ଷ୍ଟେସନ୍‌ରେ ଅପେକ୍ଷା କରିଥିଲେ। ଟ୍ରେନ୍ ଆସିବା ପରେ ସମସ୍ତ ଯାତ୍ରୀ ଓହ୍ଲାଇ ଯାଇଥିଲେ ମଧ ନାରାୟଣ ବାହାରି ନଥିବାରୁ ସେ ଚିନ୍ତିତ ହୋଇ ଖୋଜାଖୋଜି କରିଥିଲେ। ପରେ ଟ୍ରେନ୍‌ର ଏକ ଜେନେରାଲ୍ ବଗିରେ ନାରାୟଣଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ସୁଧାର ନଆସିବାରୁ ତାଙ୍କୁ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ରେଳୱେ ଜିଆରପି ପୋଲିସ୍ ନିକଟରେ ଅଭିଯୋଗ ହୋଇଥିବା ବେଳେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗିରଫ ହେଲେ କୋଟିପତି ସହକାରୀ ଯନ୍ତ୍ରୀ ମଳୟ ନାୟକ



ରାୟଗଡ,୨୨।୫(ସମିସ): ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଗୁରୁବାର ଦିନ ରାୟଗଡା ଜିଲ୍ଲା କୋଲନରା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ରାୟଗଡା ସହର ସ୍ଥିତ ରଇତ କଲୋନୀ ସ୍ଥିତ ଭଡା ଘର, କୋଲନରା କାର୍ଯ୍ୟାଳୟ ଚାମ୍ବର ସମେତ ଜଡିତ ୭ଟି ସ୍ଥାନରେ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ତଲାସି ଆରମ୍ଭ କରାଯାଇଥିଲା। ଭିଜିଲାନ୍ସ ତଦନ୍ତ ସମୟରେ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତିର ୧୦୧ ପ୍ରତିଶତ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଆକଳନରେ ଜଣାପଡିବା ପରେ ଆଜି ଓଡିଶା ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛା। ଏ ନେଇ ଓଡିଶା ଭିଜିଲାନ୍ସ ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ଜଣାଯାଇଛି । ଗତକାଲି ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୫ ଜଣ ଡିଏସପି , ୬ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଗଞ୍ଜାମ ଏବଂ ରାୟଗଡ଼ା ଜିଲ୍ଲାର ୭ଟି ସ୍ଥାନରେ ଏକକାଳୀନ ତଲାସି କରାଯାଇଥିଲା। ଘର ତଲାସି ସମୟରେ ବ୍ରହ୍ମପୁରର ଲୋଚାପଡ଼ାର ସୌନ୍ଦର୍ଯ୍ୟ ନଗରରେ ପ୍ରାୟ ୪ହଜାର ବର୍ଗଫୁଟ ପରିମିତ ଏକ ତିନି ମହଲା କୋଠା, ଗଞ୍ଜାମର ଜଗନ୍ନାଥ ପ୍ରସାଦର ଥୋଲଣ୍ଡା ବଡ଼ଦାଣ୍ଡ ସାହିରେ ଗୋଟିଏ ତିନି ମହଲା କୋଠା, ୪ଟି ଉଚ୍ଚ ମୂଲ୍ୟର ପ୍ଲଟ୍ (ବ୍ରହ୍ମପୁରରେ ୩ଟି ଏବଂ ଭଞ୍ଜନଗର ସହରରେ ଗୋଟିଏ), ସୁନା ଅଳଙ୍କାର ୩୫୧.୧୪ ଗ୍ରାମ ସହ ୨୬,୯୯,୯୫୨ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଙ୍କ ଏବଂ ଡାକ ଜମା ଏବଂ ଗୋଟିଏ ଚାରି ଚକିଆ ଗାଡ଼ି (ମାରୁତି ବାଲେନୋ) ଓ ୨ଟି ଦୁଇ ଚକିଆ ଗାଡ଼ି ସହ ପ୍ରାୟ ୮.୫୬ ଲକ୍ଷ ଟଙ୍କା ମୂଲ୍ୟର ଘରୋଇ ସାମଗ୍ରୀ ଜବତ କରିଛି ଭିଜିଲାନ୍ସ ଝ ଆୟ ବହିର୍ଭୁତ ସମ୍ପତି ଠାବ କରାଯିବା ପରେ ତାଙ୍କୁ ବ୍ରହ୍ମପୁର ଭିଜିଲାନ୍ସର ମାନ୍ୟବର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଛି ବୋଲି ଓଡିଶା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି

# ବେକରେ ଗାମୁଛା ଦେଇ ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୨୨।୫(ସମିସ): ଜୟପୁର ସଦରଥାନା ଅନ୍ତର୍ଗତ ଟାଙ୍କୁଆ ଗ୍ରାମପଞ୍ଚାୟତର ଜଣେ ଯୁବକ ଶଙ୍କର ପରଜା(୨୩) ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ମୃତଙ୍କ ପିତା ମନୁ ପରଜା ଲିଖିତ ଅଭିଯୋଗ କରିଛନ୍ତି ଯେ ଗତକାଲି ରାତିରେ ପ୍ରତିଦିନ ଭଳି ତାଙ୍କ ବଡପୁଅ ଘରେ ଖାଇ ଶୋଇଥିଲା। ଭୋର ୪ଟା ସମୟରେ ମନୁ ଗାଧୋଇବା ପାଇଁ ଉଠିବା ବେଳକୁ ତାଙ୍କ ପୁଅ ବେକରେ ଗାମୁଛା ବାନ୍ଧି ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଲେ। ବଞ୍ଚିଥିବା ସନ୍ଦେହ କରି ଝୁଲନ୍ତା ଶବକୁ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସଦରଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# +୨ ପାସ୍ କରି ପ୍ରେରଣା ପାଲଟିଲେ ପ୍ରଦୀପ



ମାଲକାନଗିରି, ୨୨।୫(ସମିସ): ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି ବି ପ୍ରତିବନ୍ଧକ ସଫଳତାର ବାଟ ଅଟକାଇ ପାରେନି। ଏହାକୁ ସତ୍ୟ ପ୍ରମାଣ କରିଛନ୍ତି ମାଲକାନଗିରିର ପ୍ରଦୀପ ଖିଲ। ୬୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ମଧ ସେ ଚଳିତ ବର୍ଷ +୨ କଳା ପରୀକ୍ଷାରେ ୨୮୫ ନମ୍ବର ରଖି ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଦୀପ ପିଲାଦିନରୁ ଲୋକୋମୋଟର ଡିଜାବିଲିଟିରେ ପୀଡ଼ିତ। ସେ ଭଲଭାବେ ଚାଲି କିମ୍ବା ସ୍ପଷ୍ଟ କଥା କହି ପାରୁନାହାନ୍ତି। ହାତରେ ଶକ୍ତି ନଥିବାରୁ ନିଜେ ଲେଖିବାରେ ମଧ ଅସମର୍ଥ। ତଥାପି ପଢ଼ିବା ପ୍ରତି ତାଙ୍କ ଆଗ୍ରହ କେବେ କମିନଥିଲା। ଦୁଇଥର ଦଶମ ପରୀକ୍ଷାରେ ବିଫଳ ହେବା ପରେ ମଧ ସେ ଭାଙ୍ଗି ପଡ଼ିନଥିଲେ। ପରିବାର ଓ ଶିକ୍ଷକଙ୍କ ପ୍ରେରଣାରେ ପୁଣିଥରେ ନୂଆ ସଂକଳ୍ପ ନେଇ ପଢ଼ା ଜାରି ରଖିଥିଲେ। ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଅଧ୍ୟୟନରତ ପ୍ରଦୀପଙ୍କୁ ପରୀକ୍ଷା ସମୟରେ କଲେଜ ପକ୍ଷରୁ ଜଣେ ସହଯୋଗୀ ଯୋଗାଇ ଦିଆଯାଇଥିଲା। ତାଙ୍କ ସଫଳତା ପରେ ପରିବାର ଓ ଅଞ୍ଚଳରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ସଫେଇ କର୍ମଚାରୀ ଭାବେ କାମ କରୁଥିବା ବାପା ଧନିରାମ ଖିଲ ଓ ମାଆ କୁନି ଖିଲଙ୍କ ସଂଘର୍ଷ ମଧ୍ୟରେ ପ୍ରଦୀପଙ୍କ ଏହି ସଫଳତା ଆଜି ଅନେକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ପାଲଟିଛି।

# କନ୍ଧମାଳରେ ଯୁବ କଂଗ୍ରେସର ପଦଯାତ୍ରା

## ଯୋଗଦେଲେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନ୍ ଚିବ୍



ରାୟଗଡ ,୨୨।୫(ସମିସ): ରାୟଗଡ ଜିଲ୍ଲା କାଶୀପୁର ବ୍ଲକର ସିଜିମାଳି ଓ ତିଜିମାଳି ଖଣି ଅଞ୍ଚଳର କଣ୍ଟାମାଳ ଗ୍ରାମରେ ଜନ ସଂଘର୍ଷ ପଦଯାତ୍ରା ଆରମ୍ଭ କରିଛି ଓଡିଶା ପ୍ରଦେଶ ଯୁବ କଂଗ୍ରେସ। ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନ୍ ଚିବ୍‌ଙ୍କ ନେତୃତ୍ୱରେ ଜଳ, ଜମି, ଜଙ୍ଗଲ ଓ ସିଜିମାଳି ଆଦିବାସୀଙ୍କ ଅଧିକାରକୁ ନେଇ ଶୁକ୍ରବାର ୨୨ ତାରିଖ ଦିନ କଣ୍ଟାମାଳ ଠାରୁ ରାୟଗଡ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ଏହି ଜନ ସଂଘର୍ଷ ଯାତ୍ରା। ଯୁବ କଂଗ୍ରେସର ଏହି ପଦଯାତ୍ରା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉଦୟଭାନ୍ ସୂଚନା ଦେଇଛନ୍ତି। ତେବେ ଏହି ପଦଯାତ୍ରାରେ ଜିଲ୍ଲା କଂଗ୍ରେସ ଟିମ୍‌ର କୌଣସି ସଦସ୍ୟ ନ ଥିବା ବେଳେ ରାଜଗାଙ୍ଗପୁର ବିଧାୟକ ସି.ଏସ.ରାଜେନ ଏକ୍କା ଯୋଗ ଦେଇଥିଲେ। ଏହି ପଦଯାତ୍ରା କଂଟାମାଳ, ବନ୍ତେଜି, ବଣ୍ଡେଲ, ଶାଗବାରି ଆଦି ଗ୍ରାମରେ ପଦଯାତ୍ରା ଜାରି ରଖିବ ଏବଂ ସେଠାକାର ଅଧିବାସୀଙ୍କୁ ନ୍ୟାୟ ଦାବିରେ ସ୍ୱର ଉଠାଇବ ବୋଲି ଉଦୟଭାନ୍ କହିଛନ୍ତି। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳବାସୀଙ୍କ ସମେତ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ଉପ ସଭାପତି ଅଶୋକ ପୁଆଲା, ଯୁବ ନେତା ଭବାନୀ ଶଙ୍କର ଜେନା, ଉତ୍ତରପ୍ରଦେଶର ଯୁବ କଂଗ୍ରେସ ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ଜିଲ୍ଲା କଂଗ୍ରେସ ସଭାପତି ତଥା ରାୟଗଡ ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସମେତ କୋରାପୁଟ ଏମପି ସପ୍ତଗିରି ଶଙ୍କର ଉଲାକାଙ୍କ ମଧ୍ୟରୁ କେହି ମଧ ଏହି ପଦଯାତ୍ରାରେ ସାମିଲ ହୋଇନଥିବା ଜଣାପଡିଛି। ଅନ୍ୟପଟେ ଜିଲ୍ଲାରେ କଂଗ୍ରେସର କିଛି ନେତା ସେମାନଙ୍କୁ ଯୁବ କଂଗ୍ରେସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ବୋଲି କହୁଥିବା ବେଳେ ଆଉ କିଛି ଜିଲ୍ଲା କମିଟିକୁ ନ ପଚାରି ଯୁବ କଂଗ୍ରେସ ନିଜେ ଏହା କରୁଛି ବୋଲି ଆଲୋଚନା କରୁଛନ୍ତି। ଅନ୍ୟପଟେ ପଦଯାତ୍ରାର ଦୁଇଦିନ ପୂର୍ବରୁ କାଶୀପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତାମାନେ ଓ ଅଞ୍ଚଳର କିଛି ଗ୍ରାମବାସୀ ରାୟଗଡ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ସିଜିମାଳି ଅଞ୍ଚଳରେ ବାହାର ଲୋକ ତଥା ସଂଗଠନକୁ ପଦଯାତ୍ରା ପାଇଁ ଅନୁମତି ପ୍ରଦାନ ନ କରିବାକୁ ଦାବିପତ୍ର ଦେଇଥିଲେ।

# ବଜ୍ରପାତରେ ୯ ଗୋରୁ ମୃତ



ଗୁଣୁପୁର,୨୨।୫(ସମିସ): ରାୟଗଡ଼ ଜିଲ୍ଲା ଗୁଣୁପୁର କୃଷି ବିଭାଗ କାର୍ଯ୍ୟାଳୟ ନିକଟରେ ବର୍ଜାଘାତ ଯୋଗୁଁ ୯ ଗୋଟି ଗାଇଗୋରୁଙ୍କ ମୃତ୍ୟୁ ଘଟିଛି। ମୃତକ ଗୋରୁ ମଧରେ ୪ଟି ଗାଈ, ୨ ଟି ବଳଦ ଓ ୩ ଟି ବାଛୁରି ରହିଛନ୍ତି। ଘଟଣାସ୍ଥଳରେ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁରୁତର ଥିବା ଆଉ ଗୋଟିଏ ବାଛୁରିର ଚିକିତ୍ସା କରାଯାଇଛି। ଆଜି ସନ୍ଧ୍ୟାରେ ଗୁଣୁପୁର ସହରରେ କିଛି ସମୟ ଧରି ବିଜୁଳି ଘଡ଼ଘଡି ସହ ବର୍ଷା ହୋଇଥିବା ଯୋଗୁଁ ଏହିଭଳ ଘଟଣା ଘଟିଛି। ରାସ୍ତା ପାଶ୍ୱର୍ରେ ଥିବା ଏକ ଗଛ ମୂଳେ ଗୋରୁ ଆଶ୍ରୟ ନେଇଥିଲେ। ମୃତକ ଗୋରୁର ମାଲିକ ମାନେ ହେଲେ ଅଲେଖ ଗଉଡ, ଲକ୍ଷ୍ମୀକାନ୍ତ ଗଉଡ, ସୁରେଷ ଦଳବେହେରା । ସରକାରି ନିୟମ ଆଧାରରେ ଗାଇ ମାଲିକଙ୍କୁ କ୍ଷତିପୁରଣ ଯୋଗାଇ ଦିଆଯିବ ବୋଲି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଅଧିକାରୀ ସିଦ୍ଧାର୍ଥ ସାବତ କହିଛନ୍ତି।

# ଜଗନ୍ନାଥଙ୍କ ଜମିକୁ ନେଇ ବିବାଦ

ବିଷମ କଟକ,୨୨।୫(ସମିସ): ରାଜ୍ୟ ସରକାର ଦେବୋତ୍ତର ବିଭାଗ ଅଧିନରେ ରହିଥିବା ଧର୍ମାନୁଷ୍ଠାନ ଗୁଡିକର ସମ୍ପତି ଚିହ୍ନଟ ଏବଂ ତାର ସୁରକ୍ଷା କରିବା ଦିଗରେ ପକ୍ରିୟା ଆରମ୍ଭ କରିଛନ୍ତି। ଦେବୋତ୍ତର ବିଭାଗ ଅଧିନରେ ରହିଥିବା ପ୍ରତ୍ୟେକ ମନ୍ଦିର ଗୁଡିକର ସ୍ଥାବର ଏବଂ ଅସ୍ଥାବର ସମ୍ପତି ତାଲିକା ଏବଂ ତାର ରକ୍ଷଣାବେକ୍ଷଣ ନିମନ୍ତେ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ମୁତାବକ ବିଷମ କଟକ ଜଗନ୍ନାଥ ମନ୍ଦିରର ରହିଥିବା ସ୍ଥାବର ସମ୍ପତି ଗୁଡିକର ତାଲିକା ପ୍ରସ୍ତୁତ କରିବା ସହ ଉକ୍ତ ସମ୍ପତି ଗୁଡିକ ନିଜ ଅକ୍ତିଆରକୁ ନେଇ ଉକ୍ତ ଜମି ଗୁଡକର ମରାମତି କାର୍ଯ୍ୟ ଚାଲିଛି। ଏଡି ସମୟରେ ବିଷମ କଟକର ସଚିଦାନ୍ଦ ମାଇହାତି ଉକ୍ତ ଜମି ତାଙ୍କ ପୈତୃକ ସମ୍ପତି ବୋଲି ଦାବି କରି ଜମି ମରାମତି କାର୍ଯ୍ୟକୁ ଅଟକାଇଥିବା ଜଣାପଡ଼ିଛି। ସୂଚନା ଥାଉକି ବିଷମ କଟକ ଜଗନ୍ନାଥ ମନ୍ଦିର ନାମରେ ଖାତା ନଂ୬୭/୭୩୩ ପ୍ଲଟ ନଂ୯୯ ଏ.୦.୮୪ ଜମି ରହିଥିବା ରେକର୍ଡ ରହିଛି। ଏହି ଜମି ବିଷମ କଟକର ସ୍ୱର୍ଗତ ରତନା ମାଇହାତି ଶ୍ରୀ ଜଗନ୍ନାଥ ମନ୍ଦିରକୁ ଗତ ୨୦୧୦ ମସିହାରେ ଦାନ ପତ୍ର ଦଲିଲ ସୂତ୍ରରେ ପ୍ରଦାନ କରିଥିଲେ। ଦାନସୂତ୍ର ଦଲିଲ ବଳରେ ଉକ୍ତ ଜମି ଜଗନ୍ନାଥ ମହାପ୍ରଭୂଙ୍କ ଖାତା ଆସିଥିବା ନେଇ ବିଷମ କଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ ଉକ୍ତ ଜମିର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପୂର୍ବ ଖାତାଦାର ସ୍ୱର୍ଗତ ରତନା ମାଇହାତିଙ୍କ ଉତ୍ତରାଧିକାରୀ ସଚିଦାନନ୍ଦ ମାଇହାତି ଉକ୍ତ ଜମି ତାଙ୍କ ନିଜର ବୋଲି ଦାବି କରି ଜମି ମରାମତି କାର୍ଯ୍ୟକୁ ବନ୍ଦ କରିଛନ୍ତି। ଜେଜେମାଁ ଜଗନ୍ନାଥ ମନ୍ଦିର କୁ ଜମି ଦାନ କରି ୧୬ ବର୍ଷ ବିତିଯାଇଥିବା ବେଳେ ନାତି ସଚିଦାନନ୍ଦ ମାଇହାତି ଏହି ଜମି କୁ ଜବର ଦଖଲ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଯେଉଁ ଦିନ ଠାରୁ ଉକ୍ତ ଜମି ମନ୍ଦିର ଖାତାକୁ ଆସିଛି ସେହି ଦିନ ଠାରୁ ଉକ୍ତ ଜମିର ଫସଲ ମନ୍ଦିର କମିଟିକୁ ଆସୁଥିବା କମିଟି ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ମନ୍ଦିର ଜମିର ବିବାଦ ଉପୁଜିଥିବା ବେଳେ ଏହାର ନିରପେକ୍ଷ ତଦନ୍ତ କରି ଘଟଣା ର ସତ୍ୟତା ପ୍ରଘଟ କରିବା ପାଇ ବିଷମ କଟକ ବାସୀ ଦାବି କରିଛନ୍ତି।

# କାଳବୈଶାଖୀରେ କ୍ଷୟକ୍ଷତି

ଲକ୍ଷ୍ମୀପୁର,୨୨।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଶୁକ୍ରବାର ସାଢ଼େ ୪ଟା ସମୟରେ ମାଡ଼ି ଆସିଥିଲା ଭୟଙ୍କର କାଳବୈଶାଖୀ। ପବନ ସାଙ୍ଗକୁ ଘଡ଼ଘଡ଼ ଓ ବର୍ଷା ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ପବନ ବର୍ଷା ହୋଇଥିଲା। ଗଛ ଡାଳ ଭାଙ୍ଗି ରାଜରାସ୍ତା ଉପରେ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଲକ୍ଷ୍ମୀପୁର ବଜାରରେ ମଧ ଗଛ ପଡ଼ି ରାସ୍ତା ଜାମ୍ ହୋଯାଇଥିଲା। ଗାଡ଼ି ସବୁ ଉଭୟ ପାଶ୍ୱର୍ରେ ଠିଆ ହୋଇଥିଲା। ରେଳବାଇ ଛକ ନିକଟରେ ଥିବା ଏକ ଢାବା ହୋଟେଲର ଟିଣ ଉଡ଼ାଇ ଫିଙ୍ଗି ଦେଇଛି। ସେହିପରି ଆଡିପେଣ୍ଠ ପଞ୍ଚାୟତରେ ମଧ୍ୟ ଅନେକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ଯୋଗୁଁ ପାୱାର କଟ୍ ଦୀର୍ଘ ସମୟ ଧରି ରହି ଥିଲା। ରାସ୍ତା ଉପରେ ପଡ଼ି ଥିବା ଗଛ ଡାଳ ସବୁ ଓଡ୍ରାଫ୍ ଟିମ୍ ଆସି ସଫା କରି ଯାତାୟାତ ସ୍ୱାଭାବିକ କରିଥିଲେ।

# ବିଜୟୱାଡା ଚାଲାଣ ବେଳେ ଉଦ୍ଧାର ହେଲେ ୯ ଯୁବତୀ

ମାଲକାନଗିରି,୨୨।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ବଣ୍ଡା ଘାଟିର ମୁଦୁଲିପଡ଼ା ଅଞ୍ଚଳରୁ ପୁଣି ସାମ୍ନାକୁ ଆସିଛି ଦାଦନ ଶ୍ରମିକ ଚାଲାଣ ଘଟଣା। ଏକ ଘରୋଇ ବସ୍ ଯୋଗେ ଆନ୍ଧ୍ରପ୍ରଦେଶର ବିଜୟବାଡ଼ା ସ୍ଥିତ ଚିଙ୍ଗୁଡ଼ି କାରଖାନାରେ କାମ ପାଇଁ ଯାଉଥିବା ବେଳେ ୯ ଜଣ ଯୁବତୀଙ୍କୁ ପ୍ରଶାସନ ଅଟକାଇ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା କିଶୋରୀମାନେ ମୁଦୁଲିପଡ଼ା ପଞ୍ଚାୟତର କିଚପଡ଼ା ଓ ଆଖପାଖ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ବୟସ ୧୮ ବର୍ଷରୁ କମ୍ ଥିବା ସୂଚନା ମିଳିଛି। ଶ୍ରମିକ ଚାଲାଣରେ କଟକର 'ବାବୁ ଭାଇ' ନାମକ ଜଣେ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ଯୁବତୀ ମାନେ ଘରୋଇ ବସ ଯୋଗେ ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ ଏନେଇ କିଛି ସମାଜସେବୀ ସନ୍ଦେହ କରି ଛାଇଲ୍ଡ ଲାଇନକୁ ଯୋଗାଯୋଗ କରିଥିଲେ। ଖବର ପାଇ ଚାଇଲ୍ଡ ଲାଇନ ଓ ପୋଲିସ ଟିମ ଉକ୍ତ ବସକୁ ମାଲକାନଗିରି ଆଦର୍ଶ ଥାନା ସମ୍ମୁଖରେ ଅଟକାଇ ଯାଞ୍ଚ କରି ଏହି ୯ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ଯୁବତୀ ମାନଙ୍କ ପାଖରେ ଶ୍ରମିକ ପଞ୍ଜୀକରଣ, ବ୍ୟାଙ୍କ ଆକାଉଣ୍ଟ, ବୀମା କିମ୍ବା ଚାକିରି ସମ୍ବନ୍ଧୀୟ କୌଣସି ସ୍ପଷ୍ଟ ଦଲିଲ ନଥିଲା। ଉଦ୍ଧାର ଯୁବତୀଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ହାଜର ସହ ସେମାନଙ୍କ ପରିବାର କୁ ଡକାଇ ବୁଝା ସୁଝା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଛାଇଲ୍ଡ ଲାଇନ ପକ୍ଷରୁ କୁହାଯାଇଛି।

# ଏବିଭିପିର ସାମ୍ବାଦିକ ସମ୍ମିଳନୀ

ମାଲକାନଗିରି, ୨୨।୫(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବିଭିପି ପକ୍ଷରୁ ଓଡ଼ିଶାର ପଶ୍ଚିମ ପ୍ରାନ୍ତରେ ଚଳିତ ବର୍ଷ ୧ ଲକ୍ଷ ସଦସ୍ୟତା ଗ୍ରହଣ ଲକ୍ଷ ନେଇ ଆଜି ମାଲକାନଗିରି ସଦର ସ୍ଥିତ ସର୍କିଟ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏବିଭିପିର ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ମାଲକାନଗିରି ଜିଲ୍ଲାରେ ମଧ ଆହୁରି ୭୦୦୦ ଛାତ୍ର ଛାତ୍ରୀଙ୍କୁ ସଦସ୍ୟତା ଗ୍ରହଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଏବିଭିପିର କର୍ମକର୍ତ୍ତା ରାଜା ପ୍ରଧାନ, ଉଜ୍?ଳ ଘୋସ ପ୍ରମୁଖଙ୍କ ସହ ଏବିଭିପିର ଜିଲ୍ଲା ଓ ରାଜ୍ୟ ସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଜେପି ଓ କଂଗ୍ରେସର ଦଳୀୟ କାର୍ଯ୍ୟାଳୟ ପାଲଟିଛି ଖଇରପୁଟ ବ୍ଲକ୍: ବିଜେଡି



ଖଇରପୁଟ, ୨୨।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ବିଜୁ ଜନତା ଦଳ ତରଫରୁ ଏକ ୫ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆଜି ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲା ବିଜୁ ଜନତା ଦଳର ଯୁବ ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବର୍ତ୍ତମାନର ପ୍ରଶାସନିକ ଅବହେଳା ଓ ଜନ ପ୍ରତିନିଧିଙ୍କୁ ଅଣଦେଖା ସମ୍ପର୍କିତ ୫ ଦଫା ଅଭିଯୋଗ ପତ୍ର ଖଇରପୁଟ ବିଡିଓ ଅର୍ପୀତା ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚାୟତ ସମିତିରେ ପଞ୍ଚାୟତ ପ୍ରତିନିଧି ଯଥା ସରପଞ୍ଚ, ସମିତି ସଭ୍ୟଙ୍କ ଗୁରୁତ୍ୱ ରହୁନାହିଁ। ବ୍ଲକର ବିଭିନ୍ନ ପଞ୍ଚାୟତର ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତା ପାଇବାରୁ ଅନେକ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ପ୍ରତିନିଧିଙ୍କ ଦ୍ୱାରା ଦିଆଯାଉଥିବା ପ୍ରକଳ୍ପ ଗୁଡିକୁ ପଞ୍ଚାୟତ ସମିତି ରେ ଗୁରୁତ୍ୱ ଦିଆନଯାଇ ବିଧାୟକ ଏବଂ ସାଂସଦଙ୍କ ପ୍ରକଳ୍ପ ଗୁଡିକୁ ଅନୁମୋଦନ ଦିଆଯାଉଛି। ବ୍ଲକକୁ ବିଜେପି ଓ କଂଗ୍ରେସ ଦଳର ନେତା ମାନେ ନିଜ ନିଜ କାର୍ଯ୍ୟାଳୟରେ ପରିଣତ କରିଦେଇଛନ୍ତି । ବିକଶିତ ଗାଁ ବିକଶିତ ଓଡିଶା ଆସୁଥିବା କାମକୁ ଗଖଇ ଏବଂ ଗଚ ନିଜ ନିଜ କର୍ମୀ ଙ୍କ ମଧ୍ୟରେ ବାଣ୍ଟି ନେଉଛନ୍ତି। ଯାହା ଫଳରେ ସ୍ଥାନୀୟ ଲୋକେ କାମ କରିବାରୁ ବଞ୍ଚିତ ହେଉଛନ୍ତି ଯାହା ପାଇଁ ନିର୍ମାଣ କାମର ମାନ ଉପରେ ପ୍ରଶ୍ନ ଉଠିଛି । ତେଣୁ ସେସବୁ କାମ ଯାହା ବ୍ଲକ ତରଫରୁ ହେଉଛି ତାହା ସମାନ ଭାବେ ସବୁ ଦଳକୁ ପ୍ରାଧାନ୍ୟ ଦିଆଯାଉ। ଏସବୁ ବିଷୟରେ ଦାବିପତ୍ର ପ୍ରଦାନ କରି ଦଳୀୟ ଜିଲ୍ଲା ଯୁବ ସଭାପତି କହିଛନ୍ତି ଯେ ଆଗାମୀ ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବିଗୁଡିକର ସମାଧାନ ନକରାଗଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରାଯିବ। ବିଡିଓ ଶ୍ରୀମତୀ ମହାନ୍ତି ଉପୋରକ୍ତ ଦାବି ସମ୍ପର୍କରେ ତର୍ଜମା କରି ସମାଧାନ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ , ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ , ବଡଡୁରାଲ ସରପଞ୍ଚ ଭିକାରୀ କିର୍ଷାନୀ, ମାଡକାପଦର ସରପଞ୍ଚ ଡମ୍ବରୁ ଶିଷା, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ପରକାନମାଳା ସମିତି ସଭ୍ୟ ରାମ ମଲଲୀ, ଦଳୀୟ ଯୁବନେତା ଚିତ୍ତରଞ୍ଜନ ପଟ୍ଟନାୟକ, କଦମଗୁଡା ସଭାପତି ରଘୁ କିର୍ଷାନୀ, ବିନୋଦ ଖରା, ବିକ୍ରମ ପାଙ୍ଗୀ, ନନ୍ଦ ଗୈଡ, ଜଗନ୍ନାଥ ଗୈଡ, ହୃଷିକେଶ ବେହେରା ଓ ରତୁରାଜ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-324 ♦SATURDAY ♦23 MAY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୨୪ ♦ଶନିବାର ♦୨୩ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ‘ଅଗ୍ନି-୧’ର ସଫଳ ଉତ୍କ୍ଷେପଣ



■ ବାଲେଶ୍ୱର, ୨୨।୫(ସମିସ): ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ଆଜି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ‘ଅଗ୍ନି-୧’ର ସଫଳ ପରୀକ୍ଷଣ କରାଯାଇଛି। ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ ତତ୍ତ୍ୱାବଧାନରେ ଏହି ଉତ୍କ୍ଷେପଣ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପିଆଇବି ପ୍ରେସ୍ ବିବୃତି ଅନୁଯାୟୀ, ଏହି ଉତ୍କ୍ଷେପଣ ଦ୍ୱାରା କ୍ଷେପଣାସ୍ତ୍ରର ସମସ୍ତ ପରିଚାଳନାଗତ ଓ ବୈଷୟିକ ମାନଦଣ୍ଡ ସଫଳତାର ସହ ପ୍ରମାଣିତ ହୋଇଛି। ଅଗ୍ନି-୧ ହେଉଛି ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ। ଏହାର ମାରକ କ୍ଷମତା ପ୍ରାୟ ୭୦୦ରୁ ୯୦୦କିମି ଏବଂ ଏହା ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ। ଭାରତୀୟ ସେନାରେ ଏହା ପୂର୍ବରୁ ହିଁ ସାମିଲ ଅଛି। ସେନାର ବ୍ୟବହାରକାରୀ ପରୀକ୍ଷଣ ଭାବେ ନିୟମିତ ଏହି ପ୍ରକାର ଉତ୍କ୍ଷେପଣ କରାଯାଇଥାଏ।

### ହୋଣ୍ଡୁରାସରେ ଭୟାବହ ଗୁଳିକାଣ୍ଡ

## ୬ ପୁଲିସଙ୍କ ସମେତ ୨୫ ମୃତ

■ ଟେଗୁସିଗାଲ୍ପା, ୨୨।୫ (ଏଜେନ୍ସି): ମଧ୍ୟ ଆମେରିକାର ଦେଶ ହୋଣ୍ଡୁରାସରେ ଗୁରୁବାର ଦିନ ଦୁଇଟି ପୃଥକ ସ୍ଥାନରେ ହୋଇଥିବା ସଶସ୍ତ୍ର ଆକ୍ରମଣରେ ୧୯ ଜଣ ବଗିଚା ଶ୍ରମିକ ଏବଂ ୬ ଜଣ ପୋଲିସ କର୍ମଚାରୀଙ୍କ ସମେତ ଅତିକମରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତର ହୋଣ୍ଡୁରାସର ତ୍ରୁହିଲୋ ସହରରେ ଥିବା ଏକ କୃଷି ଫାର୍ମ ବଗିଚାରେ କିଛି ଦୁର୍ବୃତ୍ତ ଅତର୍କିତ ଭାବେ ଶ୍ରମିକମାନଙ୍କ ଉପରେ ଗୁଳି ଚଳାଇଥିଲେ। ଏଥିରେ ୧୯ ଜଣଙ୍କର ପ୍ରାଣହାନି ଘଟିଛି। ଏହି ଅଞ୍ଚଳରେ ଜମି ମାଲିକାନା ଏବଂ କୃଷି ବିବାଦକୁ ନେଇ ଦୀର୍ଘ ଦିନ ହେବ ହିଂସା ଲାଗି ରହିଛି। ଗୁଆଟେମାଲା ସୀମା ନିକଟବର୍ତ୍ତୀ ଓମୋଆ ସହରରେ ଆତଙ୍କବାଦୀ କିମ୍ବା ଅପରାଧୀମାନେ ପୋଲିସ ଗାଡ଼ି ଉପରକୁ ଗୁଳିମାଡ଼ କରିଛନ୍ତି। ଗ୍ୟାଙ୍ଗ୍ ବିରୋଧୀ ଅପରେସନ୍ ସାରି ଫେରୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା, ଯେଉଁଥିରେ ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ୬ ଜଣ ପୋଲିସ କର୍ମୀ ଶହୀଦ ହୋଇଛନ୍ତି। ହୋଣ୍ଡୁରାସର ସୁରକ୍ଷା ମନ୍ତ୍ରଣାଳୟ ଏହି ଦୁଇଟି ମାମଲାର ଯାଞ୍ଚ ପାଇଁ ଫରେନ୍ସିକ ଏବଂ ଅଭିଯୋଜକ ଦଳକୁ ନିୟୋଜିତ କରିବା ସହ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ଅଧିକ ସେନା ଓ ପୋଲିସ ମୁତୟନ କରିଛି।

## ୨୬ ବର୍ଷ ପରେ ମିଳିଲା ନିଖୋଜ ପରିବାରର ସନ୍ଧାନ

### କେନାଲ୍‌ରୁ ମିଳିଲା ଗାଡ଼ି ସହ ୪ କଙ୍କାଳ

■ ଚଣ୍ଡୀଗଡ଼, ୨୨।୫ (ଏଜେନ୍ସି): ପ୍ରାୟ ୨୬ ବର୍ଷ ପୂର୍ବେ ଏକ ବିବାହ ଭୋଜିରୁ ଫେରିବା ବେଳେ ନିଖୋଜ ହୋଇଯାଇଥିବା ଗୋଟିଏ ପରିବାରର ସନ୍ଧାନ ମିଳିଛି। ପଞ୍ଜାବର ରୂପନଗର ଜିଲ୍ଲା କିରାତପୁର ସାହିବ୍ ନିକଟସ୍ଥ ଭାକ୍ରା କେନାଲ୍ ଭିତରୁ ଏକ ପୁରୁଣା ମାରୁତି ଓମ୍ନି ଗାଡ଼ି ସହ ୪ ଜଣଙ୍କର କଙ୍କାଳ ଉଦ୍ଧାର କରାଯାଇଛି। ୨୦୦୦ ମସିହା ଅକ୍ଟୋବର ୨୦ ତାରିଖରେ କୋଟଲା ଗ୍ରାମର ମୁନିଲାଲ, ତେଜ୍ ରାମ, ସୁରଜିତ ସିଂହ ଏବଂ ୮ ବର୍ଷର ଶିଶୁ ବିବାହ ଉତ୍ସବରୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ରାଜ୍ୟରୁ ବୁଡ଼ାଳି ଆଣି ଖୋଜାଖୋଜି କରିଥିଲେ ମଧ୍ୟ ଗାଡ଼ି କିମ୍ବା ମଣିଷଙ୍କର କୌଣସି ସନ୍ଧାନ ମିଳିନଥିଲା। ନିକଟରେ ଜଣେ ସ୍ଥାନୀୟ ବୁଡ଼ାଳି କମଲପ୍ରୀତ ସାଇନି କେନାଲ୍‌ର ପ୍ରାୟ ୩୨ ଫୁଟ ଗଭୀର ପାଣି ଭିତରକୁ ଯାଇଥିବା ବେଳେ ସେଠାରେ ବୁଡ଼ି ରହିଥିବା ଏହି ପୁରୁଣା ଗାଡ଼ିଟିକୁ ଦେଖିବାକୁ ପାଇଥିଲେ। ଗାଡ଼ି ଭିତରୁ ମିଳିଥିବା କଙ୍କାଳ ଏବଂ ଏକ ସ୍କୁଲ୍ ପୋଷାକ (ସାର୍ଟ) ସାହାଯ୍ୟରେ ପରିବାର ଲୋକେ ସେମାନଙ୍କୁ ଚିହ୍ନଟ କରିଥିଲେ।

### ଅପହୃତ ଶିଶୁ ଉଦ୍ଧାର ବେଳେ ଚମତ୍କାର

## ୪ ବର୍ଷ ପରେ ମା’କୁ ମିଳିଲା ଅନ୍ୟ ଜଣେ ପୁଅ

■ ଔରଙ୍ଗାବାଦ, ୨୨।୫ (ଏଜେନ୍ସି): ବିହାରର ଔରଙ୍ଗାବାଦ ଜିଲ୍ଲାରେ ଏକ ଅପହୃତ ଶିଶୁକୁ ଉଦ୍ଧାର କରିବା ପାଇଁ ପୁଲିସ ଚଢ଼ାଉ କରିଥିବା ବେଳେ, ସେଠାରୁ ଆଉ ଜଣେ ଶିଶୁ ମିଳିଛି ଯିଏ କି ଗତ ୨୦୨୨ ମସିହାରୁ ନିଖୋଜ ଥିଲା। ଏହି ସଫଳ ଅପରେସନ ଯୋଗୁଁ ଦୀର୍ଘ ଦିନ ଧରି ଅଲଗା ହୋଇଯାଇଥିବା ଦୁଇଜଣ ମା’ ସେମାନଙ୍କ ସନ୍ତାନଙ୍କୁ ଫେରି ପାଇଛନ୍ତି। ଗତ ମେ କ ୧୬ ତାରିଖରେ ଆଦ୍ୱିକ ନାମକ ଜଣେ ୪ ବର୍ଷର ଶିଶୁ ଅପହରଣ ହୋଇଥିଲା। ପୁଲିସ ତଦନ୍ତ କରି ଓବ୍ରା ଅଞ୍ଚଳର ରଞ୍ଜୁ ଦେବୀ ନାମକ ଜଣେ ମହିଳା ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଆଦ୍ୱିକକୁ ସଫଳତାର ସହ ଉଦ୍ଧାର କରିଥିଲା। ଚଢ଼ାଉ ସମୟରେ ପୁଲିସ ସେହି ଘରେ ଆଉ ଜଣେ ଶିଶୁକୁ ଦେଖିବାକୁ ପାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ମହିଳା ଜଣକ ତାକୁ ନିଜ ପୁଅ ବୋଲି ଦାବି କରିଥିଲେ। ମାତ୍ର ଅଧିକ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ ସେହି ପିଲାଟି ହେଉଛି ଶିବମ୍, ଯାହାକୁ ୪ ବର୍ଷ ପୂର୍ବେ (୨୦୨୨ରେ) ବଟ ସାବିତ୍ରୀ ପୂଜା ସମୟରେ ଏକ ମନ୍ଦିରରୁ ଅପହରଣ କରାଯାଇଥିଲା।

# ସୋସିଆଲ ମିଡିଆରେ ‘କକ୍ରୋଚ୍’ ବନାମ ‘ଓଗି’ ଲଢ଼େଇ

■ ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ଇଣ୍ଟରନେଟ୍ ଦୁନିଆରେ ବର୍ତ୍ତମାନ ଦୁଇଟି କାଳ୍ପନିକ ଓ ଆଭାସୀ (ଭର୍ଚୁଆଲ୍) ଦଳ ମଧ୍ୟରେ ଏକ ଅଦ୍ଭୁତ ରାଜନୈତିକ ଲଢେଇ ଦେଖିବାକୁ ମିଳୁଛି। ଲୋକପ୍ରିୟ କାର୍ଟୁନ୍ ଶୋ’ ‘ଓଗି ଆଣ୍ଡ ଦି କକ୍ରୋଚେସ୍’ ଦ୍ୱାରା ଅନୁପ୍ରାଣିତ ହୋଇ ସୋସିଆଲ ମିଡିଆରେ ‘କକ୍ରୋଚ୍ ଜନତା ପାର୍ଟି’ (ସିଜେପି)ର ପ୍ରତିଦ୍ୱନ୍ଦ୍ୱୀ ଭାବେ ‘ଓଗି ଜନତା ପାର୍ଟି’ (ଓଜେପି) ମଇଦାନକୁ ଓହ୍ଲାଇଛି। ଏହି ଦୁଇ ପକ୍ଷ ମଧ୍ୟରେ ଚାଲିଥିବା ବ୍ୟଙ୍ଗାତ୍ମକ ପ୍ରତିଯୋଗିତା ଏବେ ଏକ ବଡ଼ ମିମ୍ ଆନ୍ଦୋଳନର ରୂପ ନେଇଛି। ନବଗଠିତ ଓଗି ଜନତା ପାର୍ଟି, କକ୍ରୋଚ୍ ଜନତା ପାର୍ଟିର ଉଦ୍ଦେଶ୍ୟ, ପ୍ରଚାର ଶୈଳୀ ଏବଂ ତାଙ୍କର







ରାଜନୈତିକ ସଂପୃକ୍ତି ଉପରେ ପ୍ରଶ୍ନ ଉଠାଇ ନିଜକୁ ଏକ ଶକ୍ତିଶାଳୀ ବିରୋଧୀ ଭାବେ ଉପସ୍ଥାପନ କରିଛି। ଏହି ଦୁଇ ଦଳ ମଧ୍ୟରେ ଚାଲିଥିବା ମଜାଦାର ବାଦବିବାଦ ଏବଂ କଟାକ୍ଷ ଭରା ପୋଷ୍ଟଗୁଡ଼ିକ ୟୁଜର୍ସମାନଙ୍କୁ ବେଶ୍ ଆକୃଷ୍ଟ କରୁଛି। ଇନଷ୍ଟାଗ୍ରାମ ଏବଂ ଏକ୍ସ ପ୍ଲାଟଫର୍ମ ଏବେ ଏହି ଦୁଇ ଦଳର ମିମ୍ସ, ଜୋକ୍ସ ଏବଂ ନକଲି ରାଜନୈତିକ ବିତର୍କରେ ସମ୍ପୂର୍ଣ୍ଣ ଭରିଯାଇଛି। ବାସ୍ତବ ଦୁନିଆର ରାଜନୀତିରୁ ଦୂରରେ ଥିବା ଏହି ଡିଜିଟାଲ୍ ଲଢେଇ ମନୋରଞ୍ଜନର ଏକ ବଡ଼ ମାଧ୍ୟମ ପାଲଟିଛି। ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି ଏବଂ ନିଜ ପସନ୍ଦର କାର୍ଟୁନ୍ ଚରିତ୍ରର ଦଳକୁ ସମର୍ଥନ କରୁଥିବା ଦେଖିବାକୁ ମିଳୁଛି। ଓଗି ବିଶେଷ କରି ପିଲାମାନଙ୍କର ପ୍ରିୟ ଆନିମେସନ୍ ଶୋ’ ଓଗି ଆଣ୍ଡ ଦି କକ୍ରୋଚେସ୍’ର ମୁଖ୍ୟ ଚରିତ୍ର, ଯିଏ କି ଏକ ନୀଳ ରଙ୍ଗର ବିଲେଇ। ଏହି ଶୋ’ଟି ଭାରତରେ ମଧ୍ୟ ବେଶ୍ ଲୋକପ୍ରିୟ।

### ସରକାରଙ୍କୁ ନିଯୁକ୍ତି ଆଶାୟୀଙ୍କ ଚେତାବନୀ

# ଖାଇଯିବେ ‘ଅସରପା’

■ ଭୁବନେଶ୍ୱର, ୨୨।୫ (ସମିସ): ଓଡ଼ିଶାରେ ଆରମ୍ଭ ହୋଇଛି କକ୍ରୋଚ କ୍ରେଜ୍। ଉଚ୍ଚ ଶିକ୍ଷିତ ଯୁବକଯୁବତୀମାନେ ନିଜକୁ କକ୍ରୋଚ୍ ବା ଅପରପା ବୋଲି କହିବା ସହ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ବହୁ ବର୍ଷ ଧରି ଶିଥିଳ ପଡ଼ିଥିବା ନିଯୁକ୍ତି ପ୍ରକ୍ରିୟା ସାରିବା ସହ ନୂତନ ବିଜ୍ଞପ୍ତି ପ୍ରକାଶ କରିବାକୁ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଛାତ୍ରନେତା ବିଭୂତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିଯୁକ୍ତି ନ ଦେଲେ ଅସରପା ପରି ସରକାରଙ୍କୁ ମଧ୍ୟ ରାଜ୍ୟର ଶିକ୍ଷିତ ଯୁବକଯୁବତୀମାନେ ଖାଇଯିବେ ବୋଲି ରୋକଠୋକ୍ କହିଛନ୍ତି।




### ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ପାଇଁ ତୀବ୍ର ଅସନ୍ତୋଷ

### ଅନିଶ୍ଚିତତାରେ ପୁଲିସ୍ ଏସ୍ଆଇ ଓ ପିଇଓ ପରୀକ୍ଷା

ରାଜ୍ୟରେ ପ୍ରାୟ ହଜାରେ ପୁଲିସ୍ ଏସ୍ଆଇ ନିଯୁକ୍ତି ପାଇଁ ୨୦୨୫ ଜାନୁଆରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚାକିରି ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ଚାକିରି ବିକ୍ରି ଗ୍ୟାଙ୍ଗ ଧରାପଡ଼ିଥିଲା। ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଅଭିଯୋଗ ହେବା ପରେ ସିବିଆଇ ତଦନ୍ତ ଭାର ନେଇଛି। ପ୍ରାୟ ଦେଢ଼ ବର୍ଷ ପରେ ମଧ୍ୟ ପୁନଃ ପରୀକ୍ଷା କରିବା ପାଇଁ ସରକାର ପଦକ୍ଷେପ ନେଉ ନାହାନ୍ତି। ଫଳରେ ପ୍ରାୟ ୧ଲକ୍ଷ ୫୬ ହଜାର ଆଶାୟୀ ଅନିଶ୍ଚିତତାରେ କାଳାତିପାତ କରୁଛନ୍ତି। ଗ୍ରାମ ରୋଜଗାର ସେବକ (ଜିଆର୍ଏସ୍) ନିଯୁକ୍ତି ପାଇଁ ସରକାର ପ୍ରାୟ ଦୁଇ ବର୍ଷ ତଳେ ଆହ୍ୱାନ କରିଥିଲେ। ରାଜ୍ୟର ପ୍ରାୟ ୨ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ଅଫଲାଇନ୍‌ରେ ଏଥିପାଇଁ ଆବେଦନ କରିଥିଲେ। ମାତ୍ର ଏଯାଏଁ ଏହାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଅନୁରୂପ ଭାବେ ଏସ୍ଏସ୍ବି ଅଧ୍ୟାପକ ପଦ ପାଇଁ ପ୍ରାୟ ୮୦ ହଜାର ଆଶାୟୀ ଆବେଦନ କରି ପରୀକ୍ଷା ଅପେକ୍ଷାରେ ରହିଛନ୍ତି। ମାତ୍ର ଏହି ନିଯୁକ୍ତି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା ଦର୍ଶାଇ ସରକାର ପରୀକ୍ଷା କରିବାକୁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏପରିକି ଆଡଭୋକେଟ୍ ଜେନେରାଲ୍ ସରକାରଙ୍କ ପକ୍ଷ ମଧ୍ୟ କୋର୍ଟରେ ରଖୁ ନ ଥିବା ଅଭିଯୋଗ ହୋଇଛି। ଜାଣିଶୁଣି ନିଯୁକ୍ତି ପ୍ରକ୍ରିୟାକୁ ବିଳମ୍ବ କରିବା ପାଇଁ ଏହା ସରକାରୀ ପ୍ରାୟୋଜିତ କାର୍ଯ୍ୟ। ସରକାର ଯଦି ନିଜର ▶ପୃଷ୍ଠା-୭

### ବଦଳିଲା ତାରିଖ

## ଜୁନ ୨୮ରେ ହେବ ଓଟିଇଟି

■ କଟକ, ୨୨।୫ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ୍ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ପୁଣି ଘୁଞ୍ଚାଯାଇ ଆସନ୍ତା ଜୁନ୍ ୨୮ରେ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର୍-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର୍-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ସବିଶେଷ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଅଛି। ଆସନ୍ତା ଜୁନ୍ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

### ଡିଏମ୍ଏଫ୍ ଆକାଉଣ୍ଟରୁ ୯ କୋଟି ଠକେଇ ମାମଲା

## ଛତିଶଗଡ଼ରୁ ଆଉ ଦୁଇ ଗିରଫ

■ ବାରିପଦା, ୨୨।୫ (ସମିସ): ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ବ୍ୟାଙ୍କ ଆକାଉଣ୍ଟରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲୁ) ଛତିଶଗଡ଼ରୁ ଆଉ ୨ ଠକଙ୍କୁ ଗିରଫ କରିଛି। ସେମାନେ ହେଲେ, ଛତିଶଗଡ଼ର ରଏ ଆସୋସିଏଟ୍ସ ଏବଂ ଏସଏସ୍ ଟ୍ରେଡର୍ସର ସ୍ୱତ୍ୱାଧିକାରୀ ସୁରଜିତ ରଏ ଓ ସମୀର ଶ୍ରୀବାସ୍ତବ। ସେଠାକାର ପୁଲିସ ସହାୟତାରେ ଇଓଡବ୍ଲୁ ଦୁହିଁଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରିଥିଲେ। ପରେ ଦୁହିଁଙ୍କୁ ଟ୍ରାନଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ଉଭୟଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି।





ଏହାକୁ ମିଶାଇ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ପଶ୍ଚିମବଙ୍ଗର ହାୱଡ଼ାସ୍ଥିତ ନଳପୁର ଅଞ୍ଚଳର ଅଜମିର ମଣ୍ଡଳ ଓ ମଧ୍ୟପ୍ରଦେଶ ରାଜ୍ୟରୁ ପୋମେଶ ତମ୍ବାରେ ଏବଂ ଛତିଶଗଡ଼ର ମିଶ୍ର ଏଣ୍ଟରପ୍ରାଇଜେସ୍ ଓ ମହାକାଳ କନଷ୍ଟ୍ରକ୍ସନ୍‌ର ମାଲିକ ବ୍ରଜେଶ କୁମାର ମିଶ୍ରଙ୍କୁ ଇଓଡବ୍ଲୁ ଗିରଫ କରିଛି।

ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଡିଆରଡିଏ ଅଧୀନରେ କାର୍ଯ୍ୟରତ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍)ର ବ୍ୟାଙ୍କ ଆକାଉଣ୍ଟ ବାରିପଦାସ୍ଥିତ ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖାରେ ରହିଛି। ଉକ୍ତ ଶାଖାରୁ ଗତ ୨୦୨୪ ଏପ୍ରିଲ ୧୦ ତାରିଖଠାରୁ ୧୮ ତାରିଖ ମଧ୍ୟରେ ରହସ୍ୟଜନକ ଭାବେ ୪ଗୋଟି ଚେକ୍‌ରେ ମୋଟ ୯କୋଟି ୫୬ଲକ୍ଷ ୭୬ହଜାର ୬୦୦ଟଙ୍କା ଉଠାଣ ହୋଇଥିଲା। ଏହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ବ୍ୟାଙ୍କ୍‌ର ତତ୍କାଳୀନ ମୁଖ୍ୟ ପରିଚାଳକ ସୁଜାତା କାନୁନଗୋ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଏହାର ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟଶାଖାର ମୁଖ୍ୟ ମହାପ୍ରବନ୍ଧକଙ୍କ ସମେତ ଦୁଇ ଅଧିକାରୀ ଏବଂ ଦୁଇ କର୍ମଚାରୀ (କ୍ଲର୍କ) ମୋଟ ୫ଜଣଙ୍କୁ ବଦଳି କରାଯାଇଥିଲା।

## ଅଂଶୁଘାତରେ ୧୬ ଜଣଙ୍କ ମୃତ୍ୟୁ !

### ସରକାର ମାନିଲେ ୩

■ ଭୁବନେଶ୍ୱର, ୨୨।୫ (ସମିସ): ରାଜ୍ୟରେ ଆକାଶରୁ ମୁଣ୍ଡଫଟା ଗ୍ରୀଷ୍ମ ବର୍ଷୁଥିବା ବେଳେ ଏଯାବତ୍ ୧୬ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମାତ୍ର ସରକାରୀ ଭାବେ ଅଂଶୁଘାତ ମୃତକଙ୍କ ସଂଖ୍ୟା ୩ ବୋଲି କୁହାଯାଇଛି । ବଲାଙ୍ଗିର, ସୁନ୍ଦରଗଡ ଓ ସୁବର୍ଣ୍ଣପୁରରେ ଜଣେ ଲେଖାଏଁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଏସଆରସିଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୋଟ ୧୬ଟି ଅଂଶୁଘାତ ଜନିତ ଅଭିଯୋଗ ସରକାରଙ୍କ ନିକଟରେ ହସ୍ତଗତ ହୋଇଛି। ତନ୍ମଧ୍ୟରୁ ୩ଟି ଅଂଶୁଘାତଜନିତ ମୃତ୍ୟୁ ବୋଲି ସ୍ପଷ୍ଟ ହୋଇଥିବା ବେଳେ ବାକି ୧୩ଟି ଅଭିଯୋଗର ତଦାରଖ କରାଯାଉଛି। ଲୋକେ ସଚେତନ ଥିବାରୁ ଚଳିତ ବର୍ଷ ଅଂଶୁଘାତ ମୃତ୍ୟୁସଂଖ୍ୟା କମିଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


SIKSHA ‘O’ ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ସରକାରଙ୍କ ନୂଆ ବଦଳି ନୀତି

# ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି

### ଗୋଟିଏ ରାଜସ୍ୱ ଜିଲ୍ଲାରେ ୬ବର୍ଷ ରହିବେ ଗ୍ରୁପ୍ ‘ଏ’ ଓ ‘ବି’ ଅଧିକାରୀ

### ଗୋଟିଏ ଅଫିସରେ ଗ୍ରୁପ୍ ସି କର୍ମଚାରୀ ରହିପାରିବେ ସର୍ବାଧିକ ୬ ବର୍ଷ

■ ଭୁବନେଶ୍ୱର, ୨୨।୫ (ସମିସ): ରାଜ୍ୟ ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ ତଥା ସ୍ୱଚ୍ଛ କରିବା ପାଇଁ ପୂର୍ବରୁ ପ୍ରଚଳିତ ବଦଳି ନୀତିରେ ସଂଶୋଧନ କରିଛନ୍ତି ସରକାର। ଏହି ବଦଳି ନୀତିକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ଆରଡିସି ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ନୂତନ ନୀତି ଅନୁଯାୟୀ ବଦଳି ଆଦେଶ ପ୍ରକାଶ ପାଇବା ପରେ କର୍ମଚାରୀମାନେ ତୁରନ୍ତ ଏହାକୁ ପାଳନ କରିବେ। କୌଣସି ପ୍ରକାରର ବିଳମ୍ବ, ଟାଳଟୁଳ ନୀତି ଓ ରାଜନୀତିକ ଚାପକୁ ଗ୍ରହଣ କରାଯିବ ନାହିଁ। ସେଥିପାଇଁ ଏଣିକି ପ୍ରତ୍ୟେକ ବଦଳି ଅର୍ଡରରେ ହିଁ ସମ୍ପୃକ୍ତ କର୍ମଚାରୀଙ୍କ ରିଲିଭିଂ ଓ ନୂଆ ସ୍ଥାନରେ ଜଏନିଂ ସମୟସୀମା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ। ବଦଳି ଅର୍ଡରରେ କେଉଁ କର୍ମଚାରୀ ବା ଅଧିକାରୀ କାହାକୁ ଦାୟିତ୍ୱ ହସ୍ତାନ୍ତର କରିବେ ତାହା ମଧ୍ୟ ସ୍ପଷ୍ଟ ଉଲ୍ଲେଖ ରହିବ। ଯଦି କୌଣସି ବିଶେଷ କାରଣରୁ ତାହା ଉଲ୍ଲେଖ ନଥିବ, ତା’ହେଲେ ସମ୍ପୃକ୍ତ କର୍ମଚାରୀ ନିଜର ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଅନ୍ୟ ଜଣେ ସମପଦବୀର ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନୂଆ ସ୍ଥାନକୁ ଯିବେ। ପୁନଶ୍ଚ ଅନେକ ବିଭାଗ ନିଜ ମନଇଚ୍ଛା ବର୍ଷର ଯେକୌଣସି ସମୟରେ ବଦଳି ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ସାଧାରଣ ବଦଳି କେବଳ ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ତାରିଖ ମଧ୍ୟରେ କରାଯିବ। ଯଦି ଏହି ସମୟ ବାହାରେ କୌଣସି ବଦଳି ଜରୁରୀ ହୁଏ, ତେବେ ବଦଳି କରୁଥିବା ଅଧିକାରୀଙ୍କୁ ତାଙ୍କର ଉପରିସ୍ଥ ଅଧିକାରୀଙ୍କଠାରୁ ଆଗୁଆ ଲିଖିତ ମଞ୍ଜୁରୀ ନେବା ବାଧ୍ୟତାମୂଳକ ହେବ। ଏହି ନିୟମଟି ସବୁ ବର୍ଗର ଚାକିରି କ୍ଷେତ୍ରରେ ସମାନ ଭାବେ ଲାଗୁ କରାଯାଇଛି। ସାଧାରଣ ନିୟମ ଅନୁଯାୟୀ ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ହିଁ ବଦଳି ପାଇଁ ଯୋଗ୍ୟ ବିବେଚିତ ▶ପୃଷ୍ଠା-୭

ସକାଳ
THE SAKALA



## ଜାତୀୟ ରାଜପଥ ହମ୍ପସ ନେଉଛି ଜୀବନ

# ଦୁଇ ଗାଡ଼ି ମଧ୍ୟରେ ଧକ୍କା; ଚାଳକ ମୃତ

ବାଲିବନ୍ଧ, ୨୨।୫ (ସମିସ)



ଜାତୀୟ ରାଜପଥର ହମ୍ପସ ପାଇଁ ଜୀବନଯାତ୍ରା ଅସୁରକ୍ଷିତ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ଶୁକ୍ରବାର ଚର୍ଚ୍ଚାକୁ ଆସିଛି। ୨୦ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସ ଝୁମ୍ପୁରା ଥାନା ନିକଟରେ ଭୋର ସମୟରେ ଏକ ହାଇୱା ଗାଡି ଅନ୍ୟ ଏକ ଗାଡ଼ି ପଛରେ ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଗାଡ଼ି ଚାଳକ ହେଲେ ଝାରଖଣ୍ଡ ରାଜ୍ୟ ପାକୁରା ଥାନା ଅଞ୍ଚଳ ମନିରାମପୁର ଗ୍ରାମର ମେହେବୁବ ଆଲ୍ଲାମ (୩୫)।

ସୂଚନାନୁଯାୟୀ, ମେହେବୁବ ଆଲ୍ଲାମ ଓଡି୩୪ଏସ ୫୫୭୧ ନମ୍ବର ହାଇୱା ଗାଡି ନେଇ ଯୋଡ଼ା ଅଭିମୁଖେ ଯାଉଥିଲେ। ବିଷ୍ଣୁପୁର ଛକ ନିକଟରେ ଥିବା ହମ୍ପସଠାରେ ଆଗରେ ଯାଉଥିବା ଗାଡି ହଠାତ ବ୍ରେକ ଦେବାରୁ ଗାଡି ପଛରେ ମେହେବୁବଙ୍କ ଗାଡି ଧକ୍କା ହୋଇଥିଲା। ଫଳରେ ହାଇୱା ଗାଡି ସମ୍ମୁଖ ଭାଗ ଚାପି ହୋଇ ଚୂରମାର ହୋଇଯାଇଥିଲା। କ୍ୟାବିନ ଭିତରେ ଚାଳକ ମେହେବୁବ ଚାପି ହୋଇ ରହିଯାଇଥିଲେ। ପରେ ଝୁମ୍ପୁରା ଅଗ୍ନିଶମବାହିନୀ ତାଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଯାଞ୍ଚ କରି ମୃତ ଘୋଷଣା କରିଥିଲେ। ଏନେଇ ଝୁମ୍ପୁରା ପୁଲିସ ଏକ ମାମଲା ରୁଜୁକରି କେନ୍ଦୁଝର ମୁଖ୍ୟଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇ ପଠାଇଥିବା ଜଣାପଡିଛି। ପ୍ରକାଶ ଥାଉକି, ୨୦ ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସ ଝୁମ୍ପୁରା ଥାନା (ବିଷ୍ଣୁପୁର) ଛକ ନିକଟରେ ନିର୍ମାଣ ହୋଇଥିବା ହମ୍ପସ ପୂର୍ବରୁ କୌଣସି ସଂକେତ ବା ଚିହ୍ନ ଦେଇ ନଥିବାରୁ ଗାଡି ଚାଳକମାନେ ହମ୍ପସ ବାବଦରେ କିଛି ଜାଣିପାରୁନାହାନ୍ତି। ଫଳରେ ଅସାବଧାନତା ବଶତଃ ହମ୍ପସ ନିକଟରେ ବ୍ରେକ ଦେବାରୁ ଏପରି ଅନେକ ଧନଜୀବନ ନଷ୍ଟ ହେଉଛି। ହମ୍ପସ ପୂର୍ବରୁ ଧଳା ଦାଗ ବା ଚିହ୍ନ ଦେବା ନେଇ ବାରମ୍ବାର ଗୁହାରି କଲେ ମଧ୍ୟ କର୍ଣ୍ଣପାତ କରୁ ନଥିବ ଯୋଗୁଁ ସେହି ହମ୍ପସ ନିର୍ମାଣ ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବା ନେଇ ସାଧାରଣରେ ଦାବି ହେଉଛି।

## ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଗୋଡ଼ିପୋଖରୀ ଗ୍ରାମସଭା

# ଏକର ପ୍ରତି ୩୦ କୋଟି ଟଙ୍କା ଦାବିକଲେ ଗ୍ରାମବାସୀ



ତୁରୁମୁଙ୍ଗା, ୨୨।୫(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ସକାଳ ୮.୩୦ ମିନିଟରେ ଯମୁନାପଶି ଗ୍ରାମପଞ୍ଚାୟତ ଗୋଡିପୋଖରୀ ଗ୍ରାମର ଶିବ ମନ୍ଦିର ପଡ଼ିଆରେ ୮ମ ଗ୍ରାମସଭା ସଫଳତାର ସହ ଶେଷ ହୋଇଛି। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୧୪୫.୬୯୦ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ୫୧ ସର୍ତ୍ତ ସମ୍ବଳିତ ଦାବିପତ୍ର ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ଏକର ପ୍ରତି ୩୦ କୋଟି ଟଙ୍କା ଦାବି କରାଯାଇଥିଲା। ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଗୋଡିପୋଖରୀ ଗ୍ରାମର ୧୪୫.୬୯୦ ଏକର ଘରୋଇ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି। ଯମୁନାପଶି ସରପଞ୍ଚ ଶଶିଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୁଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଇଡ଼କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ୱାର୍ଡସଭ୍ୟ ବେଣୁଧର ନାଏକ, ମଞ୍ଜୁଲତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରତ୍ୟୁଷ ମହାପାତ୍ର, ଜ୍ୟୋତିର୍ମୟ ଭୁକ୍ତା, ଶୁଭସ୍ମିଗ୍ଧା ସେଠୀ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପ୍ରଶାନ୍ତ ବେହେରା, ବିଜୟ ବିହାରୀ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

# ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ବିରୋଧ

ତୁରୁମୁଙ୍ଗା, ୨୨।୫(ସମିସ): ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପାଇଁ ଶୁକ୍ରବାର କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ଯମୁନାପଶି ପଞ୍ଚାୟତ ଗୋଡ଼ିପୋଖରୀ ଗ୍ରାମସଭା କରାଯାଇଥିଲା। ଏହି ଗ୍ରାମସଭାକୁ ଗୋଡ଼ିପୋଖରୀ ଗ୍ରାମ ସମେତ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ଯମୁନାପଶି, କୋଡଖମଣ, ବରୁଡ଼ିପଶି, ଚିଲିଦା, ଚେମଣା, ଧନୁର୍ଜୟପୁର, କୋଡ଼ଖମଣ, ବାରଡାଙ୍ଗୁଆ ଆଦି ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ପ୍ରତିବାଦ କରାଯାଇ ବିରୋଧ କରଯାଇଥିଲା। ସରକାର ପୁଲିସ ଲଗାଇ ମଞ୍ଚର କର୍ମକର୍ତା ମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବା ସହିତ ରାତି ଅଧରେ ଗିରଫ କରି ଜେଲରେ ପୁରାଇବା, ଗୁରୁବାର ରାତିଠାରୁ ଗୋଡ଼ିପୋଖରୀ ଗ୍ରାମରେ ପୁଲିସ ଲଗାଇ ଗ୍ରାମକୁ ଘେରି ରଖିବା, ପ୍ରତିବାଦକାରୀ ଗୋଡ଼ିପୋଖରୀ ଗ୍ରାମର ଲୋକଙ୍କୁ ଘରୁ ବାହାର କରିବାକୁ ନଦେବା, ଯମୁନାପୋଷି ଗ୍ରାମ ସମେତ ବିଭିନ୍ନ ଗ୍ରାମରେ ବହୁ ସଂଖ୍ୟାରେ ପୁଲିସ ସାଇରନ ବଜାଇ ଲୋକଙ୍କୁ ଭୟଭୀତ କରିବା, ଗ୍ରାମସଭାକୁ ବିରୋଧ କଲେ ଜେଲରେ ଭର୍ତ୍ତି କରିବା ଆଦି ଘଟଣାକୁ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ତରଫରୁ ତୀବ୍ର ନିନ୍ଦା କରିବା ସହିତ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଉର୍ବର ଦୋଫସଲ ଚାଷ ଜମି କମ୍ପାନୀକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ମଞ୍ଚ ପକ୍ଷରୁ ସଭାପତି ଘନଶ୍ୟାମ ମହାନ୍ତ ଓ ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି।

## ■ ରାଇକଳା ପ୍ରିମିୟର ଲିଗ୍ କ୍ରିକେଟ

# ମା' ରଙ୍ଗେଇସୁଣି ଟାଙ୍ଗରାଣୀ ଚାମ୍ପିଅନ

କେନ୍ଦୁଝର,୨୨।୫(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ରାଇକଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମା' ରଙ୍ଗେଇସୁଣି ଟାଙ୍ଗରାଣୀ ଏବଂ ମହାକାଳ ଦଳ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ମହାକାଳ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ୱିକେଟ ହରାଇ ୯୦ ରନ୍ କରିଥିଲା। ରନ୍ ପିଛା କରି ମା' ରଙ୍ଗେଇସୁଣୀ ଟାଙ୍ଗରାଣୀ ଦଳ ୭ ୱିକେଟ ହରାଇ ଶେଷ ଓଭରରେ ୯୦ ରନ୍ କରି ବିଜୟୀ ହୋଇଛି। ସୌମ୍ୟରଞ୍ଜନ ରଣା ଓ ସୁଶାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ। ଧାରାବିବରଣୀ ବୁବୁ ସିଂହ ଦେଇଥିଲେ। ଅଜିତ୍ କୁମାର ମହାନ୍ତ ଓ ବିଗୁଲ୍ ମହାନ୍ତ ସ୍କୋରର ଥିଲେ। ବାପି ଦେଓଗାମ୍ ମ୍ୟାନ ଅଫ ଦ ମ୍ୟାଚ୍ ଓ ମ୍ୟାନ୍ ଅଫଦ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ପୂର୍ବତନ ଉପସଭାପତି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ବରିଷ୍ଠ ବିଜେପି ନେତା ଦ୍ରୁବଚରଣ ବାରିକ୍, ସମ୍ମାନିତ ଅତିଥି ପଳାସପଙ୍ଗା ମଣ୍ଡଳର ସାଧାରଣ ସମ୍ପାଦକ ବଳଭଦ୍ର ମହାନ୍ତ, ରାଇକଳା ପଞ୍ଚାୟତର ବିଜେପି ସଭାପତି ଭରତ ମହାନ୍ତ, ନାଏବ ସରପଞ୍ଚ ହେମଲତା ନାଏକ, ସମାଜସେବୀ ଭରତଚନ୍ଦ୍ର ମାହନ୍ତ ପ୍ରମୁଖ



ଚାମ୍ପିଅନ ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ସଭାପତି ହୃଦୟ ରଞ୍ଜନ ମହାନ୍ତ, ସମ୍ପାଦକ ଜଗଦୀଶ ବାରିକ, ସଦସ୍ୟ ସୁଶୀଲ ନାଏକ, ଅଜିତ ବାରିକ, ଶୁଭ୍ରଜିତ ମହାନ୍ତ, ଅଲେଖ ବାରିକ, ସଞ୍ଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ମଦନପୁର ସଂରକ୍ଷିତ ଜଙ୍ଗଲରୁ ମୋରମ୍ ଚାଲାଣ



ଆନନ୍ଦପୁର, ୨୨।୫ (ସମିସ): ଆନନ୍ଦପୁର ବନବିଭାଗର ମଦନପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ପ୍ରତିଦିନ ମୋରମ ଚୋରା ଚାଲାଣ ହେଉଥିଲେ ମଧ୍ୟ ଖଣି ଓ ରାଜସ୍ୱ ବିଭାଗ ନିରବ ରହିବା ଘଟଣାରେ ସନ୍ଦେହ ପ୍ରକଟ ହୋଇଛି। ରେଙ୍ଗାଲି କେନାଲ ନିର୍ମାଣ ପାଇଁ ଆଜିକୁ ପ୍ରାୟ ୩ ସପ୍ତାହ ହେବ ପ୍ରତିଦିନ ସନ୍ଧ୍ୟା ପରେ ରାତିସାରା ହାଇୱା ଯୋଗେ ଗାଁ ରାସ୍ତାରେ ମୋରମ ଚାଲାଣ ହେଉଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଲେଣି। ରାତିସାରା ମେସିନର ଗର୍ଜନ ଏବଂ ଗାଡ଼ିର ଶବ୍ଦ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ରେଙ୍ଗାଲି ପ୍ରକଳ୍ପର ଅଧିକାରୀମାନେ ଖଣି ବିଭାଗ କିମ୍ବା ରାଜସ୍ୱ ବିଭାଗ ଅନୁମତି ନ ଆଣି ମୋରମ ଉଠାଇ ଅନ୍ୟତ୍ର ଚାଲାଣ କରିବା ନେଇ ଗ୍ରାମର କେତେକ ସଚେତନ ଯୁବକ ଏନେଇ ଆନନ୍ଦପୁର ଡିଏଫଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜଙ୍ଗଲ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସରକାରୀ ଅନୁମତି ତଦାରଖ କରିବା ସହ ମୋରମ ଚାଲାଣ ବନ୍ଦ କରିବାକୁ ତାଗିଦ କରିଥିବା ଜଣାଯାଇଛି। ଏହାକୁ ଠିକାସଂସ୍ଥା ଭ୍ରୁକ୍ଷେପ କରୁ ନଥିବା ଅଭିଯୋଗ ହେଉଛି। ଫଳରେ ମୋରମ ଚାଲାଣ ବଢୁଥିବା ସହ ପାରିପାର୍ଶ୍ୱିକ ଅଶାନ୍ତି ବୃଦ୍ଧି ପାଉଛି।

# ଦିନ ଦ୍ୱିପହରରେ ଲୁଟିଲେ ସୁନାରୁପା ସହ ଅଢ଼େଇ ଲକ୍ଷ ଟଙ୍କା

ବାଲିବନ୍ଧ, ୨୨।୫ (ସମିସ)

ଝୁମ୍ପୁରା ଥାନାଞ୍ଚଳରେ ଦିନ ଦ୍ୱିପହରରେ ଚୋରି ହେଉଛି। ଘରର ତାଲା ଭାଙ୍ଗି ୨୦ ଭରି ସୁନା, ୪ ଶହ ଗ୍ରାମ ରୁପା ସହ ନଗଦ ଅଢେଇ ଲକ୍ଷ ଟଙ୍କା ଲୁଟି ନେଇଥିବା ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଝୁମ୍ପୁରା ଥାନାଞ୍ଚଳ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ରୁଦ୍ରଚରଣ ମହାନ୍ତଙ୍କ ଘରୁ ଚୋରି ହୋଇଥିବା ସୂଚନା ମିଳିଛି। ଘରେ ତାଲା ଲଗାଇ ରୁଦ୍ରଚରଣ ମହାନ୍ତ ସ୍ତ୍ରୀଙ୍କ ସହ ରାଇସୁଆଁସ୍ଥିତ ଶନି ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ଦିନ ୧ଟା ସମୟରେ ଘରକୁ ଫେରିଥିଲେ। ଘରର ପଛ ପଟ ଗେଟର ତାଲା ଭାଙ୍ଗିବା ସହିତ ଘରଗୁଡିକର ତାଲା ଭାଙ୍ଗି ପଡିଛି। ଜିନିଷପାତ୍ର ଏଣେତେଣେ ପଡିଛି। ଏହାସହିତ ଦୁଇଟି ଆଲମାରୀର ଲକର ଭାଙ୍ଗି ଭିତରେ ଥିବା ୨୦ ଭରି ସୁନା, ୪ ଶହ ଗ୍ରାମ ରୁପା ଏବଂ ଅଢେଇ ଲକ୍ଷ ଟଙ୍କା ଦୁର୍ବୃତ୍ତ ନେଇ ଯାଇଥିବା ଜାଣିବାକୁ ପାଇଥିଲେ ରୁଦ୍ରଚରଣ ମହାନ୍ତ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଭାରପ୍ରାପ୍ତ ଥାନାଧିକାରୀ ମାନସ ମହାକୁଲ ସୂଚନା ଦେଇଛନ୍ତି।

# ପ୍ରେମରେ ବିଫଳ; ଯୁବକଙ୍କ ଆତ୍ମହତ୍ୟା



ତୁରୁମୁଙ୍ଗା, ୨୨।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଭାଲିଆଡାଳ ଗ୍ରାମରେ ଶୁକ୍ରବାର ଘଟିଛି ଏଭଳି ଦୁଃଖଦ ଘଟଣା। ପ୍ରେମରେ ବିଫଳ ପରେ ଘର ଭିତରେ ଫ୍ୟାନରେ ଗାମୁଛା ବାନ୍ଧି ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି ଯୁବକ ଜିତେନ୍ଦ୍ର ସାହୁ (୨୫)। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମନମାଳିନ୍ୟ ସୃଷ୍ଟି ହୋଇଥିବା ବେଳେ ଜିତେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ମୃତ ଯୁବକଙ୍କ ହାତରେ ଟାଟୁ ମାଧ୍ୟମରେ ପ୍ରେମିକାଙ୍କ ନାମ ଲେଖାଥିବା ଦେଖିବାକୁ ମିଳିଛି। ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରୁଛି।

# କୁଅ ଭିତରୁ ବୃଦ୍ଧା ଉଦ୍ଧାର



ତୁରୁମୁଙ୍ଗା, ୨୨।୫(ସମିସ): ୩୦ ଫୁଟ ଗଭୀର ପଥର କୂଅ ଭିତରେ ପଡ଼ି ଜୀବନ ସହ ସଂଘର୍ଷ କରୁଥିଲେ ବୃଦ୍ଧା। ପଥରକୁ ଧରି ଦୀର୍ଘ ସମୟ ଝୁଲି ରହିବା ପରେ ଅଗ୍ନିଶମ ବାହିନୀ କରିଛନ୍ତି। ବୃଦ୍ଧା ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମର ଶାସନ ସାହିର ବାମ ରାଉତଙ୍କ ପତ୍ନୀ ନିରୁପମା (୬୫)। ଶୁକ୍ରବାର ସକାଳେ ଅସାବଧାନତାବଶତଃ ପ୍ରାୟ୩୦ଫୁଟଗଭୀରପଥରକୂଅଭିତରେଖସିପଡ଼ିଥିଲେ। ପରେ ସେ ପଥରକୁ ଧରି ଜୀବନ ବଞ୍ଚାଇବା ପାଇଁ ଝୁଲି ରହିଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଦୀର୍ଘ ସମୟର ଉଦ୍ଧାର କାର୍ଯ୍ୟ ପରେ ବୃଦ୍ଧାଙ୍କୁ ସୁରକ୍ଷିତ ଭାବେ କୁଅଭିତରୁ ବାହାର କରାଯାଇ ରାଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଗ୍ନିଶମ ବାହିନୀର ଏହି ସାହସିକ ଉଦ୍ଧାର କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଆନନ୍ଦପୁର, ୨୨।୫ (ସମିସ): ଜାଳକାଠ ସଂଗ୍ରହ କରିବାକୁ ସ୍ଥାନୀୟ ଜଙ୍ଗଲକୁ ଯାଇଥିବା କୁମୁଣିଆ ଗ୍ରାମର ଗଙ୍ଗାଧର ନାଇକ (୬୨)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଯାଇଛି। ମୃତ ଗଙ୍ଗାଧର ଗତ ଗୁରୁବାର ଦିନ ପ୍ରାୟ ୧୦ଟା ସମୟରେ ପଥରକୁଣ୍ଡିର ବାଘଦଫା ଜଙ୍ଗଲକୁ ଜାଳ କାଠ ସଂଗ୍ରହ କରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନଥିଲେ। ପରିବାର ଲୋକେ ଆଜି ଖୋଜାଖୋଜି କରୁଥିବା ବେଳେ ସ୍ଥାନୀୟ ମାଝୀ ସାହି ନିକଟରେ ମୃତଦେହ ଠାବ ହୋଇଥିଲା। ଖବର ପାଇ ଘସିପୁରା ପୁଲିସ ମୃତଦେହକୁ ଜବତ କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରୁଥିବା ଜଣାଯାଇଛି।

# ଅବସରପ୍ରାପ୍ତ ଜିପିଓଙ୍କ ପରଲୋକ



ଆନନ୍ଦପୁର, ୨୨।୫ (ସମିସ): ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ପଡ଼ିଆପାଳ ଗ୍ରାମର ଅବସରପ୍ରାପ୍ତ ଜିପିଓ ଦୁର୍ଯ୍ୟୋଧନ ରାଉତ (୯୬)ଙ୍କର ପରଲୋକ ହୋଇଯାଇଛି। ଆଜି ସକାଳେ ସେ ହଠାତ ଅସୁସ୍ଥ ହୋଇପଡିବା ପରେ ନିଜ ବାସଭବନରେ ଦେହାନ୍ତ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ପ୍ରଦୀପ ରାଉତ, ପୂର୍ଣଚନ୍ଦ୍ର ରାଉତ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ଆଖପାଖରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ପୂର୍ଣ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ରେ ଗ୍ରାମ ରେ ଶୋକ ପ୍ରକାଶ ପାଇଛି।

# ପାଠାଗାର ଲୋକାର୍ପିତ



ତେଲକୋଇ, ୨୨।୫(ସମିସ): ତେଲକୋଇସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମିତ ପାଠାଗାର କେନ୍ଦ୍ରର ଲୋକାର୍ପଣ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ଼ ଫକିର ମୋହନ ନାଏକ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ନାଏକ ସାମ୍ବାଦିକଙ୍କ ସହିତ ତେଲକୋଇ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା, ଗମନା ଗମନର ସୁବ୍ୟବସ୍ଥା, ସବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ଓ ଅଘୋଷିତ ବିଦ୍ୟୁତ୍ କାଟ ଆଦି ସମସ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍ ସଭାପତି କୈଳାଶଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ।

# ଫକୀରପୁର ନଦୀପଠାରୁ ବାଲି ଚୋରାଚାଲାଣ



ଆନନ୍ଦପୁର, ୨୨।୫(ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରଠାରେ ବୈତରଣୀ ନଦୀ ପଠାରୁ ରାତିତମାମ ବେଧଡକ ବାଲି ଟ୍ରାକ୍ଟର ଯୋଗେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ବୈତରଣୀ ନଦୀର ଫକୀରପୁରର ବିଭିନ୍ନ ଘାଟର ନଦୀପଠାରୁ ବାଲି ଉତ୍ତୋଳନ କରି ନଦୀବନ୍ଧ କଡରେ ଗଚ୍ଛିତ ରଖୁଛନ୍ତି। ପରେ ନିଜ ସୁବିଧାରେ ମଧ୍ୟରାତ୍ରରେ ଏହି ବାଲିକୁ ଟ୍ରାକ୍ଟର ଯୋଗେ ଚାଲାଣ କରୁଛନ୍ତି। ଏହି ପ୍ରକ୍ରିୟା ବର୍ଷ ବର୍ଷ ଧରି ଚାଲି ଆସୁଥିବା ବେଳେ ଖଣି ବିଭାଗ କିମ୍ବା ସ୍ଥାନୀୟ ପୁଲିସ ସକ୍ରିୟ ନଥିବାରୁ ଏହା ମାଫିଆଙ୍କୁ ସୁହାଉଛି। ସମ୍ପୃକ୍ତ ବାଲି ଚୋରା ଚାଲାଣ ଘଟଣା ବିଷୟରେ ଖଣି ଅଧିକାରୀ ତାରିଣୀ ସିଂଙ୍କୁ ପଚାରିବାରୁ ସେ ଅବଗତ ନଥିବା ପ୍ରକାଶ କରିଛନ୍ତି। କିଛି ଦିନ ହେବ ଉପଖଣ୍ଡର ବିଭିନ୍ନ ଚୋରା ବାଲି ଘାଟରେ ମାଫିଆଙ୍କ ଉପରେ ଆତର୍କିତ ଚଢ଼ଉ ସେମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଥିବା ବେଳେ ଫକୀରପୁରଠାରେ ବାଲି କାରବାର ପ୍ରତି ପ୍ରଶାସନର ଏଭଳି ନିଷ୍କ୍ରିୟତାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି।

## ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

# 'ଅପାରଗ ସରକାର' ଉପରେ ବର୍ଷିଲେ ବରିଷ୍ଠ ନେତାନେତ୍ରୀ

ହାଟଡ଼ିହୀ,୨୨।୫(ସମିସ)




ବିଜେପି ସରକାର ମହିଳାଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ। ଏଭଳି ଅଭିଯୋଗ ଆଣି ବିଜେଡି ପକ୍ଷରୁ ଏକ ପ୍ରତିବାଦ ସମାବେଶ ଏବଂ ନାରୀ ଅଧିକାରୀ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ନେତୃତ୍ୱରେ ପ୍ରାୟ ୧୦ ହଜାର ମହିଳା ଏକ ବିଶାଳ ପଦଯାତ୍ରାରେ ସାମିଲ ହୋଇଥିଲେ। ଛେନାପଦିସ୍ଥିତ ବିଶ୍ୱତାରିଣୀ ମନ୍ଦିର ନିକଟରୁ ବାହାରି ହାଟଡ଼ିହୀ ବ୍ଲକ ନିକଟରେ ପହଞ୍ଚିଲା ପରେ। ଏକ ସଭାରେ ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ କମଳିନୀ ପାତ୍ର, ବରିଷ୍ଠ ନେତ୍ରୀ ମୀନା ମାଝୀ, ଆନନ୍ଦପୁର ପୌରଧ୍ୟକ୍ଷା ରଜନୀରାଣୀ ଖଟୁଆ, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସୁକାନ୍ତି ଜେନା, ସରପଞ୍ଚ ମନୀଷା ରାଣୀ ସା, ସସ୍ମିତା ମହାପାତ୍ର, ମହିଳା ଗୋଷ୍ଠୀ ସଂଯୋଜିକା ସାବିତ୍ରୀ ସା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ଆନନ୍ଦପୁର ବିଧାୟକ ମାୟାଧର ଜେନା, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ବିଜେଡ଼ି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ ରାମ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ପୂର୍ବତନ ଜିଲ୍ଲା ବିଜେଡ଼ି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳ, ଯୁବ ବିଜେଡ଼ି ଜିଲ୍ଲା ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ବିଜେଡ଼ି ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ରଣା, ବରିଷ୍ଠ ବିଜେଡ଼ି ନେତା ଗୋପାଳ ନାୟକ, ମାର୍କଣ୍ଡ ଓଝା, ଯୁବ ବିଜେଡ଼ି ନେତା ଦେବପ୍ରିୟ ପାତ୍ର, ଚିନ୍ମୟ ନାୟକଙ୍କ ସମେତ ବିମଳ ଜେନା, ସରପଞ୍ଚ ଅଜିତ ରାଉତ, ଜଗବନ୍ଧୁ କାଣ୍ଡି, ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ଜେନା, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ମହିଳା ପ୍ରଭାରୀ କାମପାଳ ନାୟକ, ବିଶ୍ୱନାଥ ନାୟକ, ରୁଦ୍ରନାରାୟଣ ଜେନା ପ୍ରମୁଖ ସାମିଲ ଥିଲେ। ବିଜେପି ସରକାର ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା ଦିଗରେ ଅପରାଗ ବୋଲି ନେତୃବୃନ୍ଦ ବର୍ଷିଥିଲେ। ବିଜେପି ସରକାର ଏଥିପ୍ରତି ତୁରନ୍ତ ଗୁରୁତ୍ୱ ନଦେଲେ ଆଗାମୀ ଦିନରେ ବିକ୍ଷୋଭ ତୀବ୍ରତର ହେବ ବୋଲି ନାରୀନେତ୍ରୀ ଲେଖାଶ୍ରୀ କଡ଼ା ଚେତାବନୀ ଦେଇଛନ୍ତି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମହିଳାଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଦେଇଥିଲେ। ନାରୀମାନଙ୍କ ପ୍ରତି ବିଜେପି ସରକାରର ବୈମାତୃକ ମନୋଭାବକୁ ନେଇ ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୁଭଦ୍ରା ଯୋଜନା ସହ ହାଣ୍ଡିଶାଳ କଷ୍ଟକୁ ନେଇ ନାରୀମାନେ ନାନାଦି ପ୍ରକାରର ନିର୍ଯାତିତ ହେଉଥିବା ନେଇ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାର ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଶତ୍ରୁଘ୍ନ ପାତ୍ର, ନରହରି ପାତ୍ର, ବିକ୍ରମ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ, ଅଜୟ ସା, ଉଦୟନାଥ ସା, ବିଶ୍ୱନାଥ ଖଟୁଆ, ଜୀବନ ଜେନା, ନିରଞ୍ଜନ ମହାପାତ୍ର, ସୁଶାନ୍ତ ମହାପାତ୍ର, ବସନ୍ତ ପଡ଼ିଆରୀ, ଅତୁଲ ବେହେରା, ପ୍ରଶାନ୍ତ ନାୟକ, ସୁଧାଂଶୁ ନାୟକ, ସ୍ନେହାଂଶୁ ନାୟକ ତ୍ରୈଲୋକ୍ୟ ସାହୁ, ଅଭିଜିତ ସେନାପତି, ଦିଲ୍ଲୀପ ମଲ୍ଲିକ, ରବିନ୍ଦ୍ର ପାଢ଼ୀ, ମନୋରଞ୍ଜନ ପଣ୍ଡା, ଅରୂପ ସା, ନିର୍ମଳ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ସାଲେପୁର ଥାନାରେ ଇଦ୍ ପ୍ରସ୍ତୁତି




ସାଲେପୁର, ୨୨।୫(ସମିସ): ଆଗାମୀ ଇଦୁଜୁହା ପର୍ବକୁ ସାଲେପୁର ସହର ତଥା ଆଖପାଖ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଓ ପାରସ୍ପରିକ ଭାଇଚାରା ମଧ୍ୟରେ ପାଳନ କରିବା ନିମନ୍ତେ ସାଲେପୁର ଆଦର୍ଶ ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଲେପୁର ଏବଂ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ବିଶିଷ୍ଟ ମୁରବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପୁଲିସ ପକ୍ଷରୁ ପାର୍ବଣ ସମୟରେ କଡ଼ା ନଜର ରଖାଯିବ ଏବଂ କୌଣସି ଜରୁରିକାଳୀନ ପରିସ୍ଥିତି ବା ସମସ୍ୟା ଉପୁଜିଲେ ତୁରନ୍ତ ସହାୟତା ନମ୍ବର '୧୧୨' କୁ କଲ୍ କରି ଜଣାଇବାକୁ ପୁଲିସ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଉକ୍ତ ବୈଠକରେ ବହୁଗ୍ରାମ, ନାଦୋଳ, ସଉରି, ବାଲିସାହି, ବାରିଗୋଳ, ପିକୋଳ, ମିର୍ଜାପୁର, ଛାଣିପୁର, କୋଲଣପୁର ଏବଂ ରାଇସୁଙ୍ଗୁଡ଼ା ସମେତ ବିଭିନ୍ନ ସ୍ଥାନୀୟ ଅଞ୍ଚଳର ମୁସଲିମ୍ ସମ୍ପ୍ରଦାୟର ମୁରବୀମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

## ଶଶୁର ଘରେ ଯୁବକଙ୍କ ଆତ୍ମହତ୍ୟା

ସାଲେପୁର, ୨୨।୫(ସମିସ): ପାରିବାରିକ ଅଶାନ୍ତି କାରଣରୁ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ନେମାଳ ଥାନା ଅରେଇ ଗ୍ରାମର ଶରତ କୁମାର ଜେନା (୪୨)। ସେ ସାଲେପୁର ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ଥିବା ନିଜ ଶଶୁର ଘରେ ରହୁଥିଲେ। ଆଜି ସନ୍ଧ୍ୟାରେ ଶରତ ନିଜ ଘର କବାଟ ଭିତର ପଟୁ ବନ୍ଦ କରି ତାଜାରେ ଲାଗିଥିବା ଲୁହା ରଡ୍ ସାହାଯ୍ୟରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ଶଶୁର ଘର ଲୋକେ ସ୍କାଇଲାଇଟ୍ ଭାଙ୍ଗି ଭିତରକୁ ପଶିଥିଲେ। ଜପକୁଦ ଫାଣ୍ଡି ପୁଲିସମୃତଦେହ ଜବତ କରିବା ସହ ଆସନ୍ତାକାଲି ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ଜଣାଇଛି।

### ଯନ୍ତ୍ରୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ଅଟକିଛି ମାହାଙ୍ଗାର ବିକାଶ !

# ଖର୍ଚ୍ଚ ନ ହୋଇ ପଡ଼ିରହିଛି ୩୭ କୋଟି

**ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଧ୍ୟକ୍ଷାଙ୍କ ଲିଖିତ ଅଭିଯୋଗ**

ଭଦ୍ରେଶ୍ୱର, ୨୨।୫(ସମିସ)

ମାହାଙ୍ଗା ବ୍ଲକରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଷଡ଼ଯନ୍ତ୍ର ଯୋଗୁଁ ବ୍ଲକର ପ୍ରାୟ ୩୭ କୋଟି ଟଙ୍କାର ସରକାରୀ ଅନୁଦାନ ବିନିଯୋଗ ନ ହୋଇ ପଡ଼ିରହିଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲିକ ଏ ନେଇ ସିଧାସଳଖ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଅଧ୍ୟକ୍ଷାଙ୍କ ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟମାନେ ମଧ୍ୟ ଏହି ପ୍ରଶାସନିକ ଅଚଳାବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟରେ ସରକାର ଏବଂ ମାହାଙ୍ଗାରେ ବିଧାୟକ ବଦଳିବା ପରେ ଅଞ୍ଚଳବାସୀ ବିକାଶ ତ୍ୱରାନ୍ୱିତ ହେବାର ଆଶା ରଖିଥିଲେ, ମାତ୍ର ବର୍ତ୍ତମାନ ସାଧାରଣ ଲୋକେ ପୂର୍ବ ଅପେକ୍ଷା ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳର ସମନ୍ୱିତ ବିକାଶ ପାଇଁ ଉଦ୍ଦିଷ୍ଟ ପଞ୍ଚାୟତ ସମିତିରେ ଏକପ୍ରକାର ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି କରାଯାଇଛି।

ସୂଚନାଯୋଗ୍ୟ ଯେ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ପକ୍ଷରୁ ଏହି ୩୭ କୋଟି ଟଙ୍କା ଆସିଛି। ଗ୍ରାମସଭା ଓ ପଲ୍ଲୀସଭା ଜରିଆରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ମୁତାବକ ରାସ୍ତାଘାଟ ଓ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ ସରିଛି ଏବଂ ସରକାରୀ ଆକାଉଣ୍ଟରେ ଅର୍ଥ ମଧ୍ୟ ମହଜୁଦ ରହିଛି। ମାତ୍ର କେଉଁ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ କାର୍ଯ୍ୟ କରୁଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜନୈତିକ ଚାପରେ ଆସି ଉଦ୍ଦେଶ୍ୟମୂଳକ ଭାବେ ଏହି ପ୍ରକଳ୍ପଗୁଡ଼ିକର ଏଷ୍ଟିମେଟ୍ ପ୍ରସ୍ତୁତ କରୁନାହାନ୍ତି କିମ୍ବା ଉନ୍ନୟନ କାର୍ଯ୍ୟ ନ କରିବା ପାଇଁ ପ୍ରଭାବିତ କରୁଛନ୍ତି, ତାହା ଏବେ ବଡ଼ ତଦନ୍ତ ସାପେକ୍ଷ ବୋଲି ଶ୍ରୀମତୀ ମଲିକ ପ୍ରକାଶ କରିଛନ୍ତି। ଏହି ବୈଷୟିକ ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟ ବିରୋଧରେ ପୂର୍ବରୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହି ପ୍ରଶାସନିକ ସମସ୍ୟାର ତୁରନ୍ତ ସମାଧାନ ଏବଂ ଉନ୍ନୟନ କାର୍ଯ୍ୟକୁ ଆଗକୁ ବଢ଼ାଇବା ପାଇଁ ଅଧ୍ୟକ୍ଷା ଶ୍ରୀମତୀ ମଲିକ ଭାରତର ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରି ପ୍ରତିକାର ଦାବି କରିଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ସାଲେପୁର, ୨୨।୫(ସମିସ): ସାଲେପୁର ଥାନା ଛକ ନିକଟରେ ଏକ ଦ୍ରୁତଗାମୀ ୧୨ ଚକିଆ ଟ୍ରକ୍ ଧକ୍କାରେ ଜଣେ ମୋଟର ସାଇକଲ ଆରୋହୀ ଯୁବକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣକ ହେଲେ ଶିଶୁଆ ଜାହାଙ୍ଗିରାବାଦ ଗ୍ରାମର ଦିବ୍ୟଜ୍ୟୋତି ଚାନ୍ଦ (୨୫)। ସେ ସାଲେପୁରର ଏକ ଘରୋଇ ଡେଣ୍ଟାଲ କ୍ଲିନିକରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ରାତି ପ୍ରାୟ ୮ଟା ସମୟରେ ଦିବ୍ୟଜ୍ୟୋତି ବାଇକ୍ ଯୋଗେ ସାଲେପୁର ବଜାରକୁ ଆସୁଥିଲେ। ଏହି ସମୟରେ କେନ୍ଦ୍ରାପଡ଼ା ପଟୁ ଅତି ଦ୍ରୁତଗତିରେ ଆସୁଥିବା ଏକ ୧୨ ଚକିଆ ଟ୍ରକ୍ (ଓଡି-୦୯ କେ - ୫୯୦୦) ତାଙ୍କୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି। ସାଲେପୁର ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିବା ବେଳେ ଫେରାର ଥିବା ଚାଳକକୁ ଗିରଫ କରିବା ପାଇଁ ତଦନ୍ତ ଚଳାଇଛି।

## ଅସୁରେଶ୍ୱର ଚଉଦ ମହଲାର ସାଧାରଣ ବୈଠକ

**● ୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ**

ନିଶ୍ଚିନ୍ତକୋଇଲି, ୨୨।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଚଉଦ ମହଲାର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଶୁକରପଡ଼ା ପଞ୍ଚାୟତର ଆଜମ ମହଲା ମସଜିଦ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସେକ୍ ମହମ୍ମଦ ଇଦ୍ରିଶଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ୧୪ଟି ଅନୁବନ୍ଧିତ ବସ୍ତିର ସର୍ଦ୍ଦାର, ନାୟବ ସର୍ଦ୍ଦାର ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଆଗାମୀ ୫ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ଚଉଦ ମହଲାର ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଛି। ସୁକରପଡ଼ାର କଲାମଉଦ୍ଦିନ ଖାଁଙ୍କୁ ସଭାପତି, ସବଳଙ୍ଗର ମହମ୍ମଦ ସାୟର ଖାଁଙ୍କୁ ଉପସଭାପତି, ସୁକରପଡ଼ାର ସେକ୍ ମହମ୍ମଦ ଇଦ୍ରିସଙ୍କୁ ସମ୍ପାଦକ, ପାଇକରାପୁରର ସେକ୍ ସଲାମଙ୍କୁ ସହସମ୍ପାଦକ, ରିସାଳୋର ସେକ୍ ସୌକତ ଅଲୀଙ୍କୁ କୋଷାଧ୍ୟକ୍ଷ ଏବଂ ସେକ୍ ଅବଦୁଲ କରିମ୍‌ଙ୍କୁ ସଂଯୋଜକ ଭାବେ ନିର୍ବାଚିତ କରାଯାଇଛି। ନସିରୁଦ୍ଦିନ ଖାଁ, ସେକ୍ ଲ୍ୟାକତ ଅଲୀ, ସାଦିକ୍ ଖାଁ, ସେକ୍ ରକିବ୍ ଓ ସେକ୍ ଅନିସଙ୍କୁ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ସାମିଲ କରାଯାଇଛି। ଆସନ୍ତା ୨୮ ତାରିଖ ଜୁଲିକିପଡ଼ା ଇଦ୍‌ଗାଠାରେ ନୂତନ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଇଦ୍-ଉଲ୍-ଜୁହାର ନମାଜ ପାଠ ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

## ଲକ୍ଷେଶ୍ୱର ମହିଳା ମହାବିଦ୍ୟାଳୟର ସଫଳତା

ଫୁଲନଖରା, ୨୨।୫(ସମିସ): ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ ଯୁକ୍ତ ୨କଳାରେ ଛାତ୍ରୀମାନଙ୍କର ସଫଳତା ବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଛି। ଚଳିତ ବର୍ଷ ସର୍ବମୋଟ ୮୮ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୦ଜଣ ପ୍ରଥମ ଶ୍ରେଣୀରେ, ୨୦ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ସୌଦାମିନୀ ନାଥ ୫୨୮ ନମ୍ବର ରଖି ପ୍ରଥମ, ସୋନାଲିକା ସାମଲ ୫୦୫ ନମ୍ବର ରଖି ଦ୍ୱିତୀୟ ଏବଂ ପାୟଲ ସାହୁ ୪୮୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀମାନଙ୍କର ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାଧୀନଚେତା ମହାନ୍ତି, ଅଧ୍ୟକ୍ଷା ଯଶୋଧାରା ମହାପାତ୍ର, ଇତିଶ୍ରୀ ମହାନ୍ତି, ରେଣୁପ୍ରିୟା ପଣ୍ଡା, ଅନସୂୟା ଆଚାର୍ଯ୍ୟ, ପ୍ରତିଭା ପଟ୍ଟନାୟକ, ଆଶାଲତା ପ୍ରଧାନ, ଅନୀତା ପ୍ରଧାନ ପ୍ରମୁଖ ଅଧ୍ୟାପିକାମାନେ କୃତି ଛାତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।

## କୋଚିଂ ସେଣ୍ଟରର ଶତପ୍ରତିଶତ ସଫଳତା

ନିଶ୍ଚିନ୍ତକୋଇଲି, ୨୨।୫(ସମିସ): ନିଶ୍ଚିନ୍ତକୋଇଲିସ୍ଥିତ 'ଏକ୍ସିଲେଣ୍ଟ କୋଚିଂ ସେଣ୍ଟର' ପକ୍ଷରୁ +୨ ବିଜ୍ଞାନ ଓ କଳା ବିଭାଗର କୃତୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପ୍ରହ୍ଲାଦ ମହାବିଦ୍ୟାଳୟର +୨ ବିଜ୍ଞାନ ପରୀକ୍ଷାରେ ୫୩୦ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ନିବେଦିତା ବେହେରା ଏବଂ ୫୦୨ ନମ୍ବର ସହ ଦ୍ୱିତୀୟ ସ୍ଥାନରେ ଥିବା ଜୟଶ୍ରୀ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ତତ୍ତ୍ୱାବଧାରକ ଦେବେନ୍ଦ୍ର ଲେଙ୍କାଙ୍କ ସୂଚନା ଅନୁଯାୟୀ, କୋଚିଂ ସେଣ୍ଟରରୁ ବିଜ୍ଞାନ ବିଭାଗରେ ୩୬ ଜଣଙ୍କ ମଧ୍ୟରୁ ୩୦ ଜଣ ପ୍ରଥମ ଶ୍ରେଣୀରେ ଏବଂ କଳା ବିଭାଗରେ ୮୦ ଜଣଙ୍କ ମଧ୍ୟରୁ ୪୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ଫଳାଫଳ ମିଳିଛି। ଶିକ୍ଷାବିତ୍ ଅଶୋକ ସ୍ୱାଇଁ, ଲକ୍ଷ୍ମୀଧର ଶୁକ୍ଳା ଓ ସଚ୍ଚିଦାନନ୍ଦ ଲେଙ୍କାଙ୍କ ସମେତ ଅନ୍ୟ ଅତିଥି ଓ ଅଧ୍ୟାପକ କୃତୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




## ଅଘୋଷିତ ବିଦ୍ୟୁତ୍ କାଟ୍; ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନତା

ଚୌଦ୍ୱାର, ୨୨।୫(ସମିସ): ଚୌଦ୍ୱାର ଅଞ୍ଚଳରେ ଦିନକୁ ଦିନ ଅଘୋଷିତ ଓ ଘନଘନ ବିଦ୍ୟୁତ୍ କାଟ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ ମଧ୍ୟ ଚୌଦ୍ୱାରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳି ମଧ୍ୟରେ ବାରମ୍ବାର ବିଜୁଳି କାଟ ଯୋଗୁଁ କୋମଳମତି ଶିଶୁଙ୍କଠାରୁ ଆରମ୍ଭ କରି ସମଗ୍ର ଜନଜୀବନ ଅତିଷ୍ଠ ହୋଇପଡ଼ିଛି। ସାମାନ୍ୟ ମେଘ ବା ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରିଦିଆଯାଉଥିବାରୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ବିତରଣକାରୀ ସଂସ୍ଥା 'ଟାଟା ପାୱାର' ପ୍ରତିମାସରେ ମରାମତି ନାମରେ ଦିନ ଦିନ ଧରି ବିଜୁଳି କାଟ କରୁଥିଲେ ମଧ୍ୟ ସମସ୍ୟାର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ବିଦ୍ୟୁତ୍ ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ କମ୍ପାନୀ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେବା ପ୍ରଦାନ ପ୍ରତି ଧ୍ୟାନ ନ ଦେଇ କମ୍ପାନୀର ଉଚ୍ଚପଦାଧିକାରୀ ଓ କର୍ମଚାରୀମାନେ କେବଳ ବକେୟା ବିଲ୍ ଆଦାୟ ଏବଂ ସ୍ମାର୍ଟ ମିଟର ବସାଇବା କାର୍ଯ୍ୟରେ ଅତ୍ୟଧିକ ବ୍ୟସ୍ତ ରହୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ସୁଭଦ୍ରା ମହତାବ୍ କଲେଜରେ 'ଶକ୍ତିଶ୍ରୀ' କର୍ମଶାଳା

ନିଶ୍ଚିନ୍ତକୋଇଲି, ୨୨।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ୍ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ 'ଶକ୍ତିଶ୍ରୀ' ଯୋଜନାର ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସ୍ୱତନ୍ତ୍ର କର୍ମଶାଳାରେ କଲେଜ ଅଧ୍ୟକ୍ଷା ପ୍ରଫେସର ସୁପ୍ରଭା ପରିଡ଼ା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ମନମୋହନ ଖଟୁଆ, ରଜନୀକାନ୍ତ ପଣ୍ଡା, ଅଧ୍ୟାପିକା ସୂର୍ଯ୍ୟକାନ୍ତୀ ବେହେରା, ସ୍ୱାତି ସୁଚରିତା, ଚାନ୍ଦିନୀ ଦଳାଇ, ରାମେଶ୍ୱରୀ ମହତାବ, ଦୀପିକା ଜେନା ଏବଂ ତନୁଶ୍ରୀ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଯୋଜନାର ସଂଯୋଜିକା ଡକ୍ଟର କବିତା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏହି କର୍ମଶାଳାରେ କଲେଜର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସ୍ୱାତୀ ସୁଚରିତା ଧନ୍ୟବାଦ ଅର୍ପଣ କରିଥିଲେ।




## ସଫାରେ ବିଜେଡିର ସାଙ୍ଗଠନିକ ବୈଠକ



ଟାଙ୍ଗୀ, ୨୨।୫(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତରେ ବିଜୁ ଜନତା ଦଳର ସାଂଗଠନିକ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ ଓ ସମିତିସଭ୍ୟ ଜିତେନ୍ଦ୍ର ବଦ୍ରା ପ୍ରମୁଖ ବିଜେଡିକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ

ତିଗିରିଆ, ୨୨।୫(ସମିସ): ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ତଥା ନୂଆପାଟଣା ପଞ୍ଚାୟତର ସରପଞ୍ଚ ସୋମନାଥ ଦାସଙ୍କ ପୌରୋହିତ୍ୟରେ ପାଞ୍ଚଗାଁ ପଞ୍ଚାୟତର ନୂଆସଡ଼କସ୍ଥିତ ମୁଣ୍ଡିପାଗୁଳି ମୁଣ୍ଡିଆରେ ଥିବା ଶ୍ରୀ ବାଳମୁକୁନ୍ଦ ଜୀଉଙ୍କ ପୀଠ ପରିସରରେ ଏହି ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ କର୍ମକର୍ତ୍ତା ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଗିରିଜା ପ୍ରସାଦ ପଟ୍ଟନାୟକ, ମେହବୁବ ଅହମ୍ମଦ ଖାଁ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ଯୁବନେତା ନରେଶ ମହାପାତ୍ର, ସର୍ବେଶ୍ୱର ବେହେରା, ଭରତ ସାହୁ, କେଶବ ନାୟକ, ରମେଶ ରାଉତ, ତପନ ସ୍ୱାଇଁ, ନିରଞ୍ଜନ ସାମଲ ଓ ବିଜୟ ସ୍ୱାଇଁଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।



## +୨ ପରୀକ୍ଷାରେ ଚୌଦ୍ୱାର କଲେଜର ସଫଳତା

**● ବିଜ୍ଞାନ ଓ ବାଣିଜ୍ୟରେ ୯୬ ପ୍ରତିଶତ ଏବଂ କଳାରେ ୯୫ ପ୍ରତିଶତ ପାସ୍ ହାର**

ଚୌଦ୍ୱାର, ୨୨।୫(ସମିସ): ଚଳିତ ବର୍ଷ ପ୍ରକାଶିତ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷାରେ ଚୌଦ୍ୱାର କଲେଜର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପାସ୍ ହାର ୯୬ ପ୍ରତିଶତ ରେକର୍ଡ କରାଯାଇଥିବା ବେଳେ କଳା ବିଭାଗରେ ଏହି ହାର ୯୫ ପ୍ରତିଶତ ରହିଛି। ବିଜ୍ଞାନର ୯୭ ଜଣ ଛାତ୍ରଛାତ୍ରୀ (୭୫ ପ୍ରତିଶତ), ବାଣିଜ୍ୟର ୩୨ ଜଣ (୫୯ ପ୍ରତିଶତ) ଏବଂ କଳା ବିଭାଗର ୬୩ ଜଣ ପ୍ରଥମ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ସହିତ କଲେଜର ଶିକ୍ଷାଗତ ମାନକୁ ଆହୁରି ଦୃଢ଼ କରି ବିଜ୍ଞାନ ବିଭାଗର ୫ ଜଣ ଏବଂ ବାଣିଜ୍ୟ ବିଭାଗର ୨ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ପ୍ରଶଂସନୀୟ କୃତିତ୍ୱ ହାସଲ କରିଛନ୍ତି। କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

### ତିଗିରିଆ ପଞ୍ଚାୟତ ସମିତିର ୧୦ମ ବୈଠକ

# ଗ୍ରୀଷ୍ମ ମୁକାବିଲା ଓ ବିପିଡିପି ଯୋଜନା ଉପରେ ଆଲୋଚନା

ତିଗିରିଆ, ୨୨।୫(ସମିସ)




ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଠଗଡ଼-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମିତିର ୧୦ମ ସାଧାରଣ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ବିଡ଼ିଓ ସଂଗ୍ରାମ କେଶରୀ ଭୋଳ, ଏବିଡ଼ିଓ ଯାଜ୍ଞସେନୀ ଗୋଛାୟତଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଚଳିତ ବର୍ଷର ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହର ସଫଳ ମୁକାବିଲା, ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ଜଳଛତ୍ର ପ୍ରତିଷ୍ଠା ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏହାସହିତ ବନ ବିଭାଗ ଓ ଉଦ୍ୟାନ ବିଭାଗର ବନୀକରଣ ଯୋଜନାର ସମୀକ୍ଷା କରାଯିବା ସହ ଗ୍ରାମୀଣ ଆବାସ ଯୋଜନା ଓ ଅନ୍ତୋଦୟ ଯୋଜନା ଅଧୀନରେ ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ 'ବିପିଡ଼ିପି'କୁ ଅନୁମୋଦନ ଦିଆଯାଇଥିଲା। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଆଭିମୁଖ୍ୟକୁ ନେଇ ବ୍ଲକର ସମସ୍ତ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ଏହି ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାବିତ୍ରୀ ଦେବୀ କଲେଜର ଶତପ୍ରତିଶତ ସଫଳତା

ସାଲେପୁର, ୨୨।୫(ସମିସ): ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସାଲେପୁରର ପ୍ରମୁଖ ଶିକ୍ଷାନୁଷ୍ଠାନ ସାବିତ୍ରୀ ଦେବୀ କଲେଜ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ଅଭୂତପୂର୍ବ ସଫଳତା ଉପଲକ୍ଷେ ଆଜି କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନର ପ୍ରତିଷ୍ଠାତା ଉମାକାନ୍ତ ଓଝାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି କଲେଜର ମୋଟ ୪୦୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୨ ଜଣ ପ୍ରଥମ ଶ୍ରେଣୀରେ ଏବଂ ୭୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୩ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୪୭ ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନ ବିଭାଗରେ ୫୮୪ ନମ୍ବର ରଖି ଆଲୋକ ଦାସ କଲେଜରେ ପ୍ରଥମ, ସୌମ୍ୟ ଦାସ (୫୭୮ ନମ୍ବର) ଦ୍ୱିତୀୟ ଏବଂ ଦିବ୍ୟଜିତ୍ ମଲ୍ଲ (୫୬୫ ନମ୍ବର) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ କଲେଜ ଟପ୍ପର ଆଲୋକଙ୍କ ସମେତ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତି, ଯୁକ୍ତ ତିନି କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ଖୁଣ୍ଟିଆଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



## ସୋଗରରେ ଯୁବକଙ୍କୁ ହତ୍ୟା ଘଟଣା: ୪ ଗିରଫ



କାମାକ୍ଷାନଗର, ୨୨।୫(ସମିସ): ଗତ ୨୦ ତାରିଖ ଦିନ ତୁମୁସିଙ୍ଗା ଥାନା ସୋଗର ଗ୍ରାମରେ ନରୋତ୍ତମ ମହାରଣା ନାମକ ଯୁବକଙ୍କ ମୃତଦେହ ଘର ନିକଟରେ ଠାବ ହୋଇଥିଲା। ଯୁବକ ଜଣଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ତୁମୁସିଙ୍ଗା ଥାନାରେ ମାମଲା ହୋଇଥିଲା। ତେବେ ହତ୍ୟାକାଣ୍ଡର ୨ଦିନ ମଧ୍ୟରେ ଏହା ଉପରୁ ପରଦା ହଟିଛି। ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ତୁମୁସିଙ୍ଗା ପୁଲିସ। ପରକିୟା ପ୍ରୀତିକୁ ନେଇ ନରୋତ୍ତମଙ୍କୁ ହତ୍ୟା କରାଯାଇଥିବା ସୂଚନା ଦେଇଛନ୍ତି ତୁମୁସିଙ୍ଗା ଥାନା ଅଧିକାରିଣୀ। ଅଭିଯୁକ୍ତମାନେ ଗୋଟିଏ ପରିବାରର ହୋଇଥିବା ବେଳେ ସମ୍ପୃକ୍ତ ମହିଳା, ତାଙ୍କ ସ୍ୱାମୀ ଓ ଦୁଇ ଦିଅରଙ୍କୁ କୋର୍ଟଚାଲାଣ କରିଛି ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସୋଗର ଗ୍ରାମର ସବିତା ବାରିକ, ତାଙ୍କ ସ୍ୱାମୀ ଅନିରୁଦ୍ଧ ବାରିକ ଓ ଦୁଇ ଦିଅର ଅକ୍ଷୟ ବାରିକ ଓ ଅଭିରାମ ବାରିକ। ନରୋତ୍ତମଙ୍କ ସମ୍ପୃକ୍ତ ମହିଳାଙ୍କ ସହିତ ୪ବର୍ଷ ଧରି ସମ୍ପର୍କ ଥିବା ପୁଲିସ ସୂଚନା ଦେଇଥିବା ବେଳେ ପରକୀୟା ପ୍ରୀତିକୁ ନେଇ ଏଭଳି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି।

## ମା' ଛେଉଣ୍ଡ ନାବାଳିକା ଦେହରେ ଚା' ଢାଳିଦେଲେ ପଡ଼ୋଶୀ

ଭୁବନ, ୨୨।୫(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳର ଜଣେ ମା' ଛେଉଣ୍ଡ ନାବାଳିକା ଉପରେ ଚା' ଢାଳି ଦେଇଛନ୍ତି ପଡ଼ୋଶୀ। ମା' ଛେଉଣ୍ଡ ନାବାଳିକା ଝିଅଟିଏ ଖାଇବାକୁ ମାଗିବାରୁ ଗରମ ଚା' ଢାଳିଦେଇଥିଲେ ପଡୋଶୀ ମହିଳା। ପିଲାମାନେ ଦିନେ ଖାଇଲେ ଦିନେ ଉପାସ ରହୁଥିଲେ। ତେବେ ପିଲାଟି ସକାଳୁ ଭୋକ ସମ୍ଭାଳି ନ ପାରି ନିଜ ପଡ଼ୋଶୀଙ୍କୁ କିଛି ଖାଇବାକୁ ମାଗିଥିଲେ। ଏହି କଥାରେ ରାଗିଯାଇ ମହିଳା ପିଉଥିବା ଗରମ ଚା'କୁ ନାବାଳିକା ଉପରକୁ ଫିଙ୍ଗି ଦେଇଥିଲେ। ଏହି ଘଟଣାକୁ କେହି ଜଣେ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିବାରୁ ସେମାନଙ୍କୁ ଉଦ୍ଧାର କରାଯାଇ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି।

## ଇଲେଇଜଙ୍ଗ ଗ୍ରାମରେ କ୍ଷେତ୍ର ଦିବସ

ଗଁଦିଆ, ୨୨।୫(ସମିସ): ଗଁଦିଆ ବ୍ଲକ ଇଲେଇଜଙ୍ଗ ଗ୍ରାମରେ ଆଜି ଏକ କୃଷି 'କ୍ଷେତ୍ର ଦିବସ' କାର୍ଯ୍ୟକ୍ରମ ବ୍ୟାପକ ଭାବେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସୌଜନ୍ୟରୁ ଏବଂ ଗଁଦିଆ ବ୍ଲକ କୃଷି ଅଧିକାରୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ରବି ୨୦୨୫-୨୬ ବର୍ଷ ପାଇଁ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ବ୍ୟାପକ ପରିଚାଳନା ଏବଂ ଡାଲିଜାତୀୟ ଫସଲ ବିଶେଷ କରି ମୁଗ ଚାଷର ଅଭିବୃଦ୍ଧି ନିମନ୍ତେ ଏହି ସଚେତନତା ଶିବିରର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ପ୍ରଗତିଶୀଳ ଚାଷୀ ଯୋଗ ଦେଇଥିଲେ। ଏହି ସମାବେଶରେ ସହକାରୀ କୃଷି ଅଧିକାରୀ ମିନତି ନାୟକ, ଭିଏଲଡବ୍ଲ୍ୟୁ ମାମିନା ସ୍ୱାଇଁ, କୃଷକ ସାଥୀ ଶ୍ରୀବତ୍ସ କୁମାର ସାହୁ, ଅଜୟ ସାହୁ ଏବଂ ସ୍ଥାନୀୟ ଜନସେବା କର୍ମୀ ବେତୁଜୀ ପ୍ରସାଦ ବେହେରା ଉପସ୍ଥିତ ରହି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସହକାରୀ କୃଷି ଅଧିକାରୀ ଶ୍ରୀମତୀ ନାୟକ ଚାଷୀ ଭାଇମାନଙ୍କୁ ବିଧିବଦ୍ଧ ଓ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ସହ ଜମିର ସୁରକ୍ଷା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିସହିତ ଚାଷୀମାନଙ୍କ ଦ୍ୱାରା ପଚରାଯାଇଥିବା ବିଭିନ୍ନ କୃଷି ଭିତ୍ତିକ ପ୍ରଶ୍ନର ସରଳ ସମାଧାନ କରିବା ସହ ମାଟିର ଉର୍ବରତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

## ଆମେଚର ତାଏକ୍ୱାଣ୍ଡୋ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର



ଢେଙ୍କାନାଳ, ୨୨।୫(ସମିସ): ଅଗ୍ରଣୀ ସମରକଳା ଅନୁଷ୍ଠାନ ଆମେଚର ତାଏକ୍ୱାଣ୍ଡୋ ଆସୋସିଏସନ ଓ ଗୁରୁଦେବଜୀ ଫାଉଣ୍ଡେସନର ସହଯୋଗରେ ଗୁରୁଦେବଜୀ ଗୁରୁକୁଳ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଥିବା ପ୍ରଶିକ୍ଷଣ କେନ୍ଦ୍ର ଠାରେ ୭ ଦିନିଆ ନିଶୁଳ୍କ ଗ୍ରୀଷ୍ମକାଳୀନ ଶିବିର ଓ ମହିଳା ଆତ୍ମରକ୍ଷା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଶିବିରକୁ ଅତିଥି ଭାବରେ ବରିଷ୍ଠ ଯୋଗଗୁରୁ ପ୍ରଳୟ କୁମାର ଦାସ ଉଦଘାଟନ କରିବା ସହିତ ଉପସ୍ଥିତ ଶିକ୍ଷାର୍ଥୀ ମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଶତପଥୀ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କ୍ୟାମ୍ପର କାର୍ଯ୍ୟକ୍ରମ ବିଷୟରେ ଜଣାଇଥିଲେ। ଏଥିରେ ସମସ୍ତ ଏକ୍ସପର୍ଟ କୋଚ୍ ଓ ପ୍ରଶିକ୍ଷକମାନେ ଉପସ୍ଥିତ ରହି ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଅଭିଭାବକମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରକାଶ କରିବା ସହିତ ଯୋଗଦେଇଥିବା ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଶେଷରେ ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଏହି ଶିବିରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଶିବିରରେ ୪୧ ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ କରିଥିବା ବେଳେ ଶିବିରଟି ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କୃତିତ୍ୱ ହାସଲ କରିବା ଛାତ୍ରଛାତ୍ରୀମାନଙ୍କୁ ଶେଷରେ ପୁରସ୍କୃତ କରାଯିବ।

### ମେସିନ ସାହାଯ୍ୟରେ ଉଠୁଛି ବାଲି

# ଶୂନ୍ୟହେବ କି ପୁଣ୍ୟତୋୟା ବ୍ରାହ୍ମଣୀ ବାଲିଶଯ୍ୟା





ଢେଙ୍କାନାଳ, ୨୨।୫(ସମିସ)

ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ତଥା ବିଭିନ୍ନ ଥାନା ଅଞ୍ଚଳରେ ବ୍ରାହ୍ମଣୀ ନଦୀରୁ ବାଲି ଉତ୍ତୋଳନ ସହିତ ଗଛିତ ରଖିବାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଅତ୍ୟାଧୁନିକ ମେସିନ ସାହାଯ୍ୟରେ ନଦୀ ଗର୍ଭରୁ ବାଲି ଉଠାଇ ରାତାରାତି ହାଇୱା, ଟିପ୍ପରରେ ହେଉଛି ଚାଲାଣ। ମାଫିଆମାନେ ବନ୍ଧୁକ ମୁନରେ ଗ୍ରାମବାସୀଙ୍କୁ ଭୟଭୀତ କରାଇ ବାଲି ଚାଲାଣ କରୁଛନ୍ତି।

କଣ୍ଟାବଣିଆ ଥାନାଧିକାରୀ ନିରୋଧ କୁମାର ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଏବଂ ବିଭିନ୍ନ ତଥ୍ୟକୁ ଆଧାର କରି ବ୍ରାହ୍ମଣୀ ନଦୀରେ କେତେକ ବାଲି ମାଫିଆ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିବା ସହିତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯିବା ନେଇ ତହସିଲଦାର ଗତ ୨୦ ତାରିଖରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ୪ଜଣ ମାଫିଆ ମିଳିତ ଭାବରେ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବରେ ବାଲି ଉଠାଇବା ସହିତ ବିଭିନ୍ନ ସ୍ଥାନକୁ ଚାଲାଣ କରିଥାନ୍ତି। ମାନପୁର, ମଙ୍ଗଳପୁର ପଞ୍ଚାୟତ ଅଞ୍ଚଳରୁ ବାଲି ଉଠାଇବା ସହିତ

**● ବନ୍ଧୁକ ମୁନରେ ହେଉଛି ଚାଲାଣ**
**● ୨ଶହ ଟ୍ରିପ ବାଲି ଜବତ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ**

ଦଳବଦ୍ଧ ଭାବରେ ଏକ ଗୋଷ୍ଠୀ ଗଠନ କରି ବେଆଇନ ଭାବରେ ବାଲି ଉତ୍ତୋଳନ କରୁଛନ୍ତି। ଜେସିବି, ପୋକଲିନ ମେସିନ ଦ୍ୱାରା ବାଲି ଉଠାଇ ହାଇୱା ଟିପ୍ପର, ଟ୍ରାକ୍ଟରରେ ଚାଲାଣ କରିଥାନ୍ତି। ବିଭାଗୀୟ ଅଧିକାରୀଙ୍କ ଠାରୁ କୌଣସି ଅନୁମତି ନନେଇ ବେଆଇନ ଭାବରେ ସରକାରଙ୍କ ରାଜସ୍ୱ ହାନୀ କରାଇବା ସହିତ ପରିବେଶ ନଷ୍ଟ କରୁଛନ୍ତି। ବିଭିନ୍ନ ସ୍ଥାନରେ ଥିବା ବାଲିଘାଟକୁ ବଳପୂର୍ବକ ଦଖଲ କରି ବାଲି ଉଠାଇବା ସହିତ ବିପୁଳ ପରିମାଣର ଟଙ୍କା ଆଦାୟ କରିଥାନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଇବା ସହିତ ଧମକ ଚମକ ଦେବା, ବିଭିନ୍ନ ଅପରାଧିକ ମାମଲା ଘଟଇବା ଭଳି ଅନେକ ନଜିର ରହିଛି। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବାର ଜଣାପଡ଼ିଛି। ଏହାକୁ ନେଇ ଥାନାରେ ଅଭିଯୋଗ କରାଯାଇଛି। ଏହି ମାମଲାକୁ ଏଏସଆଇ ଆର ଗଡ଼ନାୟକଙ୍କୁ ତଦନ୍ତ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

କେବଳ ସେତିକି ନୁହେଁ ବ୍ରାହ୍ମଣୀ ନଦୀ ବାଲି ମାଫିଆଙ୍କ ପାଇଁ ଭୂସର୍ଗ ପାଲଟିଛି। ଫଳରେ କଣ୍ଟାବଣିଆ ଥାନା ଠାରୁ ଭୁବନ ପର୍ଯ୍ୟନ୍ତ ଶହ ଶହ ବେଆଇନ ବାଲିଘାଟ ଖୋଲା ଯାଇ ଦିନରାତି ବାଲି ଚାଲାଣ ହେଉଛି। ସେହିପରି ଓଡ଼ାପଡ଼ା ତହସିଲ ଅଞ୍ଚଳରେ ବାଲି ମାଫିଆମାନେ ରାତିରେ ଶହ ଶହ ଟ୍ରିପ ବାଲି ଚାଲାଣ କରୁଛନ୍ତି। ମଙ୍ଗଳପୁର, ମାନପୁର, କମଲାଙ୍ଗ, ବିଡୋ, ନାଧରା, ପୋଡାପଡ଼ା, ଗୁଣଦେଇ, ମହାଦିଆ, ରସାସିଂହ, ସଦାଶିବପୁର, ବଉଳପୁର ସହିତ ସଦର ତହସିଲ ବାରଦା, ଗେଙ୍ଗୁଟିଆ, ଅଞ୍ଚଳରେ ମଧ୍ୟ ବାଲି ଚାଲାଣ କରାଯାଉଛି। ନଦୀର ଉଭୟ ପାର୍ଶ୍ୱରେ ବ୍ରାହ୍ମଣୀ ନଦୀ ବାଲିକୁ ଲୁଟ କରାଯାଉଛି। ଗାଁ ନିକଟରେ ଅନେକ ଘାଟ ରହିଥିବା ବେଳେ ଘାଟକୁ ସରକାରୀ ରାସ୍ତା ନାହିଁ। ମାଫିଆମାନେ ଗ୍ରାମବାସୀଙ୍କୁ ଧମକ ଚମକ ଦେଇ ଗ୍ରାମ ରାସ୍ତାରେ ବାଲି ଉଠାଉଥିବାର ଜଣାପଡ଼ିଛି। ମୋଟଙ୍ଗା ଥାନା ଅଞ୍ଚଳରେ ୮ଟି ବେଆଇନ ବାଲି ଘାଟ ଥିବା ବେଳେ ନାମହୀନ ବାଲି ଘାଟ ରହିଛି। ବାଲି ଉଠାଇ ଗଛିତ ରଖିବା ପରେ ବର୍ଷା ଦିନରେ ତାକୁ ଚଢ଼ା ଦରରେ ବିକ୍ରୀ କରାଯାଇ ମାଫିଆମାନେ ମାଲେମାଲ ହେଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ବିଡୋ ଗ୍ରାମ ନିକଟରେ ପ୍ରାୟ ୨ଶହ ଟ୍ରିପ ବାଲି ଜବତ କରାଯାଇଛି। ଯେଉଁ ଜମିରେ ବାଲି ରହିଛି ତାହାର ମାଲିକ ମାନଙ୍କ ନାମରେ ମାମଲା ରୁଜୁ ହେବ ବୋଲି ଖଣି ବିଭାଗ ତରଫରୁ ଜଣାପଡ଼ିଛି। ଦୈନିକ ରାତି ହେଲେ ଶହ ଶହ ହାଇୱା, ଟିପ୍ପର, ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି। ପୁଲିସ ପାଟ୍ରୋଲିଂ କରୁଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି। ବିଭିନ୍ନ ଖୋଲା ସ୍ଥାନ, ପଡ଼ିଆ, ଜଙ୍ଗଲ ନିକଟରେ ବାଲି ଗଦା କରାଯାଇ ଗଛିତ ରଖାଯାଇଛି। ବ୍ରାହ୍ମଣୀ ନଦୀ ବାଲି ଏବେ ମାଫିଆଙ୍କ ପାଇଁ ପୁଷ ମାସ ପାଲଟିଛି।

## ଆଞ୍ଚଳିକ ଆଶ୍ରମ ସ୍କୁଲକୁ ସ୍ୱୀକୃତି ପାଇଁ ଧାରଣା



ଢେଙ୍କାନାଳ, ୨୨।୫(ସମିସ): ସ୍ଥାନୀୟ ଆଞ୍ଚଳିକ ଆଶ୍ରମ ସ୍କୁଲ୍ ଗୋଡିପୋଖରୀକୁ ପ୍ରାପ୍ୟ ସ୍ୱୀକୃତି ଏବଂ ଏହାର ଶିକ୍ଷକ ଶିକ୍ଷୟିତ୍ରୀ ଓ ସହଯୋଗୀମାନଙ୍କୁ ଜେଡିଏ ଆର୍ଥିକ ସହାୟତା ଓ ନିଯୁକ୍ତିରୁ ଅସାମ୍ବିଧାନିକ ଭାବେ କୁତ୍ସିତ ଷଡ଼ଯନ୍ତ୍ରରେ ବଞ୍ଚିତ କରାଯାଇଥିବାକୁ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହଯୋଗୀମାନେ ଏକ ଧାରଣାରେ ବସି ପ୍ରତିବାଦ କରିଥିଲେ। ମଞ୍ଜୁର କରି ଅନୁମୋଦିତ ଆବାସିକ ବିଦ୍ୟାଳୟ ନିମନ୍ତେ ପତ୍ର ସଂଖ୍ୟା ୨୪୫୫, ତା ୯।୮।୨୦୧୯ ରିଖରେ ଆଞ୍ଚଳିକ ଆଶ୍ରମ ସ୍କୁଲ୍, ଗୋଡିପୋଖରୀକୁ ସ୍ୱୀକୃତି ପ୍ରଦାନ ଏବଂ ଶିକ୍ଷକଶିକ୍ଷୟିତ୍ରୀ ଓ ସହଯୋଗମାନଙ୍କୁ ରାଜ୍ୟପାଳଙ୍କ ନିର୍ଦ୍ଦେଶଗତ ଜେଡିଏ ଆର୍‌ଠିକ ସହାୟତା ଓ ନିଯୁକ୍ତି ପତ୍ର ସଂଖ୍ୟା ୭୧୪, ତା.୫।୪।୨୦୨୩ରେ ଦେବା ପରିବର୍ତ୍ତେ ପ୍ରଶାସନ ଅସାମ୍ବିଧାନିକ ଭାବେ କୁତ୍ସିତ ଷଡ଼ଯନ୍ତ୍ର କରି ଏହାକୁ ବଞ୍ଚିତ କରିଆସୁଛନ୍ତି। ଶିକ୍ଷାନୁଷ୍ଠାନଟି ସାମ୍ବିଧାନିକ

ସୂଚନାଯୋଗ୍ୟ ସ୍ୱାଧୀନତା ପ୍ରାପ୍ତି ଅର୍ଦ୍ଧଶତାବ୍ଦି ୧୯୯୭ ମସିହାରୁ ଅଦ୍ୟାବଧି ସଂଗ୍ରାମ ଜାରି ରଖି ଜିଲ୍ଲାରେ ଅବହେଳିତ ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟଙ୍କ ନ୍ୟାଯ୍ୟ ସାମ୍ବିଧାନିକ ଅଧିକାର 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକର୍ମୀମାନେ ଗଠନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ 'ଜୁଆଙ୍ଗ ଉନ୍ନୟନ ଯୋଜନା' ପାଣ୍ଠି ଯୁଗ୍ମ ତଦନ୍ତ ହୋଇଥିଲେ ମଧ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ ନନ୍ ଫିଜିବୁଲ୍ ଓ ନନ୍ ଏକ୍ଜିଟିଙ୍ଗ ଦର୍ଶାଇ କପୋଳକଳ୍ପିତ ଭାବେ ମିଥ୍ୟା ବିବରଣୀ ଦେଇ ଯୁଗ୍ମ ନିର୍ଦ୍ଦେଶକଙ୍କ ଗୋଚରକୁ ପ୍ରଦାନ କରିଥିଲେ। ସେଥିପାଇଁ ପ୍ରାପ୍ୟ ସ୍ୱୀକୃତି ମିଳୁନାହିଁ। ଏହି ସମସ୍ୟାର ସୁବିଚାର ପାଇଁ ଜନସାଧାରଣଙ୍କ ନିକଟରେ ଏକ ଧାରଣାରେ ବସି ପ୍ରତିବାଦ କରିଥିଲେ।

## ଅଂଶୁଘାତରେ ରାଜସ୍ୱ ନିରୀକ୍ଷକଙ୍କ ମୃତ୍ୟୁ ସନ୍ଦେହ



ଭୁବନ, ୨୨।୫(ସମିସ): ଗଁଦିଆ ତହସିଲ ଅନ୍ତର୍ଗତ ବାଇଁଶିଆ ରାଜସ୍ୱ ନିରୀକ୍ଷକ ଚୈତନ୍ୟ ଦେହୁରୀ ୩୫ଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। କଙ୍କଡାହାଡ଼ ବ୍ଲକ ମରୁଆବିଲ ଗ୍ରାମର ଚୈତନ୍ୟ ପୂର୍ବରୁ ଭୁବନ ତହସିଲରେ ଅମିନ ଭାବେ କାର୍ଯ୍ୟ କରୁଥିଲେ। ଏକ ବର୍ଷ ପୂର୍ବରୁ ତାଙ୍କର ପଦୋନ୍ନତି ହୋଇ ଗଁଦିଆ ତହସିଲ ଅନ୍ତର୍ଗତ ବାଇଁଶିଆ ରାଜସ୍ୱ ନିରୀକ୍ଷକ ଭାବେ ଯୋଗ ଦେଇଥିଲେ। ତେବେ ସେ ଭୁବନରେ ୱାର୍ଡ ନଂ.୫ରେ ସ୍ତ୍ରୀ ପ୍ରମୋଦିନୀ ଦେହୁରୀ ଓ ୭ ବର୍ଷର ଝିଅ ସହ ଘର ଭଡ଼ା ନେଇ ରହୁଥିଲେ। ଗ୍ରୀଷ୍ମ ପ୍ରଭାବ ଓ କାର୍ଯ୍ୟଭାର ଯୋଗୁଁ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ୨ରୁ ୩ଦିନ ହେଲା ସେ ତହସିଲଦାରଙ୍କୁ ଛୁଟି ପାଇଁ କହୁଥିଲେ ବି ଛୁଟି ନଦେବାରୁ ଗତକାଲି କାମାକ୍ଷାନଗର ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରୁ ଗୁରୁବାର ସନ୍ଧ୍ୟାରେ ଫେରିଥିଲେ। ମାତ୍ର ମଧ୍ୟ ରାତ୍ରିରେ ଦେହହାତ ଜଳି ଯାଉଥିବା କହିବାରୁ ତାଙ୍କୁ ତୁରନ୍ତ ଭୁବନ ଡାକ୍ତରଖାନାକୁ ଆଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ରାଜସ୍ୱ ବିଭାଗ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଭୁବନ ଡାକ୍ତରଖାନାରେ ପୁଲିସ ସହାୟତାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡାକ୍ତରଖାନା ପରିସରରେ ଚୈତନ୍ୟଙ୍କ ଛୋଟ ଝିଅ ଟିର 'ବୋଉ ବୋଉ ବାପାଙ୍କର କିଛି ହୋଇନି ସେ ଭଲ ହୋଇଯିବେ' ଭଳି କୋହଭରା କଥା ହୃଦୟ ବିଦାରକ ଥିଲା।

### କକ୍ରୋଚ୍ ଜନତା ପାର୍ଟି ସନ୍ଦର୍ଭରେ ଆଲୋଚନା

## ଏକାଠି ହେଉଛନ୍ତି 'ଜେନ୍-ଜି'; ପରିବର୍ତ୍ତନର ଆଭାସ

ଢେଙ୍କାନାଳ, ୨୨।୫(ସମିସ): ସ୍ଥାନୀୟ ଗାନ୍ଧୀ ପାର୍କରେ ସାପ୍ତାହିକ 'ସତ୍ୟାଗ୍ରହ ସଫେଇ' କାର୍ଯ୍ୟକ୍ରମ ଅବସରରେ ଏବେ ଗଣମାଧ୍ୟମରେ ବହୁ ଚର୍ଚ୍ଚିତ 'କକ୍ରୋଚ୍ ଜନତା ପାର୍ଟି' ସମ୍ପର୍କରେ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ ଆଲୋଚନା କରାଯାଇଥିଲା। ସଭାପତି ପ୍ରଫେସର ଡାକ୍ତର ତୁଷାର କାନ୍ତି ନାୟକ, ଉପସଭାପତି ରୁଦ୍ର ପ୍ରକାଶ ଶରଣ, ସରୋଜ ଶତପଥୀ, ସଦସ୍ୟ ବିନୟ କୁମାର ସାହୁ, ଅଜେନ୍ଦ୍ର ସାମଲ, ବାମପନ୍ଥୀ ନେତା ସର୍ବଜ୍ଞ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମାତ୍ର ୬ ଦିନ ତଳେ ପ୍ରତିଷ୍ଠା ହୋଇଥିବା ଏହି ଡିଜିଟାଲ ପ୍ଲାଟଫର୍ମରେ ଆଜି ସୁଦ୍ଧା ୨ କୋଟିରୁ ଅଧିକ ସଦସ୍ୟ ବିଶେଷ କରି ଯୁବକ ଯୁବତୀ ଫଲୋ କରି ସମର୍ଥନ ଦେଇଛନ୍ତି ଯାହା ମୁଖ୍ୟ ରାଜନୈତିକ ଦଳ ବିଜେପି ଏବଂ କଂଗ୍ରେସର ଦୀର୍ଘ ବର୍ଷ ଧରି ସୃଷ୍ଟି କରିଥିବା ଫଲୋଅର୍ସମାନଙ୍କ ତୁଳନାରେ ଅଢ଼େଇ ଗୁଣରୁ ଅଧିକ। ଏହା ଆଧୁନିକ ଭାରତ ବର୍ଷ ଇତିହାସରେ ଏକ ଅଭୂତପୂର୍ବ ଘଟଣା ଏବଂ ଏହା ଭାରତରେ 'ଜେନ୍ ଜି' ମାନେ ଏକାଠି ହୋଇ କିଛି ବୈପ୍ଳବିକ ପରିବର୍ତ୍ତନ ଆଣିବାର ଆଭାସ ପ୍ରଦାନ କରୁଛି ବୋଲି ସଭ୍ୟମାନେ ମତପ୍ରକାଶ କରିଛନ୍ତି।



ଦେଶର ମୁଖ୍ୟ ବିଚାରପତି ୧୫ ମେ'ରେ ବିଚାରବେଳେ ଜଣେ ଯୁବ ଆଇନଜୀବୀଙ୍କୁ ଆକ୍ଷେପ କରି କହିଥିଲେ ଯେ, ଦେଶର ବେକାର ଯୁବପିଢ଼ି ଅଳସୁଆ, ପରାଙ୍ଗପୃଷ୍ଟ ଅସରପା ସଦୃଶ ଯେଉଁମାନେ କେବଳ ସୋସିଆଲ ମିଡିଆରେ ସମୟ ନଷ୍ଟ କରୁଛନ୍ତି। ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି କରିବା ସହିତ ଯୁବପିଢ଼ିମାନଙ୍କୁ ଅତି ବ୍ୟଥିତ କରିଛି ଏବଂ ଏହି ଝଡରୁ ଜନ୍ମ ନେଇଛି 'କକ୍ରୋଚ୍ ଜନତା ପାର୍ଟି'। ପାର୍ଟିର ୫ଦଫା ଇସ୍ତାହାରରେ କୁହାଯାଇଛି ଯେ, ସେମାନେ କ୍ଷମତାସୀନ ହେଲେ ମହିଳାଙ୍କ ନିମନ୍ତେ ସବୁ କ୍ଷେତ୍ରରେ ୫୦% ଆରକ୍ଷଣ, ଦଳ ବଦଳକାରୀ ନେତାଙ୍କୁ ୨୦ ବର୍ଷ ନିର୍ବାଚନ ଲଢ଼ିବାରୁ ବଞ୍ଚିତ, ସୁପ୍ରିମକୋର୍ଟ ଜଜ୍‌ମାନେ ଅବସର ପରେ କୌଣସି ସରକାରୀ ପଦବୀ ପାଇପାରିବେ ନାହିଁ, ଜଣେ ବି ଭୋଟରଙ୍କୁ ଭୋଟ୍ ଦେବାରୁ ବଞ୍ଚିତ କଲେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ 'ୟୁଏପିଏ' ଆଇନ ବଳରେ ଗିରଫ କରାଯିବ, ଆଦାନୀ, ଅମ୍ବାନୀ ଗ୍ରୁପ୍ ପରିଚାଳିତ ମିଡ଼ିଆ ଚ୍ୟାନେଲ ବନ୍ଦ କରାଯାଇ, ସେଥିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବ୍ୟାଙ୍କ ଅକାଉଣ୍ଟ ଯାଞ୍ଚ କରାଯିବ। ଅନେକ ବରିଷ୍ଠ ରାଜନେତା, ଓକିଲ, ବୁଦ୍ଧିଜୀବୀ ଏହି ଦଳ ପ୍ରତି ସମର୍ଥନ ଜଣାଇଛନ୍ତି। ଏହା ନିଶ୍ଚିତ ଯେ, ସାମ୍ପ୍ରତିକ ରାଜନୈତିକ ଦଳମାନେ ଏହି ନୂଆ ଦଳପ୍ରତି ଲୋକମାନଙ୍କର ଆକର୍ଷଣ ଏବଂ ସମର୍ଥନ ଦେଖି ଭୟଭୀତ ହୋଇ ପଡ଼ିଛନ୍ତି। ଦଳର ଉଇକିପିଡ଼ିଆରେ ଦର୍ଶାଯାଇଛି ଯେ ଆସନ୍ତା ବିହାର ଉପନିର୍ବାଚନ ଦଳ ଲଢ଼ିପାରେ।

## ମୀନକେତନ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ



ଖଜୁରିଆକଟା, ୨୨।୫(ସମିସ) : ହିନ୍ଦୋଳ ବ୍ଲକ ବାବନ୍ଧ ଠାରେ ଥିବା ମିନକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ସ୍ୱତନ୍ତ୍ର ଅତିଥି ରୂପେ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ, ମୁଖ୍ୟବକ୍ତା ଭାବେ ଡ. କାଳିଆ ସେଠୀ, ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଜନତା ମହାବିଦ୍ୟାଳୟ ବଇଣ୍ଡା, ସମ୍ମାନୀତ ଅତିଥି ଭାବେ ଢ଼େଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ହିନ୍ଦୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀ, କୃଷ୍ଣ ଚନ୍ଦ୍ର ଆଇଚ, କୈଳାସ ଚନ୍ଦ୍ର ବେହେରା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପତି, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ବାବନ୍ଧ ସରପଞ୍ଚ ରୁନୁବାଳା ବେହେରା ଓ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ରଣସିଂହ ଯୋଗ ଦେଇଥିଲେ। ବିଦ୍ୟାଳୟର ବିବରଣୀ ପାଠ କରିଥିଲେ ପୁରାତନ ଛାତ୍ର ଲିଙ୍ଗରାଜ ସାହୁ। ଶେଷରେ ଲକ୍ଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଆସନ୍ତା ୨୩ ଓ ୨୪ ତାରିଖ ଦିନ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ, ପ୍ରଶାସନିକ ଅଧିକାରୀ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।

### ୪ ଦିନ ହେଲା ଅନ୍ଧାରରେ କନ୍ତାମିଲା

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଖଜୁରିଆକଟା, ୨୨।୫(ସମିସ)



ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତବାସୀ ୪ଦିନ ହେବ ଅନ୍ଧାରରେ ରହି ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ୧୮ ତାରିଖରୁ ହିନ୍ଦୋଳ ବିଦ୍ୟୁତ ବିଭାଗର ବେପରୁଆ ପାଇଁ କନ୍ତାମିଲା ପଞ୍ଚାୟତ ଧୋବଣୀନନ୍ଦର, ବିଲେଇଖଳି, ଉପରପାଳ, ଗୋହିରାଛୋଡ, ଦିଅରପଶି, ଖଜୁରିଆମୁଣ୍ଡା ଇତ୍ୟାଦି ଗ୍ରାମ ଗୁଡିକରେ ବିଦ୍ୟୁତ କଟି ଯାଇଥିବାରୁ ଶହଶହ ଗ୍ରାମବାସୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହେବା ସହ ଅନ୍ଧାରରେ ଦିନ କାଟୁଛନ୍ତି। ହାତୀପ୍ରବଣ ଏହି ଅଞ୍ଚଳରେ ରାତିରେ ହାତୀ ସହିତ ବନ୍ୟଜନ୍ତୁ ଭୟ ଦିନରେ ଅଂଶୁଘାତ ଆଶଙ୍କା। ବିଦ୍ୟୁତ୍ କାଟ ପାଇଁ ପଞ୍ଚାୟତବାସୀ ସ୍ଥାନୀୟ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ହେଁ ବିଭାଗ କର୍ଣ୍ଣପାତ ନକରିବାରୁ ଶହ ଶହ ପଞ୍ଚାୟତବାସୀ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲ୍ଲାପାଳ ପ୍ରଭାସ ବେଉରା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଯାହାକି ଲୋକଙ୍କ ମନରେ ଆଶା ସଞ୍ଚାର କରିଛି। ତେବେ ଭୀଷଣ ଗ୍ରୀଷ୍ମ ପ୍ରବାହରେ ଲୋକ ଘରୁ ବାହାରିବାକୁ ଭୟ କରୁଥିବାବେଳେ ହିନ୍ଦୋଳ ବିଦ୍ୟୁତ୍ ବିଭାଗର ଦୈନିକ ଅଘୋଷିତ ବିଦ୍ୟୁତକାଟ, ଦାଦାଗିରି ପାଇଁ ଅତିଷ୍ଠ ଜନସାଧାରଣ ଦରକାର ପଡ଼ିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଟାଟା ବିଦ୍ୟୁତ ବିଭାଗକୁ ଦୃଢ଼ ବିରୋଧ କରିବେ ବୋଲି ହିନ୍ଦୋଳ ନିର୍ବାଚନ ମଣ୍ଡଳୀବାସୀ ଚେତାବନୀ ଦେଇଛନ୍ତି।

## ଧସିଲା ମୁଖ୍ୟ ରାସ୍ତା; ଗମନାଗମନରେ ବାଧା



ଗଁଦିଆ, ୨୨।୫(ସମିସ): ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରୁ ଗଁଦିଆ ବ୍ଲକ ମଧ୍ୟଦେଇ ଯାଇଥିବା ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ଦୀର୍ଘ ୩ ବର୍ଷ ଧରି ଉକ୍ତ ରାସ୍ତାଟିର ପୁନରୁଦ୍ଧାର ଚାଲିଛି ମାତ୍ର ଆଜି ପର୍ଯ୍ୟନ୍ତ ସରୁନାହିଁ। ଅନ୍ୟପକ୍ଷରେ ଅନେକ ଜାଗାରେ ଉକ୍ତ ରାସ୍ତା ବିପଦସଂକୁଳ ଭାବରେ ରହିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ୟସ୍ତବହୁଳ ହାଟଛକ ଠାରେ ଉକ୍ତ ସ୍ଥାନରେ ନୂତନ କରି ନିର୍ମିତ ପୋଲର ଏକ ପାର୍ଶ୍ୱରେ ରାସ୍ତା ଧସି ଯାଇ ଏକ ବଡ଼ ଗର୍ତ୍ତ ସୃଷ୍ଟି କରିଛି। ତତ୍‌ସହିତ ସେହି କଡ଼ରେ ଯାଇଥିବା ମେଗା ପ୍ରକଳ୍ପ ପାଇପରୁ ପାଣି ନିର୍ଗତ ହୋଇ ଉକ୍ତ ସ୍ଥାନରେ ଏକ କୃତିମ ଜଳ ଭଣ୍ଡାର ସୃଷ୍ଟି କରୁଛି। ଉକ୍ତ ରାସ୍ତାଟି ସିଧାସଳଖ ଭୁବନ ବ୍ଲକ ଓ ଯାଜପୁର ଜିଲ୍ଲାର ଚଢ଼େଇଧରା ଛକକୁ ସଂଯୋଗ କରୁଛି। ଏହି ରାସ୍ତାଟି ଗଁଦିଆ ବ୍ଲକର ଲାଇଫ ଲାଇନ ଅଟେ। ବ୍ଲକର ୨୭ ଗ୍ରାମ ପଞ୍ଚାୟତ ସହିତ ଗଁଦିଆ ଏନଏସିର ଜନସାଧାରଣ ପ୍ରତିଦିନ ସିଧାସଳଖ ଯୋଡି ହୋଇଥାନ୍ତି। ଉକ୍ତ ବ୍ଲକର ଏହା ଏକ ପ୍ରମୁଖ ଛକ ଅଟେ। ବାଣିଜ୍ୟ ବ୍ୟବସାୟ ଠାରୁ ଆରମ୍ଭ କରି ବଡ ବଡ଼ ସରକାରୀ କାର୍ଯ୍ୟାଳୟ ଓ ଆର୍ଥିକ ସଂସ୍ଥା ସବୁ ପାଖାପାଖି ରହିଛି। ଫଳରେ ଏଠାରେ ଉକ୍ତ ରାସ୍ତାର ଏପରି ଅବସ୍ଥା ଯୋଗୁଁ ଦୁର୍ଘଟଣା ଆଶଙ୍କା ରହିଛି। ତୁରନ୍ତ ଉକ୍ତ ରାସ୍ତା ପୁନରୁଦ୍ଧାର କରିବାକୁ ପୂର୍ତ୍ତ ବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।





# ଧରାପଡ଼ିଲା ନକଲି ଏନ୍‌ଆଇଏ ଅଫିସର

## ସାହାଯ୍ୟ କରିବା ଆଳରେ ବଙ୍ଗୀୟ ଯୁବତୀଙ୍କୁ ଦୁଷ୍କର୍ମ



ଭୁବନେଶ୍ୱର, ୨୨।୫(ସମିସ)

ନିଜକୁ ଏନ୍‌ଆଇଏ ଅଧିକାରୀ ବୋଲି ପରିଚୟ ଦେଇ ଜଣେ ବଙ୍ଗୀୟ ଯୁବତୀଙ୍କ ସହ ବନ୍ଧୁତା କଲେ। ଏହା ପରେ ଯୁବତୀଙ୍କୁ ନିଜ ରାଗ ସୁଝାଇବାକୁ ଥାନାରେ ସହାଯ୍ୟ କରିବେ ବୋଲି ପରିଚୟ ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଲେ। ଅନେଇ ସମୟରେ ସମ୍ପୃକ୍ତ ଯୁବତୀଙ୍କ ବିନା ଅନୁମତିରେ ଦୁଷ୍କର୍ମ କଲେ। ଏହି ନକଲି ଏନ୍‌ଆଇଏ ଅଧିକାରୀଙ୍କୁ ପୁଲିସ ଗିରଫ କରିବା ସହ ତାଙ୍କୁ ଦୁଷ୍କର୍ମ ଅଭିଯୋଗରେ କୋର୍ଟଚାଲାଣ କରିଛି। ନକଲି ଏନ୍‌ଆଇଏ ଅଧିକାରୀ ଜଣଙ୍କ ହେଲେ ଆଶିଷ ରେଡ୍ଡୀ। ଆଶିଷଙ୍କ ଘର ଦିଲ୍ଲୀର ଲଜପଥ୍ ନଗର ଅଞ୍ଚଳରେ। ଏକ ଦୁଷ୍କର୍ମ ମାମଲାର ତଦନ୍ତ ବେଳେ ଆଶିଷଙ୍କ ପ୍ରକୃତ ପରିଚୟ ଜଣାପଡ଼ିଥିଲା।

ଆଶିଷ ଗାଡ଼ି ଠାରୁ ଆରମ୍ଭ କରି ପିନ୍ଧୁଥିବା ଗଞ୍ଜି ପର୍ଯ୍ୟନ୍ତ ସବୁଠାରେ ସରକାରୀ ଲୋଗୋ। ତାହା ପୁଣି ଏନ୍‌ଆଇଏ ଆଉ କେନ୍ଦ୍ର ଗୃହ ବିଭାଗର। ଏହାକୁ ଦେଖାଇ ରାଜ୍ୟର ସବୁ ଥାନା ଅଧିକାରୀଙ୍କୁ ଚକମା ଦେଇ ନିଜ କାମ କରାଇ ନେଉଥିଲେ। ହେଲେ କମିସନରେଟ୍ ପୁଲିସର ଖାରବେଳନଗର ଥାନାକୁ ଆସି ଫସିଗଲେ। ଏନ୍‌ଆଇଏ ଅଧିକାରୀ ବୋଲି କହି ଯେଉଁଭଳି ଭାବେ ରୋବାବ୍ ଦେଖାଉଥିଲେ ସେବୁକୁ ସନ୍ଦେହରେ ପୁଲିସ ଧରି ପକାଇଲା। ପ୍ରକୃତ ପରିଚୟ ଜଣାପଡ଼ିଲା ପରେ ତଦନ୍ତରୁ ଜଣାପଡ଼ିଲା ସେ ଜଣେ ମହା ଠକ। ତାକୁ ପୁଲିସ ଗିରଫ କରିବା ସହ ଏକ ସ୍କର୍ପିଓ ଗାଡ଼ି ମାରଣାଅସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଆଶିଷ ରେଡ୍ଡୀ। ତାଙ୍କ ଘର ଦିଲ୍ଲୀର ଲଚପତ ନଗର ଅଞ୍ଚଳରେ। ଏକ ମିଥ୍ୟା ଦୁଷ୍କର୍ମ ମାମଲାର ତଦନ୍ତ ବେଳେ ଆଶିଷଙ୍କ ପ୍ରକୃତ ପରିଚୟ ଜଣାପଡ଼ିଥିଲା।

ପୁଲିସ ସୂଚନା ମୁତାବକ, ଜଣେ ମହିଳା ଗତ ମାସ ୨୭ ତାରିଖରେ ଖାରବେଳନଗର ଥାନାକୁ ଏକ ଦୁଷ୍କର୍ମ ମାମଲାର ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ସେ କଲିକତାରୁ ଭୁବନେଶ୍ୱର ଆସିଥିଲେ। ତାଙ୍କର ଜଣେ ପରିଚିତ ଯୁବତୀ ସାନା ମନା ତାଙ୍କୁ ନିଜ ଗାଡ଼ରେ କୋଣାର୍କରେ ଛାଡ଼ିଦେବେ ବୋଲି କହିଥିଲେ। ପୁରୀ-କୋଣାର୍କ ରାସ୍ତାରେ ଦୁଇ ଜଣ ବ୍ୟକ୍ତି ଗାଡ଼ି ଭିତରକୁ ପ୍ରବେଶ କରିଥିଲେ। ଏହାପରେ ଅଭିଯୋଗକାରୀଙ୍କ ସହ ଦୁଷ୍କର୍ମ କରି ତାଙ୍କୁ ରାସ୍ତାରେ ଫୋପାଡ଼ି ସମସ୍ତେ ଚାଲିଯାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

ଏହି ମାମଲାର ତଦନ୍ତ କରୁଥିଲା ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ ଅଭିଯୋଗାକରୀ ମହିଳା ତାଙ୍କ ବନ୍ଧୁ ସୋନା ମନା ଏବଂ ସୋନାଙ୍କ ବନ୍ଧୁମାନଙ୍କୁ ବ୍ୟକ୍ତିଗତ ରାଗ ପାଇଁ ଫସାଇବାକୁ ଉଦ୍ୟମ କରୁଛନ୍ତି। ଏହି ସମୟରେ ଆଶିଷ ଖାରବେଳନଗର ଥାନାରେ ପହଞ୍ଚି ନିଜକୁ ଏନ୍‌ଆଇଏ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଦୁଷ୍କର୍ମ ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଥାନା ଅଧିକାରୀ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଚାପ ପକାଇଥିଲେ। ଏହାସହ ତଦନ୍ତରେ ମଧ୍ୟ ବାରମ୍ବାର ହସ୍ତକ୍ଷେପ କରିଥିଲେ। ତାଙ୍କ ବ୍ୟବହାର ପୁଲିସକୁ ସନ୍ଦେହ କରିବାକୁ ବାଧ୍ୟ କରିଥିଲା। ପୁଲିସ ଏନ୍‌ଆଇଏ ସହ ଯୋଗାଯୋଗ କରି ଜାଣିବାକୁ ପାଇଥିଲା ଆଶିଷ ନକଲି ଏନ୍‌ଆଇଏ ଅଧିକାରୀ। ଏହାପରେ ତାଙ୍କ ନକଲି ଆଇଡ଼ି କାର୍ଡ ଏବଂ ଗାଡ଼ି ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଗାଡ଼ିରୁ ଦୁଇଟି ଛୁରୀ, ଗୋଟିଏ ଭୂଜାଲି, ଲୁହା ଏବଂ କାଠ ଫାଳିଆ, ସୁନା ରୂପା ଅଳଙ୍କାର, ଏନ୍‌ଆଇଏ ଲୋଗୋଥିବା ଏକ ଟି-ସାର୍ଟ ଜବତ କରାଯାଇଥିଲା। ପରବର୍ତ୍ତି ସମୟରେ ଦୁଷ୍କର୍ମ ଅଭିଯୋଗ କରିବାକୁ ଆସିଥିବା ମହିଳା ଜଣଙ୍କ ଥାନାରେ ଅଶିଷଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏକ ବ୍ୟକ୍ତିଗତ କଳହରୁ ସୋମାଙ୍କୁ ଫସାଇବାକୁ ଆଶିଷ ପ୍ରବର୍ତ୍ତାଇ ତାଙ୍କ ସହ ଦୁଷ୍କର୍ମ କରିଥିବା ସେ ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଆଶିଷଙ୍କୁ ଗିରଫ କରିଥିଲା।

# ୨୯ ଲକ୍ଷର ବ୍ରାଉନ୍‌ସୁଗର ଜବତ; ଦୁଇ ଗିରଫ

ଭୁବନେଶ୍ୱର, ୨୨।୫(ସମିସ): ରାଜଧାନୀକୁ ବ୍ରାଉନସୁଗର ବିକ୍ରି ପାଇଁ ଆସିଥିଲେ। ହେଲେ ଡିଲ ପୂର୍ବରୁ ବିଫଳ ହେଲା ଯୋଜନା। କମିଶନରେଟ୍ ପୁଲିସ ଏକାମ୍ର କାନନ ପାର୍କ ରୋଡରେ ଚଢ଼ାଉ କରି ଦୁଇ ବ୍ରାଉନସୁଗର ଡିଲରକୁ ଗିରଫ କରିବାରେ ସଫଳ ହେଲା। ଏନେଇ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଭଦ୍ରକ ଜିଲ୍ଲା ପୁରୁଣା ବଜାର ଥାନା ଅଞ୍ଚଳର ଫକ୍ରୁଦ୍ଦିନ୍ ଖାନ୍ (୪୪) ଓ ଝାଡ଼ଖଣ୍ଡ ପଶ୍ଚିମ ସିଂହନଭୂମି ଜିଲ୍ଲାର ମହମ୍ମଦ ବାଦ୍‌ଶହା (୩୨)। ସେମାନଙ୍କ ବ୍ୟବହୃତ କାର୍ ସହ ୨୯୦ ଗ୍ରାମର ବ୍ରାଉନସୁଗର, ୩ ମୋବାଇଲ, ନଗଦ ୧୦ ହଜାର ଟଙ୍କା ଜବତ ହୋଇଛି।

ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ମାମଲା (ନଂ.୧୩/୨୦୨୬) ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟକୁ ଶୁକ୍ରବାର ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଫକ୍ରୁଦ୍ଦିନ୍ ନାମରେ ମୋଟ୍ ୯ଟି ମାମଲା ରହିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଏବଂ ଭଦ୍ରକ ଟାଉନ ଥାନାରେ ୩ଟି ଲେଖାଏଁ ମାମଲା ରହିଥିବାବେଳେ ତିହିଡି ଥାନାରେ ୨ଟି ଏବଂ ପୁରୁଣା ବଜାର ଥାନାରେ ଗୋଟିଏ ମାମଲା ରହିଛି। ଅନ୍ୟ ଅଭିଯୁକ୍ତ ବାଦ୍‌ଶହାର ଆପରାଧିକ ରେକର୍ଡ ଜାଣିବାକୁ ଝାଡ଼ଖଣ୍ଡ ପୋଲିସ ସହ କମିଶନରେଟ୍ ଯୋଗାଯୋଗ କରୁଛି।

# ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ଭୁବନେଶ୍ୱର, ୨୨।୫(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ସହିଦନଗର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜନ ନାୟକ ଏବଂ ରାଜା ନାୟକ। ସେମାନଙ୍କ ଠାରୁ ପୁଲିସ ୧୬.୫ ଗ୍ରାମ ବ୍ରାଉନସୁଗାର, ନଗଦ ଟଙ୍କା ଏବଂ ୨ ମୋବାଇଲ୍ ଫୋନ୍ ଜବତ କରିଛି।





ସୂଚନାଯୋଗ୍ୟ ଯେ, ଗତ ୨୨ ତାରିଖରେ ଶହୀଦନଗର ଥାନା ଅଞ୍ଚଳରେ ଡେ ପାଟ୍ରୋଲିଂ, ଏକ୍ସାଇଜ୍ ରେଡ୍ ଏବଂ ଏନଡିପିଏସ୍ ଯାଞ୍ଚ ଡ୍ୟୁଟି ସମୟରେ ଶାନ୍ତିପଲ୍ଲି ବସ୍ତି ନିକଟ ଫ୍ଲାଏଓଭର ତଳେ ଦୁଇଜଣ ବ୍ୟକ୍ତି ସାଧାରଣ ଲୋକ, ଶ୍ରମିକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ନିଶାସକ୍ତ ବ୍ୟକ୍ତିଙ୍କୁ ଅବୈଧ ଭାବେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୁଲିସକୁ ଖବର ମିଳିଥିଲା। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଫ୍ଲାଏଓଭର ପିଲାର ତଳେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତି ବସିଥିବା ଦେଖିବାକୁ ମିଳିଥିଲା। ରଞ୍ଜନ ଓ ରାଜା ହେପାଜତରୁ ବ୍ରାଉନସୁଗାର ମିଳିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଅବୈଧ ଆର୍ଥିକ ଲାଭ ପାଇଁ ବ୍ରାଉନସୁଗାର ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ସେମାନେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ। ତଦନ୍ତରେ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଏନଡିପିଏସ୍ ଆକ୍ଟ ଅନୁଯାୟୀ ଅପରାଧ ସ୍ପଷ୍ଟ ହେବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## • ବେଆଇନ ବାଲିଖାଦାନ ଉପରେ ପୁଲିସର ଚଢ଼ଉ

# ୩୮ ହାଇୱା ସହ ୪୧ ଗାଡ଼ି ଜବତ

ନନ୍ଦନକାନନ/ଭୁବନେଶ୍ୱର, ୨୨।୫ (ସମିସ): ରାଜଧାନୀରେ ମାତିଛନ୍ତି ବାଲି ମାଫିଆ। ଆଉ ବାଲି ଚୋରାଚାଲାଣ କରିବା ସମୟରେ ରାଜଧାନୀରେ ଦ୍ରୁତ ବେଗରେ ଯାଉଥିବା ବାଲି ବୋଝେଇ ହାଇୱା ଧକ୍କା ଦେବା ଫଳରେ ଗୋଟିଏ ସପ୍ତାହ ଭିତରେ ଚାଲିଯାଇଥିଲା ୬ ଜଣଙ୍କ ଜୀବନ। ରାଜଧାନୀରେ କମିସନରେଟ୍ ପୁଲିସକୁ ବେଖାତିର କରି ବାଲି ମାଲିଆମାନେ ଚଳାଇଥିଲେ ଆତଙ୍କରାଜ। ଟେଣ୍ଡର ନଆଣି ବେଆଇନ ଭାବେ ଗତ କିଛି ଦିନ ହେବ ବାଲି ମାଫିଆମାନେ ଚୋରା ବାଲି ଚାଲାଣ କରୁଥିଲେ। ଏନେଇ ଜୋନ୍-୫ ଏସିପି ମାନସ ପ୍ରଧାନଙ୍କ ନିର୍ଦ୍ଦେଶ ପରେ ଗୁରୁବାର ବିଳମ୍ବିତ ରାତିରେ ଆରମ୍ଭ କରିଥିଲେ 'ଅପରେସନ ବାଲି ମାଫିଆ'। ଆଉ ବାଲି ମାଫିଆଙ୍କୁ ସାମ୍ନା କରିବା ପାଇଁ ପୁଲିସ ପୂର୍ବରୁ ରଣନୀତି ପ୍ରସ୍ତୁତ କରିଥିଲା। ଦୁଇ ଥାନା ଅଧିକାରୀ ବିଳମ୍ବିତ ରାତିରେ ବାଲି ଘାଟରେ ଚଢାଉ କରିଥିଲେ। ପୁଲିସକୁ ଦେଖି ବାଲି ମାଫିଆ ଓ ହାଇୱା ଡ୍ରାଇଭରମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୁଲିସ ଘଟଣାସ୍ଥଳରେ ଥିବା ୩୮ଟି ହାଇୱା ଓ ଗୋଟିଏ ଜେସିବିକୁ ଜବତ କରିଥିଲା। ସବୁ ଗାଡିକୁ ପୁଲିସ ଥାନାକୁ ଆଣି ଜବତ କରିଛି। ଫେରାର ଥିବା ଗାଡି ମାଲିକ ଓ ଡ୍ରାଇଭରଙ୍କୁ ଧରିବାକୁ ପୁଲିସ ଚଢ଼ଉକୁ ଜୋରଦାର କରିଛି। ଏନେଇ ଚନ୍ଦକା ଥାନା ଅଧିକାରୀ କହିଛନ୍ତି ଯେ, ବେଆଇନ ଭାବେ ବାଲି ଚାଲାଣ କରୁଥିବା ମାଫିଆଙ୍କୁ ଛଡାଯିବ ନାହିଁ। ମୋରମ ଓ ବାଲି ମାଫିଆଙ୍କ ଆମେ କଡା ନଜର ରଖିଛୁ। ଜବତ ହୋଇଥିବା ହାଇୱାର ଡ୍ରାଇଭର ଗାଡି ଡ୍ରାଇଭରମାନେ ଥାନାକୁ ଆସିଲେ ଆମେ ୪୧ନୋଟିସ ଦେଇ ଛାଡି ଦେବୁ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଏନେଇ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ପ୍ରେସମିଟ୍‌ରେ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ବେଆଇନ ବ୍ୟବସାୟଙ୍କ ପ୍ରତି ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିବ ବୋଲି କହିଛନ୍ତି। ଏଥିସହ ପୁଲିସ ମାଫିଆଙ୍କ ମେରୁଦଣ୍ଡ ଭାଙ୍ଗିବ ବୋଲି କମିଶନର କହିଛନ୍ତି।

## ମହିଳା ବିକାଶ ସମବାୟ ନିଗମର ଟଙ୍କା ହଡ଼ପ

# ଫାଇନାନ୍ସିଆଲ୍ କନ୍‌ସଲଟାଣ୍ଟ ଗିରଫ



ଭୁବନେଶ୍ୱର, ୨୨।୫(ସମିସ): ମହିଳା ବିକାଶ ସମବାୟ ନିଗମର ଟଙ୍କାକୁ ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ ଟ୍ରାନ୍ସଫର କରି ବନ୍ଧା ହେଲେ ଉକ୍ତ ସଂସ୍ଥାର ଫାଇନାନ୍ସିଆଲ୍ କନସଲଟାଣ୍ଟ। ସେ ହେଲେ ଆକଶ ଚନ୍ଦ୍ର ବାବୁ। ମହିଳା ବିକାଶ ସମବାୟ ନିଗମର ଆକାଉଣ୍ଟସ୍ ଅଫିସର ତୃପ୍ତି ପ୍ରଭା ନାୟକଙ୍କ ଲିଖିତ ରିପୋର୍ଟ ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ବିକାଶକୁ ଗିରଫ କରିଛି। ପୁଲିସ ସୂଚନା ମୁତାବକ, ମହିଳା ବିକାଶ ସମବାୟ ନିଗମର ୨୦୨୨-୨୩ ଆର୍ଥିକ ବର୍ଷର ଅଡିଟ୍ ସମୟରେ ଜଣାପଡ଼ିଥିଲା ନିଗମର ଫାଇନାନ୍ସ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ଅଭିଯୁକ୍ତ ଆକାଶ ଚନ୍ଦ୍ର ବାବୁଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ୯.୫ ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ଟଙ୍କା ରିଲିଜ କରିବା ପାଇଁ ବିଭାଗ ପକ୍ଷରୁ କୌଣସି ପ୍ରକାର ଅନୁମୋଦନ କିମ୍ବା ଅଧିକୃତ ଆଦେଶ ଜାରି କରାଯାଇ ନଥିଲା। ସମ୍ପୂର୍ଣ୍ଣ ଟ୍ରାଞ୍ଜାକ୍ସନ୍ ଠକେଇପୂର୍ଣ୍ଣ ଥିଲା। ଅଭିଯୁକ୍ତ ଆକାଶ ଚନ୍ଦ୍ର ବାବୁ ୨୦୧୫-୧୬ ମସିହାରେ ମହିଳା ବିକାଶ ସମବାୟ ନିଗମରେ ଆକାଉଣ୍ଟସ୍ ଆସିଷ୍ଟାଣ୍ଟ ଭାବେ ଯୋଗଦେଇ ପରେ ଫାଇନାନ୍ସିଆଲ୍ କନସଲଟାଣ୍ଟ ଭାବେ ପଦୋନ୍ନତି ପାଇଥିଲେ। ସେ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ଅନ୍ତର୍ନିହିତ ଅଡିଟ୍ ସମୟରେ ଜଣାପଡ଼ିଥିଲା ଅଭିଯୁକ୍ତ ସରକାରୀ ଅର୍ଥ ଆତ୍ମସାତ୍ କରିବା ଉଦ୍ଦେଶ୍ୟରେ ଜାଲିଆତିପୂର୍ଣ୍ଣ ଦସ୍ତାବିଜ ପ୍ରସ୍ତୁତ କରିବା ସହ ସରକାରୀ ରେକର୍ଡରେ କାରସାଦି କରିଥିଲେ।

# ବିପୁଳ ମଦ ଜବତ; ବେପାରୀ ଗିରଫ

ବାଲିଅନ୍ତା, ୨୨।୫(ସମିସ): ବାଲିଅନ୍ତା ଥାନା ପୁଲିସ ଚୋରା ମଦ ବିକ୍ରି ମାମଲାରେ ଶୁକ୍ରବାର ସ୍ଥାନୀୟ ରାମଚନ୍ଦ୍ରପୁର ଭୋଇ ସାହିର ସଞ୍ଜୟ ଭୋଇକୁ ଗିରଫ କରିବା ସହ ବିପୁଳ ପରିମାଣର ମଦ ଜବତ କରାଯାଇଛି। ଏସଆଇ ରାଜେଶ କୁମାର ପାତ୍ର ରିପୋର୍ଟ ଆଧାରରେ ବାଲିଅନ୍ତା ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଗୁରୁବାର ବାଲିଅନ୍ତା ଥାନାର ଏସଆଇ ରାଜେଶ କୁମାର ପାତ୍ର ଓ ଅନ୍ୟ ପୁଲିସ କର୍ମଚାରୀମାନେ ସନ୍ଧ୍ୟାକାଳୀନ ପେଟ୍ରୋଲିଂ ସହ ଅବକାରୀ ଚଢ଼ାଉ ଡ୍ୟୁଟିରେ ବାଲିଅନ୍ତା ଥାନା ଅଞ୍ଚଳରେ ଥିବା ବେଳେ ବେଣ୍ଣପୁର ଗ୍ରାମ ନିକଟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ ଯେ, ରାମଚନ୍ଦ୍ରପୁର ଗ୍ରାମର ସଞ୍ଜୟ ଭୋଇ ରାମଚନ୍ଦ୍ରପୁର ଗ୍ରାମ ଛକ ନିକଟରେ ସାଧାରଣ ଲୋକଙ୍କୁ ଅବୈଧ ଭାବେ ମଦ ବିକ୍ରି କରୁଛନ୍ତି। ଏହାପରେ ପୁଲିସ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ପୁଲିସକୁ ଦେଖି ଅଭିଯୁକ୍ତ ମଦ ବୋତଲ ଛାଡ଼ି ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ତାଙ୍କୁ କାବୁ କରିଥିଲା। ଯାଞ୍ଚ ସମୟରେ ଘଟଣାସ୍ଥଳ ନିକଟସ୍ଥ ଏକ ବୁଦା ପଛପଟରୁ ୨୦୦ ମିଲି ଲିଟର ବିଶିଷ୍ଟ ୮୩ଟି ସିଲ୍ ଓ ଲେବେଲ୍ ଲାଗିଥିବା ଆସ୍କା-୪୦ ମଦ ବୋତଲ ଜବତ କରାଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ପରିଚୟ ସଞ୍ଜୟ ଭୋଇ ବୋଲି ଜଣାଇବା ସହ ଜୀବିକା ନିର୍ବାହ ପାଇଁ ସେ ଅବୈଧ ଭାବେ ମଦ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ତେବେ ଉକ୍ତ ମଦ ରଖିବା କିମ୍ବା ବିକ୍ରି କରିବା ସମ୍ପର୍କରେ ସେ କୌଣସି ବୈଧ ଲାଇସେନ୍ସ କିମ୍ବା କାଗଜପତ୍ର ଦେଖାଇ ପାରିନଥିଲେ।

ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଦୀର୍ଘଦିନ ଧରି ଅବୈଧ ମଦ କାରବାରରେ ଜଡ଼ିତ ଥିବା ବେଳେ ବାଲିଅନ୍ତା ଥାନାରେ ତାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏକାଧିକ ଅବକାରୀ ମାମଲା ରହିଛି। ତଦନ୍ତରେ ଅଭିଯୁକ୍ତ ସଞ୍ଜୟ ଭୋଇଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବର୍ତ୍ତମାନ ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ଭୁଜାଲିରେ ହାଣି ସ୍ତ୍ରୀକୁ ହତ୍ୟା; ସ୍ୱାମୀ ଗିରଫ



ଭୁବନେଶ୍ୱର, ୨୨।୫(ସମିସ): ଯୌତୁକ ନିର୍ଯାତନ ସ୍ତ୍ରୀଙ୍କୁ ଭୂଜାଲିରେ ହାଣି ହତ୍ୟା କରିବା ଉଦ୍ୟମ ଅଭିଯୋଗରେ ବଡ଼ଗଡ଼ ଥାନା ପୁଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପାଳ ବେହେରା, ତା'ଘର ବଡ଼ଗଡ଼ ଥାନା ରାଜାରାଣୀ ବସ୍ତି ଅଞ୍ଚଳରେ। ଅଭିଯୁକ୍ତଙ୍କ ଠାରୁ ଏକ ଭୂଜାଲି ଜବତ ହୋଇଛି। ପୁଲିସ ସୂଚନା ମୁତାବକ, ପୀଡିତା ପୂଜା ବରାଳ ପ୍ରାୟ ୧୧ ବର୍ଷ ପୂର୍ବେ ଅଭିଯୁକ୍ତ ଗୋପାଳ ବେହେରାଙ୍କୁ ବିବାହ କରିଥିଲେ। ବଡ଼ଗଡ଼ ଥାନା ଅନ୍ତର୍ଗତ ରାଜରାଣୀ ବସ୍ତିରେ ସ୍ୱାମୀ ଓ ଶାଶୁଙ୍କ ସହ ରହି ଆସୁଥିଲେ। ଅଭିଯୁକ୍ତ ଗୋପାଳ ବେକାର ଥିବା ବେଳେ ପୀଡିତା ବିଭିନ୍ନ ଘରେ କାମ କରି ପରିବାର ଚଳାଉଥିଲେ। ଅଭିଯୁକ୍ତ ଏବଂ ତାଙ୍କ ମାଆ ସୁତାରା ବେହେରା ପୀଡିତାଙ୍କୁ ପ୍ରାୟତଃ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ବ୍ୟବସାୟ କରିବା ପାଇଁ ପୀଡିତାଙ୍କ ବାପଘରୁ ୨ ଲକ୍ଷ ଟଙ୍କା ଆଣିବାକୁ ଚାପ ପକାଉଥିଲେ। ଟଙ୍କା ନ ଆଣିଲେ ତାଙ୍କୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦିଆଯାଉଥିଲା। ଗୋପାଳ ବେହେରା ଭୁବନେଶ୍ୱରର ୧ ନମ୍ବର ହାଟରୁ ଏକ ବଙ୍କା ଭୁଜାଲି କିଣି ନିଜ ଘରେ ଲୁଚାଇ ରଖିଥିଲେ। ପୀଡିତା ମନା କରିବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଉକ୍ତ ଭୁଜାଲି ସାହାଯ୍ୟରେ ବେକ ଉପରେ ଆକ୍ରମଣ କରି ବାରମ୍ବାର ଆଘାତ କରିଥିଲେ, ଫଳରେ ପୀଡିତା ଗୁରୁତର ରକ୍ତାକ୍ତ ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ କଲା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗଞ୍ଜେଇ ଚୋରା ଚାଲାଣ; ଜଣେ ଗିରଫ



ଭୁବନେଶ୍ୱର, ୨୨।୫(ସମିସ): ବସ୍‌ରେ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ମହମ୍ମଦ ଇମ୍ରାନ୍। ତା'ଘର ପଶ୍ଚିମବଙ୍ଗ ରାଜ୍ୟ ୨୪ ପ୍ରଗଣାରେ ହୋଇଥିଲା ବେଳେ ସେ ବାଙ୍ଗାଲୋର ରୁହନ୍ତି। ତା ଠାରୁ ୨୨.୬ କୋଜି ଗଞ୍ଜେଇ ଜବତ ହୋଇଛି।

ପୁଲିସ କର୍ଣ୍ଣାଟକ ରାଜ୍ୟ ବେଙ୍ଗାଲୁରୁର ମହମ୍ମଦ ଇମ୍ରାନ ନାମକ ଜଣେ ବ୍ୟକ୍ତି ଏକ ଧଳା ରଙ୍ଗର ଜରି ବ୍ୟାଗରେ ଗଞ୍ଜେଇ ରଖି କୋଲକାତାକୁ ପରିବହନ କରିବା ଉଦ୍ଦେଶ୍ୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ବସ୍‌ଷ୍ଟପ ନିକଟରେ ଅପେକ୍ଷା କରିଥିଲେ। ସୂଚନା ଆଧାରରେ ପୁଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଏନଡିପିଏସ୍ ଆକ୍ଟର ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ଚଢ଼ାଉ କରିଥିଲେ। ଘଟଣାସ୍ଥଳରେ ପୁଲିସକୁ ଦେଖି ସନ୍ଦିଗ୍ଧ ବ୍ୟକ୍ତି ଜଣକ ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେ ନିଜର ପରିଚୟ ମହମ୍ମଦ ଇମ୍ରାନ ବୋଲି ଜଣାଇଥିଲେ। ତଲାସି ସମୟରେ ତାଙ୍କ ହେପାଜତରୁ ଗଞ୍ଜେଇ ଭର୍ତ୍ତି ଏକ ଧଳା ରଙ୍ଗର ଜରି ବ୍ୟାଗ, ନଗଦ ୩, ୨୦୦ ଟଙ୍କା ଏବଂ ଏକ ହିରୋ କି-ପ୍ୟାଡ୍ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ନୟାଗଡ଼ର ଜାଫର ନାମକ ଜଣେ ବ୍ୟକ୍ତି ଉକ୍ତ ଗଞ୍ଜେଇକୁ ଭୁବନେଶ୍ୱରରୁ କୋଲକାତାକୁ ବସ୍ ଯୋଗେ ଅବୈଧ ଭାବେ ପରିବହନ କରିବା ପାଇଁ ତାଙ୍କୁ ଦେଇଥିଲେ। ପୂର୍ବରୁ ଗଞ୍ଜେଇ ପରିବହନ କାର୍ଯ୍ୟରେ ସେ ଜଡିତ ଥିବା ସ୍ୱୀକାର କରିଥିଲେ।

# ପ୍ରଥମ ମହିଳା ଡ୍ରଗ୍ସ ଡିଲରଙ୍କୁ ପ୍ରତିଷେଧାତ୍ମକ ଗିରଫଦାରୀ

ଭୁବନେଶ୍ୱର, ୨୨।୫(ସମିସ): ରାଜ୍ୟରେ ପ୍ରଥମ କରି ଜଣେ ମହିଳା ଡ୍ରଗ୍ସ ଡିଲରଙ୍କୁ ପ୍ରତିଶେଧାତ୍ମକ ଗିରଫଦାରୀ କରାଯାଇଛି। ମହିଳା ଜଣଙ୍କ ହେଲେ ଝରଣା ପଣ୍ଡା। ତାଙ୍କ ଘର ପୁରୀ ଜିଲ୍ଲା ବାସେଳୀ ସାହିରେ। ବାରମ୍ବାର ଡ୍ରଗ୍ସ ବ୍ୟବସାୟ କରି ପୁଲିସ ଦ୍ୱାରା ଗିରଫ ହୋଇଥିଲେ ମଧ୍ୟ ନିଶା କାରବାରରୁ ସେ ନିବୃତ୍ତ ରହୁନାହାନ୍ତି। ଏଣୁ ତାଙ୍କ ବିରୋଧରେ ପିଆଇଟିଏନ୍‌ଡିପିଏସ୍ ଦଫା ଲଗାଇଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ମିଳିଛି।

ଏସ୍‌ଟିଏଫ୍ ସୂଚନା ମୁତାବକ ପୁରୀ ଜିଲ୍ଲାରେ ସେ ଡ୍ରଗ୍ସ ବ୍ୟବସାୟ କରନ୍ତି। ବାସେଳୀସାହି, କୁମ୍ଭାରପଡ଼ା, ବଳିଆପଣ୍ଡା ପ୍ରଭୃତି ଥାନାରେ ତାଙ୍କ ବିରୋଧରେ ୫ଟି ମାମଲା ରହିଛି। ଯେତେ ଥର ଜେଲ୍ ଯାଉଛନ୍ତି ବାହାରକୁ ଆସି ସେତେଥର ନିଶା କାରବାରରେ ସାମିଲ ହେଉଛନ୍ତି। ଏଥିରେ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଅତିଷ୍ଠ ହୋଇଗଲାଣି। ଶେଷରେ ପ୍ରଶାସନ ତାଙ୍କ ବିରୋଧରେ ପ୍ରତିଶେଧାତ୍ମକ ଗିରଫଦାରୀ ବ୍ୟବସ୍ଥା କରିବାକୁ ଏସ୍‌ଟିଏଫ୍‌କୁ ଚିଠି ଲେଖିଥିଲା। ଏସ୍‌ଟିଏଫ୍ ଏନେଇ ବିଚାର ପାଇଁ ଷ୍ଟେଟ୍ ଆଡ୍‌ଭାଇଜରୀ ବୋର୍ଡଙ୍କୁ ଜଣାଇଥିଲା। ଷ୍ଟେଟ୍ ଆଡ୍‌ଭାଇଜରି ବୋର୍ଡଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ବ୍ୟବସ୍ଥା ପୁଲିସକୁ ଏକ ସ୍ୱତନ୍ତ୍ର କ୍ଷମତା ଦେଇଛି। ନିଶା କାରବାର କରିବା ପୂର୍ବରୁ ତାଙ୍କୁ ପୁଲିସ ଗିରଫ କରି ପାରିବ ବୋଲି ସୂଚନା ମିଳିଛି।

# ଧଉଳିରେ ଲୋକ ଜନଶକ୍ତିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବାଲିଅନ୍ତା, ୨୨।୫(ସମିସ): ଭୁବନେଶ୍ୱର ବ୍ଲକ ଧଉଳି ତୃପ୍ତି କନଭେନସନରେ ଲୋକ ଜନଶକ୍ତି ପାର୍ଟି ଓଡ଼ିଶା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟ ସଭାପତି ଡ. ରାଜନ ଲାଲ ଶ୍ରୀବାସ୍ତବ ସଭାପତିତ୍ୱ କରିଥିଲେ। ଏହାସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ୨୨ଟି ଜିଲ୍ଲାରେ ନିଜସ୍ୱ କାର୍ଯ୍ୟାଳୟ ଖୋଲିବା ନେଇ ପ୍ରସ୍ତାବ ଆଗତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଚିତ୍ତରଞ୍ଜନ ମଲ୍ଲିକ ସମଗ୍ର କାର୍ଯ୍ୟ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ କଲ୍ୟାଣୀ ବାରିକ, ଲିଗାଲ ସେଲ ସଭାପତି ଶୁଭ୍ରଜିତ ମହାନ୍ତି, ସମ୍ପାଦକ ରତ୍ନାକର ସ୍ୱାଇଁ, ଚିତ୍ତରଞ୍ଜନ ବରାଳ, ଉପ ସଭାପତି ମୁସ୍ତାକ ଅଲ୍ଲୀ, ପିତବାସ ପଣ୍ଡା, ଶରତ ଚନ୍ଦ୍ର ରଣବିଡା, ଅନୀତା ନାୟକ ଓ ନୃସିଂହ ସିଲପାଡିଆଙ୍କ ସମେତ ବିଭିନ୍ନ ଜିଲ୍ଲା ଏବଂ ବ୍ଲକର କାର୍ଯ୍ୟକର୍ତ୍ତାବୃନ୍ଦ ଏବଂ ପୁରୁଖା ନେତା ଉପସ୍ଥିତ ଥିଲେ।

## ଡିଏମ୍‌ଏଫ୍ ଆକାଉଣ୍ଟରୁ ୯.୫୬ କୋଟି ହଡ଼ପ ମାମଲା

# ଛତିଶଗଡ଼ରୁ ଆଉ ଦୁଇ ଗିରଫ

ଭୁବନେଶ୍ୱର, ୨୨।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ରେ ଥିବା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆକାଉଣ୍ଟରୁ ନକଲି ଚେକରେ ୯.୫୬ କୋଟି ହଡ଼ପ

### ■ ମାଷ୍ଟରମାଇଣ୍ଡକୁ ଧରିବାକୁ ତନାଘନା

ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ ଦୁଇ ଅଭିଯୁକ୍ତଙ୍କୁ ଛତିଶଗଡ଼ ରାୟପୁରରୁ ଇଓଡବ୍ଲ୍ୟୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରଏ ଆସୋସିଏଟ୍ସ ଏବଂ ଏସଏସ୍ ଟ୍ରେଡିର୍ସର ପ୍ରୋପାଇଟର ସୁରଜିତ୍ ରଏ ଓ ସମୀର ଶ୍ରୀବାସ୍ତବ। ଗିରଫ ପରେ ଉଭୟଙ୍କୁ ରାୟପୁର ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଅନୁମତି ନେଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱର ଆଣିଛି ଇଓଡବ୍ଲ୍ୟୁ ଟିମ୍। ଅଭିଯୁକ୍ତଦ୍ୱୟଙ୍କୁ ବାଲେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯିବ। ଏହି ମାମଲାରେ ପୂର୍ବରୁ ୪ ଜଣ ଅଭିଯୁକ୍ତ ପୋମେଶ ଟେମ୍ପେଟ୍ରେ, ଘନଶ୍ୟାମ ଆହୁଜା, ଆଜମିର ମଣ୍ଡଳ ଏବଂ ବ୍ରଜେଶ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ମାମଲାରେ





ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି।

ସୂଚନାଯୋଗ୍ୟ, ଭଞ୍ଜପୁର ଥାନାରେ ମାମଲା ପରେ ଇଓଡବ୍ଲ୍ୟୁ ନେଇଥିଲା ତଦନ୍ତ ଭାର। ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ଉକ୍ତ ଆକାଉଣ୍ଟରୁ ଟଙ୍କା ହଡ଼ପ ଜଣାପଡ଼ିବା ପରେ ବ୍ୟାଙ୍କର ଚିଫ୍ ମ୍ୟାନେଜର ସୁଜାତା କାନୁନ୍‌ଗୋ ସ୍ଥାନୀୟ ଭଞ୍ଜପୁର ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତମାନେ ୨୦୨୪ ଏପ୍ରିଲ ୧୦ରେ ୨ଟି ନକଲି ଚେକ୍ ଜରିଆରେ ପ୍ରଥମେ ଡିଏଏମଏଫ୍ ଜମାଖାତାରୁ ୪.୫୨ କୋଟି ଓ ୧୮ ତାରିଖରେ ଆଉ ୨ଟି ନକଲି ଚେକ୍ ଜରିଆରେ ୫.୦୪ କୋଟି ଟଙ୍କା ଉଠାଇ ନେଇଥିଲେ। ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ୬୦୦ଟଙ୍କା ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ ସପ୍ଲାୟର୍ସ ଓ ଏସ୍‌କେ ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିଲା। ଉକ୍ତ ଆକାଉଣ୍ଟରୁ ଅନେକ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ ମଧ୍ୟ ହୋଇଥିଲା। ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ ସପ୍ଲାୟର୍ସ ଆକାଉଣ୍ଟରୁ ୪୫ ଲକ୍ଷ ୧୯ ହଜାର ୮୦୪ ଟଙ୍କା ଏବଂ ୩୯ ଲକ୍ଷ ୧୯ ହଜାର ୨୦୩ ଟଙ୍କା ଅଭିଯୁକ୍ତଦ୍ୱୟଙ୍କ ରଏ ଆସୋସିଏଟ୍ସ ଏବଂ ଏସଏସ୍ ଟ୍ରେଡିର୍ସ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ଏକ ବଡ଼ ଗ୍ୟାଙ୍ଗର ସଦସ୍ୟ ଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ମ୍ୟାକେଟ ସକ୍ରିୟ ରହିଛି ବୋଲି ଅନୁମାନ କରାଯାଉଛି। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡକୁ ଧରିବାକୁ ପ୍ରୟାସ ଚାଲିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।



# ଭୁବନେଶ୍ୱର + କଟକ

**ଦୀର୍ଘ ସମୟ ବିଦ୍ୟୁତ୍ କାଟ୍‌କୁ ନେଇ ଉତ୍ତେଜନା**

# ତାତିଲେ ଉପଭୋକ୍ତା; ଲୁଚିଲେ ଯନ୍ତ୍ରୀ, ଅଧିକାରୀ

କଟକ, ୨୨।୫(ସମିସ)

ରାଜ୍ୟରେ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଜାରି ରହିଥିବା ବେଳେ କଟକ ସଦର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଟାଟା ପାୱାର କମ୍ପାନୀର ମନମୁଖୀ ଓ ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି। ଗତକାଲି ରାତିରେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିବାରୁ ଅତିଷ୍ଠ ଉପଭୋକ୍ତାମାନେ

- ବିଭାଗୀୟ କାର୍ଯ୍ୟାଳୟ ଜଗିଲା ପୁଲିସ
- ଗୋପାଳପୁର ଏସଡିଓ ଅଫିସ ଆଗରେ ଏନ୍ଏଚ୍ ଅବରୋଧ
- ୭ ଦଫା ଦାବି ନେଇ ବିଜେଡିର ଧାରଣା
- ବିଲ୍ ନ ଦେବାକୁ ଉପଭୋକ୍ତାଙ୍କ ଚେତାବନୀ

ଏହାର କାରଣ ଖୋଜିବାକୁ ଗୋପାଳପୁରସ୍ଥିତ ଏସଡ଼ିଓ କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ସେଠାରେ ଏସଡ଼ିଓ କିମ୍ବା କୌଣସି ଦାୟିତ୍ୱବାନ ଯନ୍ତ୍ରୀଙ୍କୁ ନ ପାଇବାରୁ ଲୋକଙ୍କ



ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଧିକାରୀମାନେ ଜନଆକ୍ରୋଶ ଭୟରେ ଲୁଚି ଯାଇଥିବା ଅଭିଯୋଗ କରି ଉତ୍ୟକ୍ତ ଉପଭୋକ୍ତାମାନେ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସି ରହିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୋପାଳପୁର ଡିଭିଜନ କାର୍ଯ୍ୟାଳୟ ପରିସରରେ ଆଗକୁ କାଳେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ଅନ୍ୟପକ୍ଷରେ, ଆଜି ପୂର୍ବାହ୍ନରେ ଗୋପାଳପୁର ସବଡିଭିଜନ ଅଧୀନରେ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଏକ ୭ ଦଫା ଦାବିପତ୍ର ସହ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗ୍ରାମାଞ୍ଚଳରେ ବିପଜ୍ଜନକ ଭାବେ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମରଗୁଡ଼ିକର ସୁରକ୍ଷା, ବିଦ୍ୟୁତ କାଟିଲେ ତୁରନ୍ତ ମରାମତି କରିବା ଏବଂ ସବୁଠାରୁ ବଡ଼ କଥା ହେଲା ବିଦ୍ୟୁତ ଗଲେ ସହକାରୀ ଯନ୍ତ୍ରୀ ଓ ଅନ୍ୟ ଯନ୍ତ୍ରୀମାନେ ଉପଭୋକ୍ତାଙ୍କ ଫୋନ୍ ନ ଉଠାଇବା ଭଳି ଗମ୍ଭୀର ଅଭିଯୋଗ ଉପରେ ଦଳ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଧାରଣା ସ୍ଥଳରେ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଏହି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ କର୍ମୀମାନେ ଧାରଣାରୁ ଓହରିଥିଲେ। ଅନୁରୂପ ଭାବେ ଅଡ଼ସପୁର ବିଦ୍ୟୁତ ବିଭାଗ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଗତକାଲିଠାରୁ ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପ୍ରଚଣ୍ଡ ଖରା, କାଳବୈଶାଖୀର ପ୍ରଭାବ ଓ ଅସହ୍ୟ ଗୁଳୁଗୁଳିରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଆଉଟୁପାଉଟୁ ହୋଇଥିଲେ। ଗ୍ରାହକମାନେ ଏ ସମ୍ପର୍କରେ ଜାଣିବାକୁ ଚାହିଁ ଫୋନ୍ କରିଥିଲେ ମଧ୍ୟ ବିଦ୍ୟୁତ କାର୍ଯ୍ୟାଳୟର କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀ ଫୋନ୍ ଉଠାଇ ନ ଥିଲେ। ଟାଟା ପାୱାର କମ୍ପାନୀର ଏଭଳି ଚରମ ମନମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଆଗାମୀ ଦିନରେ ବିଦ୍ୟୁତ ଦେୟ (ବିଲ୍) ପୈଠ ନ କରିବାକୁ ଉପଭୋକ୍ତାମାନେ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ସାଧାରଣରେ ଆଲୋଚନା ହେଉଛି ଯେ, ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଆଦୌ ବିଦ୍ୟୁତ କାଟ ହେବନାହିଁ ଏବଂ ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଅଧିକାରୀଙ୍କୁ ଜେଲ୍ ପଠାଯିବ ବୋଲି ଖୋଦ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ତାହା କେବଳ ଏକ ଧୂଆଁବାଣ ବୋଲି ପ୍ରତୀୟମାନ ହେଉଛି। ଏସବୁ ମଧ୍ୟରେ ଟାଟା କମ୍ପାନୀ ବକେୟା ବିଲ୍ ଆଦାୟ କରିସାରିବା ପରେ କାଳବୈଶାଖୀ ଓ ଗ୍ରୀଷ୍ମ ପ୍ରବାହ ସମୟରେ ଅଧିକ କର୍ମଚାରୀ ନିଯୁକ୍ତ କରିବା ପରିବର୍ତ୍ତେ ପୂର୍ବରୁ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ଚାକିରିରୁ ବିଦା କରିବା ପାଇଁ ନୋଟିସ ଜାରି କରିଛି। ଏହାର ପ୍ରତିବାଦରେ କର୍ମଚାରୀମାନେ ଭୁବନେଶ୍ୱର ପିଏମଜି ଛକରେ ମିଳିତ ଭାବେ ଧାରଣାରେ ବସି ରହିଛନ୍ତି। କମ୍ପାନୀର ଏଭଳି କର୍ମଚାରୀ ଅଭାବ ଜନିତ ନୀତି ଯୋଗୁଁ ବିଦ୍ୟୁତ ମରାମତି ବାଧାପ୍ରାପ୍ତ ହେଉଛି, ଯାହା ଉପଭୋକ୍ତାଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି ବୋଲି ଅଭିଯୋଗ ହୋଇଛି।

**ପୁରୁଣା ଫଟୋ**

**ପୁରୁଣା ସ୍ମୃତି**



ଭୁବନେଶ୍ୱର, ୨୨।୫(ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଅନେକ କୀର୍ତ୍ତିରାଜି ସାଇତା ହୋଇ ରହିଛି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେଥିପାଇଁ କେବଳ ଅନ୍ୟ ରାଜ୍ୟ ନୁହଁ ବରଂ ଅନ୍ୟ ଦେଶରୁ ମଧ୍ୟ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରରେ ଏପରି ଅନେକ ଛୋଟ ବଡ ଐତିହ୍ୟ ମନ୍ଦିର ପରିଲକ୍ଷିତ ହୋଇଥାଏ। ହେଲେ ସେଠାକାର ମୁଖ୍ୟ ଆକର୍ଷଣ ହେଉଛି ତ୍ରୟଦଶ ଶତାବ୍ଦୀର ଲିଙ୍ଗରାଜ ମନ୍ଦିର। ସମୟ ସହ ତାର ଭିତର ଏବଂ ବହାର ପରିବେଶର ରୂପରେଖରେ ଅନେକ ପରିବର୍ତ୍ତନ ଆସିଛି। ହେଲେ ପୁରୁଣା ସମୟରେ କେମିତି ଦିଶୁଥିଲା ଲିଙ୍ଗରାଜ ମନ୍ଦିର ତାର ଏକ ଝଲକ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

ପାଖାପାଖି ୫୮ ବର୍ଷରୁ ଅଧିକ ପୁରୁଣା ଏକ ଫଟୋରେ ଲିଙ୍ଗରାଜ ମନ୍ଦିର ସାମ୍ନାପାଖ ଦ୍ୱାରର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଫଟୋଟି ୧୯୬୮ ମସିହାରେ କ୍ୟାମେରାରେ କଏଦ ହୋଇଥିବା ଜାଣିବାକୁ ମିଳିଛି। ଏକାମ୍ର କ୍ଷେତ୍ରର ଆକର୍ଷଣ ତଥା ଲିଙ୍ଗରାଜ ମନ୍ଦିର ଏକାଦଶ ଶତାବ୍ଦୀ ବେଳକୁ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ରାଜା ଯଯାତି କେଶରୀଙ୍କ ସମୟରେ ନିର୍ମାଣ ହୋଇଥିବା ଇତିହାସ ପୃଷ୍ଠାରୁ ଜାଣିବାକୁ ମିଳେ। ଏହି କଳାଧଳା ଫଟୋରେ ମନ୍ଦିର ସମ୍ମୁଖ ଦ୍ୱାର ନିକଟରେ ପ୍ରଭୁ ଲିଙ୍ଗରାଜଙ୍କ କିଛି ସେବକ ଦୃଶ୍ୟମାନ ହେଉଛନ୍ତି।

## କିଟ୍ ଏବଂ ୟୁଏନ୍ଏସ୍ଏସ୍‌ସି ଓ ୟୁଏନ୍‌ଭି ମଧ୍ୟରେ ବୁଝାମଣା



ଭୁବନେଶ୍ୱର,୨୨।୫(ସମିସ): ବିଶ୍ୱସ୍ତରୀୟ ସହଯୋଗ ଏବଂ ସେବା ଦିଗରେ ୟୁନାଇଟେଡ୍ ଭଲ୍ୟୁଣ୍ଟିୟର୍ସ (ୟୁଏନ୍‌ଭି) ଓ ୟୁନାଇଟେଡ୍ ନେସନ୍‌ସ ସିଷ୍ଟମ ଷ୍ଟାଫ୍ କଲେଜ(ୟୁଏନ୍ଏସ୍ଏସ୍‌ସି) ମଧ୍ୟରେ କିଟ୍ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଜର୍ମାନ ଗସ୍ତ ଅବସରରେ ବନ୍‌ଠାରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଅବସରରେ ୟୁଏନ୍‌ଭି ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବକ ସହଯୋଗ ସମ୍ପର୍କରେ ଶ୍ରୀ ସାମନ୍ତ ଆଲୋଚନା କରିଥିଲେ। ଏହା ଦ୍ୱାରା କିଟ୍‌ର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବା ମାଧ୍ୟମରେ ବିଶ୍ୱ ସମ୍ପର୍କରେ ଅଧିକ ଜାଣିବା, ସେବା କରିବା ଓ ବିଶ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ। ଯୁବ ସ୍ୱେଚ୍ଛାସେବା ପାଇଁ ଜାତିସଂଘ ସହ ଏପରି ଏକ ପଥ ପ୍ରତିଷ୍ଠା କରିବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ପ୍ରଥମ ବିଶ୍ୱବିଦ୍ୟାଳୟ। ଏହାସହ ନେଲସନ୍ ମାଣ୍ଡେଲା ଗ୍ଲୋବାଲ୍ ଏକାଡେମୀ ଫର୍ ସୋସିଆଲ୍ ଚେଞ୍ଜ ମାଧ୍ୟମରେ ୟୁଏନ୍ଏସ୍ଏସ୍‌ସି ସହିତ କିଟ୍‌ର ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହା କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ପରିବର୍ତ୍ତନ, ନେତୃତ୍ୱ, ଆଲୋଚନା ଏବଂ ସମାଜସେବା ବିଷୟରେ ଶିଖିବାର ସୁଯୋଗ ସୃଷ୍ଟି କରିବ। ଏଥିରେ ଖୁସିବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ, ଏହା ହେଉଛି କରୁଣା, ଦାୟିତ୍ୱ ଏବଂ ମାନବତା ପ୍ରତି ସେବା। କିଟ୍ ସହ ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା କରିଥିବାରୁ ଶ୍ରୀ ସାମନ୍ତ ୟୁଏନ୍‌ଭି ଓ ୟୁଏନ୍ଏସ୍ଏସ୍‌ସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଭୟ କାର୍ଯ୍ୟକ୍ରମରେ ୟୁଏନ୍ଏସ୍ଏସ୍‌ସିର ଡେପୁଟି ଡାଇରେକ୍ଟର ସିଲ୍‌କେ ୱେନ୍‌ଲିଚ ଓ ୟୁଏନ୍‌ଭି ପକ୍ଷରୁ ଡେପୁଟି ଏକଜିକ୍ୟୁଟି କୋଅର୍ଡିନେଟର ଲାଉସ ଚାମ୍ବରଲେନ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

## ଶିଳାଶ୍ରୀ ପ୍ରକାଶନୀ ପକ୍ଷରୁ ପୁସ୍ତକ ଉନ୍ମୋଚନ ପର୍ବ

ଭୁବନେଶ୍ୱର, ୨୨।୫(ସମିସ): ଶିଳାଶ୍ରୀ ପ୍ରକାଶନୀରୁ ପ୍ରକାଶିତ ବାସନ୍ତୀ ଦାସଙ୍କର ୧୮ ତମ ପୁସ୍ତକ କବିତା ସଙ୍କଳନ 'ଇତି! କିନ୍ତୁ ଶେଷ ନୁହେଁ' ବୁଦ୍ଧମନ୍ଦିର ସଭାଗୃହରେ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏହି ସଭାର ସଭାପତିତ୍ୱ ଡ. ଦେବାଶିଷ ମହାପାତ୍ର, ମୁଖ୍ୟ ଅତିଥି ଭାବେ ବିଜୟ କୁମାର ଦାସ, ମୁଖ୍ୟ ବକ୍ତା ଡ. ବିବେକାନନ୍ଦ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ରତ୍ନାକର ରାଉତ ଯୋଗଦେଇ ଥିଲେ। ଡ. ଦେବାଶିଷ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ବାସନ୍ତୀ ଦାସ। ସଭା ଆରମ୍ଭରେ ରଜ ଉପଲକ୍ଷେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା କରିଥିଲେ ମଞ୍ଜୁଳା ତ୍ରିପାଠୀ ଓ ବସୁମତୀ ଶତପଥି। ବରଦାପ୍ରସାଦ ମହାପାତ୍ରଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯିବାସହ ଶ୍ରେଷ୍ଠ ପାଠକ ଯୁଗ୍ମ ସମ୍ମାନ ବିଜୟ କୁମାର ଦାସ ଓ ଶଶୀପ୍ରଭା ଦାସଙ୍କୁ ଦିଆଯାଇଥିଲା।

## 'ସାଂସ୍କୃତିକ ବିବିଧତାକୁ ଜଗତୀକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍'

ଭୁବନେଶ୍ୱର,୨୨।୫(ସମିସ): ସାଂସ୍କୃତିକ ବିବିଧତାକୁ ଜଗତୀକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍ ଏବଂ ଏହାକୁ ଅର୍ଥନୈତିକ ବିକାଶ ସହ ଯୋଡ଼ିବାର ଆବଶ୍ୟକତା ରହିଛି ବୋଲି ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷର ପୂର୍ବତନ ଅଧ୍ୟକ୍ଷ ତଥା କୋଲକାତାସ୍ଥିତ ଭାରତୀୟ ନୃତତ୍ୱ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା କହିଛନ୍ତି।

- 'ପ୍ରାଚୀନ' ପକ୍ଷରୁ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳିତ



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ସେଣ୍ଟର ଫର୍ ପ୍ରିଜରଭେସନ୍ ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନସିଏଣ୍ଟ କଲଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆଲୋଚନା ଏବଂ ବିକାଶ ନିମନ୍ତେ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳନ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ବାସା କହିଛନ୍ତି, ବିଶ୍ୱ ମାନଚିତ୍ରରେ ଲୋକମାନେ ବର୍ତ୍ତମାନ ନୂତନ ଏବଂ ବିଭିନ୍ନ କଳା ସଂସ୍କୃତି ସହ ଯୋଡ଼ି ହେଉଛନ୍ତି ଏବଂ ପରସ୍ପର ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାର ସୁଯୋଗ ପାଉଛନ୍ତି। ସାଂସ୍କୃତିକ ଆଦାନପ୍ରଦାନ ଦ୍ୱାରା ଅଭିନବ ପର୍ଯ୍ୟଟନ ଏବଂ ଅର୍ଥନୀତିର ବିକାଶ ମଧ୍ୟ ହୋଇପାରିବ। ସେ ପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ଉଦାହରଣ ଦେଇ ଏହା କିପରି ଓଡ଼ିଶା କଳା ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ ସେନେଇ ବକ୍ତବ୍ୟ ରଖି ଲୋପ ପାଉଥିବା କଳା-ସଂସ୍କୃତିର ପୁନରୁଦ୍ଧାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ।

'ପ୍ରାଚୀନ'ର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ପୁରାତନ ଲେଖା ସମ୍ପାଦନା ଏବଂ ଆଲୋଚନା ଏବଂ ବିକାଶ ନିମନ୍ତେ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳନ ନେଇ ଆୟୋଜିତ କର୍ମଶାଳା ଖୁବ୍ ନିବିଡ଼ ଭାବେ ଜଡ଼ିତ। କାରଣ ଏହା ବିଶାଳ ସାଂସ୍କୃତିକ ବିବିଧତା ଏବଂ ମଣିଷର ମାନସିକତାକୁ ଯୋଡ଼ି ରଖିଛି। ଗବେଷଣା କେବଳ ନୂଆ ଉଦ୍ଭାବନର ନାମ ନୁହେଁ; ବରଂ ଏହା ଲୋପ ପାଉଥିବା ଜ୍ଞାନର ପୁନଃ ଉଦ୍ଭାବନ ଏବଂ ସଂରକ୍ଷଣ ସହ ଜଡ଼ିତ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ପୁରୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଏବଂ ଲେଖକ ଓ ସିନେ ନିର୍ମାତା ଦେବ ରଞ୍ଜନ ବକ୍ତବ୍ୟ ରଖି ତାଙ୍କ ବୃତ୍ତଚିତ୍ରର 'ଫର୍ମଲେସ୍ ଫର୍ମ' ସମ୍ପର୍କରେ କହିବା ସହ ସନ୍ଥ ଭୀମଭୋଇଙ୍କ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଫେସର ଆଚାର୍ଯ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ପ୍ରକାଶନ କରିବା ନେଇ 'ପ୍ରାଚୀନ'କୁ ପ୍ରଶଂସା କରିବା ସହ ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ସୋଆ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ନିମନ୍ତେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ 'ପ୍ରାଚୀନ'ର କଲ୍‌ଚର୍ ଷ୍ଟଡିଜ୍‌ର ଆଡ୍‌ଜଙ୍କ୍ଟ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଆସୋସିଏଟ ପ୍ରଫେସର ଡ. ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ସହ 'ପ୍ରାଚୀନ' ପକ୍ଷରୁ ଚାଲିଥିବା ସପ୍ତାହବ୍ୟାପୀ ପୁରାତନ ଲେଖା ସମ୍ପାଦନା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ୪୧ ଜଣ ଗବେଷକ ଯୋଗ ଦେଇଥିଲେ।

**● ଢେଙ୍କାନାଳ ଯୋଗାଣ ନିଗମ ପକ୍ଷରୁ ଟେଣ୍ଡରରେ ଅନିୟମିତତା**

## କାର୍ଯ୍ୟାଦେଶ ଉପରେ ରୋକ ଲଗାଇଲେ ହାଇକୋର୍ଟ

କଟକ, ୨୨।୫(ସମିସ): ଏକ ସରକାରୀ ଟେଣ୍ଡର୍‌ରେ ସର୍ବନିମ୍ନ ଦରଦାତା ଭାବେ ଚୟନ ହେବା ପରେ ମଧ୍ୟ ତାଙ୍କର ବିଡ୍ ବାତିଲକୁ ନେଇ ଆସିଥିବା ଅଭିଯୋଗ ସଂକ୍ରାନ୍ତୀୟ ମାମଲାଟି ବିଚାର ପାଇଁ ଆସିଥିବା ବେଳେ ହାଇକୋର୍ଟ ଅଧିକ ଦରଦାତା ବିଡ୍‌ର କାର୍ଯ୍ୟାଦେଶ ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଆବେଦକାରୀ ସାହୁ ଆଣ୍ଡ ସାହୁ ଟ୍ରାନ୍ସପୋର୍ଟ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ପତିଙ୍କ ଯୁକ୍ତିକୁ ବିଚାରକୁ ନେଇ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ପ୍ରତିପକ୍ଷ ଆଲୋକଙ୍କ ସପକ୍ଷରେ କୌଣସି ୱାର୍କ ଅର୍ଡର ଜାରି ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଯଦି ପୂର୍ବରୁ ୱାର୍କ ଅର୍ଡର୍ ଜାରି ହୋଇଥାଏ, ତେବେ ତାହାକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ପ୍ରାଥମିକ ଶୁଣାଣି ପରେ ଖଣ୍ଡପୀଠ ମନେ କରିଛନ୍ତି ଯେ ଟେଣ୍ଡର୍ ନିୟମର କିଛି ସର୍ତ୍ତକୁ କର୍ତ୍ତୃପକ୍ଷ ଭୁଲ ଭାବେ ବ୍ୟାଖ୍ୟା କରିଥାଇପାରନ୍ତି। ତେଣୁ, ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉପରୋକ୍ତ ଆଦେଶ ଦେବା ସହ ଏଥିରେ ପକ୍ଷଭୁକ୍ତ ରାଜ୍ୟ ଯୋଗାଣ ନିଗମ ଅଧିକାରୀ, ଆଲୋକନାଥଙ୍କ ସହ ଅନ୍ୟ ଦୁଇ ପ୍ରତିପକ୍ଷଙ୍କୁ ଆସନ୍ତା ଜୁଲାଇ ୮ ସୁଦ୍ଧା ଜବାବ ରଖିବାକୁ ନୋଟିସ ଜାରି କରିଛନ୍ତି।

ଢେଙ୍କାନାଳ ଜିଲ୍ଲାପାଳଙ୍କ ଅଧୀନରେ ଥିବା ଯୋଗାଣ ବିଭାଗ ପକ୍ଷରୁ ଚାଉଳ ଓ ଗହମ ଭଳି ଶସ୍ୟ ଜାତୀୟ ମାଲ ପରିବହନ ପାଇଁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସାହୁ ଆଣ୍ଡ ସାହୁ ଟ୍ରାନ୍ସପୋର୍ଟ ପକ୍ଷରୁ ସର୍ବନିମ୍ନ ବିଡର୍ ଭାବେ ଏହି ଟେଣ୍ଡର୍ ପାଇଥିଲା। ପରବର୍ତ୍ତୀ ସମୟରେ ଟେଣ୍ଡର୍ କମିଟି ଏହି ଟେଣ୍ଡର୍‌କୁ ରଦ୍ଦ କରିଦେଇ ଦ୍ୱିତୀୟ ସର୍ବନିମ୍ନ ବିଡର୍ ଆଲୋକନାଥକୁ ମାଲ ପରିବହନ କରିବାର ସୁଯୋଗ ଦେଇଥିଲେ।

**● ପୁଲିସ ଏସଆଇ ପ୍ରଶ୍ନପତ୍ର ଲିକ୍ ମାମଲା**

## ୧୭ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

କଟକ, ୨୨।୫(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ଆୟୋଜିତ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ଜାଲିଆତି ମାମଲାରେ ସଂପୃକ୍ତ ୧୭ଜଣ ଅଭିଯୁକ୍ତଙ୍କୁ ମିଳିଲାନି ଆଶ୍ୱସ୍ତି। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ସମସ୍ତ ୧୭ଜଣ ଆବେଦନକାରୀଙ୍କ ଜାମିନ ପ୍ରାର୍ଥନାକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଗୌରୀ ଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ ମାମଲାର ଗମ୍ଭୀରତା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ଆସିଥିବା ସଂଗୀନ ଅଭିଯୋଗକୁ ଅନୁଧ୍ୟାନ କରି କୋର୍ଟ କହିଛନ୍ତି ଯେ ଅଭିଯୁକ୍ତମାନେ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ କରିବା ପାଇଁ ନକଲି ଦସ୍ତାବିଜ ପ୍ରସ୍ତୁତ କରିବା ସହ ଅସାଧୁ ତଥା ଦୁର୍ନୀତିଗ୍ରସ୍ତ ଉପାୟ ଆପଣାଇଥିଲେ।

**● ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶିତ**

## ସ୍ନାତକରେ ଆଦ୍ୟାମ୍ରା ଓ ସ୍ନାତକୋତ୍ତରରେ ଲୋପିତା ଟପ୍ପର

ଭୁବନେଶ୍ୱର, ୨୨।୫(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ଅନୁବନ୍ଧିତ ମହାବିଦ୍ୟାଳୟର ଚୂଡ଼ାନ୍ତ ସ୍ନାତକ ପରୀକ୍ଷା ଫଳ ସମେତ ସ୍ନାତକୋତ୍ତର ଓ ବିଏଡ୍ ରେଜଲ୍ଟ ପ୍ରକାଶ ପାଇଛି। ସ୍ନାତକରେ ସମୁଦାୟ ୬୮୦୫ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬୦୨୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପାସ୍ ହାର ୮୮.୫ ପ୍ରତିଶତ ରହିଛି। ଅବଶିଷ୍ଟ ୭୮୪ ଜଣ ଫେଲ୍ ହୋଇଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ଆଦ୍ୟାମ୍ରା ନାୟକ ୯.୬୪ ସିଜିପିଏ ସହ ବିଶ୍ୱବିଦ୍ୟାଳୟର ଟପ୍ପର ବା ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି। ସେହିପରି କଳାରେ ଶିକ୍ଷା ବିଭାଗର ଛାତ୍ରୀ ସ୍ମୃତିପ୍ରଜ୍ଞା ଜେନା ଓ ବାଣିଜ୍ୟରେ ଲକ୍ଷ୍ମୀପ୍ରିୟା ଦାସ ଟପ୍ପର ହୋଇଛନ୍ତି। ସେହିପରି ସ୍ନାତକୋତ୍ତରରେ ସମୁଦାୟ ୭୦୬ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬୪୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ପାସ୍ ହାର ୯୧.୯ ପ୍ରତିଶତ ରହିଥିବାବେଳେ ୫୭ ଜଣ ଫେଲ୍ ହୋଇଛନ୍ତି। ସମସ୍ତ ବିଭାଗର ଟପ୍ପରଙ୍କ ତାଲିକା ପ୍ରକାଶ ପାଇଥିବାବେଳେ ବାଇଓ ଟେକନୋଲୋଜୀର ଛାତ୍ରୀ ଲୋପିତା ମହାପାତ୍ର ୯.୬୨ ସିଜିପିଏ ମାର୍କ କହିତ ସ୍ନାତକୋତ୍ତର ଟପ୍ପର ହୋଇଛନ୍ତି। ଅନୁରୂପ ଭାବେ ବିଇଡି ପରୀକ୍ଷାରେ ସମସ୍ତ ୫୦ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ଶ୍ରାବଣୀ ଗାଙ୍ଗୁଲି ଏବଂ ବିଜ୍ଞାନରେ ପ୍ରିୟଙ୍କା ପଣ୍ଡା ସର୍ବାଧିକ ନମ୍ବର ରଖି ସଫଳତାର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

**ରେଳଯାତ୍ରୀଙ୍କଠାରୁ ଲୁଟ୍‌ପାଟ**

# ଲାପ୍‌ଟପ୍ ବ୍ୟାଗରୁ ଲୁଟେରା ଚିହ୍ନଟ

କଟକ, ୨୨।୫(ସମିସ): ଟ୍ରେନରେ ଯାତ୍ରୀଙ୍କୁ ଲୁଟପାଟ କରୁଥିବା ଜଣେ ପେସାଦାର ଲୁଟେରାକୁ ଆରପିଏଫ୍ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଭଦ୍ରକ ଜିଲ୍ଲା ଗରଦପୁର ଗାଁର ବାବୁ ଓରଫ ଗଣେଶ ପ୍ରସାଦ ସାହୁ(୩୨)। ତିନି ମାସ ପୂର୍ବରୁ ଏକ ଲୁଟ ମାମଲାର ଲାପଟପ ବ୍ୟାଗ ତାକୁ ଧରାପକାଇଦେଇଛି। ତା' ପାଖରୁ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ବୈଦ୍ୟୁତିକ ଉପକରଣ ଜବତ କରାଯାଇଛି।

- ମୋବାଇଲ, ଲାପ୍‌ଟପ, ଟ୍ୟାବ୍‌ଲେଟ, ଆଇପ୍ୟାଡ ଜବତ
- କଟକ ରେଳ ଷ୍ଟେସନ୍‌ରୁ ମୋବାଇଲ୍ ଲୁଟେରା ଗିରଫ

ଆର୍‌ପିଏଫ୍ ସୂତ୍ରରୁ ପ୍ରକାଶ ଯେ ଗତ ଫେବୃଆରୀ ୨୩ରେ ଜଣେ ରେଳଯାତ୍ରୀ କଟକ ଆରପିଏଫ ପୋଷ୍ଟକୁ ଆସି ଲାପ୍‌ଟପ ଚୋରି ନେଇ ଅଭିଯୋଗ କରିଥିଲେ। ରେଳଯାତ୍ରୀ କହିଥିଲେଯେ, ସେ ମହିମା ଗୋସାଇଁ ଏକ୍ସପ୍ରେସରେ କଟକ ଆସୁଥିଲେ। ତାଳଚେର ଷ୍ଟେସନ ଦେଇ ଟ୍ରେନ ଅତିକ୍ରମ ବେଳେ ତାଙ୍କର ନିଦ ହୋଇଯାଇଥିଲା। ଏହି ସୁଯୋଗରେ କେହି ଦୁର୍ବୃତ୍ତ ତାଙ୍କର କଳା ରଙ୍ଗର ବ୍ୟାଗରେ ଥିବା ଲାପଟପକୁ ଚୋରାଇ ନେଇଥିଲା। ଏନେଇ କଟକ ଜିଆରପି ଏକ ମାମଲା ରୁଜୁ କରିଥିଲା। ଆରପିଏଫ ପକ୍ଷରୁ ଅଭିଯୋଗକାରୀଙ୍କ ଲାପଟପର ଫଟୋ ରାଜ୍ୟର ସମସ୍ତ ବିଭାଗ ପୋଷ୍ଟକୁ ପଠାଯାଇଥିଲା। ଘଟଣାକ୍ରମେ ଶୁକ୍ରବାର ସକାଳ ୭ଟାରେ ଚର୍ଲାପାଲ୍ଲୀ ଏକ୍ସପ୍ରେସ ଆସି କଟକ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ଲାଗିଥିଲା। ଉକ୍ତ ଟ୍ରେନର ସାଧାରଣ ବଗିରୁ ଜଣେ ଯାତ୍ରୀ ଓହ୍ଲାଇ ପ୍ଲାଟଫର୍ମ ବାହାରକୁ ଆସୁଥିଲେ। ତେବେ ଯାତ୍ରୀ ଜଣକ ଧରିଥିବା ଲାପଟପ ବ୍ୟାଗ ଉପରେ ପାଟ୍ରୋଲିଂ କରୁଥିବା ଆରପିଏଫ କର୍ମଚାରୀଙ୍କ ନଜର ପଡ଼ିଥିଲା। ଗତ ଫେବୃଆରୀରେ ଚୋରି ହୋଇଥିବା ଲାପଟପ ବ୍ୟାଗ ଭଳି ଅବିକଳ ଦେଖାଯାଉଥିଲା। ତେଣୁ ଉକ୍ତ ଯାତ୍ରୀ ତଥା ଅଭିଯୁକ୍ତ ବାବୁକୁ ଅଟକାଇ ତାର ରେଳଯାତ୍ରା ସମ୍ବନ୍ଧରେ ପଚରାଉଚରା କରିଥିଲେ। କିନ୍ତୁ ଯେତେବେଳେ ତାକୁ ଲାପଟପ ବିଷୟରେ ପଚରାଗଲା ସେ ଭୟଭୀତ ହୋଇପଡ଼ିଥିଲା।। ତାର ହାବଭାବରୁ ସନ୍ଦେହ ହେବାରୁ ବାବୁକୁ ଧରିନେଇ ପଚରାଉଚରା କରିବାରୁ ପୂରା ଘଟଣା ସାମ୍ନାକୁ ଆସିଥିଲା। ଅଭିଯୁକ୍ତ ବାବୁ ଜଣେ ପେସାଦାର ଚୋର। କେବଳ ଚୋରି ଉଦ୍ଦେଶ୍ୟରେ ପ୍ରାୟ ସମୟ ସେ ଟିକଟ କାଟି ବିଭିନ୍ନ ଟ୍ରେନରେ ଚଢିଥାଏ। ଆଉ ଚଳନ୍ତା ଟ୍ରେନ ଭିତରେ ସୁଯୋଗ ଦେଖି ଯାତ୍ରୀଙ୍କ ପର୍ସ, ଭ୍ୟାନିଟି, ମୋବାଇଲ, ଲାପଟପ ଆଦି ଚୋରାଇ ନେଉଥିଲା। ଗତ ଫେବୃଆରୀରେ ସେ ଉକ୍ତ ଲାପଟପକୁ ଚୋରାଇଥିବା ସ୍ୱୀକାର କରିଥିଲା। ଏହା ମଧ୍ୟରେ ସେ ଏକାଧିକ ଯାତ୍ରୀଙ୍କୁ ଲୁଟପାଟ କରିଥିବା ଜଣାପଡ଼ିଛି। ଚୋରି ଲାପଟପ ବ୍ୟତୀତ ତା' ପାଖରୁ ୪ଟା ଦାମୀ ମୋବାଇଲ, ଗୋଟିଏ ଟ୍ୟାବଲେଟ ଓ ଆଇପ୍ୟାଡ ମଧ୍ୟ ଜବତ ହୋଇଛି। ଏହିସବୁ ସାମଗ୍ରୀର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ। ଜବତ ସାମଗ୍ରୀ ସହ ଅଭିଯୁକ୍ତକୁ ଜିଆରପି ଜିମା ଦିଆଯାଇଥିଲା। ଏହାପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି।

ସେହିପରି ଟ୍ରେନରେ ଲୁଟପାଟ କରୁଥିବା ଆଉ ଜଣେ ପେସାଦାର ଲୁଟେରାକୁ ଆଜି କଟକ ଆରପିଏଫ ଗିରଫ କରିଛି। ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା କୁମ୍ଭାରବସ୍ତ ଗାଁର ଅଭିଜିତ୍ କୁମାର ଜେନା(୩୬)। ତା' ପାଖରୁ ଦୁଇଟି ଚୋରା ମୋବାଇଲ ଜବତ ହୋଇଛି। ସୂଚନା ଅନୁସାରେ, ରାଉରକେଲା ଛେଣ୍ଡ ଅଞ୍ଚଳର ବିକାଶ କୁମାର ଦେଓ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ରାତି ପ୍ରାୟ ୧୧ଟାରେ ଟ୍ରେନଟି କଟକ ଷ୍ଟେସନର ୨ନଂ ପ୍ଲାଟଫର୍ମରେ ପହଞ୍ଚିଥିଲା। କିଛି ସମୟ ପରେ ଟ୍ରେନଟି ଗଡ଼ିବା ଆରମ୍ଭ କଲାବେଳକୁ ବିକାଶ ଚିତ୍କାର କରି ଉଠିଥିଲେ। ଏହା ଶୁଣି ସାଦା ପୋଷାକରେ ଥିବା ଆରପିଏଫ କର୍ମଚାରୀ ତାଙ୍କ ପାଖରେ ପହଞ୍ଚିଥିଲେ। ପଚରାଉଚରାରୁ ଜଣାପଡ଼ିଲାଯେ, ଟ୍ରେନରେ ବିକାଶଙ୍କ ଆଖି ଲାଗିଯିବା ସୁଯୋଗରେ କେହି ତାଙ୍କ ପକେଟରୁ ମୋବାଇଲ ଚୋରାଇ ନେଇଛି। ଏହାପରେ ଆରପିଏଫ ଟିମ ତୁରନ୍ତ ଚଳନ୍ତା ଟ୍ରେନରେ ଯାଞ୍ଚପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ସମୟରେ ଟ୍ରେନର ଏକ ସାଧାରଣ ବଗିରୁ ଜଣେ ସନ୍ଦିଗ୍ଧ ଯୁବକ ତଥା ଅଭିଜିତ୍‌କୁ ଠାବ କରାଯାଇଥିଲା। ତାକୁ ପଚରାଉଚରା କରିବାରୁ ସେ ଟ୍ରେନ ଟିକଟ ଦେଖାଇନପାରିବା ସହିତ ଗନ୍ତବ୍ୟସ୍ଥଳୀ ସମ୍ପର୍କରେ କିଛି କହିପାରିନଥିଲା। ତଲାସି ପରେ ତା' ପାଖରୁ ମିଳିଥିବା ୨ ଦାମୀ ମୋବାଇଲର ସମ୍ପର୍କରେ ମଧ୍ୟ ସଠିକ ଉତ୍ତର ଦେଇପାରିନଥିଲା। ପରେ ସେ ଉକ୍ତ ମୋବାଇଲକୁ ଜଣେ ରେଳ ଯାତ୍ରୀଙ୍କ ପାଖରୁ ଚୋରି କରିଥିବା ସ୍ୱୀକାର କରିଥିଲା। ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ଭୁବନେଶ୍ୱର ସିଟି



## ମହିଳାଙ୍କୁ ରୋଜଗାରକ୍ଷମ କରାଇବାକୁ ନିଆରା ପଦକ୍ଷେପ

# ବସ୍ତିରେ ନିଃଶୁଳ୍କ ପଟ୍ଟଚିତ୍ର ତାଲିମ

ଭୁବନେଶ୍ୱର, ୨୨।୫(ସମିସ)



ସାମାଜିକ ସଂସ୍ଥା ହ୍ୟୁମାନ୍ ପୋଟେନ୍ସିଆଲ୍ ଡେଭେଲପମେଣ୍ଟ ଟ୍ରଷ୍ଟ ତରଫରୁ ସ୍ଥାନୀୟ ସାଲିଆସାହି ଓ ତପୋବନ ବସ୍ତିର ୩୦ଜଣ ଯୁବକଯୁବତୀଙ୍କୁ ରୋଜଗାରକ୍ଷମ କରାଇବାର ଉଦ୍ଦେଶ୍ୟରେ ପଟ୍ଟଚିତ୍ର ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ପାଇଁ ଲାଇଟହାଉସ୍ କମ୍ୟୁନିଟି ଫାଉଣ୍ଡେସନ୍ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଗତ ଜାନୁଆରୀ ମାସରେ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମର ସମାପନ ଉତ୍ସବ ତଥା ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ ସାଲିଆସାହିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଐତିହ୍ୟ ଗ୍ରାମ ରଘୁରାଜପୁରରୁ ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ଭାସ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ତାଲିମପ୍ରାପ୍ତ ଯୁବକଯୁବତୀଙ୍କ ଦ୍ୱାରା ଅଙ୍କିତ ପଟ୍ଟଚିତ୍ରଗୁଡିକୁ ଦେଖି ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ସେମାନେ କିପରି ଆଗକୁ ବଢ଼ି ଏହାକୁ ରୋଜଗାରର ମାଧ୍ୟମ କରିପାରିବେ, ସେ ବିଷୟରେ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରାଜକୁମାର ସୂତାର, ଟ୍ରଷ୍ଟି ସଂଗ୍ରାମ କେଶରୀ ପଟ୍ଟନାୟକ, ପୃଷ୍ଠପୋଷକ ପ୍ରଫେସର ଶୁଭେନ୍ଦୁ କୁମାର ଦାଶ, ଯସ୍ମିତା ଦାଶ, ଲାଇଟହାଉସ୍ କମ୍ୟୁନିଟି ଫାଉଣ୍ଡେସନ୍‌ର ଅପରେସନ ମ୍ୟାନେଜର ସଫାକ ଆନସାରୀ, ସହକାରୀ ପ୍ରବନ୍ଧକ ଅଭିଜିତ କୁଣ୍ଡୁ, ମିଶନ ଶକ୍ତିର ବବିତା ସ୍ୱାଇଁ ଉପସ୍ଥିତ ରହି କଳାକାରଙ୍କୁ ତାଲିମର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ଅନସୂୟା ପୃଷ୍ଟି ଓ ପ୍ରଶିକ୍ଷକ ବନୋଜ କୁମାର ପଣ୍ଡିତଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଥିଲା। ଟ୍ରଷ୍ଟର ପ୍ରୋଜେକ୍ଟ ମ୍ୟାନେଜର ମିନା ସୁବୁଦ୍ଧି ଓ ପ୍ରୋଗ୍ରାମ୍ ମ୍ୟାନେଜର ସୋନାଲି ସାମନ୍ତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରାଜେଶ୍ୱରୀ ରେଡ୍ଡୀ, ଜିତୁ ସାହୁ ଓ ବିପିନ ରେଡ୍ଡୀ ଏଥିରେ ସହଯୋଗ କରିଥିଲେ।

## କଳାରାହାଙ୍ଗ ଗ୍ରାମ ଉପସଭାପତିଙ୍କ ଆକସ୍ମିକ ବିୟୋଗ

ନନ୍ଦନକାନନ, ୨୨।୫(ସମିସ): କଳାରାହାଙ୍ଗ ଗ୍ରାମର ଉପସଭାପତି ପ୍ରକାଶ ଚନ୍ଦ୍ର ରଥ (୫୯ବୟସ) କେଦାରନାଥ ଭ୍ରମଣରେ ଯାଇଥିଲା ବେଳେ ହୃଦ୍‌ଘାତରେ ପରଲୋକ ହୋଇଛି। ଗତକାଲି କେଦାରନାଥ ମନ୍ଦିର ଦର୍ଶନ କରିବାକୁ ସକାଳ ୪ଟା ସମୟରେ ଚାଲିକି ବାହାରୁଥିବା ସମୟରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ଗୌରୀକୁଣ୍ଡ ପାଖରେ ଥିବା ପ୍ରାଥମିକ ଡାକ୍ତର ଖାନାରେ ପ୍ରାରମ୍ଭିକ ଚିକିତ୍ସା କରାଯାଇଥିଲା। ସେଠାରୁ ଅନ୍ୟଏକ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଉଥିଲା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମରଶରୀର ୨୨ତାରିଖ ସକାଳେ ୮ଟା ୩୦ମିନିରେ ଉଡାଜାହାଜରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ତାଙ୍କ ବାସଭବନକୁ ଅଣାଯାଇଥିଲା। ଓଡ଼ିଶା ପ୍ରଦେଶ ପତଞ୍ଜଳି ଯୋଗ କେନ୍ଦ୍ରର ସୁଧାଂଶୁ ଅଧିକାରୀ, ଶ୍ରୀଧର ବାରିକ ତାଙ୍କର ଶେଷ ଦର୍ଶନ କରିଥିଲେ।

## ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ହେୟାର୍ ରିଷ୍ଟୋରେସନ୍ କ୍ଲିନିକ୍‌ର ଶୁଭାରମ୍ଭ



ଭୁବନେଶ୍ୱର, ୨୨।୫(ସମିସ): ବିଶ୍ୱସନୀୟ ହେୟାର୍ ରିଷ୍ଟୋରେସନ୍ ଏବଂ ହେୟାର୍ ଟ୍ରାନ୍ସପ୍ଲାଣ୍ଟ ସଂସ୍ଥାମାନଙ୍କ ମଧ୍ୟରେ ଇୟୁଜେନିକ୍ସ ହେୟାର ସାଇନ୍ସେସ ଭୁବନେଶ୍ୱରରେ ଏହାର ଆଧୁନିକ ଓ ବିଶ୍ୱସ୍ତରୀୟ କ୍ଲିନିକ୍‌ର ଶୁଭାରମ୍ଭ କରିଛି। ଭୁବନେଶ୍ୱରର ନୂଆପଲ୍ଲୀସ୍ଥିତ ଆଇଆରସି ଭିଲେଜ୍‌ର ଭିଆଇପି କଲୋନୀଠାରେ ଏହି ପ୍ରିମିୟମ୍ କ୍ଲିନିକ୍‌କୁ ଆନ୍ତର୍ଜାତୀୟ ମାନଦଣ୍ଡର ଚିକିତ୍ସା ସେବା, ପ୍ରଯୁକ୍ତି, ଭିତ୍ତିଭୂମି ଓ ରୋଗୀ ଅନୁଭବ ସହିତ ଉନ୍ନତ ହେୟାର୍ ରିଷ୍ଟୋରେସନ୍ ଚିକିତ୍ସା ପ୍ରଦାନ ପାଇଁ ଡିଜାଇନ୍ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଭିନେତା ସୁରେନ୍ଦ୍ର ପାଲ୍, ଲୋକପ୍ରିୟ ଗାୟକ ମିକା ସିଂହ, ଦିଲିପ୍ ତିର୍କୀ, ପ୍ରେମାନନ୍ଦ ଏବଂ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ପ୍ରଦୀପ ସେଠୀ କହିଛନ୍ତି, ଏହି କ୍ଲିନିକରେ ପ୍ରିମିୟମ୍ ରୋଗୀ ପରାମର୍ଶ ଓ ଚିକିତ୍ସା ସୁବିଧା ଉନ୍ନତ ହେୟାର୍ ଟ୍ରାନ୍ସପ୍ଲାଣ୍ଟ ପ୍ରକ୍ରିୟା ସହିତ ଏହି କ୍ଲିନିକ୍‌ରେ ହେୟାର୍ ଲସ୍ ପରାମର୍ଶ ଓ ପିଆରପି, ଜିଏଫସି ସହିତ ଅନ୍ୟାନ୍ୟ ଆଧୁନିକ ହେୟାର୍ ରିଷ୍ଟୋରେସନ୍ ସମାଧାନ ମଧ୍ୟ ପ୍ରଦାନ କରାଯିବ।

## ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ର ଡ୍ରପ୍‌ଆଉଟ୍ ଅନ୍ତେବାସୀଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା



ଭୁବନେଶ୍ୱର, ୨୨।୫(ସମିସ): କଟକ ଜିଲ୍ଲା ଚୌଦ୍ୱାରରେ ଥିବା ଓଡ଼ିଶାର ସର୍ବ ପ୍ରଥମ ନିଶାସେବନ କାରୀ ନାବାଳକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ 'ପରିବର୍ତ୍ତନ: କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର'ର ଶିବମ୍ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଆଜି ଅନୁଷ୍ଠାନର ସଦସ୍ୟ ଓ ଶିବମ୍ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ତାଙ୍କ ଭବିଷ୍ୟତ ପାଠପଢ଼ା ବିଷୟରେ ଆଲୋଚନା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ନାବାଳକ ଅନ୍ତେବାସୀ ଶିବମ ବେହେରା ଘରେ ଥିବା ସମୟରେ ଅତ୍ୟଧିକ ମାଦକ ଦ୍ରବ୍ୟ ବ୍ୟବହାର ସହ ଅସାମାଜିକ ଯୁବକ ମାନଙ୍କ ସହ ପଡ଼ି ଅଧାରୁ ପାଠ ଛାଡ଼ିଥିଲା। ଫଳରେ ଧିରେ ଧିରେ ସେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଆଣି 'ପରିବର୍ତ୍ତନ କେନ୍ଦ୍ର'ରେ ଛାଡିଥିଲେ। ଶିକ୍ଷାରୁ ବଞ୍ଚିତ ହୋଇ ୨ବର୍ଷ ଡ୍ରପଆଉଟ ଶିବମ ପୁଣି ଥରେ ସ୍ଥାନୀୟ କଳିଙ୍ଗ ପବ୍ଲିକ ହାଇସ୍କୁଲ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମ ଲେଖାଇଲେ। ଚଳିତ ବର୍ଷ ୨୦୨୬ ମାଟ୍ରିକ ପରୀକ୍ଷାରେ ସେ ତୃତୀୟ ସ୍ଥାନରେ ପାସ୍ କରିଛନ୍ତି।

## ଅଜୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା




ଭୁବନେଶ୍ୱର, ୨୨।୫(ସମିସ): ସିଏଚ୍‌ଏସଇ ଯୁକ୍ତଦୁଇ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ଭୁବନେଶ୍ୱରସ୍ଥିତ ତମାଣ୍ଡୋ ଭ୍ରମରବର ଉଚ୍ଚବିଦ୍ୟାଳୟ ନିକଟସ୍ଥ ଅଜୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରି ଅନୁଷ୍ଠାନ ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ୧୬୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ଶତକଡା ୯୦ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୫ ଜଣ ଛାତ୍ରଛାତ୍ରୀ ଶତକଡା ୮୦ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅଭୁତପୂର୍ବ ସଫଳତା ପାଇଁ ମହାବିଦ୍ୟାଳୟର ଚେୟାରମ୍ୟାନ ବ୍ରହ୍ମାନନ୍ଦ ମଙ୍ଗରାଜଙ୍କର ପ୍ରୟାଶ ଚିରସ୍ମରଣୀୟ। ନିର୍ଦ୍ଦେଶିକା ଇତିଶ୍ମିତା ସ୍ୱାଇଁ, ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଣ୍ଡା, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରଶାସନିକ ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ଓ ମହାବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଛାତ୍ରଛାତ୍ରୀ ମାନଙ୍କର ଉତ୍ତମ ଭବିଷ୍ୟତ କାମନା କରିଛନ୍ତି।

## ସେବାଶ୍ରମ ରୋଷେୟା ମହାସଂଘର ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୨୨।୫(ସମିସ):ରୋଷେୟା ସେବାୟତ ମହାସଂଘର ଦଶମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି, ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ରୋଷେୟାମାନେ ହଷ୍ଟେଲ୍ ଗୁଡ଼ିକରେ ପିଲାମାନଙ୍କର ସୁଷମ ଖାଦ୍ୟ ପରିବେଷଣ କରି ପିଲାମାନଙ୍କୁ ସମ୍ପୂର୍ଣ୍ଣ ୨୪ ଘଣ୍ଟା ଦାୟିତ୍ୱର ସହ ନିରବଚ୍ଛିନ୍ନ ଭାବରେ ସେବା କରୁଥିଲେ। ବଡ଼ ଦୁଃଖର ବିଷୟ ତାଙ୍କ ପାରିଶ୍ରମିକ ବାବଦରେ ସରକାର ସର୍ବନିମ୍ନ ମଜୁରୀ ପ୍ରଦାନ ନ କରି ମାତ୍ର ମାସକୁ ୧୨୦୦୦ ଟଙ୍କା ଦେଉଥିଲେ। ପୂର୍ବରୁ ମଧ ସମସ୍ତ ଅସ୍ଥାୟୀ କର୍ମଚାରୀମାନଙ୍କ ୫୦ ପ୍ରତିଶତ ଦରମା ବୃଦ୍ଧି ହୋଇଥିବା ବେଳେ ରୋଷେୟାମାନେବାଦ୍ ପଡ଼ିଥିଲେ। ନୂତନ ସରକାର ତା ୨୯.୫.୨୦୨୫ରିଖରେ ୨୫୦୦ ଟଙ୍କା ବୃଦ୍ଧି କରି ଟ.୧୪, ୫୦୦ଦେଉଛନ୍ତି, ତାହା ସମୁଦ୍ରକୁଶଙ୍ଖେ। ତେଣୁ ରାଜ୍ୟରେ କାର୍ଯ୍ୟରତ ୧୪ହଜାର ରୋଷେୟା ୫୦ ପ୍ରତିଶତ ହିସାବରେ ୧୮, ୦୦୦ ଟଙ୍କା ଦରମା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ତେବେ ଗତ ୨୪ ଜୁଲାଇ ୨୦୨୫ରେ ବିଭାଗୀୟ ନିର୍ଦ୍ଦେଶକ ସ୍ଥାୟୀ ନିଯୁକ୍ତି ନିମନ୍ତେ ନିର୍ଦ୍ଦେଶନା ଜାରି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଦସ୍ୟା ବନବାସୀ ମହାନ୍ତ, ଦୀପାଞ୍ଜଳି ଭୋଇ, ଜାପାନୀ ବୁଢ଼େ, ପ୍ରଭାସିନୀ ବରିହା, ରୁକୁଣୀ ମାଝୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ରାଜ୍ୟ ସାଧାରଣ ସମ୍ପାଦିକା ରୀନା ମୁର୍ମୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।




## ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ନିବନ୍ଧ ଚିନ୍ତନ' ଉନ୍ମୋଚିତ



ଭୁବନେଶ୍ୱର, ୨୨।୫(ସମିସ): ଶିକ୍ଷାବିତ ଓ ସାରସ୍ୱତ ସାଧକ ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ନିବନ୍ଧ ଚିନ୍ତନ' ନାମକ ପୁସ୍ତକକୁ ଉତ୍କଳ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ଶିକ୍ଷାବିତ ତଥା ଶିକ୍ଷା ସଂସ୍କାରକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଶୈକ୍ଷିକ କାର୍ଯ୍ୟକ୍ରମ ଯୋଜନାର ପ୍ରଦର୍ଶନ ଅବସରରେ ଉନ୍ମୋଚନ କରିଛନ୍ତି। ସାହିତ୍ୟ ଗବେଷକ ଗବେଷିକାମାନଙ୍କ ସକାଶେ ଏହା ଏକ ପ୍ରେରଣାଦାୟକ ପୁସ୍ତକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ବିଭାଗ ସଂଯୋଜକ ଡ. ରୁଦ୍ରନାରାୟଣ ମହାପାତ୍ର, ଡ. ରମେଶ ଚନ୍ଦ୍ର ମଲ୍ଲିକ, ଅତିଥି ପ୍ରାଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ପ୍ରଫେସର ମେହେର ସମ୍ପ୍ରତି ବିଭାଗର ପରିଦର୍ଶକ ପ୍ରଫେସର

## ଓଇଏସ୍ ଓ ଆର୍‌ଏମ୍‌ଏନ୍‌ଏଚ୍ ପକ୍ଷରୁ ଜୈବ ବିବିଧତା ଦିବସ

ଭୁବନେଶ୍ୱର, ୨୨।୫(ସମିସ): ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ଅବସରରେ ସଂଗ୍ରହାଳୟର ଅଡ଼ିଟୋରିୟମରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟ (ଆର୍‌ଏମ୍‌ଏନ୍‌ଏଚ୍), ଭୁବନେଶ୍ୱରର ମିଳିତ ଅନୁକୂଲ୍ୟରେ ପକ୍ଷରୁ



ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ବିଶ୍ୱ ପ୍ରଭାବ ନିମନ୍ତେ ସ୍ଥାନୀୟ ଭାବରେ କାର୍ଯ୍ୟ କରିବା' ଗୁରୁତ୍ୱ ପ୍ରଦାନ କରେ। କାର୍ଯ୍ୟକ୍ରମରେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ପୂର୍ବତନ ଭାରପ୍ରାପ୍ତ କୁଳପତି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପ୍ରଫେସର ଶରତ କୁମାର ପଲିତା ଜୈବବିବିଧତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରୂପେ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି, ସଂଗ୍ରହାଳୟର ମୁଖ୍ୟ ବୈଜ୍ଞାନିକ ଡ. ଦେବୀ ପ୍ରିୟଦର୍ଶିନୀ କ୍ୟାମ୍ପସ ଜୈବବିବିଧତାର ଚିତ୍ର ଉପସ୍ଥାପନ କରିଥିଲେ। ବନ୍ୟପ୍ରାଣୀ ବୈଜ୍ଞାନିକ ଡ. ଲାଲା ଏ.କେ. ସିଂହ 'ସାମୁଦ୍ରିକ ବୃହତ୍ ପ୍ରାଣୀ - ଜୈବବିବିଧତା ପ୍ରତିକ୍ରିୟା ଏବଂ ପରିବର୍ତ୍ତନ' ପ୍ରକଳ୍ପ ଉପରେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ ଏବଂ ସମୁଦ୍ର ପ୍ରାଣୀମାନଙ୍କୁ କିପରି ଉଦ୍ଧାର, ଚିକିତ୍ସା ଏବଂ ଅଧ୍ୟୟନ କରାଯାଇପାରିବ ତାହା ବ୍ୟାଖ୍ୟା କରିଥିଲେ। ଡ. ପାଣିଗ୍ରାହୀ ମନ୍ତବ୍ୟ ଦେଇଥିଲେ ଯେ ଏହି ବିଷୟବସ୍ତୁ ଆମକୁ ମନେ ପକାଇ ଦେଉଛି ଯେ ବିଶ୍ୱ ପରିବେଶ ସୁରକ୍ଷା ସ୍ଥାନୀୟ ସ୍ତରରୁ ହିଁ ଆରମ୍ଭ ହୁଏ। ଏହି ପ୍ରକ୍ରିୟାରେ ଆମକୁ କୁନମିଂ-ମଣ୍ଟ୍ରିଆଲ ବୈଶ୍ୱିକ ଜୈବବିବିଧତା ଆଧାରର ୨୩ଟି ବିଶ୍ୱ ଲକ୍ଷ୍ୟ ସହିତ ତୃଣମୂଳ ସଂରକ୍ଷଣ ପ୍ରୟାସକୁ ସଂଯୋଗ କରିବାକୁ ପଡ଼ିବ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଉତ୍ସବ ଓ ପ୍ରତିଭା ସମ୍ମାନ ଉତ୍ସବ



ଭୁବନେଶ୍ୱର, ୨୨।୫(ସମିସ): ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍, ରାଜୀବ ଗାନ୍ଧୀ ଷ୍ଟଡ଼ି ସର୍କଲ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ୩୫ ତମ ଶ୍ରାଦ୍ଧ ଉତ୍ସବ ଓ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିସା ହାଇକୋର୍ଟର ପୂର୍ବତନ ବିଚାରପତି ଡକ୍ଟର ଡିପି ଚୌଧୁରୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ବିଜ୍ଞାନ ଓ ବୈଷୟିକ ଉନ୍ନତି ପାଇଁ କରିଥିବା କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡ. ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ଉତ୍ତର ଓଡ଼ିଶା ସଂଯୋଜକ ଜ୍ୟୋତ୍ସ୍ନା ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥବାବେଳେ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।

## 'ହ୍ୟାକ୍ ଟୁ ଦି ଫ୍ୟୁଚର ୩.୦'ରେ ଓଡ଼ିଶାର ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ନୂଆ ଆବିଷ୍କାର

ଭୁବନେଶ୍ୱର, ୨୨।୫(ସମିସ): କ୍ୱେଷ୍ଟ ଆଲାଏନ୍ସର ଏକ ଉଦ୍ଭାବନ-କେନ୍ଦ୍ରିତ ହ୍ୟାକାଥନ 'ହ୍ୟାକ୍ ଟୁ ଦି ଫ୍ୟୁଚର ୩.୦'ର ଓଡ଼ିଶା ସଂସ୍କରଣ ଗୁରୁବାର ଆଇଆଇଟି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ (ପିଏସଏସଏସ) ପକ୍ଷରୁ କ୍ୱେଷ୍ଟ ଆଲାଏନ୍ସ ଏବଂ ଆଇଆଇଟି ଭୁବନେଶ୍ୱର ସହ ସହଯୋଗରେ ଅନୁଷ୍ଠିତ ହୋଇଥିଲା। 'ଭବିଷ୍ୟତ ଗଠନ: ଯୁବପିଢି ସମାଧାନ, ଶିକ୍ଷା ଏବଂ ଉଦୀୟମାନ ଟେକ୍ନୋଲୋଜିଗୁଡିକର ଅନୁସନ୍ଧାନ କରୁଛନ୍ତି' ବିଷୟବସ୍ତୁ ଉପରେ ରାଜ୍ୟବ୍ୟାପୀ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜ ନିଜ ସମୁଦାୟରେ ଥିବା ଆହ୍ୱାନଗୁଡିକ ଉପରେ ନିର୍ମିତ ୨୨ଟି ସ୍ୱତନ୍ତ୍ର, ଟେକ୍ନୋଲୋଜି-ସକ୍ଷମ ପ୍ରୋଟୋଟାଇପ୍ ଉପସ୍ଥାପନ କରିଥିଲେ। ଗଞ୍ଜାମର ଏକ ଟିମ ବାଲ୍ୟବିବାହ ଏବଂ ଝିଅମାନଙ୍କ ଆଇନଗତ ଅଧିକାର ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ମୋବାଇଲ୍ ଆପ୍ ନିର୍ମାଣ କରିଛି। ଅନ୍ୟ ଏକ ଟିମ୍ ପ୍ରଥମ ଥର ପାଇଁ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ପାଇଁ ଏକ ମେସିନ୍ ଭାଷା-ଆଧାରିତ ଫିସିଂ ଚିହ୍ନଟ ଆପ୍ ନିର୍ମାଣ କରିଛି। ସେହିପରି ଛାତ୍ରଛାତ୍ରୀଙ୍କର ଅନ୍ୟ ଏକ ଗ୍ରୁପ ଓଡ଼ିଶାର ଗ୍ରାମାଞ୍ଚଳରେ ଗୁଣିଗାରେଡି ଏବଂ ମହିଳାମାନଙ୍କ ବିରୁଦ୍ଧରେ ହିଂସା ପ୍ରତିକ୍ରିୟାରେ ଏକ ୱେୟାରେବୁଲ ସେଫ୍ଟି ଡିଭାଇସ୍‌ର ନିର୍ମାଣ କରିଛନ୍ତି ବୋଲି କହିଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଯୁଗ୍ମ ନିର୍ଦ୍ଦେଶକ ମୌସୁମୀ ସାହୁ। ହ୍ୟାକ୍ ଟୁ ଦି ଫ୍ୟୁଚର୍ ପିଲାମାନଙ୍କ ପାଇଁ ପରସ୍ପର ସଂଯୋଜିତ ମାଧ୍ୟମରେ ଅନେକ ଦକ୍ଷତା ହାସଲ କରିବାର ସୁଯୋଗ ସୃଷ୍ଟି କରିଥାଏ। ମାଧ୍ୟମିକ ସରକାରୀ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ସମସ୍ୟା ଚିହ୍ନଟ କରିବା, ଟେକ୍ନୋଲୋଜି-ଆଧାରିତ ପ୍ରକଳ୍ପ ନିର୍ମାଣ କରିବା, ତଥ୍ୟ ଅନୁସନ୍ଧାନ କରିବା ଏବଂ ନୂତନ ବିଚାରଧାରା ସହିତ ପରୀକ୍ଷଣ କରିବାରେ ନିୟୋଜିତ ହେଉଥିବାରୁ ସେମାନେ ଯୋଗାଯୋଗ, ସମାଲୋଚନାମୂଳକ ବିଚାରଧାରା, ଅନୁକୂଳନଶୀଳତା ଏବଂ ସହଯୋଗକୁ ସୁଦୃଢ଼ କରିଥାନ୍ତି। ଏହାକୁ ଅର୍ଥପୂର୍ଣ୍ଣ କରୁଥିବା ବିଷୟ ହେଉଛି ଏହି ଦକ୍ଷତାଗୁଡ଼ିକ ଆଗ୍ରହ, ପ୍ରତିଫଳନ ଏବଂ କାମ କରି ଶିଖିବା ମାଧ୍ୟମରେ ସ୍ୱାଭାବିକ ଭାବରେ ଏକତ୍ର ବୃଦ୍ଧି ପାଇଥାଏ ବୋଲି ଓଡ଼ିଶାର ସ୍କୁଲ୍ସ ପ୍ରୋଗ୍ରାମର ରାଜ୍ୟ ମୁଖ୍ୟ ଯୁବେକା ସିଂହ କହିଛନ୍ତି।




# ମଞ୍ଜି ପାଇଁ ବଢୁଛି ଜାମୁକୋଳିର ଚାହିଦା

ଭୁବନେଶ୍ୱର, ୨୨।୫(ସମିସ)

ଏବେ ରାଜଧାନୀର ବିଭିନ୍ନ ଛକରେ ଜାମୁକୋଳି ପସରା ଦେଖିବାକୁ ମିଳୁଛି। ଲୋକ ଏହାକୁ ଯେତିକି ଖାଉଛନ୍ତି ଏହାର ମଞ୍ଜିକୁ ଔଷଧୀୟ ଗୁଣ ଥିବା ଯୋଗୁଁ ସେତିକି ସଂଗ୍ରହକରି ନେଉଥିବା ଦେଖିବାକୁ ମିଳୁଛି।

ପରବର୍ତ୍ତୀ ସମୟରେ ଏହାର ମଞ୍ଜିକୁ ଶୁଖାଇ ଗୁଣ୍ଡକରି ବର୍ଷସାରା ମଧ ବ୍ୟବହାର କରୁଛନ୍ତି। ଗ୍ରାହକଙ୍କ ଅନୁଯାୟୀ ଏହା ପାଟିକୁ ଯେତେ ସୁଆଦ ଦେହକୁ ମଧ ସେତିକି ହିତ। ଏହା ଅଧିକ ମଧୁମେହ ରୋଗୀ କିଣୁଥିବା ଦୋକାନୀ କହିଛନ୍ତି। କାରଣ ସେମାନଙ୍କ ପାଇଁ ଏହାର ମଞ୍ଜି ଔଷଧ ଭଳି କାର୍ଯ୍ୟ କରିଥାଏ। ରାସ୍ତାକଡରେ ବିକ୍ରି ହେଉଥିବା ଏହି ପାହାଡିଆ ଜାମୁକୋଳି ମୁଖ୍ୟତଃ ନୟାଗଡ଼, ରାୟଗଡ଼ା, ଝାରସୁଗୁଡା, କେଉଁଝରରୁ ରାଜଧାନୀକୁ ଆସୁଛି।



ପାୱାରହାଉସ ଛକ, ଏଜି ଛକ, ପ୍ରଦର୍ଶନୀ ପଡ଼ିଆନିକଟ ଏବଂ ଅନ୍ୟ ପ୍ରମୁଖ ଛକ ନିକଟରେ ଏହାର ପସରା ମେଲାଇଛନ୍ତି ବେପାରୀ। ବଡ ଜାମୁକୋଳିର ମୁଲ୍ୟ ୪ ଶହ ଟଙ୍କା ଥିବା ବେଳେ ଛୋଟ ଜାମୁକୋଳିର ମୁଲ୍ୟ ତାଠୁ ଟିକିଏ କମ ରହିଛି। ବିଶେଷକରି ଜାମୁକୋଳି ମହିଳାମାନେ ରାସ୍ତା କଡରେ ଏହାକୁ ବିକ୍ରି କରୁଥିବା ପରିଲକ୍ଷିତ ହେଉଛି।

ଏହି ଜାମୁକୋଳି ବିକ୍ରି କରୁଥିବା ସୁକାନ୍ତି ସାହୁ କୁହନ୍ତି, ୧୫ ଦିନ ହେବ ମୁଁ ବିକ୍ରି କରୁଛି। ରାଜଧାନୀବାସୀଙ୍କର ଏହା ପ୍ରତି ବେଶ୍ ଚାହିଦା ଦେଖିବାକୁ ମିଳୁଛି। ଯୁବପିଢୀଙ୍କଠାରୁ ବୟସ୍କ ସମସ୍ତେ ଏହାକୁ କିଣିବାକୁ ଘଡିଏ ଅଟକି ଯାଉଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ ଜନିତ ସମସ୍ୟା ଥିବା ଲୋକ ଏହାକୁ ବେଶୀ ଖୋଜୁଛନ୍ତି ଏବଂ କିଣୁଛନ୍ତି। କେହି କେହି ଏହାର ମଞ୍ଜିରେ ଔଷଧୀୟ ଗୁଣ ଥିବା ଯୋଗୁଁ ହିଁ କିଣିବାକୁ ଆସୁଛନ୍ତି।

# ଶଶୁର ଘର ଗାଁରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ

**ଲହୁଣୀପଡ଼ା, ୨୨।୫(ସମିସ):** ଲହୁଣୀପଡ଼ା ଥାନା ଶଶ୍ୟକଳା ପଞ୍ଚାୟତ ରାଇକଳା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଯୁବକଙ୍କ ଶଶୁର ଘର ଗ୍ରାମରେ ହଠାତ ମୃତ୍ୟୁକୁ ନେଇ ପରିବାର ସନ୍ଦେହ ପ୍ରକଟ କରିଛନ୍ତି। ମୃତକ ଜଣକ ମହେଶ ସିଂ (୪୨) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଦମାଲୁ ଗ୍ରାମର ଅହିବାର ସିଂଙ୍କ ପୁଅ ମହେଶ ସିଂ ଶଶ୍ୟକଳା ପଞ୍ଚାୟତର ରାଇକଳା ଗ୍ରାମର ଯୁବତୀଙ୍କ ବିବାହ କରିଥିଲେ। ବିବାହର କିଛି ବର୍ଷ ଠିକ ଠାକ୍ ଚାଲିଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ନେଇ ଝଗଡ଼ା ଲାଗି ରହୁଥିବା ବେଳେ ମହେଶ ସିଂ ନିଜସ୍ୱ ଗ୍ରାମ ଛାଡ଼ି ଶଶୁର ଘର ଗ୍ରାମରେ ରହୁଥିଲେ। କିନ୍ତୁ ଶୁକ୍ରବାର ଦିନ ରାଇକଳା ନାଳ ପାଣିରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ଶଶୁର ଘର ଲୋକଙ୍କୁ ଖବର ଦେଇଥିଲେ। ପରେ ଘର ଲୋକ ଆସି ଦେଖି ଟେନସା ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ଶବକୁ ପରିବାରକୁ ହସ୍ତାନ୍ତର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଚାଉଳ ଓ ସରକାରୀ ଅର୍ଥ ହେରଫେର ମାମଲା

# ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ୨ ବର୍ଷ ଜେଲ୍

**ରାଉରକେଲା, ୨୨।୫(ସମିସ)**

ଚାଉଳ ଓ ସରକାରୀ ଅର୍ଥ ହେରଫେର ମାମଲାରେ ଲାଠିକଟା ବ୍ଲକ ଅନ୍ତର୍ଗତ ଯୋଡାକୁଦର ଗ୍ରାମପଞ୍ଚାୟତର ପୂର୍ବତନ ପଞ୍ଚାୟତ ସମ୍ପାଦକ ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସୁନ୍ଦରଗଡ଼ ଜିଲା ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ଉକ୍ତ ମାମଲାର ବିଚାରଣା କରି ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନାନୁଯାୟୀ, ଯୋଡାକୁଦର ଗ୍ରାମପଞ୍ଚାୟତରେ ଚାଉଳ ଓ ସରକାରୀ ଅର୍ଥ ହଡପ କରିଥିବା ନେଇ ଉକ୍ତ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ସଚିବ ଆଲେକଜାଣ୍ଡର ଏକ୍କାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏହାର ଆଜି ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପଞ୍ଚାୟତ ସଚିବ ଆଲେକଜାଣ୍ଡରଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ବର୍ତ୍ତମାନ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ସୂଚନା ମିଳିଛି।

# ଜୁଆ ଆଡ୍ଡାରେ ଚଢ଼ଉ; ୩ ଗିରଫ

**ରାଉରକେଲା, ୨୨।୫(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଲାରୋଡ ଅଞ୍ଚଳରେ ଏକ ଗୁମୁଟିରେ ଚାଲିଥିବା ଜୁଆଖେଳ ଉପରେ ପୁଲିସ ଚଢ଼ଉ କରି ୩ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ ହଜାର ୮୨୦ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି। ଏଥିସହ ଏକ ଡାଏରୀ, ୩ଟି ମୋବାଇଲ ଫୋନ ଓ ସ୍କୁଟି ଜବତ କରାଯାଇଛି। ଗିରଫ ଜୁଆଡିମାନେ ହେଲେ ନାଲାରୋଡ



କ୍ୱରେଶି ମହଲାର ଅସଗର ଅଲ୍ଲୀ ଓରଫ ହାସ୍ମି(୫୯), ବାସନ୍ତୀ କଲୋନୀର ପ୍ରଦୀପ ସାହା(୬୦) ଏବଂ ନାଲାରୋଡ ଅଞ୍ଚଳର ଏମ୍‌ଡି ଭୁରା(୨୪)। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ■ କାର୍ଯ୍ୟନିର୍ବାହୀ ଶିକ୍ଷା କାର୍ଯ୍ୟକ୍ରମ

# ଏମ୍‌ଡିଆଇ ଓ ସେଲର ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ




**ରାଉରକେଲା, ୨୨।୫ (ସମିସ):** ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ)ର ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ଏମଟିଆଇ) ଏବଂ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ୍ (ଏମ୍‌ଡିଆଇ) ଗୁରୁଗାଓଁ ମଧ୍ୟରେ ମେ ୨୦ ତାରିଖରେ ନୂଆଦିଲ୍ଲୀ ସ୍ଥିତ ସେଲ କର୍ପୋରେଟ୍ କାର୍ଯ୍ୟାଳୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସେଲରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ନେତୃତ୍ୱ ଗଠନ ନିମନ୍ତେ କାର୍ଯ୍ୟନିର୍ବାହୀ ଶିକ୍ଷା କାର୍ଯ୍ୟକ୍ରମ କ୍ଷେତ୍ରରେ ସହଯୋଗ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ସହଭାଗିତା ମାଧ୍ୟମରେ ସେଲ୍‌ର କାର୍ଯ୍ୟନିର୍ବାହୀମାନଙ୍କ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ନେତୃତ୍ୱ କାର୍ଯ୍ୟକ୍ରମ, ରଣନୀତି ଏବଂ ନବୋନ୍ମେଷ ଆଧାରିତ ଶିକ୍ଷା ବ୍ୟବସ୍ଥା, ବ୍ୟବସାୟିକ ପ୍ରଭାବ ପାଇଁ ପ୍ରାୟୋଗିକ ଶିକ୍ଷା, ବିଦେଶୀ ଶିକ୍ଷା କାର୍ଯ୍ୟକ୍ରମ, ଯୁଗ୍ମ ଗବେଷଣା ଓ ପରାମର୍ଶ ଏବଂ କେସ୍ ଷ୍ଟଡିଜ୍ ଜରିଆରେ ଶିକ୍ଷାଗତ ଜ୍ଞାନକୁ ବାସ୍ତବ ଜୀବନର ପ୍ରୟୋଗ ସହିତ ଯୋଡ଼ାଯିବ। ସେଲର ନିର୍ଦ୍ଦେଶକ (କାର୍ମିକ) କେ. କେ ସିଂ ଏବଂ ସେଲ ଓ ଏମଡିଆଇର ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କ ଉପସ୍ଥିତିରେ ସେଲ୍‌ର ଏମ୍‌ଟିଆଇର ଇଡି (ଏଚଆର -ଏଲଆଣ୍ଡଡି) ସଞ୍ଜୟ ଧର ଏବଂ ଏମଡିଆଇ ଗୁରୁଗାଓଁର ଡିନ୍-ଇଣ୍ଡଷ୍ଟ୍ରି କନେକ୍ଟ ପ୍ରଫେସର ସୁମିତା ରାୟ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିବା ଜଣାପଡ଼ିଛି।

# ଆର୍‌ଏସ୍‌ପି ପକ୍ଷରୁ ଜରାଜୀର୍ଣ୍ଣ କ୍ୱାର୍ଟର, ବେଆଇନ ଜବରଦଖଲ ଉଚ୍ଛେଦ

**ରାଉରକେଲା, ୨୨।୫(ସମିସ):** ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସପି) ପକ୍ଷରୁ ଶିଳ୍ପାଞ୍ଚଳ ଟାଉନସିପ୍‌ରେ ଥିବା ପୁରୁଣା ଓ ଜରାଜୀର୍ଣ୍ଣ ଆବାସିକ କ୍ୱାର୍ଟରଗୁଡ଼ିକୁ ଭାଙ୍ଗିବା ପାଇଁ ଏକ ସ୍ୱତନ୍ତ୍ର ଧ୍ୱଂସ ଅଭିଯାନ ଆରମ୍ଭ କରାଯାଇଛି। ମରାମତି ଅଯୋଗ୍ୟ ହୋଇପଡ଼ିଥିବା ଗୃହଗୁଡ଼ିକୁ ହଟାଇବା ଏବଂ ବେଆଇନ ଜବରଦଖଲ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ଏହି ସୁରକ୍ଷାମୂଳକ ପଦକ୍ଷେପ ନିଆଯାଇଛି। ରାଉରକେଲା ଶିଳ୍ପାଞ୍ଚଳ ଟାଉନ୍‌ସିପ୍‌ରେ ୬୦ ବର୍ଷ ପୂର୍ବେ ନିର୍ମିତ ଅନେକ ପୁରୁଣା ଆବାସିକ ବ୍ଲକ ରହିଛି। ଆରମ୍ଭ ଦିନର ଅନେକ କୋଠା ଏବେ ଏତେ ପୁରୁଣା



ହୋଇଯାଇଛି ଯେ, ସେଠାରେ ବସବାସ କରିବା ସୁରକ୍ଷିତ ନୁହେଁ। ଏହାଛଡ଼ା ଖାଲି ପଡ଼ିଥିବା ଓ ଜରାଜୀର୍ଣ୍ଣ କ୍ୱାର୍ଟରଗୁଡ଼ିକରେ ବେଆଇନ ଭାବେ ଅନଧିକୃତ ବ୍ୟକ୍ତିମାନେ ରହୁଥିବାରୁ ଟାଉନସିପ୍‌ର ସୁରକ୍ଷା ଓ ଶୃଙ୍ଖଳା ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଏହି ଉଚ୍ଛେଦ କାର୍ଯ୍ୟ ମେ ୨୦ରେ ସେକ୍ଟର-୨୧ ଏ-ବ୍ଲକରୁ ଆରମ୍ଭ ହୋଇଛି। ପ୍ରଥମ ତିନି ଦିନରେ ୩୭ଟି ଜରାଜୀର୍ଣ୍ଣ କ୍ୱାର୍ଟର ଭଙ୍ଗା ଯାଇଥିବା ବେଳେ ଆଗାମୀ ଦିନରେ ସେହି ବ୍ଲକରୁ ଅନ୍ୟ କ୍ୱାର୍ଟରଗୁଡିକୁ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ମୀନାକ୍ଷୀ ଧର ଫାଉଣ୍ଡେସନର ବାର୍ଷିକ ଶ୍ରାଦ୍ଧୋତ୍ସବ

**ରାଉରକେଲା, ୨୨।୫(ସମିସ):** ସହରର ଜଣାଶୁଣା ଉଦଘୋଷିକା ମୀନାକ୍ଷୀ ଧରଙ୍କ ପଞ୍ଚ ବାର୍ଷିକ ଶ୍ରାଦ୍ଧୋତ୍ସବ ମୀନାକ୍ଷୀ ଧର ଫାଉଣ୍ଡେସନ ରାଉରକେଲା ତରଫରୁ ସେକ୍ଟର- ୭ ସ୍ଥିତ ପ୍ରଗତି ଉତ୍କଳ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଫଳତାର ସୂତ୍ର ଓ ଏହାର ପରିଭାଷା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମାଜସେବୀ ସୁମନ ଦତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ତଥା ରାଉରକେଲା



ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ପ୍ରାକ୍ତନ ରାଉରକେଲା ଓକିଲ ସଂଘର ସଭାପତି ସତ୍ୟ ଶର୍ମା ସମ୍ମାନିତ ଅତିଥି, ଏନ୍‌ଆଇଟିର ଡେପୁଟି ରେଜିଷ୍ଟ୍ରାର ଡ. ସ୍ୱାଗତିକା ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ମାନବୀୟ ମୂଲ୍ୟବୋଧ ହିଁ ସଫଳତାର ଚାବିକାଠି ବୋଲି କହିଥିଲା ବେଳେ ମୁଖ୍ୟବକ୍ତା ଡ ସାହୁ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କର୍ମ ପ୍ରତି ପ୍ରତିବଦ୍ଧତା, ସମାଜପ୍ରତି ଦାୟିତ୍ୱବୋଧ, ସାଧାରଣ ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ ଓ ମାନବୀୟ ମୂଲ୍ୟବୋଧ ହିଁ ସଫଳତାର ପରିଭାଷା ହୋଇପାରେ ବୋଲି କହିଥିଲେ। ଆବାହକ ଇଂ ନଳିନୀକାନ୍ତ ଧର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଅନୁଷ୍ଠାନ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ଦତ୍ତ ସ୍ୱାଗତ ଭାଷଣ ଓ ଜଗନ୍ନାଥ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ମିତା ମିଶ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ମୀନାକ୍ଷୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଝିଲିମା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଗତି ଉତ୍କଳ ସଂଘର ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ପଶ୍ଚିମ ଓଡ଼ିଶା ସାଂସ୍କୃତିକ ବିକାଶ ପରିଷଦର ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଢ଼ୀ, ଡାକ୍ତର କୃପାସିନ୍ଧୁ ନାୟକ, ସମାଜସେବୀ ଭରତ ଚନ୍ଦ୍ର ବାଇ ପ୍ରମୁଖ ମୀନାକ୍ଷୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଇଂ ଅଶୋକ କୁମାର ପଟ୍ଟନାୟକଙ୍କୁ ମୀନାକ୍ଷୀ ଧର ସ୍ମୃତି ସାରସ୍ୱତ ସମ୍ମାନ, ସମାଜସେବୀ ତଥା ଶିକ୍ଷାବିତ ସୁରେଶ ଶତପଥୀଙ୍କୁ ମୀନାକ୍ଷୀ ଧର ସ୍ମୃତି ସେବାନିଧି ସମ୍ମାନ ଓ ମୋନାଲିସା ଗୌଡଙ୍କୁ ମୀନାକ୍ଷୀ ଧର ସ୍ମୃତି ଉଦଘୋଷିକା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରମାନ୍ୱୟରେ ମାନପତ୍ର କୁଞ୍ଜବିହାରୀ ରାଉତ, ରଶ୍ମି ସାହୁ ଓ ସୂର୍ଯ୍ୟନାରାୟଣ ପାଢ଼ୀ ପ୍ରମୁଖ ପାଠ କରିଥିଲେ। ପରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କବି କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ଭୂଷଣ ମହାନ୍ତି, ଅଭୟ ଚନ୍ଦ୍ର ଦାସ, ଡ଼. କିଶୋରୀ ଦାଶ, ସ୍ୱରୂପ ପାଣିଗ୍ରାହୀ, ମୀନକେତନ ପଶାୟତ, ନଗେନ ଦାସ, ପଶୁପତି ନାଥ ଚାଟାର୍ଜୀ, ଅକ୍ଷୟ ସାମଲ, ବୈଦ୍ୟନାଥ ମିଶ୍ର, ଶୈଳେନ୍ଦ୍ର ମହାନ୍ତି, ରାମକୃଷ୍ଣ ତ୍ରିପାଠୀ, ଅକ୍ଷୟ କୁମାର ଧଳ, ଦିଗମ୍ବର ମହାନ୍ତି, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ସଞ୍ଜୀବ ମହାନ୍ତି, ରାଜୀବ ପାଣି, ସ୍ମିତା ମିଶ୍ର, ଡ. ସୁରମା ମିଶ୍ର, ମୀରା ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଆବାହକ ଇଂ. ଧର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଜେଡିର ନାରୀ ସୁରକ୍ଷା ଅଭିଯାନ

# ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା, ୨୨।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଆଜି ସୁନ୍ଦରଗଡ଼ର ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ସୁନ୍ଦରଗଡ଼ଠାରେ 'ନାରୀ ଅଧିକାର ଅଭିଯାନ' ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାପତି ରଞ୍ଜନା ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ




କରାଯାଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ସୁନ୍ଦରଗଡ଼ ସ୍ଥିତ ଟାଉନ୍ କାର୍ଯ୍ୟାଳୟଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜେଡି ରାଜ୍ୟ ଟିମରେ ଯୁଗ୍ମ ସମ୍ପାଦକ ଭାବରେ ସ୍ଥାନ ପାଇଥିବା ଜୟ ନାରାୟଣ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗୀନୀ ଛୁରିଆ, ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତି ପ୍ରଧାନ, ରାଜଗାଙ୍ଗପୁରର ବିଜେଡି ନେତା ଅନିଲ ବରୁଆ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସଦର ବ୍ଲକ ବିଜେଡି ସଭାପତି ଅଶ୍ୱିନୀ କୁମାର ନାଏକ, ଲେଫ୍ରିପଡ଼ା ବ୍ଲକ ବିଜେଡି ସଭାପତି ମନୋଜ ପଟେଲ, ହେମଗିର ବ୍ଲକ ସଭାପତି ସୁକାନ୍ତ ପତି, ଟାଙ୍ଗରପାଲି ବ୍ଲକ ସଭାପତି ଶୋଭନ ଦାସ, ପୌର ପରିଷଦ ସଭାପତି ଅମିତାଭ ଯୋଶୀ, ବିଧାୟକ ପ୍ରତିନିଧି ସୁନିଲ ପାଟ୍ଟଯୋଶୀ, ସୁମନ୍ତ ପଣ୍ଡା, ସୁମନ୍ତ ସାହୁ, ଏମଡି କଲିମ୍, ଜିଲ୍ଲା ପରିଷଦ ଉଦିତ ସେଠ, ମଞ୍ଜୁଲତା ନାଏକ, ଗେଲବତି ପଟେଲ, ସୁନିଲ ମହାପାତ୍ର, ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ସୁନ୍ଦରଗଡ଼ ପୌର ପରିଷଦର ସମସ୍ତ କାଉନସିଲର ସଦସ୍ୟ ଏବଂ ବିଜୁ ଜନତା ଦଳର ସମସ୍ତ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଏବଂ ସମସ୍ତ ସକ୍ରୀୟ ବରିଷ୍ଠ, ମହିଳା, ଯୁବ, ଛାତ୍ର କର୍ମକର୍ତ୍ତା ସମେତ ଏହି ଶୋଭାଯାତ୍ରାରେ ୨୦୦୦ ରୁ ଅଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଇନ୍ଦିରା ଗାନ୍ଧୀ ପାର୍କରେ ପଶୁପକ୍ଷୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଯତ୍ନ ବ୍ୟବସ୍ଥା

**ରାଉରକେଲା, ୨୨।୫ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଇନ୍ଦିରା ଗାନ୍ଧୀ ପାର୍କ ଚିଡ଼ିଆଖାନାରେ ଥିବା ପଶୁ, ପକ୍ଷୀ ଏବଂ ସରୀସୃପମାନଙ୍କୁ ପ୍ରଖର ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଅନେକ ଗୁଡ଼ିଏ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଆଇଜି ପାର୍କ ପରିସରରେ ଥିବା ୧୮ଟି ଭିନ୍ନ ପ୍ରଜାତିର ପ୍ରାୟ ୨୦୦ ପଶୁପକ୍ଷୀଙ୍କ ନିମନ୍ତେ ଏକ ସୁରକ୍ଷିତ ଏବଂ ସୁସ୍ଥ ପରିବେଶକୁ ନିଶ୍ଚିତ କରାଯାଇଛି। ଗ୍ରୀଷ୍ମକାଳୀନ ଯତ୍ନ ଯୋଜନାର ଏକ ଅଂଶ ସ୍ୱରୂପ ଚତୁଃପାର୍ଶ୍ୱର ତାପମାତ୍ରା ହ୍ରାସ କରିବା ପାଇଁ ୱାଟର ଟ୍ୟାଙ୍କର ସାହାଯ୍ୟରେ କଲରାପତ୍ରିଆ ବାଘ, ଭାଲୁ, ହରିଣ ଏବଂ ମାଙ୍କଡ଼ ଜାତୀୟ ଜୀବଙ୍କ ଏନକ୍ଲୋଜର ଭିତରେ ନିୟମିତ ଭାବେ ଥଣ୍ଡା ପାଣି ସ୍ପ୍ରେ କରାଯାଉଛି। ଏହା ସହିତ ଅସହ୍ୟ ଗରମରୁ ଅଧିକ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଚିତାବାଘ, ଭାଲୁ, ମାଙ୍କଡ଼, ମୟୂର ଏବଂ ମାକାଓ ପକ୍ଷୀମାନଙ୍କ ଖୁଆଡ଼ରେ ଏୟାର କୁଲର ମଧ୍ୟ ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ପଶୁମାନଙ୍କ ଆରାମ ନିଶ୍ଚିତ କରିବା ପାଇଁ ଭାଲୁ, ହରିଣ ଏବଂ ଇମୁ ପକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ପାଣି କୁଣ୍ଡଗୁଡ଼ିକୁ ଭଲଭାବେ ସଫା କରାଯାଉଛି, ଯେପରି ସେମାନଙ୍କୁ ଗାଧୋଇବା ପାଇଁ ସ୍ୱଚ୍ଛ ପାଣି ମିଳିପାରିବ। ଗ୍ରୀଷ୍ମ ଋତୁରେ ସଂକ୍ରମଣରୁ ରକ୍ଷା କରିବା ଏବଂ ସ୍ୱାସ୍ଥ୍ୟପ୍ରଦ ପରିବେଶ ବଜାୟ ରଖିବା ପାଇଁ ନିୟମିତ ଭାବେ ଔଷଧୀୟ ସଂକ୍ରମଣନାଶକ ଦ୍ୱାରା ଖୁଆଡ଼ଗୁଡ଼ିକୁ ବିଶୋଧନ କରାଯାଉଛି। ହରିଣ ଖୁଆଡ଼ ଏବଂ ସମ୍ବର, ନୀଳଗାଈ ଓ ଇମୁ ପକ୍ଷୀମାନଙ୍କ କାଦୁଅ-ପାଣି କୁଣ୍ଡରେ ନିରନ୍ତର ଭାବେ ଥଣ୍ଡା ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରାଯାଉଛି। ଏହା ବ୍ୟତୀତ ଜଳଶୂନ୍ୟତା ଏବଂ ଗରମ ଜନିତ ମାନସିକ ଚାପରୁ ରକ୍ଷା କରିବା ପାଇଁ ପଶୁମାନଙ୍କୁ ଇଲେକ୍ଟ୍ରୋଲାଇଟ୍ ସପ୍ଲିମେଣ୍ଟ, ରସାଳ ଖାଦ୍ୟ ଏବଂ ଆଣ୍ଟି-ଷ୍ଟ୍ରେସ୍ ଔଷଧ ପାନୀୟ ଜଳରେ ମିଶାଇ ଦିଆଯାଉଛି। ବିଶେଷ କରି ମାଙ୍କଡ଼ ଜାତୀୟ ଜୀବ, ପକ୍ଷୀ ଏବଂ ହରିଣମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ପୃଷ୍ଠଭାଗର ତାପମାତ୍ରା ହ୍ରାସ କରିବା ଏବଂ ଏକ ଶୀତଳ ପ୍ରଭାବ ସୃଷ୍ଟି କରିବା ପାଇଁ ପ୍ରତି ଏକ ଦିନ ଛାଡ଼ି ପଶୁମାନଙ୍କ ଆଶ୍ରୟସ୍ଥଳୀ ଉପରେ ପାଣି ସିଞ୍ଚନ କରିବାକୁ ୱାଟର ଟ୍ୟାଙ୍କର ମଧ୍ୟ ନିୟୋଜିତ କରାଯାଉଛି। ସଂବେଦନଶୀଳ ଏବଂ ବିଲୁପ୍ତପ୍ରାୟ ପ୍ରଜାତିଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି, ଯାହାଦ୍ୱାରା ସେମାନେ ନିଜ ଶରୀରର ତାପମାତ୍ରାକୁ ନିୟନ୍ତ୍ରିତ ରଖିବା ପାଇଁ ଜଳାଶୟଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ, ଇନ୍ଦିରା ଗାନ୍ଧୀ ପାର୍କ ଚିଡ଼ିଆଖାନା ହେଉଛି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସମନ୍ୱିତ ଚିଡ଼ିଆଖାନା, ଯାହା ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ଦର୍ଶକଙ୍କୁ ଆକର୍ଷିତ କରିଥାଏ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

**ରାଉରକେଲା, ୨୨।୫(ସମିସ):** ଆସନ୍ନ ମୌସୁମୀ ଋତୁରେ ବନ୍ୟା ପରିସ୍ଥିତିର ପରିଚାଳନା ନିମନ୍ତେ ଆଜି ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଡେପୁଟି କଲେକ୍ଟର (ଜରୁରୀକାଳୀନ) ଅଶ୍ୱିନୀ କୁମାର ପଣ୍ଡା ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ବନ୍ୟା ପ୍ରଭାବକୁ ହ୍ରାସ କରିବା ତଥା ଜୀବନ ତଥା ସମ୍ପତ୍ତିର ସୁରକ୍ଷା ପାଇଁ ସମନ୍ୱିତ ପ୍ରସ୍ତୁତି, ସମୟୋଚିତ ପଦକ୍ଷେପ ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରଯାଇଥିଲା। ବନ୍ୟା ପ୍ରଭାବିତ ଲୋକଙ୍କୁ ନିରାପଦ ସ୍ଥଳକୁ ସ୍ଥାନାନ୍ତରିତ କରିବା, ତଳିଆ ଅଞ୍ଚଳର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହକୁ ସ୍ଥାନାନ୍ତରିତ କରିବା, ଅସ୍ଥାୟୀ ଆଶ୍ରୟ ଗୃହ ଗୁଡ଼ିକୁ ଚିହ୍ନଟ କରିବା ଆଦି ଉପରେ ଆଲୋଚନା ହୋଇଥିଲା। ରାସ୍ତା ବିଚ୍ଛିନ୍ନ ହେଲେ ତୁରନ୍ତ ପୁନରୁଦ୍ଧାର କରି ପରିବହନ ତଥା ଜରୁରୀକାଳୀନ ସେବା ଗୁଡ଼ିକ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଭାବିତ ପରିବାର ଗୁଡ଼ିକୁ ପଲିଥିନ୍ ବଣ୍ଟନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନଙ୍କ ମଧ୍ୟରେ ଉଚିତ୍ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଥିଲା। ମୌସୁମୀ ପୂର୍ବରୁ ସମସ୍ତ ଡ୍ରେନ୍ ଏବଂ ପାଇପଲାଇନ ଗୁଡ଼ିକ ସଫେଇ କରିବାକୁ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ସିଡିଏମ୍‌ଓଙ୍କୁ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡ଼ା



ଇଞ୍ଜେକ୍ସନ, ଓଆର୍‌ଏସ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀକୁ ବନ୍ୟା ଜରୁରୀକାଳୀନ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ଆବଶ୍ୟକୀୟ ସରଞ୍ଜାମ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ବିଦ୍ୟୁତ୍ ସେବା ବନ୍ଦ କରିବା ପୂର୍ବରୁ ଡାକବାଜି ଯନ୍ତ୍ର ଏବଂ ଏସଏମଏସ ଆଲର୍ଟ ମାଧ୍ୟମରେ ସର୍ବସାଧାରଣଙ୍କୁ ଆଗୁଆ ସୂଚନା ଦେବାକୁ ଟିପିଡବ୍ଲ୍ୟୁଓଡିଏଲଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗୋପାଳନ ତଥା ଗୃହପାଳିତ ପଶୁମାନଙ୍କର ଉଦ୍ଧାର ଏବଂ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଔଷଧ ଓ ସରଞ୍ଜାମର ମହଜୁଦ୍ ରଖିବା ଏବଂ କର୍ମଚାରୀଙ୍କ ନିୟୋଜନ ସୁନିଶ୍ଚିତ କରିବାକୁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଥିଲା। ସେହିପରି ମୌସୁମୀ ପୂର୍ବରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ସହ କ୍ଲୋରିନେସନ୍ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଏବଂ ୱାଟକୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଫସଲ ଅମଳ ପରେ ଶସ୍ୟ ଗୁଡ଼ିକୁ ସୁରକ୍ଷିତ ସଂରକ୍ଷଣ ପାଇଁ କୃଷି ଏବଂ ସମବାୟ ବିଭାଗ ପକ୍ଷରୁ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା ହୋଇଥିଲା। ଫସଲ ନଷ୍ଟ ହ୍ରାସ କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ଏବଂ ଆଗୁଆ ଫସଲ ଅମଳ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଜଳବନ୍ଦୀ ଏବଂ ଜଳର ଅଧିକ ପ୍ରବାହ ରୋକିବା ପାଇଁ ମୌସୁମୀ ଆରମ୍ଭ ହେବା ପୂର୍ବରୁ କ୍ଷତିଗ୍ରସ୍ତ ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥା, ସ୍ୱେରେଜ୍ ଏବଂ ପୋଖରୀଗୁଡ଼ିକର ମରାମତି କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଯୋଗ ଦେଇଥିଲେ।

# ସମାଜସେବୀ ଆନନ୍ଦ ଚନ୍ଦ୍ର ମାହାନ୍ତଙ୍କ ପରଲୋକ

**ଲହୁଣୀପଡ଼ା, ୨୨।୫(ସମିସ):** ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତସଦର ଗ୍ରାମର ସମାଜସେବୀ ଆନନ୍ଦ ଚନ୍ଦ୍ର ମାହାନ୍ତ(୫୯)ଙ୍କ ଗୁରୁବାର ଦିନ



ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଯାଇଛି। ଶ୍ରୀ ମାହାନ୍ତ ଏକାଧାରାରେ ଜଣେ ସମାଜସେବୀ, ପରିଚିତ ଉଦ୍ୟୋଗୀ, ମା' କାଳୀ ଯୁବକ ସଙ୍ଘର ପୂର୍ବତନ ସଭାପତି ସହ ରାଜା ମୁଣ୍ଡା ଟିପ୍ପର ଅନ୍ୟ ଆସୋସିଏସନ୍‌ର ଜଣେ ଆଗଧାଡିର ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ

**ରାଉରକେଲା, ୨୨।୫(ସମିସ)**

ଓଡ଼ିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲାର ପ୍ରଭାରୀ ସୁରେଶ ପୂଜାରୀ ଦିନିକିଆ ସୁନ୍ଦରଗଡ଼ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନରେ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା। କରିଥିଲେ। ସଦର ତହସିଲ ପ୍ରାଙ୍ଗଣରେ ଆୟୋଜିତ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ସଦର ତହସିଲ ଓ ଲେଫ୍ରୀପଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାଳୟ ଏବଂ ସରକାରୀ ବାସଗୃହ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ନୂତନ ସଦର ତହସିଲ କାର୍ଯ୍ୟାଳୟ, ସଦର ତହସିଲ ଆରଆଇ କାର୍ଯ୍ୟାଳୟ ତଥା ବାସଗୃହ ନିର୍ମାଣ, ମଝାପଡ଼ା ଆର୍‌ଆଇ କାର୍ଯ୍ୟାଳୟ ତଥା ବାସଗୃହ, ଭସ୍ମା ଆର୍‌ଆଇ କାର୍ଯ୍ୟାଳୟ ତଥା ବାସଗୃହ ନିର୍ମାଣ ରହିଥିବା ଜଣାପଡ଼ିଛି। ସେହିଭଳି ଲେଫ୍ରିପଡ଼ା ଆର୍‌ଆଇ କାର୍ଯ୍ୟାଳୟ ତଥା ବାସଗୃହ, ଲେଫ୍ରୀପଡ଼ା ତହସିଲ କାର୍ଯ୍ୟାଳୟ, ରାଇଡିହି ଆର୍‌ଆଇ କାର୍ଯ୍ୟାଳୟ ତଥା ବାସଗୃହ ଏବଂ ଲେଫ୍ରୀପଡ଼ା ତହସିଲଠାରେ ଓସ୍ୱାନ ଭିଡିଓ କନଫରେନ୍ସ ହଲ୍ ନିର୍ମାଣ ଆଦି ରହିଛି। ଏହି ଅବସରରେ ସଦର ତହସିଲର ୨୫ ଜଣ ଏବଂ ଲେଫ୍ରୀପଡ଼ା ତହସିଲ ଅନ୍ତର୍ଗତ ୧୭ ଜଣ ହିତାଧିକାରୀମାନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ସେହିଭଳି ପାଣିରେ ବୁଡି ମୃତ୍ୟୁ ବରଣ

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା

କରିଥିବା ୨ ଜଣଙ୍କ ନିକଟତର ପରିଜନଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପ ଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏବଂ ବରିଷ୍ଠ ନେତୃବୃନ୍ଦ, ଅନ୍ୟାନ୍ୟ ଅଧିକାରୀ ତଥା ହିତାଧିକାରୀମାନେ ଉପସ୍ଥିତ ଥିଲେ। ପରେ ପରେ ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ପୂଜାରୀ ଯୋଗ ଦେଇ ବିଭିନ୍ନ ବିଭାଗ ଗୁଡ଼ିକର କାର୍ଯ୍ୟକଳାପ




ଉପରେ ସମୀକ୍ଷା କରିଥିଲେ। ଏହାସହ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମୀକ୍ଷା କରିଥିଲେ ଏବଂ ଜବରଦଖଲ ଉଚ୍ଛେଦ, ବାଲିର ଚୋରା ଚାଲାଣ ରୋକିବା ଆଦି ଉପରେ ଆଲୋଚନା କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ବିପର୍ଯ୍ୟୟ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ସମୟ ମଧ୍ୟରେ ଅନୁକମ୍ପା ରାଶି ପ୍ରଦାନ କରାଯିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଡାକ୍ତର ଏବଂ ଅଣ ଡାକ୍ତରମାନଙ୍କ ସ୍ଥିତି, ଜିଲ୍ଲାରେ ଚାଲୁଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେହିଭଳି ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଏବଂ ୱାଟକୋ ପକ୍ଷରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକ ଉପରେ ଆଲୋଚନା ହୋଇଥିଲା। ଜଳ ସମ୍ପଦ ବିଭାଗ, ମେଗା ଉଠା ଜଳସେଚନ, କ୍ଷୁଦ୍ର ଜଳ ସେଚନ ଆଦି ବିଭାଗର ପ୍ରକଳ୍ପ ଗୁଡିକ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗୃହ ନିର୍ମାଣ, ସେତୁ ନିର୍ମାଣ, ରାସ୍ତା ନିର୍ମାଣ, ରାସ୍ତା ସଂଯୋଗିକରଣ ଆଦି ଉପରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ସୁଭଦ୍ରା ଯୋଜନା ଏବଂ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ମହାପାତ୍ର ଜିଲ୍ଲାରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ତଥା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ବଣାଇ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସମସ୍ତ ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶୀତଳଷଷ୍ଠୀ ପାଇଁ ଶାନ୍ତି ଓ ସମନ୍ୱୟ ବୈଠକ

# ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ହେବ ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା

ସମ୍ବଲପୁର, ୨୨।୫(ସମିସ)

ଆସନ୍ତା ଜୁନ୍ ୧୫ରୁ ଆରମ୍ଭ ହେବ ସମ୍ବଲପୁରର ପ୍ରସିଦ୍ଧ ପବିତ୍ର ଶୀତଳଷଷ୍ଠୀ ଯାତ୍ରା। ଯାତ୍ରା ଅତି ସୁନ୍ଦର, ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ବିଭିନ୍ନ କମିଟି ଏବଂ ଜନସାଧାରଣଙ୍କ ସହଯୋଗରେ ଅତି ସୁଦୂରପ୍ରସାରୀ ଓ ସଫଳ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଉଭୟ ସୁରକ୍ଷା ଓ ଶୃଙ୍ଖଳା ଉପରେ ସରକାର ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ଯାତ୍ରାର ସଫଳ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଶୀତଳଷଷ୍ଠୀ ଯାତ୍ରା କମିଟି ଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଯାତ୍ରା ସମୟରେ ଯେପରି ଗୋଟିଏ କମିଟି ଅନ୍ୟ କମିଟିର ଶୋଭାଯାତ୍ରା ଆଗରେ ସମସ୍ୟା ସୃଷ୍ଟି ନକରେ, ସେଥିପାଇଁ ସମୟସୀମା ଅନୁସରଣ କରିବାକୁ




କୁହାଯାଇଛି। ନନ୍ଦପଡ଼ା, ଝାଡ଼ୁଆପଡ଼ା ଏବଂ ବଡ଼ ସଡ଼କ ଭଳି ଅତ୍ୟଧିକ ଭିଡ଼ ହେଉଥିବା ଅଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା କରାଯିବ, ଯଦ୍ୱାରା ଜନସାଧାରଣ ସହଜରେ ଯାତ୍ରା ଦେଖି ବାହାରକୁ ଆସିପାରିବେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା କରାଯିବ।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମହାନଗର ନିଗମ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବ। ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରତି ପୂଜା କମିଟିକୁ ଓଆରଏସ୍ ପ୍ୟାକେଟ୍ ପ୍ରଦାନ ଏବଂ ଜରୁରୀକାଳୀନ ସେବା ପାଇଁ ମୋବାଇଲ୍ ଆମ୍ବୁଲାନ୍ସ ମୁତୟନ କରାଯିବ। ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ କରାଯିବ।ଉତ୍ସବ ସମୟରେ ସହରରେ ଅବିରତ ପାନୀୟ ଜଳ ଯୋଗାଣ କରାଯିବ। ୱାଟକୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସିଣ୍ଟେକ୍ସ ଟାଙ୍କି ଏବଂ ପ୍ରତ୍ୟେକ ଶୋଭାଯାତ୍ରା ପାଇଁ ଗୋଟିଏ ଲେଖାଏଁ ଜଳ ଟାଙ୍କରର ବ୍ୟବସ୍ଥା କରାଯିବ। ଏଥିସହ ଏନଜିଓ ମାନଙ୍କୁ ମଧ୍ୟ ଜଳ ଯୋଗାଣ କାର୍ଯ୍ୟରେ ସାମିଲ କରାଯିବ। ସହରରେ ୨୪ ଘଣ୍ଟିଆ ଅବିରତ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାକଡ଼ ଏବଂ ରିଙ୍ଗ୍ ରୋଡ୍‌ରେ ଅଧିକ ଆଲୋକର ବ୍ୟବସ୍ଥା ସହ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମରାମତି କରାଯିବ।ସମ୍ବଲପୁର ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ।କୌଣସି ଆପତ୍ କାଳୀନ ପରିସ୍ଥିତି କୁ ରୋକିବା ପାଇଁ ଅଗ୍ନିଶମ ବାହିନୀ ସଜାଗ ରହିବେ। ଶୀତଳ ଷଷ୍ଠୀ ପାଇଁ ରାସ୍ତାଘାଟ ସଫେଇ, ଡ୍ରେନେଜ୍ ମରାମତି, ଉଚ୍ଛେଦ ଏବଂ ରାସ୍ତାରେ ଥିବା ଗଛର ଡାଳ କାଟିବା ଆଦି ସମସ୍ତ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମୟବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁରର ଏହି ଗୌରବମୟ ସାଂସ୍କୃତିକ ଗଣପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

## ଦୁଇ ଗାଡ଼ିରୁ ୧୧୬ କେଜି ଗଞ୍ଜେଇ ଜବତ; ୨ ଗିରଫ

ସମ୍ବଲପୁର, ୨୨।୫(ସମିସ): ସୋନପୁରରୁ ଗଞ୍ଜେଇ ବିହାର ଯାଉଛି। ତାହା ପୁଣି ସମ୍ବଲପୁର ସହର ଦେଇ। ଅନେକ ସମୟରେ ପୁଲିସ, ଅବକାରୀ ର୍‌ୟାକେଟ୍‌କୁ ପର୍ଦ୍ଦାଫାଶ କରୁଛନ୍ତି। ଶୁକ୍ରବାର ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ଦୁଇଟି ମାମଲାରେ ୧୧୬ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣକୁ ଗିରଫ କରିଛି। ପ୍ରଥମ ଘଟଣାରେ ଗୁଇନ୍ଦା ବିଭାଗ ଅଇଁଠାପାଲି ବୀର୍ସା ମୁଣ୍ଡା ଛକରୁ ଏକ କାର୍ ନଂ-ବିଆର୦୨ବିଇ୧୩୭୩ରୁ ୭୬ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବିହାର ଔରଙ୍ଗାବାଦ ଜିଲ୍ଲା କୁଟୁମ୍ବା ଥାନା ଗୋସଲିୟାପୁରର ଅଜିତ କୁମାର(୧୯)କୁ ଗିରଫ କରିଛି। ସେହିପରି ଦ୍ୱିତୀୟ ଘଟଣାରେ ଅଇଁଠାପାଲି ଟ୍ରାଫିକ ପୋଷ୍ଟ ପାଖରୁ କାର୍ ନଂ-ଓଡି୦୨ବିଏନ୫୧୨୮ରୁ ୪୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବିହାର ଔରଙ୍ଗାବାଦ ଥାନା ଇବ୍ରାହିମପୁରର ଦୀପକ କୁମାର(୨୮)କୁ ଗିରଫ କରିଛି। ଗିରଫ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୁଇ ଗାଡ଼ିରେ ଗଞ୍ଜେଇ ସୋନପୁରରୁ ବିହାର ଯାଉଥିବା ଅବକାରୀ ଏସ୍‌ପି ଅଶୋକ କୁମାର ସେଠ ସୂଚନା ଦେଇଛନ୍ତି।

## ଏନ୍ଏସି ନୂଆ କୋଠା ପାଇଁ ଭୂମିପୂଜା

କୁଚିଣ୍ଡା, ୨୨।୫(ସମିସ): କୁଚିଣ୍ଡା ଏନ୍ଏସି ୱାର୍ଡ ନଂ ୫ ବରପଡ଼ାର ଶିଶୁ ଉଦ୍ୟାନ ଠାରେ ୬ କୋଟି ୫ଲକ୍ଷ ୬୦ହଜାର୨ଶହ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ନୂତନ ଏନ୍ଏସି ଅଫିସ ବିଲଡିଂର ଭୂମିପୂଜା ଶୁକ୍ରବାର ସ୍ଥାନୀୟ ଏନ୍ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି।ଏନ୍ଏସି ଇଓ ମନୋରଞ୍ଜନ ସୁନା, କାଉନସିଲର ନବୀନ ହୋତାଙ୍କ ସମେତ କାଉନସିଲରଗଣ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅସଦାଚରଣ କରି ବୃଦ୍ଧ ଗିରଫ

ସମ୍ବଲପୁର, ୨୨।୫ (ସମିସ): ଅଇଁଠାପାଲି ଥାନାଞ୍ଚଳରେ ନାବାଳିକାଙ୍କୁ ଅସଦାରଣ କରିଥିବା ଅଭିଯୋଗରେ ୬୫ ବର୍ଷୀୟ ବୃଦ୍ଧ ଗିରଫ ହୋଇଛନ୍ତି। ଘରେ କେହି ନଥିବା ସମୟରେ ୧୨ ବର୍ଷର ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଘଟଣାରେ ଅଭିଯୁକ୍ତ ସରୋଜ ଦାସକୁ ଗିରଫ କରାଯାଇଛି। ନାବାଳିକା ଜଣକ ତାଙ୍କ ମାଆ ଓ ପିଉସୀ ସହ ରହୁଥିଲେ। ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ପିଉସୀ ଝିଅର ଦେଖାଶୁଣା କରନ୍ତି। ହେଲେ ପିଉସୀ ଘରେ ନଥିଲେ। ପୋଡ଼ଶୀ ସରୋଜଙ୍କୁ ଝିଅକୁ ଦେଖିବାକୁ କହିଥିଲେ। ଏହାର ସୁଯୋଗ ନେଇ ନାବାଳିକାଙ୍କ ସହ ଅସଦାଚରଣ କରିଥିଲେ ସରୋଜ।ଯାହାକୁ ନେଇ ପରିବାର ପକ୍ଷରୁ ଏତଲା ଦିଆଯାଇଛି। ଅଭିଯୁକ୍ତକୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୁବତୀଙ୍କ ନଗ୍ନ ଭିଡିଓ ଭାଇରାଲ କରି ଯୁବକ ଗିରଫ

ରେଢ଼ାଖୋଲ, ୨୨।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ନଗ୍ନ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ରେଢ଼ାଖୋଲ ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଦେବଗଡ଼ ଜିଲ୍ଲା ସହର ୱାର୍ଡ ନଂ-୧୦ର ଗୁଡାଡିପାସାହିର ଶିବ ଶଙ୍କର ମୁଖୀ। ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ ଯୁବତୀ ସହିତ ପ୍ରେମ ନିବେଦନ କରିଥିଲେ।ଯୁବତୀଙ୍କ ବିବାହ ଠିକ୍ ହୋଇଥିବା



ଜାଣିବା ପରେ ଯୁବକ ଜଣଙ୍କ ଉତ୍ତ୍ୟକ୍ତ ହୋଇ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଫଳରେ ବରଘର ଜାଣିବା ପରେ ଯୁବତୀଙ୍କ ବାହାଘର ଭାଙ୍ଗି ଯାଇଥିଲା। ଏ ସଂକ୍ରାନ୍ତରେ ପରିବାର ଲୋକେ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିବା ଜଣାପଡ଼ିଛି।

## ବିରାଟ ଯୁକ୍ତ ଦୁଇ ବିଜ୍ଞାନ କଲେଜର ସଫଳତା

ସମ୍ବଲପୁର, ୨୨।୫(ସମିସ): ପ୍ରକାଶିତ ଯୁକ୍ତ ଦୁଇ ପରୀକ୍ଷା ଫଳରେ ବରଗଡ଼ ଗୋଡଭଗାସ୍ଥିତ ବିରାଟ ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛି। ବିରାଟର ବହୁ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଶ୍ରୁତି କ୍ଷେତ୍ରୀ ୯୪ ପ୍ରତିଶତ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ସୁଲଗ୍ନା ପ୍ରଧାନ ୯୩%, ତ୍ରିବିକ୍ରମ ବାରିକ ୯୨%, ହେପି ସାହୁ ୯୧%, ରୋଶନୀ ସେଠ ୯୧%, ପ୍ରତ୍ୟୁଷ କୁମାର ବିଶି ୯୧%, ଜଶ୍ମିନ ସାହୁ ୯୦%, ପୂଜା ମିର୍ଦ୍ଧା ୯୦% ଓ ପୁରୁଷୋତ୍ତମ ଛନ୍ଦ ୯୦% ମାର୍କ ରଖି ବିରାଟ କଲେଜ ତଥା ଅଭିଭାବକଙ୍କୁ ଗୌରବାନ୍ୱିତ କରିଛନ୍ତି। ପ୍ରକାଶ ଥାଉକି ଅଧିକାଂଶ ବିଦ୍ୟାର୍ଥୀ ଦଶମ ପରୀକ୍ଷାର ମାର୍କରୁ ଯୁକ୍ତ ଦୁଇ ପରୀକ୍ଷାରେ ପାଇଥିବା ମାର୍କ ଅଧିକ ରହିଛି। ଯାହା ପାଇଁ ଅଭିଭାବକ ମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଏହି ଶ୍ରେୟ ଦେଇଛନ୍ତି। କଲେଜର ପଢ଼ାଶୈଳୀକୁ ସମସ୍ତେ ପ୍ରଶଂସା କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ୟୁଥ୍ ଫର୍ ୱାଟର୍ ଇଣ୍ଡିଆ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର, ୨୨।୫(ସମିସ): ବିଶ୍ୱ ଜୀବ ବିବିଧତା ଦିବସ ଅବସରରେ ସମ୍ବଲପୁରର ହରଡ଼ ଝର ଅଞ୍ଚଳରେ ୟୁଥ୍ ଫର୍ ୱାଟର୍ ଇଣ୍ଡିଆ ପକ୍ଷରୁ 'ଆମ ଜଳାଶୟ, ଆମର ଗୌରବ' ଅଭିଯାନ ଅନ୍ତର୍ଗତ ମେଗା ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ଅଭିଯାନରେ ପ୍ରାୟ ୫୦୦ ମିଟର ଅଞ୍ଚଳ ପରିଷ୍କାର କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁରର ବିଭିନ୍ନ କଲେଜର ୬୦ରୁ ଅଧିକ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ଓ ଜଳାଶୟ ସଫା ରଖିବା ପାଇଁ ସମୂହ ପ୍ରୟାସ କରିଥିଲେ। କାର୍ଯ୍ୟକ୍ରମ ମସୁଦ ଆଲମ, ୟୁଥ୍ ଫର୍ ୱାଟର୍ ଇଣ୍ଡିଆର କୋର୍ ଭଲେଣ୍ଟିୟର ଓ ଗ୍ରୀନ୍ ପିକନିକ୍ ଫେଲୋଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ହୀରାକୁଦ କଲେଜର ଅଧ୍ୟାପକ ଏସ୍‌କେ. ଫୈଜାନ, ଏସଏମସିର ସିନିୟର ସାନିଟେସନ୍ ଏକ୍ସପର୍ଟ ପ୍ରଶାନ୍ତ କୁମାର ବେହେରା ଏବଂ ସାନିଟାରି ଇନ୍ସପେକ୍ଟର ବୈବସ୍ୱତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।



### ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ଦାୟିତ୍ୱ ନେଲେ ଯୋଗାଣ ମନ୍ତ୍ରୀ

## ଚାଷୀ ସମସ୍ୟା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା

ସମ୍ବଲପୁର, ୨୨।୫(ସମିସ): ସମ୍ବଲପୁର ଜିଲ୍ଲା ଗସ୍ତରେ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆସି ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ସ୍ଥାନୀୟ ବିକାଶ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ଏବଂ ସମସ୍ତ ପ୍ରତିନିଧିଙ୍କ ସହ ଆଲୋଚନା କରି ଆଗାମୀ ଦିନରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଚାଷୀ ଓ ମଣ୍ଡି ସମସ୍ୟା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ, ଚଳିତ ଖରିଫ୍ ଋତୁରେ ଧାନ କିଣା ପ୍ରକ୍ରିୟା ସୁରୁଖୁରୁରେ ସରିଥିବା ବେଳେ ରବି ଋତୁ ପାଇଁ ମଧ୍ୟ ଧାନ ସଂଗ୍ରହ ଆରମ୍ଭ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ କିଣା ସରିଛି ଏବଂ ଚାଷୀଙ୍କ ଆକାଉଣ୍ଟକୁ ସେମାନଙ୍କର ପ୍ରାପ୍ୟ ଟଙ୍କା ପଠାଇବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଚାଷୀଙ୍କ ଦାବି ମୁତାବକ ସମସ୍ତ ପର୍ଯ୍ୟାୟର ଟୋକନ ଯେପରି ଏକକାଳୀନ ଉପଲବ୍ଧ ହେବ, ସେଥିପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦୁଇ-ତିନି ଦିନ ମଧ୍ୟରେ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଖକୁ ସେମାନଙ୍କର ଟୋକନ ଆସିଯିବ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସୂଚନା ଅନୁଯାୟୀ, ଚଳିତ ରବି ଋତୁ ପାଇଁ ଆବଶ୍ୟକ ଥିବା ପ୍ରାୟ ୧୬ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟକୁ ସରକାର ନିଶ୍ଚିତ ଭାବେ ପୂରଣ କରିବେ ବୋଲି କହିଥିଲେ। ଧାନର ସଠିକ୍ ଗୁଣବତ୍ତା ବଜାୟ ରଖିବା ପାଇଁ ଆନାଲାଇଜର ମେସିନ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ବୈଠକରେ ସାଂସଦ ସମ୍ବଲପୁରଙ୍କ ପ୍ରତିନିଧି ନାଉରୀ ନାୟକଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ, ପ୍ଲାନିଂ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜିଲ୍ଲାର ସାମ୍ପ୍ରତିକ ସ୍ଥିତି ଏବଂ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ସଫଳତାର ସହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇସାରିଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ରାସନ କାର୍ଡ ପହଞ୍ଚିବ, ସେଥିପାଇଁ ପ୍ରଚେଷ୍ଟା ଚାଲିଛି ବୋଲି ଜିଲ୍ଲାପାଳ କହିଥିଲେ।

### ■ ଆର୍ଏମ୍‌ସିର ବାୟୋ ଟଏଲେଟ୍ କିଣାରେ ଅନିୟମିତତା ଅଭିଯୋଗ

## ବିନା ଟେଣ୍ଡରରେ କିଣା ଯାଇଛି ସାମଗ୍ରୀ

କୁଚିଣ୍ଡା, ୨୨।୫(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆରଏମ୍‌ସି ଦ୍ୱାରା ଗତ ଖରିଫ ଋତୁରେ ଧାନ ମଣ୍ଡି ପାଇଁ ଅନେକ ସାମଗ୍ରୀ କିଣା ଯାଇଛି। ଏଥିରେ ବାୟୋ ଟଏଲେଟ ମଧ୍ୟ ରହିଛି, ମାତ୍ର ବାଓ ଟଏଲେଟ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ବାଓ ଟଏଲେଟ କିଣା ବାବଦରେ ସୂଚନା ଅଧିକାର ଆଇନରେ ତଥ୍ୟ ପାଇଁ ଆବେଦନ କଲେ ମଧ୍ୟ ଆରଏମ୍‌ସି ସମ୍ପାଦକ ସୁଧୀର ନାୟକ ତଥ୍ୟ ଦେଉ ନ ଥିବାରୁ ସନ୍ଦେହ ଆହୁରି ଦୃଢ଼ୀଭୂତ ହେଉଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୨୦୨୫ - ୨୦୨୬ ଖରିଫ ଋତୁରେ ଧାନ କିଣା ସମୟରେ ମଣ୍ଡିର ସୁପରିଚାଳନା ପାଇଁ କୁଚିଣ୍ଡା ଆରଏମ୍‌ସି ପକ୍ଷରୁ ଅନେକ ସାମଗ୍ରୀ କିଣା ଯାଇଥିଲା। ଏହା ମଧ୍ୟରେ ବାଓ ଟଏଲେଟ ମଧ୍ୟ ରହିଛି। ମାତ୍ର ଏହି ବାଓ ଟଏଲେଟ କିଣିବା ବେଳେ ସମସ୍ତ ନୀତି ନିୟମକୁ ବେଖାତିର କରି ବିନା ଟେଣ୍ଡରରେ ଗୋଟିଏ ସଂସ୍ଥା ଠାରୁ କୋଟେସନ ଆଣି କ୍ରୟ କମିଟିର ବିନା ଅନୁମୋଦନରେ ଏବଂ ବଜାର ଦର ଠାରୁ ବହୁ ଅଧିକ ଟଙ୍କାରେ ସାମଗ୍ରି କିଣା ଯାଇଛି। ସରକାରୀ ନିୟନ୍ତ୍ରଣାଧୀନ ସଂସ୍ଥା ମାନଙ୍କରେ କୌଣସି ସାମଗ୍ରୀ କିଣିବା ପାଇଁ ଏକ ପକ୍ରିୟା ରହିଛି। ପ୍ରଥମେ ଟେଣ୍ଡର ଆହ୍ୱାନ କରି ଅତି କମରେ ତିନୋଟି ସଂସ୍ଥାରୁ କୋଟେସନ ଆସିବା ପରେ ସଂସ୍ଥାର କ୍ରୟ କମିଟିର ସୁପାରିସ ଅନୁଯାୟୀ ସାମଗ୍ରୀ କିଣା ଯାଇଥାଏ। ମାତ୍ର କୁଚିଣ୍ଡା ଆରଏମ୍‌ସିରେ ଏହାକୁ ପାଳନ କରାଯାଇ ନାହିଁ। ସଂସ୍ଥାର ସମ୍ପାଦକ ସୁଧୀର ନାୟକ ଓଡ଼ିଶା କୋଅପରେଟିଭ ଫେଡେରେଶନ ଲିମିଟେଡକୁ ଗତ ୨୮.୧୧.୨୦୨୫ ଦିନ ତାଙ୍କର ପତ୍ର ସଂଖ୍ୟା ୧୦୬ ରେ ଚିଠି ଦେଇ ତାଙ୍କ ଠାରୁ କୁଚିଣ୍ଡା ଆରଏମ୍‌ସି ବାୟୋ ଟଏଲେଟ କିଣିବା ପାଇଁ ଆଗ୍ରହୀ ଥିବାରୁ ଏହାର ଦାମ ବାବଦରେ ଜଣାଇବାକୁ ଅନୁରୋଧ କରିଥିଲେ। ସଂସ୍ଥା ଗତ ୧.୧୨.୨୦୨୫ ଦିନ ବାୟୋ ଟଏଲେଟ ମୂଲ୍ୟ ୟୁନିଟ୍ ପ୍ରତି ଜିଏସ୍‌ଟି ମିଶାଇ ୮୦ ହଜାର ୫୫ ପଇସା ରହିଛି ବୋଲି ଚିଠି ଦେଇ କୁଚିଣ୍ଡା ଆରଏମ୍‌ସିକୁ ଜଣାଇଥିଲେ। ଆଶ୍ଚର୍ଯ୍ୟର କଥା ଯେ, ଆଉ କୌଣସି ସଂସ୍ଥା ଠାରୁ କୋଟେସନ ନ ଆଣି କିମ୍ବା ଏହାର ବଜାରଦର ବାବଦରେ ବୁଝାବୁଝି ନ କରି ସମ୍ପାଦକ ସମ୍ପୃକ୍ତ ସଂସ୍ଥାକୁ ୪୦ ଟି ବାୟୋ ଟଏଲେଟ ଯୋଗାଇ ଦେବାକୁ ଚିଠି ନଂ ୧୧୧/୧.୧୨.୨୦୨୫ ଦିନ ନିର୍ଦ୍ଦେଶ ଦେଇଦେଲେ। ସାମଗ୍ରୀର ମାନ କିମ୍ବା ବଜାର ଦର ଆକଳନ କରିବା ପାଇଁ କୌଣସି କ୍ରୟ କମିଟି ଗଠନ କରାଗଲା ନାହିଁ କି କ୍ରୟ କମିଟିର ଅନୁମୋଦନ ନିଆଗଲା ନାହିଁ। ବାୟୋ ଟଏଲେଟ ଯୋଗାଣକାରୀ ସଂସ୍ଥା ବାଓ ଟଏଲେଟରେ ଏକ ପେନ୍, ଗୋଟିଏ ୨୦୦ ଲିଟର ପାଣି ଟାଙ୍କି, ଗୋଟିଏ ଟେପ ଏବଂ ଗୋଟିଏ ଟ୍ୟାଙ୍କି ଦେଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୨୦ ହଜାର ଟଙ୍କାରୁ ବି କମ ହେବ ବୋଲି ଆକଳନ କରାଯାଉଛି। ଏହା ପରେ ବି ସମ୍ପୃକ୍ତ ସଂସ୍ଥା ଠାରୁ କାହିଁକି ଏତେ ଅଧିକ ଟଙ୍କା ଦେଇ ବାୟୋ ଟଏଲେଟ କିଣା ଗଲା ତାକୁ ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ସାମଗ୍ରୀ ପାଇବା ପରେ ସମ୍ପୃକ୍ତ ସଂସ୍ଥାକୁ ଚେକ୍ ନଂ ୨୯୯୪୩୬/୩୧.୧୨.୨୦୨୫ ଦିନ କୁଚିଣ୍ଡା ଆରଏମ୍‌ସି ୩୨ ଲକ୍ଷ ୨୨ ଟଙ୍କା ପ୍ରଦାନ କରିଛି। ସେହିପରି ଉକ୍ତ ସଂସ୍ଥାରୁ ବିନା ଟେଣ୍ଡରରେ ଏବଂ କ୍ରୟ କମିଟିର ବିନା ଅନୁମୋଦନରେ କୁଚିଣ୍ଡା ଆରଏମସି ଗତ ୧୪.୧୧.୨୦୨୫ ଦିନ ସାତଟି ସିଡ ଗ୍ରେଡର, ତିରିଶଟି ଓଜନ ମେସିନ, ତିରିଶଟି ଡିଜିଟାଲ ମଶ୍ଚର ମେସିନ, ଦଶଟି ଡ୍ରାଇଙ୍ଗ ଫେନ, ଉନେଶଟି ଡିସପ୍ଲେ ବୋର୍ଡ କିଣି ଏ ବାବଦକୁ ଗତ ୨୦.୧.୨୦୨୬ ଦିନ ସମ୍ପୃକ୍ତ ସଂସ୍ଥାକୁ ଚେକ୍ ନଂ ୨୯୯୪୪୯ ରେ ୧୬ ଲକ୍ଷ ୩ ହଜାର ୬୨୦ ଟଙ୍କା ପ୍ରଦାନ କରାଯାଇଛି। ସାମଗ୍ରୀ କିଣାରେ ନୀତି ନିୟମକୁ ଉଲ୍ଲଙ୍ଘନ କରା ଯାଇ ଥିବାରୁ ଭିଜିଲାନ୍ସ ତଦନ୍ତ ପାଇଁ ଜନସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ସବୁ ସାମଗ୍ରୀ କିଣା ବାବଦରେ ସୂଚନା ଅଧିକାର ଆଇନରେ ତଥ୍ୟ ପାଇଁ ଆବେଦନ କଲେ ମଧ୍ୟ ଆରଏମସି ସମ୍ପାଦକ ତଥା ଜନ ସୂଚନା ଅଧିକାରୀ କୌଣସି ତଥ୍ୟ ଦେଉ ନ ଥିବାରୁ ସନ୍ଦେହ ଆହୁରି ଦୃଢ଼ୀଭୂତ ହେଉଛି। ଘଟଣା ସମ୍ପର୍କରେ ଆରଏମ୍‌ସି ସମ୍ପାଦକ ସୁଧୀର ନାୟକଙ୍କୁ ପଚାରିବାରୁ ଏଥିରେ କିଛି ଅନିୟମିତତା ହୋଇନାହିଁ। ଗୋଟିଏ ସମବାୟ ସଂସ୍ଥା ଅନ୍ୟ ଏକ ସମବାୟ ସଂସ୍ଥା ଠାରୁ କିଛି ସାମଗ୍ରୀ କିଣିଲେ ଏଥିପାଇଁ ଟେଣ୍ଡରର ଆବଶ୍ୟକତା ନାହିଁ ବୋଲି ମତ ଦେଇଥିଲେ।

## ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ

ରେଢ଼ାଖୋଲ, ୨୨।୫ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଏନ୍ଏସି କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଶୁକ୍ରବାର ଦିନ ରେଢ଼ାଖୋଲ ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇଥିଲେ।ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ରେଢ଼ାଖୋଲ ସହରର ନୂତନ ବସଷ୍ଟାଣ୍ଡ, ଟାଉନହଲ, ଆରଡି ବିଭାଗର ନୂତନ ବହୁ ମୁଖି କନଫରେନ୍ସ ହଲ ସହ ଅନ୍ୟ ସବୁ ଉନ୍ନୟନକାର୍ଯ୍ୟର ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସମୀକ୍ଷା କରି ଯଥାଶୀଘ୍ର ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୧୮ ବୋତଲ କଫ ସିରପ୍ ଜବତ, ୨ ଗିରଫ

ସମ୍ବଲପୁର, ୨୨।୫(ସମିସ): ସଦର ଅବକାରୀ ବିଭାଗ ବେଆଇନ କଫ ସିରପ୍ କାରବାର ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୨ ଜଣକୁ ଗିରଫ କରିଛି। ସେମାନେ ହେଲେ ଭୁତାପଡ଼ା ନିବାସୀ ଆଶିଷ ମୁଣ୍ଡା(୨୩) ଓ ଚାରଭାଟିର ସୀମଲୁ ଓରାମ(୩୫)। ଧନୁପାଲି ଥାନା ଚାରଭାଟୀ ଅଞ୍ଚଳରୁ ଦୁଇ ଅଭିଯୁକ୍ତକୁ ଅବକାରୀ ବିଭାଗ ଗିରଫ କରି ୧୧୮ ବୋତଲ କଫସିରପ ଜବତ କରିଛି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି

ସମ୍ବଲପୁର, ୨୨।୫(ସମିସ)

ବର୍ଷା ଋତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ସମସ୍ତ ଦୁର୍ବଳ ନଦୀ ବନ୍ଧ ଓ ଘାଇ ଶୀଘ୍ର ଚିହ୍ନଟ କରି ମରାମତି, କେନାଲ ଓ ନାଳ ସଫେଇ ଡ୍ରେନେଜ ବ୍ୟବସ୍ଥାର ସଫେଇ, ବନ୍ୟାଜଳର ନିର୍ବିଘ୍ନ ପ୍ରବାହ, ୨୪ ଘଣ୍ଟିଆ କଂଟ୍ରୋଲ ରୁମ, ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାଣିପାଗ ସତର୍କବାଣୀ ଓ ବନ୍ୟା ବୁଲେଟିନ୍‌ର ତ୍ୱରିତ ପ୍ରଚାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟାପ୍ରବଣ ଅଞ୍ଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ସହ ସୁରକ୍ଷିତ ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିଛନ୍ନତା, ପଶୁ ଚିକିତ୍ସା ଓ କୃଷି ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟା ଆଶ୍ରୟସ୍ଥଳ ଗୁଡିକ ପ୍ରସ୍ତୁତ ରଖିବା ସହିତ, ପାନୀୟ ଜଳ, ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଉଦ୍ଧାର ଯୋଜନା, ରାସ୍ତା ଓ ପରିବହନ ବ୍ୟବସ୍ଥା ଉପରେ




ମଧ୍ୟ ସମୀକ୍ଷା କରାଯାଇଥିଲା।ଏଥିସହିତ ଓଡ୍ରାଫ, ଏନ୍‌ଡିଆରଏଫ ଓ ସୁରକ୍ଷା ବାହିନୀ ମୁତୟନ ପାଇଁ ପୂର୍ବ ପ୍ରସ୍ତୁତି ଏବଂ ବନ୍ୟା ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ରିଲିଫ ଟିମ୍ ଗଠନ ଉପରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍, ଦୂରସଞ୍ଚାର, ସଡକ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସେବାର ଶୀଘ୍ର ପୁନଃସ୍ଥାପନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।ପ୍ରବଳ ବର୍ଷା ବା ବନ୍ୟା ସମୟରେ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା କରିବା ପ୍ରାଥମିକତା। ଏଥିରେ ସାମାନ୍ୟ ଅବହେଳା ବା ବିଳମ୍ବ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିପାରେ, ତେଣୁ ଜନଜୀବନ ଓ ସମ୍ପତିର ସୁରକ୍ଷା ପାଇଁ ସମସ୍ତ ବିଭାଗକୁ ସତର୍କ ରହିବା ସହିତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସମସ୍ତ ଛୋଟ ବଡ଼ ନାଳ ଏବଂ ମୁଖ୍ୟ ଡ୍ରେନଗୁଡ଼ିକୁ ମୌସୁମୀ ପୂର୍ବରୁ ସମ୍ପୂର୍ଣ୍ଣ ସଫା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଏସଏମସିର ଡେପୁଟି କମିଶନର (ସାନିଟେସନ), ଜଳସେଚନ ଅଧିକ୍ଷଣ ଯନ୍ତ୍ରୀକୁ ନିଜେ ଉପସ୍ଥିତ ରହି ଏହି ସଫେଇ କାର୍ଯ୍ୟର ତଦାରଖ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଖରାଦିନେ ପୋତି ହୋଇଥିବା ବୋତଲ, ଓ ବିଭିନ୍ନ ଖାଦ୍ୟ ଷ୍ଟଲ ଯୋଗୁଁ ଡ୍ରେନ ଜାମ ହେବାର ସମ୍ଭାବନା ଥିବାରୁ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାଲିବନ୍ଧା ଏବଂ ବିନାଖଣ୍ଡି ଭଳି ତଳିଆ ଅଞ୍ଚଳରେ ଥିବା ସମସ୍ତ ଜଳ ନିଷ୍କାସନ ପମ୍ପଗୁଡ଼ିକର କାର୍ଯ୍ୟକାରିତା ଯାଞ୍ଚ କରିବା ପାଇଁ ତୁରନ୍ତ 'ଟ୍ରାଏଲ୍ ରନ୍'କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଷଗୁଡ଼ିକର ଅଭିଜ୍ଞତାକୁ ଆଧାର କରି ସମ୍ବଲପୁର ମହାନଗର ନିଗମର ସମସ୍ତ ଜଳପ୍ଲାବିତ ଏବଂ ସଂବେଦନଶୀଳ ଅଞ୍ଚଳର ତାଲିକା ପ୍ରସ୍ତୁତ ରଖାଯାଇଛି। ସେହିପରି ଗତବର୍ଷ ବାମରା ଏବଂ କୁଚିଣ୍ଡା ଅଞ୍ଚଳରେ ହୋଇଥିବା ଅପ୍ରତ୍ୟାଶିତ ବନ୍ୟା ଓ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରେଢ଼ାଖୋଲ ଓ କୁଚିଣ୍ଡା ସବ୍‌ଡିଭିଜନ ଉପରେ ମଧ୍ୟ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରାଯିବ। ଜିଲ୍ଲାରେ ଥିବା ସମସ୍ତ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତ ପରଖିବାକୁ ନିର୍ଦ୍ଦେଶ ଦେଇଥିଲେ।ସ୍ଲୁଇସ୍ ଗେଟ୍‌ରୁ ଜଳ ନିଷ୍କାସନରେ ହୋଇଥିବା ସମସ୍ୟାର ସମାଧାନ ପାଇଁ ମ୍ୟୁନିସିପାଲିଟି ଏବଂ ଜଳସେଚନ ବିଭାଗକୁ ମିଳିତ ଭାବେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ବିପର୍ଯ୍ୟୟ ପରିଚାଳନା ସମୟରେ କୌଣସି ପ୍ରକାରର ଅବହେଳା ନ କରିବା ପାଇଁ ଆଦେଶ ଦେଇଥିଲେ। ଅବହେଳା କରୁଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ମୌସୁମୀ ଆସିବା ପୂର୍ବରୁ ସମସ୍ତ ପ୍ରତିଷେଧମୂଳକ ବ୍ୟବସ୍ଥା ଶେଷ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

Virat Group of Institutions
+2 SCIENCE HIGHER SECONDARY SCHOOL
Residential cum Day-Scholar
GODBHAGA, BARGARH
Toll Free 1800 890 9498
7008051326 | 7008051327

# ଗାଁରେ ମଦ ପ୍ରବେଶ କରାଇ ନ ଦେବାକୁ ଶପଥ



**ପଦ୍ମପୁର, ୨୨।୫(ସମିସ):** ପଦ୍ମପୁର ବ୍ଲକ ମହୁଲପାଲି ପଞ୍ଚାୟତ ଅଧୀନ ଦର୍ବେକେଲା ଗ୍ରାମରେ ଦେଶୀ ଓ ରନ୍ଧା ମଦ କାରବାର ଯୋରସୋର୍‌ରେ ଚାଲିଥିଲା। ମଦପାନ କରି ଅନେକ ଯୁବକ ବିପଥଗାମୀ ହେବା ସହିତ ଗାଁରେ ସବୁବେଳେ ବିଶୃଙ୍ଖଳା ଦେଖାଦେଉଥିଲା। ଏପରିକି ଗାଁର ସ୍କୁଲଠାରୁ ଆରମ୍ଭ କରି ପୋଖରୀ ହୁଡା ପର୍ଯ୍ୟନ୍ତ ମଦ ପାଉଚ ପଡ଼ିରହୁଥିଲା। ଏହି ସବୁ ଅସହ୍ୟ ହେବାପରେ ଗ୍ରାମର ଶତାଧିକ ମହିଳା, ପୁରୁଷ ସରପଞ୍ଚ ପଙ୍କଜିନୀ ବେହେରାଙ୍କ ନେତୃତ୍ୱରେ ଏକ ସଭା ଶୁକ୍ରବାର ଆୟୋଜନ କରି ଗାଁକୁ ମଦମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ଆଗାମୀ ଦିନରେ ଗାଁରେ କୌଣସି ଦେଶୀ ବିଦେଶୀ ମଦ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ପ୍ରସ୍ତାବ ଗ୍ରହଣ କରିବା ସହିତ ଆଗାମୀ ସୋମବାର ଦିନ ଏ ନେଇ ପୁଲିସ, ପ୍ରଶାସନିକ ଅଧିକାରୀ, ଅବକାରୀ ବିଭାଗକୁ ଲିଖିତ ଭାବେ ଦିଆଯିବ ବୋଲି ସରପଞ୍ଚ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଫୁଲ ଚନ୍ଦନ ବରିହା, କୈଳାସ ପୁଞ୍ଜି, ରବୀନ୍ଦ୍ର ମେହେର, ଭକ୍ତବନ୍ଧୁ ସାହୁ, ହରେକୃଷ୍ଣ ଥପା, ଫିରୁ ମେହେର, ସମାଜସେବୀ ସୁନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନାରୀ ଅଧିକାର ଅଭିଯାନ

# ସରକାର ବିରୋଧରେ ଗର୍ଜିଲେ ମହିଳା

**ପାଇକମାଲ, ୨୨।୫(ସମିସ)**

ପଦ୍ମପୁର ବିଜୁ ମହିଳା ଜନତା ଦଳ ପକ୍ଷରୁ ଶୁକ୍ରବାର ପାଇକମାଲଠାରେ ନାରୀ ଅଧିକାର ଅଭିଯାନ ଶୀର୍ଷକରେ ଏକ ବ୍ୟାପକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବାରେ ବିଳମ୍ବ, ଦେଶରେ ବଢୁଥିବା ନାରୀ ନିର୍ଯାତନା ଓ ମହିଳା ସୁରକ୍ଷା ନେଇ କେନ୍ଦ୍ର ସରକାରଙ୍କ ଅସଫଳତାକୁ ନେଇ ବିଜେଡି ମହିଳା ନେତୃବୃନ୍ଦ ଓ କର୍ମୀମାନେ ବିଜେପି ସରକାର ବିରୋଧରେ ଜୋରଦାର ସ୍ୱର ଉଠାଇଥିଲେ। ସକାଳୁ ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳା ପରିସରରେ ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ଅଞ୍ଚଳରୁ ଆସିଥିବା ଶତାଧିକ ମହିଳା କର୍ମୀ ଓ ନେତୃବୃନ୍ଦ ଏକାଠି ହୋଇଥିଲେ। ସେଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ପାଇକମାଳ ମୁଖ୍ୟ ରାସ୍ତା ପରିକ୍ରମା କରି ବିଡିଓ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସମୟରେ ମହିଳାମାନେ 'ନାରୀଙ୍କୁ ସୁରକ୍ଷା ଦିଅ', '୩୩ ପ୍ରତିଶତ ସଂରକ୍ଷଣ ଶୀଘ୍ର କାର୍ଯ୍ୟକରୀ କର', 'ନାରୀ ନିର୍ଯାତନା ବନ୍ଦ କର' ପରି ବିଭିନ୍ନ ସ୍ଲୋଗାନ ଦେଇ କେନ୍ଦ୍ର ସରକାରଙ୍କ ନୀତି ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତିବାଦ ଶୋଭାଯାତ୍ରା ଫଳରେ ପାଇକମାଳ ଅଞ୍ଚଳରେ ରାଜନୈତିକ ପରିବେଶ ବେଶ୍ ସରଗରମ ହୋଇଯାଇଥିଲା। ପରେ ବିଜେଡିର ଏକ ପ୍ରତିନିଧି ଦଳ ପାଇକମାଳ




ବିଡିଓ ପ୍ରଫୁଲ୍ଲ କୁମାର ଓଡୁଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଶୀଘ୍ର କାର୍ଯ୍ୟକରୀ କରିବା, ଦେଶରେ ବଢୁଥିବା ଦୁଷ୍କର୍ମ, ନାରୀ ନିର୍ଯାତନା ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଘଟଣାରେ କଠୋର ପଦକ୍ଷେପ ନେବା ସହ ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବି କରାଯାଇଥିଲା। ମହିଳା ନେତୃବୃନ୍ଦ କହିଥିଲେ ଯେ, ଦେଶର ନାରୀମାନେ ଆଜି ମଧ୍ୟ ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ଏବଂ ସରକାର କେବଳ ନାରାରେ ସୀମିତ ନ ରହି ବାସ୍ତବରେ ମହିଳା ସଶକ୍ତିକରଣ ଦିଗରେ କାମ କରିବା ଆବଶ୍ୟକ। ଏହାପରେ ପାଇକମାଳ ହାଇସ୍କୁଲ ପଡ଼ିଆରେ ଏକ ବିଶାଳ ମହିଳା ସମାବେଶ ଆୟୋଜିତ ହୋଇଥିଲା। ସମାବେଶରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଅଧିକାର ସୁରକ୍ଷା ପାଇଁ ଏକତ୍ର ହୋଇ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ, ମହିଳାମାନେ ଆଜି ସମସ୍ତ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଥିବା ବେଳେ ସେମାନଙ୍କୁ ଯଥୋଚିତ ସମ୍ମାନ ଓ ସୁରକ୍ଷା ଦେବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଦରକାର। ସମାବେଶରେ ପୂର୍ବତନ ମନ୍ତ୍ରୀ ରିତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ବିଜୁ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ରାଜୁ ଘିବେଲା, ବରଗଡ଼ ଏନ୍‌ଏସି ଅଧ୍ୟକ୍ଷା କଳ୍ପନା ମାଝୀ, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ପାଇକମାଳ ବ୍ଲକ ସଭାନେତ୍ରୀ ବନିତା ମହାନନ୍ଦ, ପଦ୍ମପୁର ବ୍ଲକ ସଭାନେତ୍ରୀ ସାବିତ୍ରୀ ଚାନ୍ଦ, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ବ୍ଲକ ବିଜୁ ଯୁବା ଜନତା ଦଳର ସଭାପତି ଗୌତମ ସିଂ, କାଂସଡା ସଭାନେତ୍ରୀ ସୌଦାମିନୀ ତ୍ରିପାଠୀ, ପାଇକମାଳ ବ୍ଲକ ସଭାପତି ବିଜୟ ସ୍ୱାଇଁ, ଉପସଭାପତି ଟାଇଲ ଭୋଇ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ସୁଶାନ୍ତ ମିଶ୍ର ଓ ଆର୍ତ୍ତତ୍ରାଣ ସାହୁଙ୍କ ସମେତ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ସଭା ପରିଚାଳନା ଗୁଠିଡ଼ିଆ ସାହୁ କରିଥିଲେ। ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ମହିଳାଙ୍କୁ ସମାନ ସୁଯୋଗ, ସମ୍ମାନ ଓ ସୁରକ୍ଷିତ ପରିବେଶ ଦେବାଦିଗରେ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ନାରୀ ସଶକ୍ତିକରଣ କେବଳ ରାଜନୈତିକ ସ୍ଲୋଗାନରେ ସୀମିତ ନ ରହି ତାହାକୁ ବାସ୍ତବ ରୂପ ଦେବାକୁ ହେବ। ଦେଶରେ ନାରୀଙ୍କ ଉପରେ ବଢୁଥିବା ଅପରାଧ ଘଟଣାକୁ ନେଇ ସେମାନେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ଅଞ୍ଚଳର ଶତାଧିକ ମହିଳା ନେତ୍ରୀ, ବିଜେଡି କର୍ମୀ ଓ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ।

# ସ୍କାଉଟ୍ସ ପ୍ରତିଯୋଗିତାରେ ସିଆଲଖଣ୍ଡହଥା କୃତିତ୍ୱ



**ଭେଡେନ, ୨୨।୫(ସମିସ):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପ୍ରଧାନମନ୍ତ୍ରୀ ସିଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭେଡେନ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଆଲଖଣ୍ଡହଥା କୃତିତ୍ୱ ହାସଲ କରି ରାଜ୍ୟପାଳ ଡ. କମ୍ଭମପତି ହରିବାବୁ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ରଙ୍କଠାରୁ ପୁରସ୍କାର ଗ୍ରାହଣ କରିଥିଲେ। ରାଜ୍ୟ ପୁରସ୍କାର ଉତ୍ସବରେ ସରକାରୀ ଉଚ୍ଚ ବିଦ୍ୟାଳୟ ସିଆଲଖଣ୍ଡହଥାର ପ୍ରଧାନ ଶିକ୍ଷକ ମୀନକେତନ ପଧାନ ଓ ଗାଇଡ କ୍ୟାପଟେନ୍ ବିଜୁଳିବତୀ ଦେଲଇ ସାର୍ଟିଫିକେଟ ଓ ସ୍ମରଣ ଚିହ୍ନ ଗ୍ରହଣ କରିଥିଲେ।

# ଝାରବନ୍ଧରେ ହେବ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ଓ ଇନ୍‌ଡୋର ହଲ୍

**ଝାରବନ୍ଧ, ୨୨।୫ (ସମିସ):** ଝାରବନ୍ଧ ବ୍ଲକରେ ଖେଳ ଭିତ୍ତିଭୂମିର ଉନ୍ନତି ଓ ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଝାରବନ୍ଧ ବ୍ଲକରେ ଇନ୍‌ଡୋର ହଲ୍ ସହିତ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ୧୬ କୋଟି ୭୯ ଲକ୍ଷ ୫୯ ହଜାର ୧୦୦ ଟଙ୍କାର ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ଘୋଷଣା ପରେ ଝାରବନ୍ଧ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଅନୁସାରେ, ୨୦୨୬ ମାର୍ଚ୍ଚ ୧୯ ତାରିଖରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଏଫଏ-କମ୍-ଅତିରିକ୍ତ ସଚିବ ନେଲସନ ଲାକ୍ରାଙ୍କ ଦ୍ୱାରା ଏହି ପ୍ରଶାସନିକ ମଞ୍ଜୁରୀ ସମ୍ବନ୍ଧୀୟ ଚିଠି ଜାରି କରାଯାଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବରଗଡ଼ (ଆର୍‌ଆଣ୍ଡବି) ଡିଭିଜନର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ତତ୍ତ୍ୱାବଧାନରେ ନିୟମିତ ଯୋଜନା ଓ ନିର୍ଦ୍ଧାରିତ ମାନକ ଅନୁଯାୟୀ ସମ୍ପନ୍ନ କରାଯିବ। ସରକାରୀ ଦଲିଲ ଅନୁଯାୟୀ, ଏସଓଆର-୨୦୨୨ (ପୋଷ୍ଟ ଜିଏସଟି ଦର) ଓ ନୂତନ ଶ୍ରମିକ ଦରକୁ ଆଧାର କରି ପ୍ରସ୍ତୁତ ହୋଇଥିବା ଆନୁମାନିକ ବ୍ୟୟକୁ ମୂଲ୍ୟାୟନ କରି ଏହି ଅନୁମୋଦନ ଦିଆଯାଇଛି। ପ୍ରକଳ୍ପର ଗୁଣବତ୍ତା ଓ ସମୟସୀମା ମଧ୍ୟରେ କାମ ସମାପ୍ତି ପାଇଁ ସମ୍ପୃକ୍ତ ବିଭାଗକୁ କଠୋର ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ବିଶେଷକରି ଗ୍ରାମାଞ୍ଚଳରୁ ଉଦୀୟମାନ ପ୍ରତିଭାମାନେ ନିଜ କୌଶଳ ପ୍ରଦର୍ଶନ ପାଇଁ ଏକ ଉଚିତ ମଞ୍ଚ ପାଇବେ ବୋଲି ଆଶା କରାଯାଉଛି। ଦୀର୍ଘ ଦିନ ଧରି ଝାରବନ୍ଧ ଅଞ୍ଚଳରେ ଏକ ସୁବ୍ୟବସ୍ଥିତ ଖେଳ ପ୍ରାଙ୍ଗଣ ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନଙ୍କ ଦାବି ରହିଥିଲା। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳବାସୀ, ଯୁବକ ସଂଘ ଓ ଖେଳପ୍ରେମୀ ମାନେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ, ଶୀଘ୍ର ନିର୍ମାଣ କାର୍ଯ୍ୟଆରମ୍ଭ କରି ସମୟ ମଧ୍ୟରେ ସମାପ୍ତ କରିବାକୁ ଦାବି କରିଛନ୍ତି। ଝାରବନ୍ଧରେ ଏହି ଷ୍ଟାଡିୟମ୍ ନିର୍ମାଣ ହେଲେ ଏହା କେବଳ ଏକ ଖେଳ ପ୍ରାଙ୍ଗଣ ନୁହେଁ ବରଂ ଅଞ୍ଚଳର ଯୁବଶକ୍ତିଙ୍କ ସ୍ୱପ୍ନପୂରଣର ଏକ ନୂତନ ଠିକଣା ହେବ।

## ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୨୨।୫(ସମିସ):** ପଦ୍ମପୁର ଉପଖଣ୍ଡର ଲଖମରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷାରେ ୮୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଅନୁଷ୍ଠାନର ପୂର୍ବତନ ସଭାପତି ମଧୁସୂଦନ ଦାସ ମୁଖ୍ୟ ଅତିଥି ଓ ବିସିକେଶନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟର ଟପ୍ପର ଟିକେଲାଲ ସାହୁ ୮୯.୬୬% ମାର୍କ ରଖି ଅନୁଷ୍ଠାନକୁ ଗୌରାବାନ୍ୱିତ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ

**ଥୁଆପାଲି, ୨୨।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ବକଟୀ ପଞ୍ଚାୟତର ବକଟୀଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜିବ ଗାନ୍ଧୀ ୩୬ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ବରଗଡ଼ ଜିଲ୍ଲା ରାଜିବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଭାପତି ଦିଲୀପ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଣ୍ଡବ କର୍ଣ୍ଣ ଯୋଗ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଦଶରଥ ମେହେର ଓ ସଞ୍ଜୟ ନନ୍ଦ, ରାଜିବ ଗାନ୍ଧୀଙ୍କ ଦେଶପ୍ରେମ, ଗଠନମୂଳକ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ସମୟରେ ଦୋଳଗୋବିନ୍ଦ ବେହେରା, ଭବାନୀ ପାଢ଼ୀ, ମାଧବ ସାହୁ, ଠକୁ ଭୋଇ, ଗୋବିନ୍ଦ ସାହୁ, କିଶୋର ସାହୁ, ଭେଡେନ ୨ ଜିଲ୍ଲା ପରିଷଦ ପ୍ରାର୍ଥୀ ଗୋପାଳ ବାଗ, ଗଙ୍ଗା ମହାପାତ୍ର, ଖଇନୁ ମେସୁଆ, କୈଳାସ ଖେତୀ, ତାରା ଦାସ ଯୋଗଦେଇ ଥିଲେ। ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଲ-କଲେଜରେ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

**ବରଗଡ଼, ୨୨ । ୫(ସମିସ):** ବରଗଡ଼ ଲ-କଲେଜରେ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଏଲଏଲବି ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷ କିଶୋର କୁମାର ମହାପାତ୍ର, କଲେଜର ବରିଷ୍ଠ ଅଧ୍ୟାପକ ହୋତା ସାର, ସୁରଭି ପଧାନ, ଚନ୍ଦନ କୁମାରୀ ସାହୁ, ଗୋବିନ୍ଦ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ହିମାଦ୍ରୀ ସାହୁ ଓ ପଦ୍ମିନୀ ଦାଶ ସ୍ୱାଗତ କରିଥିଲେ। ଶେଷବର୍ଷ ଛାତ୍ରଛାତ୍ରୀ ମାନେ ନିଜ ନିଜର ଅନୁଭୂତି ବଖାଣି କଲେଜର ଅଧ୍ୟକ୍ଷ, ପ୍ରଫେସର ଓ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ସମାଜର ଗରିବ, ଅବହେଳିତ, ନିଷ୍ପେସିତ ଶ୍ରେଣୀର ଲୋକଙ୍କୁ ବିନା ପଇସାରେ ଆଇନ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ଅଧ୍ୟକ୍ଷ। ବଳରାମ କୁମାର ଦୀପ ପରିଚାଳନା କରିଥିବା ବେଳେ ରମାକାନ୍ତ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ସୁଜିତ ମିଶ୍ର, ସାଗର ଦାଶ, ସୁଜନ କୁମାର ଦାଶ, ଅଧୀର ସାହୁ, ଆଲୋକ ସାହୁ ପ୍ରମୁଖସହଯୋଗ କରିଥିଲେ।



ବରଗଡ଼ ପୌର ପରିଷଦ ୮ ନମ୍ବର୍ ୱାର୍ଡର କାଉନସିଲର ରୀନା ମହାପାତ୍ର ସୁପର୍ ମାର୍କେଟ୍‌ଠାରେ ଜନସାଧାରଣଙ୍କୁ ସରବତ୍ ବଣ୍ଟନ କରିଥିଲେ।

# ବିବାହ ବାର୍ଷିକୀରେ ଶରୀର ଦାନ ପାଇଁ ଫର୍ମପୂରଣ କଲେ ଦମ୍ପତି

**ବରଗଡ଼, ୨୨।୫(ସମିସ):** ଏକ ଦମ୍ପତି ବିବାହ ବାର୍ଷିକୀ ଅବସରରେ ସେମାନଙ୍କର ଶରୀର ଦାନ କରିବାକୁ ଏକ ପ୍ରତିଜ୍ଞା ଫର୍ମପୂରଣ କରି ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟି ଯାଇଛନ୍ତି। ଭଟଲି ବ୍ଲକ ଉର୍ଦ୍ଦୁନା ଗ୍ରାମର ବାସିନ୍ଦା ରବୀନ୍ଦ୍ର ମହାପାତ୍ର (୫୦) ଏବଂ ତାଙ୍କ ପତ୍ନୀ ଜୟଶ୍ରୀ ମହାପାତ୍ର (୪୧) ମରଣୋତ୍ତର ବୈଜ୍ଞାନିକ ଗବେଷଣା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଶରୀର ଦାନ କରିବାକୁ ଏକ ପ୍ରତିଜ୍ଞା ଫର୍ମ ପୂରଣ କରିଥିଲେ। ସେମାନଙ୍କ ଇଚ୍ଛା ଅନୁଯାୟୀ ରବୀନ୍ଦ୍ରଙ୍କ ପିତା ସ୍ୱର୍ଗତ ଆଦିତ୍ୟ ମହାପାତ୍ର ଏବଂ ତାଙ୍କ ମାଉସୀ ସ୍ୱର୍ଗତ ଯଶୋବନ୍ତୀଙ୍କ ଶରୀର ଦାନ କରିଥିଲେ। ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମାରୱାଡି ମହିଳା ସମିତି ବରଗଡ଼ ଶାଖାର ସମର୍ଥନରେ ସେମାନେ ସ୍ୱେଚ୍ଛାକୃତ ଭାବରେ ଶରୀର ଦାନ ନେତ୍ରୀ ଅଞ୍ଜୁ ମିତ୍ତଲଙ୍କ ସହିତ ଯୋଗାଯୋଗ କରିଥିଲେ। ପରିବାରର ସମ୍ମତିରେ, ସେମାନେ ମରଣୋତ୍ତର



ଚିକିତ୍ସା ଗବେଷଣା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଶରୀର ଦାନ କରିବାକୁ ପ୍ରତିଜ୍ଞା କରିଛନ୍ତି। ଏହି ପ୍ରତିଜ୍ଞା ବୁର୍ଲାର ଭିମ୍ସାର ମେଡିକାଲ କଲେଜକୁ ଉତ୍ସର୍ଗ କରାଯାଇଥିଲା ଏବଂ ଦମ୍ପତିଙ୍କୁ ଗ୍ରହଣ ପତ୍ର ଏବଂ ଦାତା କାର୍ଡ ପ୍ରଦାନ କରାଯାଇଥିଲା। କମିଟିର ଶରୀରଦାନ ମୁଖ୍ୟ ଅଞ୍ଜୁ ମିତ୍ତଲ ଦ୍ୱାରା କରାଯାଇଥିଲା।

# ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା

**ପାଇକମାଳ, ୨୨।୫(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଓ ସମ୍ମାନିତ ଅତିଥିଭାବେ ଛାତ୍ର ସଂସଦ ସଭାପତି ଗୋକୁଳାନନ୍ଦ ଡନସନ, ଜଗନ୍ନାଥ ପୁଟା, ରାଧେଶ୍ୟାମ ପଟେଲ, ପୋର୍ଟା ମୀନତି ଟେଟେ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ୨୦୨୫-୨୬ ଶିକ୍ଷା ବର୍ଷ ଦ୍ୱାଦଶଶ୍ରେଣୀ ପରୀକ୍ଷା ବିଜ୍ଞାନ ବିଭାଗରେ ୯୭% ରଖିଥିବା ଛାତ୍ରୀ ଦୀପିକା ଡନସନା ଓ ମାଟ୍ରିକ ପରୀକ୍ଷାରେ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲର ଛାତ୍ରୀ ଏ-ୱାନ୍ ଗ୍ରେଡ୍ ପାଇଥିବା ଛାତ୍ରୀ ଚାନ୍ଦିନୀ ବିଶ୍ୱାଳ ଓ ଏ-୨ ପାଇଥିବା ଛାତ୍ରୀ ସୋନିଆରାଣୀ ମହାନନ୍ଦ, ପରମିତା ବେହେରା, ଭାଲ୍ଲୁରୀ ସାଇ ତେଜସ୍ୱୀନୀ ଓ ଭୂମିସୂତା କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରି ମାନପତ୍ର ଦିଆଯାଇଥିଲା। ରାଧେଶ୍ୟାମ ସାହା ସଭା ସଂଯୋଜନା କରିଥିଲେ। ଏଥିରେ ମହେନ୍ଦ୍ର ଖୁଣ୍ଟିଆ, ନବୀନ ଡନସନା, ଗୋପାଳ ବେହେରା, ମାନଭଞ୍ଜନ କୁଅଁର, ଗୋକୁଳରାମ ଡନସନା, ଅନିରୁଦ୍ଧ ପଣ୍ଡା, ତପନ ବହିଦାର, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ଚନ୍ଦ୍ରଭାନୁ ବିଶ୍ୱାଳ, ଉଗ୍ରସେନ ପ୍ରଧାନ, ନରହରି ସିଂ, ଅଭିଷେକ ସାହୁ, ମୁନ୍ନା ସାହୁ, ପ୍ରଶାନ୍ତ ସରିଆଁ, ଉତ୍ତମ ରଣା, ସମ୍ଭବ ପୁଟା, ଫାଲଗୁନି ସାହୁ, ସୀତାକାନ୍ତ ମଲ୍ଲିକ, ମଣ୍ଟୁ ସାହୁ, ସୁରେନ୍ଦ୍ର ମାଝୀ, ତୁଳାରାମ ପଟେଲ ସହଯୋଗ କରିଥିବା ବେଳେ ତରଣୀସେନ ଡନସନା ଧନ୍ୟବାଦ ଦେଇଥିଲେ।



# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୨୨।୫(ସମିସ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ନିମନ୍ତେ ସ୍ଥାନୀୟ ବରାହଗୁଡା, ବରଗଡ଼






ସ୍ଥିତ କ୍ରୀଷ୍ଣା ବିକାଶ ଅନୁଷ୍ଠାନରେ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଥିଲା। ଗତବର୍ଷ ଛାତ୍ରଛାତ୍ରୀଙ୍କ ଅପେକ୍ଷା ଚଳିତବର୍ଷ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଆଜି କ୍ରୀଷ୍ଣା ବିକାଶ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣାଙ୍କ ଅଧ୍ୟକ୍ଷତାରେ ଯୁକ୍ତଦୁଇ ପରୀକ୍ଷାରେ ୮୦%ରୁ ଉର୍ଦ୍ଧ୍ୱ ମାର୍କ ରଖୁଥିବା ଛାତ୍ରଛାତ୍ରୀ ଏବଂ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଚେୟାରମ୍ୟାନ ଚଳିତବର୍ଷର ଫଳ ଘୋଷଣା କରିବା ସହିତ ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ବାଣିଜ୍ୟ ବିଭାଗର ସତ୍ୟସୁନ୍ଦର୍ ପଣ୍ଡା ୫୯୨ ମାର୍କ ହାସଲ କରି ଓଡ଼ିଶା ଟପ୍ପର ହୋଇଥିବାବେଳେ ବିଜ୍ଞାନ ବିଭାଗର ସମର୍ପିତା ଦେହେରୀ ୫୯୧ ମାର୍କରଖି ବରଗଡ଼ ଜିଲ୍ଲା ଟପ୍ପର ସହିତ ସମଗ୍ର ପଶ୍ଚିମ ଓଡ଼ିଶାରେ ତୃତୀୟସ୍ଥାନ ଅଧିକାର କରିଛନ୍ତି। ଏବର୍ଷ ୨୩ ଜଣ ଛାତ୍ରଛାତ୍ରୀ ୯୫%ରୁ ଉର୍ଦ୍ଧ୍ୱ ମାର୍କ ରଖି ରେକର୍ଡ ସୃଷ୍ଟି କରିଛନ୍ତି। ଯାହା ସମୁଦାୟ ପଶ୍ଚିମ ଓଡ଼ିଶାର ସର୍ବାଧିକ ହାର ୯.୮୦ % ଅଟେ। ଏଥିରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରାରମ୍ଭି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା ବିଦ୍ୟାଳୟର ଶୈକ୍ଷିକ ବାତାବରଣ ତଥା ଛାତ୍ରଛାତ୍ରୀମାନଙ୍କ କଠିନ ପରିଶ୍ରମ ଦ୍ୱାରା ହିଁ ଏମିତି ଫଳ ହୋଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଏକଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ମ୍ୟାନେଜିମ ଡାଇରେକ୍ଟର ଦାଶରି ବିବେକ, ଟ୍ରଷ୍ଟି ରାମ ତୁଳସୀ, ଡାଇରେକ୍ଟର ଟୁ ଚେୟାରମ୍ୟାନ ଲୋକେଶ ଦଶାରି ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍ କାନ୍ତା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼କୁ ଶିଶୁ ବିବାହ ମୁକ୍ତ କରିବା ପାଇଁ ଲକ୍ଷ୍ୟ




**ବରଗଡ଼, ୨୨।୫(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଆଭିମୁଖ୍ୟ କରଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଧିକାରୀ, ପୁଲିସ, ଶିଶୁ ସୁରକ୍ଷା ବିଶେଷଜ୍ଞ ଏବଂ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଶିଶୁ ବିବାହ ବିରୋଧରେ ସମନ୍ୱିତ ପ୍ରତିକ୍ରିୟା ସୁଦୃଢ଼ କରିବାପାଇଁ ସାମିଲ ହୋଇଥିଲେ। ମହେନ୍ଦ୍ର ମହାପାତ୍ର ନିଜର ଅଭିଭାଷଣରେ ବହୁ-କ୍ଷେତ୍ରୀୟ ଆଭିମୁଖ୍ୟ, ବିଭାଗୀୟ ସମନ୍ୱୟ ଓ ସୁଦୃଢ଼ ମନିଟରିଂ ବ୍ୟବସ୍ଥା ମାଧ୍ୟମରେ ଶିଶୁ ବିବାହ ଉଚ୍ଛେଦ କରିବା ପ୍ରତି ଜିଲ୍ଲାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇ ଥିଲେ। ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସାନ୍ଧ୍ୟାରାଣୀ ନେପା ସ୍ୱାଗତବଭାଷଣ ଦେଇଥିଲେ। ମୁଖ୍ୟ ବୈଷୟିକ ଗୁଡ଼ିକୁ ଘସିରାମ ପଣ୍ଡା ପରିଚାଳନା କରିଥିଲେ। ଭୂମିକା, ଦାୟିତ୍ୱ ଓ ଆଗାମୀ ପଥ ଉପରେ ଖୋଲା ଆଲୋଚନା ସରୋଜ କୁମାର ବାରିକ, ପ୍ରୋଗ୍ରାମ ମ୍ୟାନେଜର, ଆଇଡି ଏଟ୍ ଆକ୍ସନ୍, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅଂଶୁମାନ ପାଢ଼ୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଡିଏଚ୍‌ଇଡବ୍ଲୁ, ବରଗଡ଼ ଉପସ୍ଥାପନ କରିଥିଲେ। ଏହି ଡିଏପି ସମୁଦାୟଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା, ଅସୁରକ୍ଷିତ କିଶୋରୀମାନଙ୍କ ପାଇଁ ସାଂସ୍ଥାନିକ ସହାୟତା ସୁନିଶ୍ଚିତ କରିବା ଏବଂ ମହିଳା ଓ ଶିଶୁ ବିକାଶ, ଶିକ୍ଷା, ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରି ବରଗଡ଼କୁ ଶିଶୁ ବିବାହ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କିରଥିଲେ।

# 'ସୁରକ୍ଷିତ ଶୈଶବ ସୁରକ୍ଷିତ ଭବିଷ୍ୟତ' କାର୍ଯ୍ୟକ୍ରମ




**ଝାରସୁଗୁଡ଼ା, ୨୨।୫(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧୀକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରସନ୍ନପଣ୍ଡା ଆଇନ୍ ମହାବିଦ୍ୟାଳୟରେ 'ସୁରକ୍ଷିତ ଶୈଶବ ସୁରକ୍ଷିତ ଭବିଷ୍ୟତ' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି>। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧୀକ୍ଷକ ବନିତା ମାଝୀ, ମୁଖ୍ୟ ଆଇନସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ଓ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିନୟ କୁମାର ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହା ସଙ୍ଗେସଙ୍ଗେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା ଓ ପରାମର୍ଶ, ପୀଡ଼ିତ କ୍ଷତିପୂରଣ ଯୋଜନା, ମଧ୍ୟସ୍ଥତା ଓ ଲୋକ ଅଦାଲତ ମାଧ୍ୟମରେ ମାମଲା ର ସହଜ ଓ ସରଳ ସମାଧାନ ଇତ୍ୟାଦି ବିଷୟରେ ପ୍ରାଧିକରଣ ସଚିବ ଉପସ୍ଥିତ ସମସ୍ତଙ୍କୁ ଅବଗତ କରିଥିଲେ। ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ମୁଖ କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ ରେ ଯୋଗାଯୋଗ କରିପାରିବେ ବୋଲି ସଚିବ ପ୍ରାଧିକରଣ ସୂଚନା ପ୍ରଦାନ କରିଥିଲେ।

## ଝାରସୁଗୁଡା ବିଜେପିରେ ଗୋଷ୍ଠୀ କନ୍ଦଳ ତୀବ୍ର

# 'ଜିଲ୍ଲା ସଭାପତିଙ୍କ ବିରୋଧରେ ସମସ୍ତ ଅଭିଯୋଗ ମିଥ୍ୟା'

**ଝାରସୁଗୁଡା, ୨୨।୫(ସମିସ)**

ଝାରସୁଗୁଡା ଜିଲ୍ଲା ବିଜେପିରେ ଗୋଷ୍ଠୀ କନ୍ଦଳ ବୃଦ୍ଧି ପାଇବାରେ ଲାଗିଛି। ଝାରସୁଗୁଡା ଜିଲ୍ଲା ଲଖନପୁର ମଣ୍ଡଳ ବିଜେପି ସଭାପତି ଟିକେତ ସାହୁ ଜିଲ୍ଲା ସଭାପତିଙ୍କ ବରୋଧରେ ଆଣିଥିବା ଅଭିଯୋଗକୁ ବିରୋଧ କରି ଲଖନପୁର ମଣ୍ଡଳ ବିଜେପି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। କଦେଲପିଟାରେ ଅନୁଷ୍ଠିତ ଏହି



ସାମ୍ବାଦିକ ସମ୍ମିଳନୀରେ ଲଖନପୁର ମଣ୍ଡଳର ବରିଷ୍ଠ ସଦସ୍ୟ ନିରାକାର ବଡେଇ, ଉପସଭାପତି କୃଷ୍ଣ ଚନ୍ଦ୍ର ବେହେରାଙ୍କ ସହ ଲଖନପୁର ମଣ୍ଡଳ ବିଜେପି କାର୍ଯ୍ୟକର୍ତ୍ତା ଦୀପକ ହସ୍ତି, ଘନଶ୍ୟାମ ପୋଢ଼, ସୁବାଷ ବେହେରା, ଚୈତନ ବେହେରା, ଶିବ ଭୋଇ, ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ରହି ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁ ଜିଲ୍ଲା ସଭାପତି ରଘୁ ନନ୍ଦନ ପଣ୍ଡାଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଜିଲ୍ଲା ସଭାପତିଙ୍କ ଉପରେ ମିଛ ଆରୋପ ଲଗାଇ ଲଖନପୁର ମଣ୍ଡଳ ସଭାପତି ରାଜ୍ୟ ସଭାପତିଙ୍କ ନିକଟକୁ ପତ୍ର ପଠାଇଥିବା ସେ ଅଭିଯୋଗ କରିଛନ୍ତି। ଟିକେତଙ୍କୁ ମଣ୍ଡଳ ସଭାପତି ପଦରୁ ଇସ୍ତଫା ଦେବା ପାଇଁ ମାନସିକ ଚାପ ଦେଉଥିବା, ମଣ୍ଡଳ ସଂଗଠନ ଭିତରେ ଗୋଷ୍ଠୀ ବିବାଦ ସୃଷ୍ଟିକରି ସଂଗଠନକୁ ଦୁର୍ବଳ କରୁଥିବା ନେଇ ଟିକେତ ଜିଲ୍ଲା ସଭାପତି ରଘୁ ନନ୍ଦନ ପଣ୍ଡାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ନିରାକାର ବଡେଇ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବରଂ ସାଙ୍ଗଠନର ବିଭିନ୍ନ କାର୍ଯ୍ୟ ଟିକେତ ତୁଲାଇ ପାରୁନଥିବାବେଳେ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନ ଦେଉନାହାନ୍ତି। ନିଜ ମନମୁଖୀ କାର୍ଯ୍ୟ କରି ଦଳର ନୀତି ନିୟମ ମାନୁ ନାହାନ୍ତି। ରାଜ୍ୟରୁ ଦିଆଯାଇଥିବା ପ୍ରଶିକ୍ଷଣ ଶିବିର, ଶକ୍ତି କେନ୍ଦ୍ର ମୁଖ୍ୟ, ପ୍ରଭାରୀ ତାଲିକା ପ୍ରସ୍ତୁତି, ମହିଳା ଜନ ଆକ୍ରୋଶ ସମାବେଶ ଆଦି ଆୟୋଜନ ପାଇଁ ମଣ୍ଡଳ ସଭାପତିଙ୍କୁ ବାରମ୍ବାର କହିବା ସତ୍ତ୍ୱେ ସେ ଏଥିରେ ବିଫଳ ହେବା ପରେ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ, ସାଧାରଣ ସମ୍ପାଦକ ଭାବରେ ଦଳର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏହାକୁ ଆୟୋଜନ କରାଇବାରେ ମୁଁ ସହାୟକ ହେଲି ବୋଲି ନିରାକାର ବଡେଇ କହିଛନ୍ତି। ଟିକେତଙ୍କ ଏହି ମନମୁଖୀ କାର୍ଯ୍ୟ ଏବଂ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଅସହଯୋଗକୁ ଧ୍ୟାନ ଦେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ମଣ୍ଡଳ ସଭାପତି ଦାୟିତ୍ୱରୁ ମୁକ୍ତ କରିବା ପାଇଁ ଜିଲ୍ଲା ସଭାପତି ଏବଂ ରାଜ୍ୟ ସଭାପତିଙ୍କୁ ପତ୍ର ଲେଖିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି।

# ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତିଙ୍କୁ ଆକ୍ରମଣ

**ଝାରସୁଗୁଡା, ୨୨।୫(ସମିସ):** ଝାରସୁଗୁଡା ଜିଲ୍ଲା ବିଜେପିରେ ଚାଲିଥିବା ଅନ୍ତଃକନ୍ଦଳ ବୃଦ୍ଧି ପାଇ ହିଂସାର ରୂପ ନେଇଛି। ଆଜି କାର୍ଯ୍ୟକ୍ରମ ପୂର୍ବରୁ ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣା ଏହାକୁ ସ୍ପଷ୍ଟ କରିଛି। ଆକ୍ରମଣକାରୀ ଝାରସୁଗୁଡା ବିଜେପି ବିଧାୟକଙ୍କ ସମର୍ଥକ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଝାରସୁଗୁଡା ମଙ୍ଗଳବଜାର ଅଞ୍ଚଳରେ ଶୁକ୍ରବାର ଗ୍ରେନ୍ ଏଟିଏମ ଉଦ୍‌ଘାଟନ ଚାଲିଥିବା ସମୟରେ ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତି ତପନ ସ୍ୱାଇଁଙ୍କୁ କିଛି ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଝାରସୁଗୁଡା ଟାଉନଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକାରୀ ତପନ ସ୍ୱାଇଁଙ୍କ ସୂଚନା ଅନୁସାରେ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବଜାରରେ ହେଉଥିବା ଗ୍ରେନ୍ ଏଟିଏମ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାରୁ ବ୍ରଜରାଜନଗର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହିତ ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତି ତପନ ସ୍ୱାଇଁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଆଗରୁ ତପନ ସ୍ୱାଇଁ ଛିଡା ହୋଇଥିବା ବେଳେ ୧୦ ରୁ ୧୫ ଜଣ ଯୁବକ ଆସି ଝାରସୁଗୁଡା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ତୁ ପ୍ରେସ ମିଟ କରି ବିଧାୟକଙ୍କୁ ବଦନାମ କରୁଛୁ ବୋଲି କହି ମାଡ଼ ମାରିଥିଲେ। ଏହା ପରେ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେପିକର୍ମୀମାନେ ହସ୍ତକ୍ଷେପ କରି କରିଥିଲେ।ଏହି ଘଟଣାକୁ ନେଇ ବ୍ରଜରାଜନଗର ମଣ୍ଡଳ ସଭାପତି ତପନ ସ୍ୱାଇଁ ଝାରସୁଗୁଡା ଟାଉନ ଥାନାରେ ମାମଲା ରୁଜୁ କରିଥିଲେ। ଝାରସୁଗୁଡା ଏସଡ଼ିପିଓ ଉମାଶଙ୍କର ସିଂଙ୍କ ସୂଚନା ଅନୁଯାୟୀ, ତପନ ସ୍ୱାଇଁ ମାମଲା ରୁଜୁ କରିଥିବା ବେଳେ ତାଙ୍କ ପ୍ରତିପକ୍ଷ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଘଟଣାର ସମସ୍ତ ବିବରଣୀ ଜଣାଇବୁ ବୋଲି ସେ ସୂଚନା ଦେଇଛନ୍ତି।

# ଚରିତ୍ର ସନ୍ଦେହ କରି ସ୍ତ୍ରୀକୁ ନିର୍ଯାତନା, ହତ୍ୟା ଉଦ୍ୟମ

**ଦେବଗଡ଼, ୨୨।୫(ସମିସ):** ବିବାହର ଦୀର୍ଘ ବର୍ଷ ପରେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ତ୍ରୀକୁ ସ୍ୱାମୀ ନିର୍ଯ୍ୟାତନା ଦେବା ସହ ହତ୍ୟା ଉଦ୍ୟମ କରିବା ନେଇ ରିଆମାଳ ଥାନାରେ ପୀଡିତ ମହିଳା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୁଳ ଜିଲ୍ଲା ପାଲଲହଡା ଥାନା ଅନ୍ତର୍ଗତ ଚଷାଗୁରୁଜାଙ୍ଗ ଗ୍ରାମର ଶରଦ ନାୟକ ନିଜ ଝିଅ ବବିତାଙ୍କୁ ଗତ ୨୦୧୯ ମସିହାରେ ରିଆମାଳ ଥାନା ଅନ୍ତର୍ଗତ ପାଲୁଣୀପଡ଼ା ଗ୍ରାମର ପ୍ରହ୍ଲାଦ ଲୁହାଙ୍କ ସହ ବୈଦିକ ରୀତିରେ ବିବାହ କରାଇଥିଲେ। ବିବାହର ଦୀର୍ଘ ବର୍ଷ ପରେ ସ୍ୱାମୀ ପ୍ରହ୍ଲାଦ ସ୍ତ୍ରୀ ବବିତାଙ୍କ ଚରିତ୍ର ଉପରେ ସନ୍ଦେହ କରି ନିର୍ଯାତନା ଦେବା ଆରମ୍ଭ କରିଥିଲା। ନିଜ ଘରୁ ବବିତାଙ୍କୁ ତଡି ଦେଇଥିଲେ। ଫଳରେ ବବିତା ଚଷାଗୁରୁଜାଙ୍ଗ ସ୍ଥିତ ନିଜ ବାପ ଘରକୁ ଯାଇ ଆଶ୍ରୟ ନେଇଥିଲେ। ଏ ସମ୍ପର୍କରେ ପାଲଲହଡା ଥାନାରେ ଅଭିଯୋଗ କରିଥିଲେ। ମାତ୍ର ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ମିଳାମିଶା ହେବାରୁ ବବିତା ନିଜ ସ୍ୱାମୀ ଙ୍କ ଘରକୁ ଫେରି ଆସିଥିଲେ। ତେବେ ଗତ ୧୧ ତାରିଖ ସନ୍ଧ୍ୟାରେ ସ୍ୱାମୀ ପ୍ରହ୍ଲାଦ ପୁଣି ଥରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ବବିତାର ଚରିତ୍ରକୁ ନେଇ ନିର୍ଯାତନା ଦେବା ସହ ଆଶଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏପରିକି ଏକ କଟୁରୀ ସାହାଯ୍ୟରେ ହତ୍ୟା ଉଦ୍ୟମ କରିଥିଲା। ବବିତା କୌଶଳ କ୍ରମେ ନିଜ ଘରୁ ବାହାରି ଆସି ପଡୋଶୀଙ୍କ ଘରେ କିଛି ସମୟ ଆଶ୍ରୟ ନେବାପରେ ସମ୍ପର୍କୀୟ କାକା ବିଭୀଷଣ ଲୁହାଙ୍କ ଘରକୁ ପଳାଇଥିଲେ। ପରେ ଚଷାଗୁରୁଜାଙ୍ଗ ସ୍ଥିତ ନିଜ ବାପ ଘରକୁ ଚାଲିଆସିଥିଲେ। ଏନେଇ ବବିତା ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବାରୁ ରିଆମାଳ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# 'ଜନଭାଗିଦାରୀ ସବୁଠାରୁ ଦୂର, ସବୁଠାରୁ ପ୍ରଥମେ' ଅଭିଯାନ



**ଦେବଗଡ଼, ୨୨।୫(ସମିସ):** ଗତ ୧୮ ତାରିଖ ଠାରୁ ଦେବଗଡ଼ ଜିଲ୍ଲାରେ ଆରମ୍ଭ ହୋଇଥିବା 'ଜନ ଭାଗିଦାରୀ ସବୁଠାରୁ ଦୂର, ସବୁଠାରୁ ପ୍ରଥମେ' ଅଭିଯାନର ଚତୁର୍ଥ ଦିବସରେ ଜିଲ୍ଲାର ତିଲେଇବଣି, ରିଆମାଳ ଏବଂ ବାରକୋଟ ପ୍ରମୁଖ ୩ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତା ଓ ସେବା ସନ୍ତୃପ୍ତି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ତିଲେଇବଣି ବ୍ଲକ ଲଇମୁରା ଗ୍ରାମପଞ୍ଚାୟତର ପାଣିଭଣ୍ଡାର, ଦୁଧିଆନାଳି ଗ୍ରାମପଞ୍ଚାୟତର ମୁଣ୍ଡାଗୋହିରା, କଂସର ଗ୍ରାମପଞ୍ଚାୟତର ତେରେଣ୍ଡାକଟା ଗ୍ରାମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ବାରକୋଟ ବ୍ଲକର ସରୁଆଳି ଗ୍ରାମପଞ୍ଚାୟତର ମହୁଲତା, ବିଜାଡିହି ଓ ସରୁଆଳି, ସଇଡ଼ା ଗ୍ରାମପଞ୍ଚାୟତର ଦେବୀଚୁଆଁ, କଣ୍ଟାପାଲି ଗ୍ରାମପଞ୍ଚାୟତର ଡଙ୍ଗାପାଳ ଓ ଟୁସୁଲା, କଦୋପଡ଼ା ଗ୍ରାମପଞ୍ଚାୟତର ମସିନିତା, ସିଂହସାଲ ଗ୍ରାମପଞ୍ଚାୟତର ସିଂହସାଲ, ବମ୍ପରଡ଼ା ଗ୍ରାମପଞ୍ଚାୟତର ମହୁଲିଡିହା, ରିଆମାଳ ବ୍ଲକ କର୍ଲଗା ଗ୍ରାମପଞ୍ଚାୟତର ଛଲକ, ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତର ବୈଶ୍ୟପଡ଼ା, ଏବଂ ନୂଆଡିହି ଗ୍ରାମପଞ୍ଚାୟତର ମହାସିନ୍ଧୁ ଗ୍ରାମରେ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ସନ୍ତୃପ୍ତି ଶିବିର ଆୟୋଜନ କରାଯାଇ ସରକାରୀ ଯୋଜନାର ଲାଭ, ଜନସଚେତନତା ସୃଷ୍ଟି, ସେବା ପ୍ରଦାନ ଏବଂ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପୂର୍ବତନ ବିଧାୟିକାଙ୍କ ଦାବି

**ଝାରସୁଗୁଡ଼ା, ୨୨।୫ (ସମିସ):** ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନାବାଳିକା ସହ ଘଟିଥିବା ଦୁର୍ଭାଗ୍ୟଜନକ ଦୁଷ୍କର୍ମ ମାମଲାରେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରାଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଏହି ମାମଲାରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିଥିବାରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଝାରସୁଗୁଡ଼ା ପୋଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହିତ ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବା ପାଇଁ ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେ‡ୀ ରାଘବେନ୍ଦ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ବିଧାୟିକା ଦୀପାଳୀ ଦାସ କହିଛନ୍ତି ଯେ, ପୁଲିସର ଏଭଳି ଦ୍ରୁତ ପଦକ୍ଷେପ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଘଟାଉଥିବା ଅପରାଧୀଙ୍କ ନିକଟକୁ ଏକ ଶକ୍ତ ବାର୍ତ୍ତା ପ୍ରେରଣ କରିବ। ଏଥି ସହିତ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଗଭୀର



ଚିନ୍ତା ପ୍ରକଟ କରିବା ସହ ଆଗାମୀ ଦିନରେ ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଶ୍ରୀମତୀ ଦାସ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ଜନସଂଖ୍ୟା ଏବଂ ଲୋକଙ୍କ ଯାତାୟାତ ସର୍ବଦା ଅଧିକ ରହୁଛି। ତେଣୁ ନାଗରିକ, ବିଶେଷ କରି ମହିଳା, ଶିଶୁ ଓ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ସହରର ସମ୍ବେଦନଶୀଳ ଅଞ୍ଚଳ, ଶିକ୍ଷାନୁଷ୍ଠାନ, ହଷ୍ଟେଲ, ମହିଳା କଲେଜ, ମୁଖ୍ୟ ଚିକିତ୍ସାଳୟ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବିଶେଷ କରି ସନ୍ଧ୍ୟା ଓ ରାତି ସମୟରେ ପୁଲିସ ପାଟ୍ରୋଲିଂକୁ ବ୍ୟାପକ କରାଯାଉ ବୋଲି ସେ ଦାବି କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ତୁରନ୍ତ ଯାଞ୍ଚ କରାଯିବା, ଅଚଳ ଥିବା କ୍ୟାମେରାଗୁଡ଼ିକୁ ଯଥାଶୀଘ୍ର ସଚଳ କରାଯିବା, ସହରର ମୁଖ୍ୟ ରାସ୍ତା, ବଜାର, ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ, ମୁଖ୍ୟ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ଅଧିକ ସଂଖ୍ୟାରେ ନୂତନ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା, ଭବିଷ୍ୟତରେ ଏଭଳି ଅପରାଧିକ ଘଟଣାର ପୁନରାବୃତ୍ତି ରୋକିବା ପାଇଁ ସୁରକ୍ଷା ତଦାରଖ ଏବଂ ପୁଲିସର ତୁରନ୍ତ ପ୍ରତିକ୍ରିୟା ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯାଉ ବୋଲି ପୂର୍ବତନ ବିଧାୟିକା ଦୀପାଲି ଦାସ ଦାବି କରିଛନ୍ତି।

# ଆପ୍ରାଇଜ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା

**ଦେବଗଡ଼, ୨୨।୫(ସମିସ):** ଦେବଗଡ଼ ମହାବିଦ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଆଜି ଶିକ୍ଷାନୁଷ୍ଠାନ 'ଆପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ' ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦନାର୍ଦ୍ଦନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବେହେରା, ସମ୍ପାଦକ ଶରତଚନ୍ଦ୍ର ବେହେରା, ପରିଚାଳନା ନିର୍ଦ୍ଦେଶକ ଦୀପାଂଶୁ ଶେଖର ପ୍ରଧାନ ଓ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସାଓନ କୁମାର ପାଣିଗ୍ରାହୀ ପ୍ରମୁଖ ଯୁକ୍ତଦୁଇ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଜୀବନରେ ଶୃଙ୍ଖଳିତ ଆଚରଣକୁ ପାଥେୟ କରି ନିଜ ଲକ୍ଷ୍ୟସ୍ଥଳୀରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ୨୦୦ ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଦେଇଥିବାବେଳେ ୧୨ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ସହ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୪ଜଣ



୮୦ ପ୍ରତିଶତରୁ ଊର୍ଦ୍ଧ୍ୱର୍ ନମ୍ବର ରଖିଥିବାବେଳେ ୧୯୧ ଜଣ ପ୍ରଥମ ଶ୍ରେଣୀ, ୯ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାସହ ଅନୁଷ୍ଠାନର ଶତ ପ୍ରତିଶତ ପାସ ହାର୍ ରହିଛି। ସେହିପରି ଅନୁଷ୍ଠାନର ଛାତ୍ରୀ ଅନୁପମା ବେହେରା ସର୍ବାଧିକ ୫୯୧ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି।

# ଓଡ଼ିଶାର ଦ୍ୱିତୀୟ 'ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍' ଲୋକାର୍ପିତ

**ଝାରସୁଗୁଡ଼ା, ୨୨।୫(ସମିସ)**

ଓଡ଼ିଶା ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ହିତାଧିକାରୀଙ୍କୁ ଅତି ସହଜ, ସ୍ୱଚ୍ଛ ଏବଂ ଉନ୍ନତ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଝାରସୁଗୁଡ଼ାଠାରେ ଲୋକାର୍ପିତ ହୋଇଯାଇଛି ପ୍ରଯୁକ୍ତିବିଦ୍ୟା ଆଧାରିତ 'ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍'। ଏହା ଓଡ଼ିଶାର ଦ୍ୱିତୀୟ ଏବଂ ସମଗ୍ର ଭାରତ ବର୍ଷର ତୃତୀୟ ଗ୍ରେନ୍ ଏଟିଏମ୍। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଭାରତର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ମୁଖ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟର ହିଂମାଶୁ ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଖାଦ୍ୟ ବିନା ଯେମିତି କାହାରି ପେଟ ଉପାସ ନ ରହେ, ସେଥିପାଇଁ ଆମେ ସଂକଳ୍ପବଦ୍ଧ। ଏହି କ୍ରମରେ ରାଜ୍ୟ ସରକାରଙ୍କ ଏକ ବଡ଼ ଉପଲବ୍ଧି ସ୍ୱରୂପ ଏବେ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୧୦ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି। ଏଥିସହିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଆହୁରି




ଅଧିକ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି। ଯାହା ଗରିବ ପରିବାର ଗୁଡ଼ିକୁ ଆର୍ଥିକ ଓ ସାମାଜିକ ସ୍ତରରେ ବେଶ୍ ସମୃଦ୍ଧ କରିବ। ହିତାଧିକାରୀମାନଙ୍କୁ ଯେପରି କୌଣସି ଅନାବଶ୍ୟକ ଶ୍ରମ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼ିବ, ସେଥିପାଇଁ ଖୁବ୍‌ଶୀଘ୍ର ରାଜ୍ୟର ପ୍ରତି ଜିଲ୍ଲାରେ ଏବଂ ବ୍ଲକସ୍ତରରେ ମଧ୍ୟ ଏହି ଗ୍ରେନ୍ ଏଟିଏମ୍ ସେବା ଉପଲବ୍ଧ କରାଯିବ। ଏହି ଯୋଜନା ଅଧୀନରେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ୫୫ଟି ନୂତନ ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସରକାରଙ୍କ ଏହି ନୂତନ ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାରେ ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଆରମ୍ଭକୁ ନେଇ ସରକାରଙ୍କୁ ସାଧୁବାଦ ଜଣାଇଥିଲେ। ଜିଲ୍ଲାର ସୁଦୂର ଗ୍ରାମାଞ୍ଚଳ ବିଶେଷ କରି ଲଇକେରା ବ୍ଲକର ଜନସାଧାରଣଙ୍କ ସୁବିଧା ପାଇଁ ସେଠାରେ ଖୁବ୍‌ଶୀଘ୍ର ଆଉ ଏକ ନୂତନ ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯାଉ ବୋଲି ସେ ପ୍ରସ୍ତାବ ରଖିଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ ବିଶ୍ୱ ସ୍ତରରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦ୍ରୁତ କରିବା ପାଇଁ ଏହା ଏକ ବିପ୍ଳବୀ ପଦକ୍ଷେପ ବୋଲି ସେ କହିଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ

## ନୂତନ ୫୫ଟି ଗ୍ରେନ୍ ଏଟିଏମ୍ ସ୍ଥାପନ ପାଇଁ ମନ୍ତ୍ରୀଙ୍କ ଘୋଷଣା

ଚହ୍ୱାଣ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସରବାହାଲ ଅଞ୍ଚଳର ହିତାଧିକାରୀ ସ୍ୱାଗତିକା ବେହେରା କହିଛନ୍ତି, 'ଆଜି ମୁଁ ଏହି ଏଟିଏମ୍ ମାଧ୍ୟମରେ ମୋର ୧୫ କିଲୋଗ୍ରାମ ଚାଉଳ ଅତି ସହଜରେ ପାଇଲି। ପୂର୍ବରୁ ଆମକୁ ଡିଲରଙ୍କ ପାଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ ଏହି ବ୍ୟବସ୍ଥା ଯୋଗୁଁ ଆମେ ଆମର ସୁବିଧା ଅନୁସାରେ ଯେକୌଣସି ସମୟରେ ଆସି ଖାଦ୍ୟଶସ୍ୟ ନେଇପାରିବୁ। ଏହା ଆମ ପାଇଁ ବହୁତ ବଡ଼ ସୁବିଧା ହୋଇଛି।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



**ଦେବଗଡ଼, ୨୨।୫ (ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଯୋଗଦେଇ ମଦ ବିକ୍ରୟ କରୁଥିବା ଢାବା ଗୁଡ଼ିକର ଯାଞ୍ଚ କରିବା ସହ ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବର ଦଖଲ କରି ଖୋଲିଥିବା ଦୋକାନ ଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ପୌରପରିଷଦରେ ଯାନ ବାହାନ ଚଳାଇବା ବେଳେ ଗାଡ଼ିର ବେଗ ନିୟନ୍ତ୍ରଣ କରିବା, ଗାଡ଼ି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ବ୍ୟବହାର, ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଟ୍ରାଫିକ ନିୟନ୍ତ୍ରଣ, ପୌରପରିଷଦ ଡ୍ରେନେଜ୍ ଉପରେ ଉଠା ଦୋକାନ ଗୁଡିକ ଉଚ୍ଛେଦ କରିବା ଉପରେ ବିଶେଷ ଆଲୋକପାତ କରିଥିଲେ। ବୈଠକରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା, ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ କଳିଙ୍ଗ ଆଶିଷ ଶତପଥି, ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଅବକାରୀ ଆରକ୍ଷୀ ଅଧିକ୍ଷକ ବାସନ୍ତୀ ପ୍ରଭା ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର, କୁମୁଦ ବନ୍ଧୁ ଶତପଥିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

କଣିହାଁ,୨୨।୫(ସମିସ): ଏନଟିପିସି ଟାଉନ ଥାନା ଅନ୍ତର୍ଗତ ବାରଡାଙ୍ଗୁଆ ଗ୍ରାମରେ ଲିପୁନ ମହାନ୍ତି (୨୮) ନାମକ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଖବର ପାଇ ଏନଟିପିସି ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୨ ଅଟକ

କଣିହାଁ,୨୨।୫(ସମିସ): ଏନ୍‌ଟିପିସି ପୁଲିସ ଗୁରୁବାର ସନ୍ଧ୍ୟାରେ ଗମ୍ଭାରୀଡିହ ଠାରେ ଏକ ଜୁଆଆଡ୍ଡା ଉପରେ ଚଢ଼ଉ କରିଥିଲା। ସେଠାରୁ ୧୬ ହଜାର ୬୦୦ ଟଙ୍କା, ଗୋଟିଏ ବାଇକ, ୩ ପ୍ୟାକେଟ ତାସ ଓ ଏକ ପଲିଥିନ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣକୁ ଅଟକ ରଖି ଅଧିକ ପଚରା ଉଚରା କରୁଛି। ଅଟକ ଥିବା ୨ଜଣ ହେଲେ ଜ୍ଞାନେନ୍ଦ୍ର ଦେହୁରୀ ଓ ଭୀଷ୍ମ ବେହେରା।

## ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଭା ସମ୍ମାନ



ଅନୁଗୋଳ,୨୨।୫(ସମିସ): ଜିଲ୍ଲାସ୍ତରରେ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ପିଏମଶ୍ରୀ ବାଗେଡିଆ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ଆଚାର୍ଯ୍ୟ ଓ ଦ୍ୱିତୀୟ ହୋଇଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଗୋଳ ଛାତ୍ରୀ ସେଲୋନି ସାହୁଙ୍କୁ ଆଜି ଅନୁଗୋଳ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ, ପିଏମଶ୍ରୀ ବଗେଡିଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜନ କୁମାର ସାହୁ ଓ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱାନ୍ତ



ବଅଁରପାଳ,୨୨।୫(ସମିସ): ବଅଁରପାଳ ବ୍ଲକ ବଅଁରପାଳ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବିଜୁଳି ସର୍ଟସର୍କିଟରୁ ଦୁଇ ପରିବାରଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ଅପରାହ୍ନରେ ପ୍ରମିଳା ଗଡ଼ନାୟକ ଓ ନର୍ମଦା ଗଡ଼ନାୟକଙ୍କ ପରିବାର ରୋଷେଇ କରି ଘରେ ଟିଭି ଦେଖୁଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟ ହୋଇ ତାର ଗୁଡିକ ନିଆଁ ଧରିଥିଲା। ପରିବାର ଲୋକେ ଭୟରେ ଘର ବାହାରକୁ ଦୌଡ଼ି ଆସି ପଡୋଶୀ ଲୋକଙ୍କୁ ଡାକ ପକାଇ ଥିଲେ। ସେହି ସମୟ ମଧ୍ୟରେ ଚାଳଘର ନିଆଁ ହୁତୁ ହୁତୁ ହୋଇ ଜଳିଥିଲା। ପଡ଼ୋଶୀ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ବଅଁରପାଳ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମରେ ବଡ଼ ଅଗ୍ନିକାଣ୍ଡରୁ ରକ୍ଷା କରିଥିଲେ। ହେଲେ ନର୍ମଦା ଓ ପ୍ରମିଳାଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହେବା ସହ ପିନ୍ଧା ବସ୍ତ୍ର, ପିଲା ମାନଙ୍କ ପାଠପଢା ବହି, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ସୁନାଗହଣା ଓ ଘରେ ରଖିଥିବା ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ସରପଞ୍ଚ ଅନୁସୂୟା ଗଡନାୟକ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ସମସ୍ତ ସାହାର୍ଯ୍ୟ ଯୋଗାଇବା ସହ ପ୍ରସାଶନ ପକ୍ଷରୁ ସହାୟତା ପାଇଁ ଜଣାଇଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବଗାନ୍ଧୀଙ୍କ ତିରୋଧାନ ଦିବସ



ଅନୁଗୋଳ,୨୨।୫(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବଗାନ୍ଧୀଙ୍କ ତିରୋଧାନ ଦିବସ ରାଜ୍ୟ ଦଳିତ କଂଗ୍ରେସର ସାଧାରଣ ସମ୍ପାଦକ ତପନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସମସ୍ତ କଂଗ୍ରେସ ନେତା ଓ କର୍ମୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ଜୀବନୀ ଓ ବଳିଦାନ ଉପରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଅମୂଲ୍ୟ ବେହେରା, ବିନୋଦ କୁମାର ମାଝୀ, ରାକେଶ ମିଶ୍ର, ସ୍ୱରୁପ ମିଶ୍ର, ସଂଗ୍ରାମ କେଶରୀ କୁଅଁର, ରଶ୍ମି ରଞ୍ଜନ ସାହୁ, ସଞ୍ଜୟ ସାହୁ, ସଂଗ୍ରାମ ବେହେରା, ରଞ୍ଜିତ ବେହେରା, ଅଭୟ ବେହେରା, ଅଭୟ କୁମାର ସାହୁ, ଧୀରେନ କୁମାର ମୁଦୁଲି, ଅରୁପ ସାମଲ, ମନୋଜ ସାହୁ, ପ୍ରତାପ ସେଠି, ସୁଶିଲ ମିଶ୍ର, ଧ୍ରୁବ ଚରଣ ନାଏକ, ସତ୍ୟବ୍ରତ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ହରାଇବାକୁ ଥିବା ଗ୍ରାମବାସୀଙ୍କ ସହ ପ୍ରଶାସନର ଆଲୋଚନା

ତାଳଚେର,୨୨।୫(ସମିସ)



ଭୁବନେଶ୍ୱରୀ କୋଇଲାଖଣି ପାଇଁ ଜମି ହରାଇବାକୁ ଥିବା କଣ୍ଡାଳ, ତ୍ରିଲୋଚନପୁର, ଅନାଦିପୁର ଓ ଯଦୁନାଥପୁର ଗ୍ରାମବାସୀଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ଆଜି ତାଳଚେର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଉପଜିଲ୍ଲାପାଳ ଆଶିଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମବାସୀଙ୍କ ବିଭିନ୍ନ ଦାବି ନେଇ ଆଲୋଚନା କରାଯାଇଥିଲା। ଏମସିଏଲ୍ ପକ୍ଷରୁ ଉପରୋକ୍ତ ମୌଜା ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ କରାନଯାଇ ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଏମସିଏଲର ପ୍ରୟାସକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ମାତ୍ର ଏମସିଏଲ କର୍ତ୍ତୃପକ୍ଷ କହିଥିଲେ ଯେହେତୁ ବିଦ୍ୟାଳୟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକ ଖଣିରେ ଯିବ ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ତାହାକୁ ଅନ୍ୟତ୍ର ଉଠାଯାଇ ସେଠାରେ ଏକ ଉନ୍ନତ ମାନର ବିଦ୍ୟାଳୟ ନିର୍ମାଣ କରାଯିବା ସହ ଗ୍ରାମର ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଗ୍ରାମରୁ ବିଦ୍ୟାଳୟକୁ ଯିବାକୁ ବସ୍‌ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଗ୍ରାମର ବେକାର ଯୁବକମାନଙ୍କୁ ବିଭିନ୍ନ ଘରୋଇ ପ୍ରତିଷ୍ଠାନ ଗୁଡିକରେ ସେମାନଙ୍କର ଆବଶ୍ୟକ ମୁତାବକ ବିଭିନ୍ନ ପଦରେ ନିଯୁକ୍ତି ଦେବାକୁ ପ୍ରୟାସ କରାଯିବ ବୋଲି ଏମ୍‌ସିଏଲ କର୍ତ୍ତୃପକ୍ଷ କହିଥିଲେ। ବୈଠକରେ ଏମ୍‌ସିଏଲ କୋଇଲାଖଣି ପାଇଁ ଜମି ନେବାକୁ ୧୧ (୧) ନୋଟିସ ଜାରି କରିଥିଲେ ମଧ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ଏକର ପିଛା କେତେ ମୂଲ୍ୟ ଦେବେ ତାହାର ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଶେଷରେ ଉପ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଆସନ୍ତା ଜାନୁୟାରୀ ୨୦୨୭ ସୁଦ୍ଧା କଟ ଅଫ୍ ତାରିଖ ଘୋଷଣା କରାଯିବା ସହ ମାର୍ଚ୍ଚ ୨୦୨୭ ସୁଦ୍ଧା ପିଡିଏଫ୍ କାର୍ଯ୍ୟ ସମାପ୍ତ ହେବ ବୋଲି ଏମ୍‌ସିଏଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏହାସହ ନିଯୁକ୍ତି ନେଇ କାଟାଗୋରି ୧ ଓ ୨ରେ ଆସୁଥିବା ଜମିହରା ପ୍ରଜାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ଦିଆଯାଇଥିବାବେଳେ ଥଇଥାନ ନେଇ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସୂଚନା କର୍ତ୍ତୃପକ୍ଷ ଦେଇପାରିନଥିଲେ। ଗ୍ରାମବାସୀମାନେ ରାଷ୍ଟ୍ରହିତ ପାଇଁ ତ୍ୟାଗ କରିବାକୁ ପ୍ରସ୍ତୁତ ଥିବାବେଳେ ଏମ୍‌ସିଏଲ କର୍ତ୍ତୃପକ୍ଷ ଜମିହରା ପ୍ରଜାଙ୍କୁ ପାଇଁ ସ୍ପଷ୍ଟ ନୀତି କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀମାନେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଭରତ ଚରଣ ସାହୁ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ ସିଂଙ୍କ ସମେତ ବହୁ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି ବୈଠକ ବାତିଲ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

### ଉଦ୍‌ବେଗ ପ୍ରକାଶ କଲେ ସଭ୍ୟ; ବିଡିଓଙ୍କ ସହ ବୈଠକ



କିଶୋରନଗର,୨୨।୫(ସମିସ): କିଶୋରନଗର ପଞ୍ଚାୟତ ସମିତିରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ଦୀର୍ଘ ୧୫ ମାସ ହେଲାଣି ବ୍ଲକରେ ପଞ୍ଚାୟତ ସମିତି ବୈଠକ ହୋଇପାରୁ ନଥିବାବେଳେ ଶୁକ୍ରବାର ବୈଠକ ବସିବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ, ଶେଷ ମହୂର୍ତ୍ତରେ ଏହାକୁ ବାତିଲ କରାଯାଇଛି। ବ୍ଲକ୍ ଚେୟାରମ୍ୟାନ ନିଜର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବୈଠକ ବନ୍ଦ କରିବାକୁ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ବୈଠକ ସ୍ଥଗିତ ରହିଛି। ହେଲେ ଏହା ପଛରେ ବଡ଼ ରାଜନୈତିକ ଚକ୍ରାନ୍ତ ଥିବା ଅଭିଯୋଗ କରିଛନ୍ତି ସମିତିସଭ୍ୟ। ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ ଏହାକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ଆଜି ଅର୍ଥାତ୍ ମଇ ୨୨ରେ ବୈଠକ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଗତ ୨୦ ତାରିଖରେ ବ୍ଲକ୍ ଚେୟାରମ୍ୟାନ ହଠାତ୍ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ବୈଠକ ବନ୍ଦ କରିବାକୁ ବିଡ଼ିଓଙ୍କୁ ଲିଖିତ ଭାବେ ଚିଠି ଦେଇଥିଲେ। ଆଉ ଏହାକୁ ଆଧାର କରି ବିଡ଼ିଓ ବୈଠକ ବାତିଲ କରିବା ପରେ ଆଜି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସମିତିସଭ୍ୟ/ ସଭ୍ୟା।

ବୈଠକ ବାତିଲ୍ ପଛର ଅସଲ କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ନା ଏହା ପଛରେ ରହିଛି କୌଣସି ରାଜନୈତିକ ଚକ୍ରାନ୍ତ? କିଶୋରନଗର ବ୍ଲକର ସମିତିସଭ୍ୟମାନେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ବିଧାୟକଙ୍କ ଇଙ୍ଗିତରେ ହିଁ ବୈଠକକୁ ଶେଷ ମୁହୂର୍ତ୍ତରେ ବନ୍ଦ କରାଯାଇଛି। ରାଜନୈତିକ ଟଣାଓଟରା ଭିତରେ ବଳି ପଡୁଛି ସାଧାରଣ ଜନତାଙ୍କ ବିକାଶ। ଏବେ ଦେଖିବାକୁ ବାକି ରହିଲା, ସମିତିସଭ୍ୟଙ୍କ ଏହି ଗୁରୁତର ଅଭିଯୋଗ ଉପରେ ବ୍ଲକ୍ ପ୍ରଶାସନ କେବେ ଗୁରୁତ୍ୱ ଦେଇ ବୈଠକ ବସିବାପାଇଁ ସ୍ଥିର କରିବେ ଓ ଏ ନେଇ ଆଜି ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ଧନେଶ୍ୱର ସାହୁ, ସୁନୀଲ ସାହୁ, ପ୍ରଣବ ପ୍ରଧାନ, ସାବିତ୍ରୀ ନାଏକ, ଉର୍ମିଳା ସେଠୀ, ଦ୍ରୋପଦୀ ନାଏକ, ସସ୍ମିତା ସାହୁ, ମମତା ମେହେର, ଲଲାଟ ମଞ୍ଜୁରୀ ସାହୁ ପ୍ରମୁଖଙ୍କ ସମେତ ବହୁ ସଭ୍ୟ/ସଭ୍ୟା ଲିଖିତ ଭାବେ ଜିଲ୍ଲାପାଳଙ୍କ ନିକଟକୁ ମେଲ୍ ଯୋଗେ ଅଭିଯୋଗ କରିଛନ୍ତି। ଯଦି ଏହାର ସମାଧାନ କରାନଯାଏ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଶିଶୁ କଲ୍ୟାଣ ସୁରକ୍ଷା କମିଟି ବୈଠକ




କିଶୋରନଗର,୨୨।୫(ସମିସ): ବିଶ୍ୱ ଯୁବ କେନ୍ଦ୍ର, ବଣୀନାଳୀ, ଅନୁଗୋଳ ଦ୍ୱାରା ପରିଚାଳିତ "ଆକ୍ସେସ ଟୁ ଜଷ୍ଟିସ' କାର୍ଯ୍ୟକ୍ରମ ଦ୍ୱାରା ଅନୁଗୋଳ ଜିଲ୍ଲାର କିଶୋରନଗର ବ୍ଲକ ଅନ୍ତର୍ଗତ ଖମାର, ଗଦେଇମୁଣ୍ଡା, ରଘୁନାଥପୁର, ଉରୁକୁଳା, ବଡ଼ବାହାଳ, କରଡ଼ାବାହାଲି, ଭେଜିଗୋଠ ଗ୍ରାମ ମାନଙ୍କରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାଡମେମ୍ବର, ଅଙ୍ଗନବାଡ଼ି, ଆଶାକର୍ମୀ, କିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଗ୍ରାମର ଅନ୍ୟ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତରେ ଜିଲ୍ଲାରେ ଶିଶୁମାନଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ ଓ ଏହାର ଭୟାବହତା ଉପରେ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଆଇନରେ ଥିବା ଦଣ୍ଡବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ତଥା ପରିଚାଳନା ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପି ପି ଦେହୁରୀ ଓ ଡ଼ିପି ଦେହୁରି ପରିଚାଳନା କରିଥିଲେ।

■ ଜାତୀୟ ସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତା

# ଗ୍ଲାମ୍ ଇଣ୍ଡିଆରେ ଏଲ୍ଏସ୍ କୁଇନ୍ କ୍ୟୁରୀଙ୍କ ବାଜିମାତ୍



ଅନୁଗୋଳ,୨୨।୫(ସମିସ): ଭୁବନେଶ୍ୱରସ୍ଥିତ ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାସନାଲ ଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗୀତା, ଗ୍ଲାମ ଇଣ୍ଡିଆ-୨୦୨୬ର ଗ୍ରାଣ୍ଡ ଫିନାଲେରେ ପ୍ରି-ଟିନ୍ କାଟାଗୋରୀରେ ପ୍ରଥମ ରନର୍ସଅପ୍‌ର ମୁକୁଟ ହାତେଇଛନ୍ତି ଅନୁଗୋଳ ସହରର ଏଲ.ଏସ୍. କୁଇନ୍ କ୍ୟୁରୀ। ଗ୍ଲାମ ଇଣ୍ଡିଆର ମ୍ୟାନେଜିଙ୍ଗ ଡାଇରେକ୍ଟର ଜ୍ୟୋତିର୍ମୟୀ ମହାପାତ୍ର ଏବଂ ଡାଇରେକ୍ଟର ମିସ ଆୟନା ରାଉତରାୟଙ୍କ ମିଳିତ ନେତୃତ୍ୱରେ ଉକ୍ତ ଗ୍ରାଣ୍ଡ ଫିନାଲେରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଲ.ଏସ୍. କୁଇନ୍ କ୍ୟୁରୀ ହେଉଛନ୍ତି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ପୋଇପାଳ ଗ୍ରାମର ଲିଙ୍ଗରାଜ ପ୍ରଧାନ ଓ ସଂଗୀତା ରାଣୀ ବେହେରାଙ୍କ ଝିଅ ତଥା ରୋଟାରୀ ପବ୍ଲିକ୍ ସ୍କୁଲ୍, ଅନୁଗୋଳର ଅଷ୍ଟମ ଶ୍ରେଣୀ ଛାତ୍ରୀ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଶ୍ରେଷ୍ଠ ବିଚାରକ ମଣ୍ଡଳୀ, ଲିୟନ୍ ପ୍ରିନ୍ସ, କେ. ଆର୍. ସନ୍ତୋଷିନୀ, ଦିଗ୍‌ଦର୍ଶୀ ମିଶ୍ର, ଜିତ୍ ଜର୍ଜିତ୍ ଓ ଡଃ. ଜୟନ୍ତ କୁମାର ଦାସ୍ ଏବଂ ତତ୍‌ସହିତ ବିଶିଷ୍ଟ ଅତିଥିଗଣ, ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଂଗୀତା ଓ ଅଭିନେତ୍ରୀ ଦେବଯାନୀ, ଅଭିନେତ୍ରୀ ଲିପିକା ପରିଡା, ଓଡିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଓଲିଉଡ୍ ଚଳଚ୍ଚିତ୍ର ନିର୍ମାତା ଡଃ ପ୍ରକାଶ ଶ୍ରୀଚନ୍ଦନଙ୍କ ଉପସ୍ଥିତିରେ ଏଲ.ଏସ୍. କୁଇନ୍ କ୍ୟୁରୀଙ୍କୁ କ୍ରାଉନ୍ ପ୍ରଦାନ କରାଯାଇଥିଲା।

# ବିଜେଡିର ସାଂଗଠନିକ ବୈଠକ



ଖମାର,୨୨।୫(ସମିସ): ଆଜି ପାଲଲହଡା ନିର୍ବାଚନମଣ୍ଡଳୀ ପରାଛାଟ ଗ୍ରାମପଞ୍ଚାୟତରେ ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଶିବପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡାର ପୂର୍ବତନ ଯୁବ ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଲ, ସମ୍ମାନୀତ ଅତିଥି ଭାବେ ପାଲଲହଡା ବିଜୁ ଜନତା ଦଳର ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ସାଧାରଣ ସମ୍ପାଦକ ନରେନ୍ଦ୍ର ଭୁକ୍ତା ଯୋଗଦେଇ ଆଗାମୀ ଦିନରେ ପରାଛାଟ ପଞ୍ଚାୟତରେ ବିଜୁ ଜନତା ଦଳ କିପରି ତୃଣମୂଳସ୍ତରରୁ ମଜଭୂତ ହେବ ଓ ଏ ମିଛୁଆ ସରକାରକୁ ଆଗାମୀ ଦିନରେ ଲୋକ କିପରି ପ୍ରତ୍ୟାଖ୍ୟାନ କରିବେ ସେ ବିଷୟରେ ପ୍ରତ୍ୟେକ ଗ୍ରାମରୁ ଆସିଥିବା ବିଜୁ ଜନତା ଦଳର କର୍ମୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

**ଶୁଖା ପଡ଼ିଛି ମହାନଦୀ**

# ଗାଁରେ ହାତୀ, ସହରରେ ତାତି

ଅନୁଗୋଳ,୨୨।୫(ସମିସ)

ମଣିଷ ସୁସ୍ଥ ସବଳ ତଥା ମାନସିକ ଭାବେ ଦକ୍ଷ ରହିବାପାଇଁ ଯେମିତି ଉତ୍ତମ ଖାଦ୍ୟ ଓ ଉତ୍ତମ ପରିବେଶ ଆବଶ୍ୟକ କରେ ପୃଥିବୀ ମଧ୍ୟ ସବୁଜ ସୁନ୍ଦର ରହିବାକୁ ତାର ମାଟି ପାଣି ପବନ କିଭଳି ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରହିବ ତାହା ଦେଖିବା ଆମର କର୍ତ୍ତବ୍ୟ। କିନ୍ତୁ ଗତ ଦୁଇ ଦଶନ୍ଧି ଧରି ଆମ ଜିଲ୍ଲା, ଆମ ରାଜ୍ୟ, ଆମ ଦେଶ ଯେଭଳି ବିପର୍ଯ୍ୟସ୍ତ ପରିବେଶ ଦେଇ ଗତି କରୁଛି ତାର ଫଳ ଆମେ ଭୋଗୁଛୁ। ଏହି ବିପର୍ଯ୍ୟସ୍ତ ପରିବେଶ ପାଇଁ ଆମେ ଦାୟୀ। ଆମେ ନ ସୁଧୁରିଲେ ପରିବେଶ ଠିକ୍ ରହିବ ନାହିଁ। ଆମ ଜିଲ୍ଲାର ସାତକୋଶିଆ ଗଣ୍ଡ ଓଡ଼ିଶାର ଅନ୍ୟତମ ଘଞ୍ଚ ଜୈବ ବିବିଧତାପୂର୍ଣ୍ଣ ଅଞ୍ଚଳ। ଏଠାରେ ଏକଦା ଶାଳ, ପିଆଶାଳ, ମହୁଆ ଆଦି ଗଛ ବହୁ ସଂଖ୍ୟାରେ ଥିଲା। କିନ୍ତୁ ସହରୀକରଣ ବଢିଲା। ଗଛ ପଦା ହେଲା। ଛତିଶଗଡ଼ ଯୋଗୁଁ ମହାନଦୀର ଉପରମୁଣ୍ଡରୁ ଯେତେ ପାଣି ଆସିବା କଥା ଆଉ ଆସୁନାହିଁ। ମହାନଦୀ କ୍ରମଶଃ ଶୁଖି ଯାଉଛି। ସାତକୋଶିଆର ଘଞ୍ଚ ଜଙ୍ଗଲ ଭିତରେ ବହୁ ଦୁର୍ଲଭ ଗଛ ଲତା ଗୁଳ୍ମ ସମେତ ଶୈବାଳ ଆଦି ଦେଖିବାକୁ ମିଳୁଥିଲା; ଯାହା ଏବେ ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଲାଣି। ଖଣିଖାଦାନ ବଢ଼ିବା, ବନ୍ୟଜନ୍ତୁଙ୍କ ବାସସ୍ଥାନ ନଷ୍ଟ ହେବା ଯୋଗୁ ବନ୍ୟଜନ୍ତୁ ବିଶେଷ କରି ହାତୀ, ବାର୍‌ହା ଏବେ ଗାଁ ମୁହାଁ ହେଲେଣି। ଏଥିରେ ଅଯଥାରେ ଲୋକଙ୍କ ଧନଜୀବନ ନଷ୍ଟ ହେଉଛି। ସାତକୋଶିଆରେ ୨୦୦ରୁ ଅଧିକ ପ୍ରକାରର ପକ୍ଷୀ ଦେଖିବାକୁ

**ଜୈବ ବିବିଧତା ଦିବସରେ ଅନୁଚିନ୍ତା**

ମିଳୁଥିଲେ। ଏବେ ଅନେକ ଲୋପ ପାଇ ଗଲେଣି। ଉଡ଼ନ୍ତା ଗୁଣ୍ଡୁଚି ଯାହାକୁ ଜିଲ୍ଲା ପ୍ରଶାସନ ଏକଦା ଜିଲ୍ଲା ମହୋତ୍ସବର ମାସ୍କଟ କରିଥିଲା ତା'ର ସୁରକ୍ଷା ପାଇଁ ବିଭାଗୀୟ ତତ୍ପରତା ଯେଭଳି ରହିବା କଥା ତାହା ହେଉନାହିଁ। ଗତ ୧୦ବର୍ଷ ମଧ୍ୟରେ ଅନୁଗୋଳ ସହରରେ କେବଳ ନୂଆ ଘର ତିନି ଗୁଣା ବଢ଼ିଛି। ଖଣିଖାଦାନ ବଢ଼ିଲାଣି। ତେଣୁ ତାପମାତ୍ରା ଏବେ ପୂର୍ବ ବର୍ଷ ତୁଳନାରେ ଦୁଇରୁ ତିନି ଡିଗ୍ରୀ ଅଧିକ ରହୁଛି। ବର୍ତ୍ତମାନ ଖରା ୪୨ରୁ ୪୩ ଡିଗ୍ରୀ ରହୁଛି। ଏଭଳି ତାତିରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଯଦି ସରକାର ଆସନ୍ତା ଦିନରେ ବୃକ୍ଷରୋପଣ ଅଭିଯାନକୁ ତ୍ୱରାନ୍ୱିତ ନ କରିବେ ତେବେ ଜିଲ୍ଲା ପରିବେଶ ଅତ୍ୟନ୍ତ ଖରାପ ହେବା ସହ ପକୃତି ତାର ଭୟାବହ ରୂପ ଦେଖାଇବ।

**ରାତ୍ରିକାଳୀନ କ୍ରିକେଟ୍ ମ୍ୟାଚ**

# ସାନହୁଲାକୁ ହରାଇ ବିମଳବେଡ଼ା ଚାମ୍ପିଅନ



କିଶୋରନଗର,୨୨।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଆନନ୍ଦପୁରଠାରେ ଏମ୍ଏମ୍‌ସିସି କ୍ଲବ ଆନନନ୍ଦପୁର ପକ୍ଷରୁ ସିପୁ ଆଣ୍ଡ ସିପୁ ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି। ୬ ଦିନ ଧରି ଏହି ଖେଳ ଚାଲିଥିଲା। ପ୍ରଥମ ଦିନ ସମାଜସେବୀ ସଞ୍ଜୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଓ ସମ୍ମାନିତ ଅତିଥିଭାବେ ଶିକ୍ଷକ ଚିଦାନନ୍ଦ ଦେହୁରୀ, ସମାଜସେବୀ ରଘୁନାଥ ରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଜି ଉଦ୍‌ଯାପନୀ ଉତ୍ସବର ପ୍ରଥମ ମ୍ୟାଚଟି ୮ ଓଭର ବିଶିଷ୍ଟ ହୋଇଥିଲା। ୮ ଓଭରରେ ବିମଳବେଡା ୭୩ରନ କରିଥିଲା ଓ ସାନହୁଲା ୬୬ରନ କରି ପରାସ୍ତ ହୋଇଥଲା। ଦ୍ୱିତୀୟ ମ୍ୟାଚଟି ୬ ଓଭରରେ ଉଭୟ ଦଳ ୪୬ରନ କରିଥିଲେ ଓ ମ୍ୟାଚଟି ଡ୍ର ହୋଇଥିଲା। ତୃତୀୟ ମ୍ୟାଚ ଏକ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ସାନହୁଲା ବ୍ୟାଟିଂ କରି ୬ ବଲରେ ୫ ରନ କରିଥିବା ବେଳେ ବିମଳବେଡା ୬ ବଲରେ ୬ ରନ କରି ବିଜୟୀ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ଶିକ୍ଷକ ଚିଦାନନ୍ଦ ଦେହୁରୀ, ସମାଜସେବୀ ଶତ୍ରୁଘ୍ନ ସାହୁ, ସଞ୍ଜୟ ପ୍ରଧାନ, ରଘୁନାଥ ରଣା, ପଞ୍ଚାନନ ସାହୁ, ନରେଶ ନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ଲିଟୁ, ରିଙ୍କୁ, ବାପି, ଦୁଷ୍ମନ୍ତ, ବୁଦ୍ଧଦେବ। ସହଯୋଗ କରିଥିଲେ ଏମ୍ଏମ୍‌ସିସି କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବାଲେଶ୍ୱର ଶିଖରପୁର ବାଲି ସୈରାତରେ ବେଆଇନ ଖନନ

# ମାମଲା ଗ୍ରହଣ କଲେ ଏନ୍‌ଜିଟି, ଜିଲ୍ଲାପାଳଙ୍କୁ ନୋଟିସ୍ ଜାରି ନିର୍ଦ୍ଦେଶ

ବାଲେଶ୍ୱର,୨୨।୫ (ସମିସ)



ବାଲେଶ୍ୱର ଜିଲ୍ଲାରେ ଚାଲିଥିବା ବେଆଇନ ଓ ଅନିୟନ୍ତ୍ରିତ ବାଲି ଉତ୍ତୋଳନ ଉପରେ ପୁଣି ଥରେ ଶକ୍ତ ପ୍ରହାର କରିଛନ୍ତି ଜାତୀୟ ହରିତ ଟ୍ରିବ୍ୟୁନାଲ୍ (ଏନଜିଟି)। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ଶିଖରପୁର ବାଲି ସୈରାତରେ ପରିବେଶ ନିୟମକୁ ଜଳାଞ୍ଜଳି ଦେଇ ଚାଲିଥିବା ବେଆଇନ ମେସିନ ଖନନ ବିରୋଧରେ ଦାୟର ଏକ ମାମଲାକୁ ଏନଜିଟିର କୋଲକାତା ସ୍ଥିତ ପୂର୍ବାଞ୍ଚଳ ବେଞ୍ଚ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏହି ମାମଲାରେ ପର୍ଯ୍ୟାପ୍ତ ପରିବେଶ ସମ୍ବନ୍ଧୀୟ ପ୍ରଶ୍ନ ଉଠୁଥିବା ଦର୍ଶାଇ ବିଚାରପତି ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଓ ବିଶେଷଜ୍ଞ ସଦସ୍ୟ ଈଶ୍ୱର ସିଂହଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ସମେତ ସମସ୍ତ ପ୍ରତିପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ବାଲେଶ୍ୱର ଜିଲ୍ଲା ଶିଖରପୁର ବାଲି ସୈରତରେ ପରିବେଶ ନିୟମର ଖୋଲା ଉଲ୍ଲଂଘନ ହୋଇଛି। ବିକ୍ରମ ମାରାଣ୍ଡିଙ୍କ ଦ୍ୱାରା ଦାୟର ଏହି ମାମଲାରେ (ମୂଳ ଆବେଦନ ସଂଖ୍ୟା: ୧୧୨/୨୦୨୬/ ଇଜେଡ) ଦର୍ଶାଯାଇଛି ଯେ, ଶିଖରପୁର ବାଲି ସୈରାତର ଲିଜ୍‌ଧାରୀ ସଂସ୍ଥା 'ମେସର୍ସ ଓଡ଼ିଶା କ୍ରୋମ୍ ଏକ୍ସପୋର୍ଟ ଆଣ୍ଡ ମାଇନିଂ କମ୍ପାନୀ ଲିମିଟେଡ୍' ଏବଂ ଏହାର କ୍ଷମତାପ୍ରାପ୍ତ ପ୍ରତିନିଧି ମାନସ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଏହି ବେଆଇନ କାର୍ଯ୍ୟ ଚାଲିଛି। ୨୦୨୫ ମାର୍ଚ୍ଚ ୨୫ ତାରିଖରେ ଅନୁମୋଦିତ ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସଆର) ଅନୁଯାୟୀ ଏହି ଅଞ୍ଚଳ ଏକ 'କ୍ଲଷ୍ଟର' ବା ସମୂହ ଭାବେ ଚିହ୍ନଟ ହୋଇଥିଲେ ମଧ୍ୟ କୌଣସି ବୈଧ କ୍ଲଷ୍ଟର ପରିବେଶ ମଞ୍ଜୁରୀ ନଥାଇ ବାଲି ଉତ୍ତୋଳନ ଜାରି ରହିଛି। ପୂର୍ବରୁ ୨୦୨୧ ମସିହାରେ ମିଳିଥିବା ପରିବେଶ ମଞ୍ଜୁରୀଟି ଏହି ନୂତନ ସର୍ଭେ ପରେ ନିଜର ଆଇନଗତ ବୈଧତା ହରାଇ ସାରିଥିଲେ ସୁଦ୍ଧା, ତାହାର ବ୍ୟବହାର କରି ବେଆଇନ ଭାବେ ନଦୀରୁ ମାଫିଆ ବାଲି ଉତ୍ତୋଳନ ଚାଲିଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରତୀକ ଦାଶ ଓ ମୁକେଶ କୁମାର ପଲାଇ ଅଦାଲତଙ୍କୁ ଜଣାଇଛନ୍ତି ଯେ, ନଦୀପଠାରୁ ବାଲି ଉଠାଇବା ପାଇଁ ଭାରୀ ମେସିନ ଓ ଏକ୍ସକାଭେଟର (ପୋକଲିନ୍) ଆଦିର ବ୍ୟାପକ ବ୍ୟବହାର କରାଯାଉଛି, ଯାହା ସମ୍ପୂର୍ଣ୍ଣ ବେଆଇନ। ନଦୀର ସୁରକ୍ଷା ବଳୟ ଓ ବନ୍ଧକୁ ନଷ୍ଟ କରି, ବର୍ଷା ଦିନରେ ମଧ୍ୟ ଜଳସ୍ରୋତ ଭିତରୁ ବାଲି ବାହାର କରାଯାଉଛି। କେବଳ ସେତିକି ନୁହେଁ, ବେଆଇନ ଭାବେ ଗଛ କାଟି ଜଙ୍ଗଲ ଜମି ଏବଂ ଗ୍ରାମ୍ୟ ରାସ୍ତା ଦେଇ ଓଭରଲୋଡିଂ ଗାଡ଼ି ଚଳାଚଳ କରୁଥିବାରୁ ସ୍ଥାନୀୟ ଭିତ୍ତିଭୂମି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବାଲି ଗାଡ଼ି ଗୁଡ଼ିକରେ ଜିପିଏସ୍ ଟ୍ରାକିଂ କିମ୍ବା ସୈରାତରେ ସିସିଟିଭି ନଜର ନାହିଁ କି ରିପ୍ଲେନିସମେଣ୍ଟ ଷ୍ଟଡି (ବାଲି ଭରଣା ଅନୁଧ୍ୟାନ) କରାଯାଉନାହିଁ। ଏସବୁ ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ମାଇନିଂ ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏନଜିଟିଙ୍କ କଡ଼ା ନିର୍ଦ୍ଦେଶ ରହିଛି। ମାମଲାର ଗମ୍ଭୀରତାକୁ ଉପଲବ୍ଧି କରି ଏନଜିଟି ଆସନ୍ତା ଦୁଇ ମାସ ମଧ୍ୟରେ ଜବାବ ଦାଖଲ କରିବାକୁ ସମସ୍ତ ସରକାରୀ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମ୍ପୃକ୍ତ ଲିଜ୍‌ଧାରୀ କମ୍ପାନୀ (ପ୍ରତିପକ୍ଷ ନଂ ୯) ଉପରେ କୋର୍ଟ ନୋଟିସ୍ ଜାରି କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଇମେଲ ଯୋଗେ ଏହି ନିର୍ଦ୍ଦେଶନାମା ପଠାଯାଇ ଏକ ମାସ ମଧ୍ୟରେ ନୋଟିସ୍ ତାମିଲ ସମ୍ପର୍କିତ ରିପୋର୍ଟ କୋର୍ଟରେ ଦାଖଲ କରିବାକୁ କୁହାଯାଇଛି। ଆବେଦନକାରୀଙ୍କ ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ଶିଖରପୁର ବାଲି ସୈରାତରେ ତୁରନ୍ତ ସମସ୍ତ ପ୍ରକାରର ବାଲି ଉତ୍ତୋଳନ ବନ୍ଦ କରାଯାଉ। ନିୟମ ଉଲ୍ଲଂଘନ କରିଥିବାରୁ ଲିଜ୍‌ଧାରୀ ଓ ସମ୍ପୃକ୍ତ ମାଇନିଂ ଅଫିସରଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେଉ। ବେଆଇନ ମେସିନ ଖନନର ଯାଞ୍ଚ ପାଇଁ ଏକ ସ୍ୱାଧୀନ କମିଟି ଗଠନ କରାଯାଉ। ଲିଜ୍‌ଧାରୀଙ୍କ ଉପରେ କଠୋର ଆର୍ଥିକ ଜରିମାନା ସହ ନଦୀଶଯ୍ୟାର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦିଆଯାଉ। ଓଡ଼ିଶାର ସମସ୍ତ ବାଲି ସୈରାତରେ ଜିପିଏସ୍ ଟ୍ରାକିଂ ଏବଂ ଇ-ଟ୍ରାଞ୍ଜିଟ୍ ପାସ୍ ବାଧ୍ୟତାମୂଳକ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୧୫ରେ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

## ଏଆଇ ଇକୋସିଷ୍ଟମକୁ ସୁଦୃଢ଼ ପାଇଁ ଏମ୍‌ଓୟୁ




ବାଲେଶ୍ୱର,୨୨।୫(ସମିସ): ଓଡିଶାରେ କୃତ୍ରିମ ବୁଦ୍ଧିମତା (ଏଆଇ) ଇକୋସିଷ୍ଟମକୁ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ ଆଜି ନର୍ଥ ଓଡିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ନୋସି) ଏବଂ ବାଲେଶ୍ୱର ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବିସିଆଇଇ) ସହିତ ଏକ କୌଶଳଗତ ସହଯୋଗୀତା ଏମଓୟୁ ସ୍ୱାକ୍ଷର କରିଛି। ଏଥିରେ ଅନୁଷ୍ଠାନରେ ଶିଳ୍ପ, ଶିକ୍ଷା ଏବଂ ପ୍ରଯୁକ୍ତି କ୍ଷେତ୍ରର ଅନେକ ପ୍ରତିଷ୍ଠିତ ପ୍ରତିନିଧି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ନୋସି ଏବଂ ବିସିଆଇସିର ବରିଷ୍ଠ ସଦସ୍ୟ, ଓକେସିଏଲର ଅଧିକାରୀ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ସହିତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ପ୍ରତିନିଧିମ ଉପସ୍ଥିତ ଥିଲେ। ସି. ପି. ଭର୍ଡିଆ ଏହି ସହଯୋଗୀତାର ଦୃଷ୍ଟିକୋଣ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ନୋସ ଅଧ୍ୟକ୍ଷ ପି. କେ. ଡାଭେ ତାଙ୍କ ଅଭିଭାଷଣ ରଖିଥିଲେ। ବିସିଆଇସି ଅଧ୍ୟକ୍ଷ ସଞ୍ଜୟ ଦାସ, ଓକେସିଏଲ ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପୁଥାଳ ଦୃଷ୍ଟିକୋଣ ବିଷୟରେ କହିଥିଲେ। ଓକେସିଏଲ ପକ୍ଷରୁ ଆୟୋଜିତ "ଏଆଇ ଏଟ୍ ୱାର୍କପ୍ଲେସ' ବିଷୟକ ଏକ ତଥ୍ୟବହୁଳ ସେସନ୍। ନୋସିର ଉପାଧ୍ୟକ୍ଷ ସୁବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଶିଶୁ ମଙ୍ଗଳ କମିଟି ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର,୨୨।୫ (ସମିସ): ଶିଶୁ ମଙ୍ଗଳ କମିଟି ଚୟନ ଅନିୟମିତତା ଉପରେ ଜୈନିକ ଆବେଦନକାରିଣୀ ସୁଜାତା ରାଣୀ ପଣ୍ଡା ୧୫ ତାରିଖରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ, ନିର୍ଦ୍ଦେଶିକା, ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ତଦନ୍ତ କରି ପଦକ୍ଷେପ ନେବା ସହିତ ତଦନ୍ତ ସରିବା ଯାଏଁ ଅର୍ଡର କାର୍ଯ୍ୟକାରୀ ନ କରିବା ପର୍ଯ୍ୟନ୍ତ ଅନୁରୋଧ କରିଥିଲେ। ଆସନ୍ତା କାଲି ୨୩ ତାରିଖରେ ଯୋଗ ଦେବାକୁ ଅର୍ଡରରେ ନିର୍ଦ୍ଦେଶ ଥିବା ବେଳେ ପ୍ରଶାସନିକ ସ୍ଥାଣୁତା ପ୍ରତିବାଦରେ ଉଚ୍ଚନ୍ୟାୟାଳୟରେ ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟଳୟ ମକଦ୍ଦମା ନଂ -୨୩୮୨୪/୨୦୨୬ ମୂଳେ ବିଚାର କରି ଉଚ୍ଚ ନ୍ୟାୟାଳୟର ବିଚାରପତି ବିରାଜ କୁମାର ଶତପଥୀ ଅପରପକ୍ଷଙ୍କୁ ୩ ସପ୍ତାହ ମଧ୍ୟରେ ଅଭିଯୋଗ ଉପରେ ତଦନ୍ତ କରି ଉଚିତ ପଦକ୍ଷେପ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟ ପ୍ରମାଣିତ ହେଲେ ଜେଜେ ଆକ୍ଟ ଅନୁସାରେ ବାଦୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହିତ ଅନ୍ୟ ଆବେଦନ କାରୀଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ କରିଛନ୍ତି। ଅପର ପକ୍ଷରେ ଅନ୍ୟତମ ଆବେଦନକାରି ଗଣେଶ୍ୱର ରାଉତ ଜିଲ୍ଲାଜଜଙ୍କ ଠାରୁ ଓକିଲାତି ପ୍ରାକ୍ଟିସ ସାର୍ଟିଫିକେଟ ଆଣି ଦେଇଥିବା ବେଳେ ତାଙ୍କ ଦରଖାସ୍ତରେ ଚଞ୍ଚକତା କରି ତାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଫର୍ମାଟରେ ନଦର୍ଶାଇ ମାତ୍ର ୫ ମାସ ହେଲା ଲାଇସେନ୍ସ ବାହାର କରିଥିବା ପ୍ରାର୍ଥୀଙ୍କ ସ୍ଥାନରେ ୨୫ ବର୍ଷ ଦର୍ଶାଇଥିବା ଦେଖାଯାଉଛି। ଏହାର ପ୍ରତିବାଦ କରି ଶ୍ରୀ ରାଉତ ବାଲେଶ୍ୱର ସାଂସଦ ଏବଂ ସମସ୍ତ ବିଧାୟକ ମାନଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଯଦି ଜିଲ୍ଲାପାଳ ଶ୍ରୀମତୀ ପଣ୍ଡାଙ୍କ ଦରଖାସ୍ତ ଉପରେ ପ୍ରକୃତ ଭାବରେ ତଦନ୍ତ ନ କରି ଜେଜେ ଆକ୍ଟକୁ ତର୍ଜମା ନକରି ନୂଆ ଶିଶୁ ମଙ୍ଗଳ କମିଟିକୁ ଯୋଗ ଦେବାକୁ ଅନୁମତି ପ୍ରଦାନ କରନ୍ତି, ବିଚାର ବିଭାଗ ଛୁଟି ଖୋଲିବା ପରେ ପୁଣି ନ୍ୟାୟାଳୟରେ ଆଶ୍ରୟ ନିଆଯିବ ବୋଲି ଅନ୍ୟ ଆବେଦନକାରୀ ହରିଶ କୁମାର ରାଜ ଓ ପ୍ରଣବ କୁମାର ପଣ୍ଡା ମତ କରିଛନ୍ତି।

## ବିଜେଡିରେ ମିଶିଲେ ଶତାଧିକ ବିଜେପି କର୍ମୀ



ସୋର, ୨୨।୫ (ସମିସ): ସୋରରେ ଆଜି ପୂର୍ବାହ୍ନରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଦାଶଙ୍କ ନେତୃତ୍ୱରେ ବ୍ରାହ୍ମଣସବିରା, ଅଲ୍ଲିପୁର, ଓ ତଳନଗର ଗ୍ରାମର ୪୦ଟି ପରିବାରର ଶତାଧିକ କର୍ମୀ ବିଜେପି ଦଳ ଛାଡି ବିଜେଡି ବିଧାୟକ ମାଧବ ଧଡ଼ାଙ୍କ ଉପସ୍ଥିତିରେ ଦଳରେ ଯୋଗଦାନ କରିଛନ୍ତି। ବିଜେପି ଦଳର କାର୍ଯ୍ୟ ଧାରାକୁ ନିନ୍ଦା କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ବୁଝିବାରେ ଡବଲ ଇଞ୍ଜିନ ସରକାର ଅକ୍ଷମ ହୋଇଥିବା ବେଳେ କର୍ମୀ ମାନେ ଅତିଷ୍ଠ ହୋଇ ବିଜେପି ଛାଡି ବିଜେଡିରେ ଯୋଗଦାନ କରିଛନ୍ତି ବୋଲି କର୍ମୀ ମାନେ କହିଛନ୍ତି। ଦଳ ପକ୍ଷରୁ ଶଙ୍କର୍ଷଣ ପଲେଇ, ପ୍ରଦୀପ ବିଶ୍ୱାଳ, ପ୍ରମୋଦ ବେହେରା, ଶରତ ମହାକୁଡ଼, ମାନସ ପଲେଇ, ପ୍ରଦୀପ ଘଡେଇ, ସୁନୀଲ ପଲେଇ, ନାରଣ ବେହେରା, କରୁଣାକର ବେହେରା, ବଳରାମ ବେହେରା, ସରୋଜ ବେହେରା, ମନୋରଞ୍ଜନ ସାହୁ, ମଧୁସୂଦନ ବେହେରା, ଶରତ ବେହେରା,ମହେନ୍ଦ୍ର ବେହେରା, ଅନନ୍ତ ବେହେରା, ଅନନ୍ତ ସାହୁ, ସରସ୍ୱତୀ ସାହୁ, ରେବତୀ ବେହେରା, ସୁମତି ବେହେରା, ଜୟନ୍ତୀ ବେହେରା, ରମାମଣୀ ବେହେରା, କୋଶଲ୍ୟା ବେହେରା, ସଞ୍ଜୟ ବିଶ୍ୱାଳ, ଜିତୁ ବାରିକ, ରତ୍ନାକର ନାୟକ ପ୍ରମୁଖଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ ଫଳରେ ଦଳ ଅଧିକ ମଜବୁତ ହେବ ବୋଲି ବିଧାୟକ ଶ୍ରୀ ଧଡ଼ା ସୂଚନା ଦେଇଛନ୍ତି। ଏହି ସମୟରେ ବ୍ଲକ ସଭାପତି ଶଙ୍କର୍ଷଣ ବାରିକ, ସରପଞ୍ଚ ଗୀତାରାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କୁଲଡ଼ିହା ଅଭୟାରଣ୍ୟରେ ବିରଳ ପ୍ରଜାତିର ପେଚା ଠାବ

ନୀଳଗିରି, ୨୨।୫ (ସମିସ): ଓଡ଼ିଶାରେ ଜୀବ ବିବିଧତା ପାଇଁ ଏକ ଖୁସିର ବିଷୟ



ପାଲଟିଛି। ବାଲେଶ୍ୱର ଜିଲ୍ଲାର ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ ଏକ ବିରଳ ପ୍ରଜାତିର ପେଚା ଠାବ କରାଯାଇଛି। ବନ୍ୟ ଜୀବ ପ୍ରେମୀ ମନୋରଞ୍ଜନ ଦାସ ଓ ପକ୍ଷୀ ଅବଲୋକନକାରୀ ମାନେ କୁଲଡ଼ିହା ଅଭୟାରଣ୍ୟରେ ସର୍ବେକ୍ଷଣ କରୁଥିବା ବେଳେ ଏହି ବିରଳ ପ୍ରଜାତିର ପେଚାଟି ଏକ ଚାଟିନା ଗଛ ଉପରେ ଶାନ୍ତ ଭାବେ ବସିଥିବାର ଦେଖିବାକୁ ମିଳିଥିଲା। ଏହି ପେଚାଟି ବଡ ଆକାର, ତିକ୍ଷଣ କମଳା ଆଖି, କାନ ସଦୃଶ ଦେଖାଯାଉଥିବା ପର, ଛାତି, ପେଟରେ ଥିବା ଚିହ୍ନ ଖୁବ୍ ସୁନ୍ଦର ଅଟେ। ଏହା ଉପ ମହାଦେଶର ଦୁର୍ଲଭ ଓ ଲଜ୍ୟାଳୁ ପେଚାମାନଙ୍କ ମଧ୍ୟରୁ ଅନ୍ୟତମ। କୁଲଡ଼ିହା ଅଭୟାରଣ୍ୟର ବଡ଼ ବଡ଼ ଗଛ, ଶାନ୍ତ ପରିବେଶ ଏହି ପକ୍ଷୀ ମାନଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ ଥିବା ବେଳେ ଏହା ସକରାତ୍ମକ ସଙ୍କେତ ବୋଲି ପକ୍ଷୀ ବିଶେଷଜ୍ଞ ମାନେ ମତ ପ୍ରକାଶ କରିଛନ୍ତି। ଏହା ସ୍ପୋର୍ଟ ବେଲିଡ୍ ଇଗଲ ପେଚା ବୋଲି ଜଣା ପଡ଼ିଛି।

## ରେମୁଣା ଯୁବଶକ୍ତି ପରିବାର ତରଫରୁ ସେବା କାର୍ଯ୍ୟ



ରେମୁଣା,୨୨।୫ (ସମିସ): ରେମୁଣା ଯୁବଶକ୍ତି ପରିବାର ତରଫରୁ ଗାନ୍ଧୀ ପାଠଶାଳାରେ ଏକ ପ୍ରଶଂସନୀୟ ଏବଂ ମହତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇଟାଭାଟିରେ ଦିନମଜୁରିଆ ଭାବେ କାମ କରୁଥିବା ଗରିବ ବାପା ମାଆଙ୍କ ପିଲାମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାରର ଶିକ୍ଷା ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯାଇଥିଲା। ଏହି ସମାଜ ମଙ୍ଗଳ କାର୍ଯ୍ୟକ୍ରମଟି ଯୁବଶକ୍ତି ପରିବାରର ସଭାପତି ରାମଭାଇଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପରିଚାଳିତ ହୋଇଥିଲା।ଏହି ଶିକ୍ଷା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ଅରୁଣ ସାହୁ, ତପନ କୁମାର ଜେନା, ସୁଜିତ୍ କୁମାର ଦାସ, ସିଦ୍ଧେଶ୍ୱର ସେଠୀ, ଜଗଦିଶ ସେଠୀ, ରାଜୀବ ଦାସ ଏବଂ ସନ୍ତୋଷଙ୍କ ସମେତ ଅନ୍ୟାନ୍ୟ ସହଯୋଗୀ ସଦସ୍ୟମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଗଗନ ଗୁରୁଜୀଙ୍କ ସୁଖ ସାଗର କାର୍ଯ୍ୟକ୍ରମ

କାଳିପଦା, ୨୨।୫ (ସମିସ): ଆଧ୍ୟାତ୍ମିକ କଥାବାଚକ ଗଗନ ଗୁରୁଜୀଙ୍କ ସୁଖ ସାଗର ପ୍ରବଚନ ସଭା ଶୁକ୍ରବାର ବାଲିଆପାଳ ବ୍ଲକ ସିମୁଳିଆ ବଜାର ରାବଣ ପୋଡି ପଡିଆରେ ଆରମ୍ଭ ହୋଇଛି। ଏଥିପାଇଁ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଛି। ଏ ସମ୍ପର୍କରେ ନିଜର ମତାମତ ଅଥବା ଗୁରୁଜୀଙ୍କ ପୁଣ୍ୟ ବାଣୀ ଲେଖିବା ପାଇଁ ଭକ୍ତମାନେ କାଗଜ କଲମ ଆଣିଥିବା ଦେଖିବାକୁ ମିଳିଛି।ପ୍ରାରମ୍ଭରେ ଗୁରୁଜୀଙ୍କୁ ବାଲିଆପାଳ ଖଗଡା ପାଳ ଶ୍ରଦ୍ଧା କ୍ଷେତ୍ରରୁ ଭକ୍ତ ମାନେ ଏକ ଶୋଭାଯାତ୍ରାରେ ସଭା ସ୍ଥଳ କୁ ପାଛୋଟି ଆଣିଥିଲେ।

## ରିଷିଆ ଜଳାଶୟରେ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି,୨୨।୫ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ରିସିଆ ଜଳାଶୟକୁ କେନ୍ଦ୍ର କରି ଆଇସିଏଆର-ସିଏଫଆରଆଇ, ବାରାକପୁର ର ବୈଜ୍ଞାନିକ ମତ୍ସ୍ୟଚାଷ କାର୍ଯ୍ୟକ୍ରମ ଆଦିବାସୀ ମାଛଧରାଳିଙ୍କ ଜୀବନରେ ଆଣିଛି ନୂଆ ଆଶା। ପିଢ଼ିରୁ ପିଢ଼ି ଧରି ରଷିଆ ଜଳାଶୟ ଚାରିପାଖରେ ବସବାସ କରୁଥିବା ସୀମାନ୍ତ ଓ ଆଦିବାସୀ ମାଛ ଧରାଳି ମାନଙ୍କ ପାଇଁ ମାଛଧରା ଥିଲା ଅନିଶ୍ଚିତ ଆୟ ଓ ଅସ୍ଥିର ଜୀବିକାର ଏକ ଉତ୍ସ। କିନ୍ତୁ ଆଜି ସେଠାରେ ଶାନ୍ତ ଭାବରେ ଘଟୁଛି ଏକ ପରିବର୍ତ୍ତନଯାହା କେବଳ ବଢ଼ିଥିବା ମାଛ ଉତ୍ପାଦନରେ ନୁହେଁ, ବରଂ ଶକ୍ତିଶାଳୀ ପରିବାର ଅର୍ଥନୀତି, ନୂତନ ସମ୍ପତ୍ତି ଓ ଭବିଷ୍ୟତ ପ୍ରତି ବଢୁଥିବା ଆଶାରେ ପ୍ରତିଫଳିତ ହେଉଛି। ଆଇସିଏଆରୱାର୍ଲ୍ଡଫିଶ ସହଯୋଗୀ କାର୍ଯ୍ୟକ୍ରମ (ୱିଣ୍ଡୋ୩) ଅଧୀନରେ, ଗତ ଦୁଇ ବର୍ଷ ଧରି ରୂପାୟିତ ବୈଜ୍ଞାନିକ ମତ୍ସ୍ୟଚାଷ ହସ୍ତକ୍ଷେପର ପ୍ରଭାବ ମୂଲ୍ୟାଙ୍କନ ପାଇଁ ରିସିଆ ଜଳାଶୟରେ ଏକ 'ଷ୍ଟେକହୋଲ୍ଡର୍ସ ମିଟ୍' ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରକଳ୍ପର ଉତ୍ସାହ ଜନକ ଫଳାଫଳକୁ ସ୍ୱାଗତ କରି ଆଇସିଏଆର-କେନ୍ଦ୍ରୀୟ ଅନ୍ତର୍ଦେଶୀୟ ମତ୍ସ୍ୟ ଗବେଷଣା ସଂସ୍ଥାନର ନିର୍ଦ୍ଦେଶକ ଡ଼ଃ ପ୍ରଦୀପ ଦେ ଆର୍ଥିକ ଭାବେ ଦୁର୍ବଳ ମାଛଧରାଳି ସମୁଦାୟଙ୍କ ଜୀବିକା ସୁରକ୍ଷା ବୃଦ୍ଧି ପାଇଁ କାର୍ଯ୍ୟରତ ସମଗ୍ର ପ୍ରକଳ୍ପ ଦଳକୁ ଅଭିନନ୍ଦନ ଜଣାଇଥିଲେ।




## ଜଳେଶ୍ୱର ବିଧାୟକଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

### ନିର୍ବାଚନୀ ମକଦ୍ଦମା ଖାରଜ

କଟକ/ଜଳେଶ୍ୱର, ୨୨।୫ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ ଆଜି ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଶ୍ରୀ ପାତ୍ରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପ୍ରାର୍ଥନା କରି ଆବେଦନକାରୀ ବ୍ରଜମୋହନ ପ୍ରଧାନଙ୍କ ତରଫରୁ ରୁଜୁ ନିର୍ବାଚନୀ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଳେଶ୍ୱର ବିଧାନସଭା ନିର୍ବାଚନ ପ୍ରକ୍ରିୟାରେ କୌଣସି ପ୍ରକାର ଆଇନଗତ ତ୍ରୁଟି କିମ୍ବା ସାମ୍ବିଧାନିକ ଉଲ୍ଲଂଘନ ହୋଇନଥିବା ଦର୍ଶାଇ ହାଇକୋର୍ଟ ଆବେଦନକୁ ଭିତ୍ତିହୀନ ବୋଲି କହିବା ସହ ଖାରଜ କରିଛନ୍ତି। ଏହି ମାମଲାର ନିଷ୍ପତ୍ତି ସମ୍ପର୍କରେ ତୁରନ୍ତ ଭାରତୀୟ ନିର୍ବାଚନ କମିଶନ ଏବଂ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଇବା ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ବିଧାୟକ ଅଶ୍ୱିନୀ ପାତ୍ର ନିଜର ନିର୍ବାଚନ ଏବଂ ଗଣତି ଏଜେଣ୍ଟ ଭାବେ ମାନସ ଜେନାଙ୍କୁ ନିଯୁକ୍ତ କରିଥିଲେ, ଯିଏ କି ସେହି ସମୟରେ ଜଳେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷ ପଦବୀରେ ଅଧିଷ୍ଠିତ ଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଓ ହ୍ୟାଣ୍ଡବୁକ୍ ଅନୁଯାୟୀ ଜଣେ ବ୍ଲକ ଅଧ୍ୟକ୍ଷ ଏଭଳି ଏଜେଣ୍ଟ ହୋଇପାରିବେ ନାହିଁ ଏବଂ ଏହା ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି ବୋଲି ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ଜଣେ ନିର୍ବାଚିତ ପ୍ରତିନିଧି (ଯେପରିକି ବ୍ଲକ ଚେୟାରମ୍ୟାନ ବା ସରପଞ୍ଚ) ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥାଇପାରନ୍ତି, ମାତ୍ର ସେମାନଙ୍କୁ 'ସରକାରୀ ଚାକିରିଆ' କୁହାଯାଇପାରିବ ନାହିଁ। ଏଥିସହ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଉଥିବା 'ହ୍ୟାଣ୍ଡବୁକ୍' ବା ମାର୍ଗଦର୍ଶିକାଗୁଡ଼ିକ କେବଳ ପ୍ରଶାସନିକ ନିର୍ଦ୍ଦେଶାବଳୀ। ଏଗୁଡ଼ିକର କୌଣସି ସାମ୍ବିଧାନିକ କ୍ଷମତା' ନାହିଁ ବୋଲି ହାଇକୋର୍ଟ କହିବା ସହ ମାମଲାକୁ ଖାରଜ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୨୪ ସାଧାରଣ ନିର୍ବାଚନରେ ୩୫-ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଅଶ୍ୱିନୀ କୁମାର ପାତ୍ର ବିଜୟୀ ହୋଇଥିଲେ। ସେ ମୋଟ ୮୩,୧୦୫ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବ୍ରଜମୋହନ ପ୍ରଧାନ ୮୨,୭୮୬ ଖଣ୍ଡ ଭୋଟ୍ ପାଇଥିଲେ। ମାତ୍ର ୩୧୯ ଭୋଟ ବ୍ୟବଧାନରେ ଅଶ୍ୱିନୀ ପାତ୍ର ବିଜୟୀ ହୋଇଥିଲେ।

## ବ୍ୟବସାୟୀଙ୍କୁ ମାଡ଼ ଓ ଲୁଟ୍, ଜଣେ ଗିରଫ

ବାଲେଶ୍ୱର,୨୨।୫ (ସମିସ): ଚାନ୍ଦିପୁର ଥାନା ଅନ୍ତର୍ଗତ ଗୋଶାଳା ଛକ ନିକଟରେ ଜଣେ ପ୍ଲାଷ୍ଟିକ୍ ଚେୟାର ବ୍ୟବସାୟୀଙ୍କୁ ଅଟକାଇ ମାଡ଼ ମାରିବା ସହ ବଳପୂର୍ବକ ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଚାନ୍ଦିପୁର ଥାନାସପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଣାସାହି ଗ୍ରାମର ପ୍ରଦୀପ କୁମାର ପାତ୍ର ଓରଫ ହାଲୁ (୧୯)। ଗତ ୧୫ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ପଶ୍ଚିମବଙ୍ଗ ସାବଙ୍ଗ ଅଞ୍ଚଳର ବ୍ୟବସାୟୀ ସଞ୍ଜୀତ କୁମାର ବେରା(୪୨) ବାଇକ୍‌ରେ ପ୍ଲାଷ୍ଟିକ୍ ଚେୟାର ବିକ୍ରି କରିବା ପାଇଁ ରାଣାସାହି ଅଭିମୁଖେ ଯାଉଥିଲେ। ଏହି ସମୟରେ ଗୋଶାଳା ଛକ ନିକଟରେ ଦୁଇ ଜଣ ଯୁବକ ତାଙ୍କୁ ଜବରଦସ୍ତ ଅଟକାଇ ମାଡ଼ ମାରିଥିଲେ। ଏହାପରେ ସେମାନେ ବ୍ୟବସାୟୀଙ୍କ ନିକଟରୁ ନଗଦ ୫,୧୦୦ ଟଙ୍କା ବଳପୂର୍ବକ ଛଡ଼ାଇ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ବ୍ୟବସାୟୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଓ ସରପଞ୍ଚ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସରପଞ୍ଚ ନିଜ ମୋବାଇଲ୍‌ରେ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କ ଫଟୋ ଦେଖାଇବା ପରେ ଅଭିଯୋଗକାରୀ ସଞ୍ଜୀତ ସେମାନଙ୍କ ମଧ୍ୟରୁ ଦୁଇ ଜଣ (ଭାଲୁ ଓ ହାଲୁ)ଙ୍କୁ ଚିହ୍ନଟ କରିଥିଲେ। ଏ ନେଇ ଚାନ୍ଦିପୁର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରି ଶୁକ୍ରବାର ଦିନ ଅଭିଯୁକ୍ତ ହାଲୁକୁ ଗିରଫ କରିଛି। ରେକର୍ଡ ଯାଞ୍ଚରୁ ଗିରଫ ହାଲୁ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ପୂର୍ବରୁ ମଧ୍ୟ ଅନେକ ମାମଲା ରହିଥିବା ଜଣାପଡ଼ିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ବ୍ୟବସାୟୀ ସଂଘ ପକ୍ଷରୁ ବଜାର ସଫେଇ

ଚନ୍ଦନେଶ୍ୱର, ୨୨।୫ (ସମିସ) : ଭୋଗରାଇ ଚନ୍ଦନେଶ୍ୱରରେ ଥିବା ମାଛ, ପରିବା ଏବଂ ମୁଖ୍ୟ ରାସ୍ତା ପାଖରେ ଥିବା କୁଢ କୁଢ ଅଳିଆକୁ ଗୁରୁବାର ବ୍ୟବସାୟୀ ସଂଘ ପକ୍ଷରୁ ସଫେଇ କରା ଯାଇଛି। ବାରମ୍ବାର ତହସିଲ ପ୍ରଶାସନକୁ ନେହୁରା ହୋଇ ବିଫଳ ହେବାରୁ ଶେଷରେ ବ୍ୟବସାୟୀ ମାନେ ଏଭଳି ପଦକ୍ଷେପ ନେଇଛନ୍ତି। ନିୟମିତ ଏହି ସଫେଇ ଜାରି ରହିବ ବୋଲି ବ୍ୟବସାୟୀ ସଂଘର ସଭାପତି ରୁପକ କୁମାର ଜେନା ପ୍ରକାଶ କରିଛନ୍ତି। ଚନ୍ଦନେଶ୍ୱର ଦୈନିକ ବଜାରକୁ ଭୋଗରାଇ ତହସିଲ ପକ୍ଷରୁ ରୂପକ ଜେନାଙ୍କୁ ନିଲାମ ଦିଆଯାଇ ବର୍ଷକୁ ୨୫ଲକ୍ଷ ଟଙ୍କା ଆଦାୟ କରା ଯାଉଛି। ବ୍ୟବସାୟୀ ମାନେ ଦିନକୁ ୧୦ଟଙ୍କା ଖଜଣା ମଧ୍ୟ ଦେଉଛନ୍ତି। ମାତ୍ର ସଫେଇ ବାବଦରେ କୌଣସି ପଦକ୍ଷେପ ନାହିଁ। ଶେଷରେ ବାଧ୍ୟ ହୋଇ ଚନ୍ଦନେଶ୍ୱର କାଳୀମାତା ବଣିକ ସଂଘ ପକ୍ଷରୁ ଅଳିଆ ସଫା କରିବା ସହିତ ବ୍ଲିଚିଂ ପକା ଯାଇଛି। ଏଥିରେ ବଣିକ ସଂଘର ସମ୍ପାଦକ କାର୍ତ୍ତିକେଶ୍ୱର ସାହୁ, ବରିଷ୍ଠ ବ୍ୟବସାୟୀ ଚନ୍ଦନ ଦାସ, ପ୍ରଭାତ ଗିରି, ହରିପଦ ଜେନା, ହେମନ୍ତ ଜେନା, ନାରାୟଣ ମିଦ୍ଧା, ଚନ୍ଦନ ସାହୁ, ରଘୁନାଥ ଗିରି, ପ୍ରଶାନ୍ତ ଗିରି, ସୁନିର୍ମଳ ସାହୁ, ସପନ କୁମାର ସେନାପତି ପ୍ରମୁଖ ସାମିଲ ଥିଲେ।

## ଗମ୍ଭାରିଆରେ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

ଚନ୍ଦନେଶ୍ୱର, ୨୨।୫ (ସମିସ) : ଭୋଗରାଇ ସାହାବାଜପୁର ପଂଚାୟତ ଅଧୀନ ଗମ୍ଭାରିଆ( ଦକ୍ଷିଣ) ରେ ଗୁରୁବାର ପାନୀୟ ଜଳ ପ୍ରକଳ୍ପର ଶୀଳାନ୍ୟାସ ହୋଇ ଯାଇଛି। ଭୋଗରାଇ ବିଜେପି ନେତା ଆଶିଷ କୁମାର ପାତ୍ର ଫିତାକାଟି ଏହି ଉନ୍ନୟନ ମୂଳକ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆସନ୍ତା ୧୫ଦିନ ମଧ୍ୟରେ ପାଇପ ପୋତା ସରିବା ପରେ ଗାଁର ଲୋକଙ୍କୁ ସ୍ୱଚ୍ଛ ଓ ନିର୍ମଳ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ସ୍ଥାନୀୟ ସରପଂଚ ଅରୁଣ କୁମାର ଗିରି ଯୋଗଦେଇ ଜଳ ଓ ପରିମଳ ବିଭାଗ ପକ୍ଷରୁ କାର୍ଯ୍ୟ ହେଉଥିବା ଏହି ଯୋଜନାରେ ପ୍ରାୟ ୧୦ଲକ୍ଷରୁ ଅଧିକ ଅର୍ଥ ବ୍ୟୟ ହେବାର ଆକଳନ କରା ଯାଉଥିବା କଥା ଉଲ୍ଲେଖ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ସମାଜସେବୀ ହରିହର ତ୍ରିପାଠୀ, ପ୍ରଦୀପ ବେହେରା, କାର୍ତ୍ତିକ ଚନ୍ଦ୍ର ମଣ୍ଡଳ, ତନୁ ଚରଣ ବେହେରା, ଦୀନେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ୱାର୍ଡସଭ୍ୟ ଉମାରାଣୀ ପତ୍ର ଧନ୍ୟବାଦ ଦେଇଥିଲେ।

## ସାହାବାଜିପୁରରେ ଖଣି ଓ ରାଜସ୍ୱ ବିଭାଗର ଚଢ଼ଉ

ଚନ୍ଦନେଶ୍ୱର, ୨୨।୫ (ସମିସ): ଦୀର୍ଘ ବର୍ଷ ଧରି ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବେଆଇନ ଭାବେ ଚାଲୁଥିବା ବାଲି ଚୋରା ଚାଲାଣ ଉପରେ ଏବେ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିଛି। ବିଶେଷକରି ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳ ସାହାବାଜିପୁରରେ ଗୁରୁବାର ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ବେଆଇନ ବାଲି ଡିପୋଗୁଡ଼ିକ ଉପରେ ଚଢ଼ାଉ କରାଯାଇଥିବାରୁ ବାଲି ମାଫିଆଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ପଶ୍ଚିମବଙ୍ଗର ଦତ୍ତପୁର ଅଞ୍ଚଳରେ ଥିବା ଏକ ବେଆଇନ ବାଲି ଡିପୋ ଉପରେ ଚଢ଼ାଉ କରି ପ୍ରଶାସନ ୮ ଲକ୍ଷ ୨୧ ହଜାର ଟଙ୍କାରୁ ଅଧିକ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏପଟେ ଓଡ଼ିଶାର ସାହାବାଜିପୁର ଅଞ୍ଚଳରେ ବହୁ ସ୍ଥାନରେ ଅବୈଧ ଭାବେ ବାଲି ମହଜୁଦ ରହିଥିବା ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅସନ୍ତୋଷ ରହିଥିଲା। ସାହାବାଜିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଛପଟ, ବାତ୍ୟା ଆଶ୍ରୟସ୍ଥଳୀ ନିକଟ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, କିଆଁଗଡ଼ିଆ ମଠ ପାଖ ଓ ମୁଖ୍ୟ ରାସ୍ତା କଡ଼ରେ ହଜାର ହଜାର ଫୁଟ୍ ବାଲି ମହଜୁଦ ଥିବାରୁ ସାଧାରଣ ଲୋକ କ୍ଷୋଭ ପ୍ରକାଶ କରୁଥିଲେ। ଏହାକୁ ନଜରରେ ରଖି ଗୁରୁବାର ମଧ୍ୟାହ୍ନରେ ଜିଲ୍ଲା ଖଣି ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ବିଭିନ୍ନ ବେଆଇନ ବାଲି ଡିପୋ ଉପରେ ଚଢ଼ଉ କରିଥିଲେ। ଏହି ସମୟରେ ଡିପୋରେ ମହଜୁଦ ଥିବା ବାଲି ସହ ଆବଶ୍ୟକ ଦଲିଲପତ୍ର ମଧ୍ୟ ଯାଞ୍ଚ କରାଯାଇଥିଲା। ଚଢ଼ଉରେ ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କ ସହ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ ଓ ବାଜିତପୁର ରାଜସ୍ୱ ନିରୀକ୍ଷକ ପ୍ରମୋଦ କୁମାର ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ବାବା ସୁବ୍ରୁଦ୍ଧେଶ୍ୱରଙ୍କ ଚଡ଼କ ପର୍ବ ଶୁଭାରମ୍ଭ

ବାଲେଶ୍ୱର(ଉତ୍ତର), ୨୨।୫ (ସମିସ): ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ପାଲୁସିଆ ଗ୍ରାମରେ ଅଧିଷ୍ଠିତ ବାବା ସୁବ୍ରୁଦ୍ଧେଶ୍ୱର ଶୈବପୀଠରେ ସମ୍ବତ୍ସରିକ ଚଡକପର୍ବର ଶୁଭାରମ୍ଭ ହୋଇଯାଇଛି। ମଙ୍ଗଳବାର ପ୍ରାତଃ ରୁ ମନ୍ଦିର ରେ କୌଳିକ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ଅପରାହ୍ନରେ ଗ୍ରାମ ମଧ୍ୟସ୍ଥ ହାକାଣ୍ଡ ପୋଖରୀରୁ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସାମିଲ ହୋଇଥିଲେ। ବିଧିମୁତାବକ ୧୩ଅର୍ଘ୍ୟଦାନ ଦିବସରେ ପାଟ ଭକ୍ତା -ପ୍ରବୋଧ କୁମାର ମହାନ୍ତି,ଦେଉଳିଆ -ରବୀନ୍ଦ୍ର ସାମଲ, ଶ୍ରୀବେକଡ଼ି -ଜୟନ୍ତ ମହାନ୍ତି ଙ୍କ ସମେତ ସମୁଦାୟ୧୩ ଜଣ ଭକ୍ତ ଉପବିତ ଧାରଣ କରିଥିଲେ। ଚଡକ ମେଳା କମିଟିର ସଭାପତି ପ୍ରଦୀପ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ବେଳେ କମିଟି ର ସମସ୍ତ ସଦସ୍ୟ ମାନଙ୍କ ସହିତ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।






ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗି-ଶିକୁଳା ରାସ୍ତାର ଲଡ଼କାପଲ୍ଲୀଠାରେ ଶୁକ୍ରବାର ଏକ ବସ୍ ଓ ଅଟୋ ମଧ୍ୟରେ ଧକ୍କା ହୋଇଛି । ଏଥିରେ ୬ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି ।

# ଭଞ୍ଜନଗର ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋମାମାଡ଼

ଭଞ୍ଜନଗର/ବ୍ରହ୍ମପୁର,୨୨।୫(ସମିସ)



ରାଜ୍ୟରେ ଅପରାଧୀମାନେ ଖୋଲା ଖୋଲି ଭାବେ ଗୋଟିଏ ପରେ ଗୋଟିଏ ଅପରାଧ ଭିଆଇ ଚାଲିଛନ୍ତି । ଗୁରୁବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଭଞ୍ଜନଗର ଥାନା ପଛପଟେ ଥିବା ପୌରାଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ଘର ଉପରକୁ ବୋମା ମାଡ କରିଛନ୍ତି । ଏହି ଘଟଣା ଲୋକ ଲୋଚନକୁ ଆସିବା ପରେ ସହରରେ ଆତଙ୍କ ଖେଳିଯାଇଛି । ଅପରାଧୀମାନେ ପୁଲିସକୁ ଖୋଲା ଖୋଲି ଭାବେ ଚ୍ୟାଲେଞ୍ଜ ଦେଇଛନ୍ତି । କିଏ କେଉଁ କାରଣରୁ ବୋମା ମାଡ଼ କରିଥିଲା ତାହା ସଠିକ୍ ଭାବେ ଜଣାପଡ଼ିନାହିଁ । ତଥାପି ପୂର୍ବ ଶତ୍ରୁତାରୁ ଏହି ବୋମା ମାଡ଼ ହୋଇଥିବା ଆଶଙ୍କା କରାଯାଉଛି । ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

ଏଥିସହ ସହରର ବିଭିନ୍ନ ସ୍ଥାନରେ ଏବଂ ପୌରାଧ୍ୟକ୍ଷଙ୍କ ଘର ସମ୍ମୁଖରେ ଥିବା ସିସିଟିଭି ଫୁଟେଜକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି । ଟଣାରୁ ପ୍ରକାଶ ଯେ, ଭଞ୍ଜନଗର ମୁ

ୟୁନିସିପାଲଟି ପକ୍ଷରୁ ଗତ ୧୭ ତାରିଖରେ ଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଉକ୍ତ ଦିନ ସହରରେ ପ୍ରବଳ ଭିଡ ଥିବା ବେଳେ ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପରସ୍ପରକୁ ଆକ୍ରମଣ କରିଥିଲେ । ଏଥିରେ କିଛି ଯୁବକ ଆହତ ମଧ୍ୟ ହୋଇଥିଲେ । ଏନେଇ ଥାନାରେ ସେ ସମୟରେ ଉଭୟ ଗୋଷ୍ଠୀ ପକ୍ଷରୁ ୩ଟି ଅଭିଯୋଗ ହୋଇଥିଲା । ଏନେଇ ପୁଲିସ ୩ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଏହି ଘଟଣାରେ କାହାରିକୁ ଗିରଫ ମଧ୍ୟ ଆଜି ପର୍ଯ୍ୟନ୍ତ କରାଯାଇନାହିଁ । ଉକ୍ତ ବିବାଦରୁ ପୌରଧକ୍ଷାଙ୍କୁ ଭୟଭୀତ କରାଇବା ପାଇଁ ଦୁର୍ବୃତ୍ତମାନେ ଏହିଭଳି ପନ୍ଥା ଆପଣାଇଥିବା ଆଶଙ୍କା କରାଯାଉଛି । ତେଣୁ

ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଗୋଟିଏ ବାଇକ୍‌ରେ ଦୁଇଜଣ ଯୁବକ ଆସି ପୌରାଧ୍ୟକ୍ଷଙ୍କ ଘର ଉପରକୁ ଲକ୍ଷ୍ୟ କରି ଗୋଟେ ବୋମା ମାଡ କରି ଚାଲି ଯାଇଥିଲେ । ଏହି ସମୟରେ ପୌରାଧ୍ୟକ୍ଷ ଘରେ ନଥିଲେ । ପରିବାର ଲୋକେ ଥିଲେ । ଶବ୍ଦ ଶୁଣି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି । ଏଥିରେ ପୌରାଧକ୍ଷଙ୍କ ଘର କିମ୍ବା କାହାର କିଛି କ୍ଷତି ହୋଇନାହିଁ । ଦୃର୍ବୃତ୍ତମାନେ ଘର ଠାରୁ ୫୦ ମିଟର ଦୂରରେ ରହି ଘର ଉପରକୁ ବୋମା ମାଡ଼ କରିଥିଲେ । ବୋମାଟି ଗ୍ୟାରେଜ ଘର ଉପରେ ପଡିଥିଲା । ଏନେଇ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଏହି ଘଟଣାରେ ପୌରାଧକ୍ଷ କିମ୍ବା ତାଙ୍କ ପରିବାର ପକ୍ଷରୁ ଏଯାଏଁ ଥାନା ରେ ରିପୋର୍ଟ କରାଯାଇନାହିଁ । ତେବେ ପୁଲିସ ନିଜଆଡୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ।

## ବ୍ରହ୍ମପୁରରେ ଏନ୍‌କାଉଣ୍ଟର, ଭଞ୍ଜନଗରରେ ବୋମାମାଡ଼

ବ୍ରହ୍ମପୁର,୨୨।୫(ସମିସ): ଗଞ୍ଜାମ ଜିଲ୍ଲାରେ ଅପରାଧ ଦମନ ପାଇଁ ପୁଲିସ ପକ୍ଷରୁ ଲଗାତାର କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଗଞ୍ଜାମରେ ଦୁଇଟି ପୁଲିସ ଜିଲ୍ଲା ରହିଛି । ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଏନକାଉଣ୍ଟର ଆରମ୍ଭ ହୋଇଥିବା ବେଳେ ଗଞ୍ଜାମ ପୁଲିସ ଜିଲ୍ଲାରେ ଏବେ ଅପରାଧ ପୁଣିଥରେ ମୁଣ୍ଡ ଟେକିଛି । ଯାହା ଚିନ୍ତାର ବିଷୟ ହୋଇପଡ଼ିଛି । ଗୋଟିଏ ପଟେ ବ୍ରହ୍ମପୁରରେ ପୁଲିସର ଏନକାଉଣ୍ଟର ଘଟଣା ଚର୍ଚ୍ଚାରେ ଥିବାବେଳେ ଅନ୍ୟପଟେ ଭଞ୍ଜନଗରରେ ବୋମାମାଡ଼ ଘଟଣା ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ପୁଣିଥରେ ପ୍ରଶ୍ନର ସମ୍ମୁଖୀନ କରିଛି । ସମ୍ପ୍ରତି ବ୍ରହ୍ମପୁରରେ କିଛି ଦିନ ବ୍ୟବଧାନରେ ଦୁଇଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୁଲିସ ଏନକାଉଣ୍ଟର କରିଥିଲା । ପୁଲିସ ଏହାକୁ ଅପରାଧୀଙ୍କ ବିରୋଧରେ କଡ଼ା ସନ୍ଦେଶ ବୋଲି କହୁଥିବା ବେଳେ ସାଧାରଣ ଲୋକ କହୁଛନ୍ତି ଯେ, ଏତେ ସବୁ ପଦକ୍ଷେପ ପରେ ବି ଜିଲ୍ଲାରେ ଅପରାଧ ହ୍ରାସ ପାଉନାହିଁ । ବ୍ରହ୍ମପୁରରେ ଏନକାଉଣ୍ଟର ଦୁଇଦିନ ପରେ ଭଞ୍ଜନଗର ଅଞ୍ଚଳରେ ବୋମାମାଡ଼ ଘଟଣା ସାମ୍ନାକୁ ଆସିଛି । ଏହି ଘଟଣାକୁ ପୁଲିସ ଗୁରୁତର ଭାବେ ଗ୍ରହଣ କରି ତଦନ୍ତ ଜାରି ରଖିଥିବା ବେଳେ ଅପରାଧୀଙ୍କ ପ୍ରତି କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲୋକେ ଆଶା କରୁଛନ୍ତି । ଅପରପକ୍ଷେ ଜିଲ୍ଲାରେ ବଢ଼ୁଥିବା ଅପରାଧ, ବେଆଇନ ଅସ୍ତ୍ର କାରବାର, ଗ୍ୟାଙ୍ଗ ସକ୍ରିୟତା ଏବଂ ବହୁ ଯୁବାବର୍ଗ ଅପରାଧ ଜଗତକୁ ଆକୃଷ୍ଟ ହେଉଥିବା ନେଇ ସାଧାରଣରେ ଚିନ୍ତା ବଢ଼ିଛି । ରାତି ହେଲେ କିଛି ଅଞ୍ଚଳରେ ଭୟର ପରିବେଶ ଦେଖାଯାଉଥିବା ମଧ୍ୟ ଅଭିଯୋଗ ହେଉଛି । ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ କହୁଛନ୍ତି, କେବଳ ଏନକାଉଣ୍ଟର କିମ୍ବା ଗିରଫ ଯଥେଷ୍ଟ ନୁହେଁ । ଅପରାଧର ମୂଳ କାରଣ ଚିହ୍ନଟ କରି ଯୁବମାନଙ୍କୁ ସଠିକ୍ ମାର୍ଗଦର୍ଶନ, ନିଯୁକ୍ତି ସୁଯୋଗ ଏବଂ ସମାଜରେ ସଚେତନତା ବଢ଼ାଇବା ଆବଶ୍ୟକ ରହିଛି । ଏହାସହ ଜିଲ୍ଲାରେ ପୁଲିସ ପେଟ୍ରୋଲିଂ, ଗୁପ୍ତଚର ବ୍ୟବସ୍ଥା ଓ କଡ଼ା ନଜରଦାରୀକୁ ଆହୁରି ସୁଦୃଢ଼ କରିବା ଦରକାର ବୋଲି ଦାବି ହେଉଛି । ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ଗଞ୍ଜାମରେ ଅପରାଧୀଙ୍କ ଦୌରାତ୍ମ୍ୟର ସମ୍ପୂର୍ଣ୍ଣ ଦମନ କେବେ ହେବ ।

**କେବେ ସୁଧୁରିବେ ଅପରାଧୀ ?**

## ଲୁହା ଦୋକାନ କର୍ମଚାରୀଙ୍କୁ ଆକ୍ରମଣ; ୨ ଗିରଫ

ବ୍ରହ୍ମପୁର,୨୨।୫(ସମିସ): ବ୍ରହ୍ମପୁର ହରଡ଼ାଖଣ୍ଡି ଛକରେ ଥିବା ଏକ ଲୁହା ଦୋକାନ କର୍ମଚାରୀଙ୍କୁ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ୨ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି ବଡ଼ବଜାର ଥାନା ପୁଲିସ । ଦୁଇ ଅଭିଯୁକ୍ତ ହେଉଛନ୍ତି ବଡବଜାର ଗ୍ରାମଦେବତୀ ସାହିର କିରଣ ସାହୁ (୨୮) ଓ ପାଣିଗ୍ରାହୀପେଣ୍ଠ ଜଗନ୍ନାଥ ବିହାରର ପ୍ରହଲ୍ଲାଦ ସାହୁ(୨୯) ବୋଲି ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ଗତ ୨୧ତାରିଖ ସନ୍ଧ୍ୟାରେ ବଡବଜାର ନିରାକାର ନଗର ୨ୟ ଲାଇନରେ ରହୁଥିବା କାଳିଆ ନାୟକ (୩୬) ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ସେ ହରଡ଼ଖଣ୍ଡି ଛକରେ ଏକ ଲୁହା ଦୋକାନ ଖୋଲି ନିଜ ଜୀବିକା ନିର୍ବାହ କରିଥିଲେ । ଘଟଣା ଦିନ ଅଭିଯୋଗକାରୀ ନିଜ ଘରକୁ ଯାଇଥିବା



ବେଳେ ତାଙ୍କର ଅନ୍ୟ ୩ ଜଣ କର୍ମଚାରୀ ଦୋକାନରେ ଉପସ୍ଥିତ ଥିଲେ । ସେହି ସମୟରେ କିରଣ ସାହୁ ଏବଂ ପ୍ରହଲ୍ଲାଦ ସାହୁ ଏକ ମୋଟର ସାଇକେଲରେ ତାଙ୍କ ଲୁହା ଦୋକାନକୁ ଆସି ମାଲିକଙ୍କ ଖୋଜିଥିଲେ । ମାଲିକଙ୍କୁ ନପାଇ ସେଠାରେ କାମ କରୁଥିବା କର୍ମଚାରୀ କାଳିଆ ନାୟକଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିଥିଲେ । ଏହାକୁ ବିରୋଧ କରିବାରୁ ଉଭୟେ କିରଣ ଓ ପ୍ରହଲ୍ଲାଦ ଦୋକାନ ନିକଟରେ ପଡ଼ିଥିବା ଏକ ଲୁହା ରଡରେ କଳିଆଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । କାଳିଆଙ୍କ ଅଭିଯୋଗ ପରେ ବଡ଼ବଜାର ଥାନା ପୁଲିସ ଘଟଣାର ତଦନ୍ତ କରି ଉଭୟ ଆକ୍ରମକାରୀ କିରଣ ସାହୁ ଏବଂ ପ୍ରହଲ୍ଲାଦ ସାହୁଙ୍କୁ ଶୁକ୍ରବାର ଦିନ ଗିରଫ କରି ଆକ୍ରମଣରେ ବ୍ୟବହୃତ ଲୁହା ରଡ୍ ଏବଂ ପଲସର ବାଇକ୍ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି ।

## ଓମଟା ପକ୍ଷରୁ ବାର୍ଷିକ ସମ୍ମିଳନୀ




ବ୍ରହ୍ମପୁର,୨୨।୫(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ପରିସରରେ ଓଡ଼ିଶା ମେଡିକାଲ ଶିକ୍ଷକ ସଂଘ(ଓମଟା) ପକ୍ଷରୁ ବାର୍ଷିକ ସମ୍ମିଳନୀ "ଓମଟାକନ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଓମଟାର ରାଜ୍ୟ ସଭାପତି ଡା. ଚିନ୍ମୟ ସୁନ୍ଦର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତିଭୂଷଣ ଜେନା ଏବଂ କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଡା. ନିହାରରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାଂଗଠନିକ ସଭାପତି ଡା. ଆଶିଷ କୁମାର ବାରିକ ଓ ସାଂଗଠନିକ ସମ୍ପାଦକ ଡା. ଜଗଦୀପ ନାୟକ ସମ୍ମୀଳନୀ ପରିଚାଳନା କରିଥିଲେ । ଏ ଅବସରରେ ଓମଟା ପକ୍ଷରୁ ୮ ଦଫା ଦାବି ଉପସ୍ଥାପନ କରାଯାଇଥିଲା । ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା, ଓମଟାର କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱରଠାରେ ଏକ ସରକାରୀ କାର୍ଯ୍ୟାଳୟ ଯୋଗାଇଦେବା, ଓଏମଇଏସ ଏବଂ ଭିମସାରର ଯୋଗ୍ୟ ଅଧ୍ୟାପକମାନଙ୍କୁ ତୁରନ୍ତ ଡିଏସିପି ଏବଂ ଟିବିସିଏ ସୁବିଧା ପ୍ରଦାନ, ଓଏମଇଏସ କ୍ୟାଡର ରୁଲ୍-୨୦୨୧ର ସଂଶୋଧନ କରାଯାଇ ୪ଟି "ସ୍ପେଶାଲ ସେକ୍ରେଟାରୀ' ପଦବୀ ସୃଷ୍ଟି, ସମସ୍ତ ଡିନ୍, ପ୍ରିନ୍ସିପାଲ ଓ ସୁପରିଟେଣ୍ଡେଣ୍ଟଙ୍କୁ ଆଡମିନିଷ୍ଟ୍ରେଟିଭ୍ ଆଲାଉନ୍ସ ସହ ସିନିୟର ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ମାନ୍ୟତା ପ୍ରଦାନ, ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାର ସଠିକ୍ ପରିଚାଳନା ପାଇଁ ୪ଟି ଆଞ୍ଚଳିକ ନିର୍ଦ୍ଦେଶାଳୟ ସ୍ଥାପନ, ବଦଳି ପ୍ରକ୍ରିୟାର ସରଳୀକରଣ, ଭିମସାର୍ ସୁପରିଚାଳନା, ସମସ୍ତ ସରକାରୀ ମେଡିକାଲ କଲେଜରେ ସ୍ଥାୟୀ ଡିନ୍ ଓ ସୁପରିଟେଣ୍ଡେଣ୍ଟ ନିଯୁକ୍ତି, ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଭଳି ଦାବି କରାଯାଇଥିଲା । ସମ୍ମିଳନୀରେ ମେଡିକାଲ ଶିକ୍ଷାର ଉନ୍ନତି, ସେବାର ଗୁଣବତ୍ତା ବୃଦ୍ଧି, ଶିକ୍ଷକ ଓ ଅଧ୍ୟାପକମାନଙ୍କ କଲ୍ୟାଣ ଏବଂ ଜାତୀୟ ମେଡିକାଲ କମିଶନ(ଏନଏମସି)ର ନିୟମାବଳୀ ଅନୁପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଏନ୍‌କାଉଣ୍ଟର୍‌ରେ ଆହତ ଦୁଇ ଅଭିଯୁକ୍ତଙ୍କୁ ଜଗିଛନ୍ତି ୨୦ ପୁଲିସ

ବ୍ରହ୍ମପୁର,୨୨।୫(ସମିସ): ବ୍ରହ୍ମପୁର ପୁଲିସ ଏନକାଉଣ୍ଟରରେ ଆହତ ଦୁଇ ଅପରାଧୀ ସ୍ଥାନୀୟ ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ଦୁଇ ଆହତ ଅପରାଧୀ ହେଲେ ଲାଞ୍ଜିପଲ୍ଲୀ ଡିପସାହିର ଦିପୁନା ନାୟକ ଓ ହିଲପଟଣା ଅଞ୍ଚଳର ମୁକେଶ ସାହୁ । ମୁକେଶ ଏମକେସିଜି ମେଡ଼ିକାଲର ଆଇସିୟୁରେ ଭର୍ତ୍ତି ହୋଇଥିବା ବେଳେ ଦିପୁନାକୁ ଟ୍ରମା କେୟାରରେ ଭର୍ତ୍ତି କରାଯାଇଛି । ଦିପୁନା ନିକଟରେ ଜଣେ ଏଏସଆଇ, ଦୁଇ ହାବିଲଦାରଙ୍କ ସମେତ ୮ ଜଣ କନେଷ୍ଟବଳ ଏବଂ ମୁକେଶ ନିକଟରେ ମଧ୍ୟ ଜଣେ ଅଫିସର, ହାବିଲଦାର ଓ ୭ଜଣ କନେଷ୍ଟବଳଙ୍କ ସମେତ ମୋଟ ୧୦ଜଣ ଜଗିଥିବା ଜଣାପଡିଛି । ଏଭଳି ଭାବେ ଉଭୟ ଅଭିଯୁକ୍ତଙ୍କୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପୁଲିସ କର୍ମଚାରୀ ଜଗିଥିବା ଜଣାପଡ଼ିଛି । ୩ଟି ସିଫ୍ଟରେ ପୁଲିସ ନିୟୋଜିତ ରହି ଡ୍ୟୁଟି କରି ତୀକ୍ଷ୍ଣ ନଜର ରଖାଯାଇଛି । ପରିବାର ସଦସ୍ୟଙ୍କ ବ୍ୟତିତ ଅନ୍ୟ କାହାରିକୁ ସେମାନଙ୍କୁ ସାକ୍ଷାତରେ କଟକଣା ଜାରି କରାଯାଇଛି । ଗତ ୧୬ତାରିଖ ଭୋର ସମୟରେ ସହରର ଖୋଡାସିଙ୍ଗି ଓଭରବ୍ରିଜ୍ ଉପରୁ ଶ୍ୟାମ ବେହେରା ନାମକ ଜଣେ ଯୁବକଙ୍କୁ ମାରପିଟ କରି ପରେ ତାଙ୍କୁ ବଳପୂର୍ବକ ବ୍ରିଜ ତଳକୁ ଠେଲି ଦେବା ଘଟଣାରେ ଗୋପାଳପୁର ଥାନା ପୁଲିସ ଅଭିଯୁକ୍ତ ଦିପୁନାଙ୍କୁ ଏନକାଉଣ୍ଟର କରିଥିଲା । ସେହିଭଳି ଗତ ୧୮ତାରିଖ ରାତିରେ ଗିରିରୋଡ଼ରେ ଉମେଶ ରଥଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ମୁକେଶକୁ ଟାଉନ ଥାନା ପୁଲିସ ଏନକାଉଣ୍ଟର କରିଥିଲା । ଉଭୟ ଅପରାଧୀଙ୍କୁ ପୁଲିସ ଏନକାଉଣ୍ଟର କରିବା ପରେ ଅପରାଧୀ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ କିଛି ଅପରାଧୀ ସହର ଛାଡ଼ି ଯିବାକୁ ଯୋଜନା କରୁଥିବା ଜଣାପଡିଛି ।

**ଏମ୍‌କେସିଜି ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ୍ ଚୋରି ଘଟଣା**

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବ୍ରହ୍ମପୁର,୨୨।୫(ସମିସ)

ଏମକେସିଜି ମେଡିକାଲ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି ହୋଇଛି । ଦିନିକିଆ ବ୍ରହ୍ମପୁର ଗସ୍ତରେ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କୁ ଭାରତୀୟ ଜନତା ପାର୍ଟିର ପୂର୍ବତନ ବ୍ରହ୍ମପୁର ମହାନଗର ସଭାପତି ରାମ କୁମାର ପାତ୍ର ଦାବିପତ୍ର ପ୍ରଦାନ କରିନ୍ତି । ବିଭିନ୍ନ ସମୟରେ ମେଡ଼ିକାଲ ଔଷଧ ଭଣ୍ଡାରରୁ ବହୁ ମେଡ଼ିସିନ ଚୋରି ହୋଇ ଏହାକୁ ବିଭିନ୍ନ ଘରୋଇ ହସ୍ପିଟାଲରେ ବ୍ୟବହାର କରାଯାଉଥିବା ନଜିର ରହିଥିବା ସେ ଅଭିଯୋଗ କରିଛନ୍ତି ।



ଏଭଳି ଘଟଣା ଧରାପଡ଼ିବା ପରେ ମଧ୍ୟ ଅସାଧୁ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାନଥିବା ଶ୍ରୀ ପାତ୍ର କହିଛନ୍ତି । ଫଳରେ ମେଡ଼ିକାଲ ମେଡ଼ିସିନ ଷ୍ଟୋରକୁ ବାରମ୍ବାର ମେଡ଼ିସିନ ଚୋରି ହେଉଥିବା ଅଭିଯୋଗ ଆସୁଛି । ଗତ ଏପ୍ରିଲ ମାସ ୨୨ତାରିଖରେ ଏମକେସିଜି ମେଡ଼ିକାଲର ପିଏମଆର କୋଠାରେ ଥିବା ମେଡ଼ିକାଲ ଷ୍ଟୋର ଏକ ଡଷ୍ଟବିନରେ ମୋଟ ୨୧ଟି ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍‌ର ଲୁଚାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା । ଗୋଟିଏ ଇଞ୍ଜେକ୍ସନ୍ ମୂଲ୍ୟ ୭୬୯ଟଙ୍କା ରହିଥିଲା । ଏହି ଘଟଣାର ତଦନ୍ତ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କୁ ଦୋଷୀ ଭାବେ ଚିହ୍ନଟ କରାଯାଇ ନାହିଁ ।

ସେହିପରି ଘଟଣା ତଦନ୍ତ ନିମନ୍ତେ ଏକ ଟିମ ଗଠନ ବରିବାକୁ ଜିଲ୍ଲାପା ଦୀର୍ଘ ଦିନ ହେବ ନିର୍ଦ୍ଦେଶ ଦେଇଥିବା ବେଳେ ତଦନ୍ତରେ ବିଳମ୍ବ ହୋଇଛି । ତେଣୁ ଏହି ଘଟଣାର କ୍ରାଇମ ବ୍ରାଞ୍ଚ ତଦନ୍ତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଅସାଧୁ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଅନ୍ୟପକ୍ଷରେ ଘଟଣାର ତଦନ୍ତ କରିବା ନିମନ୍ତେ ୪ଜଣିଆ କମିଟି ଗଠନ କରାଯାଇଥିବା ବେଳେ ଆସନ୍ତା ବୁଧବାର ତଦନ୍ତ କମିଟି ମେଡିକାଲ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣାର ତଦନ୍ତ ଆରମ୍ଭ କରିବା ବୋଲି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ କହିଛନ୍ତି ।

**ଏମ୍‌କେସିଜିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

## ପ୍ରତିମାସରେ ଅନ୍ତତଃ ଗୋଟିଏ ଜର୍ଣ୍ଣାଲ ପ୍ରକାଶ କରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୨୨।୫(ସମିସ)



ଏମକେସିଜି ମେ ଡିକାଲ କଲେଜ ଓ ହସ୍ପିଟାଲର ୬୫୦ଏଲଟି କୋଠାରେ ମେଡିକାଲ କଲେଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିୱାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ଜେନା, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅଭିନାଶ କୁମାର, ଡ଼ିଏମଇଟି ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଡ଼ିନ ଡ଼ା. ହରିକ୍ରିଷ୍ଣା ଦଳେଇ, ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶ ଓ ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ ଉପସ୍ଥିତ ଥିଲେ । ଏମକେସିଜି ମେଡ଼ିକାଲରେ ରୋଗୀ ସେବା ଓ ଚିକିତ୍ସାକୁ ନେଇ ଡ଼ାକ୍ତରମାନେ ପ୍ରତିମାସରେ ଜର୍ଣ୍ଣାଲ ପ୍ରକାଶ କରିବାକୁ ନିର୍ଦ୍ଦେଶ ମନ୍ତ୍ରୀ ଡ଼. ମହାଲିଙ୍ଗ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା ମେଡ଼ିକାଲରେ ରୋଗୀ ଚିକିତ୍ସା କ୍ଷେତ୍ରରେ ରହିଥିବା ସୁବିଧା ସମ୍ପର୍କରେ ସାଧାରଣ ଜନତା ଜାଣିପାରିବେ ବୋଲି ମନ୍ତ୍ରୀ କହିଥିଲେ । ତେଣୁ ପ୍ରତିମାସରେ ଅତି କମରେ ଗୋଟିଏ ଜର୍ଣ୍ଣାଲ ପ୍ରସ୍ତୁତ କରି ଏହାକୁ ମେଡ଼ିକାଲ ଓ କଲେଜ ୱେବସାଇଟିରେ ଅପଲୋଡ଼ କରିବାକୁ କହିଥିଲେ । ସେହିପରି ଦୁର୍ଘଟଣାରେ ଆହାତ ବ୍ୟକ୍ତିଙ୍କୁ ମେଡ଼ିକାଲରେ ସଠିକ ଭାବେ ଟ୍ରମା କେୟାର ଚିକିତ୍ସା ସୁବିଧା ମିଳୁନଥିବା ବାରମ୍ବାର ଅଭିଯୋଗ ରହିଥିବା ବେଳେ ବିଭିନ୍ନ ବିଭାଗର ଡ଼ାକ୍ତରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରମା କେୟାର ଟିମ ଗଠନ କରି ଦୁର୍ଘଟଣାର ଶିକାର ହୋଇଥିବା ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । 'ଏଆଇ' ବ୍ୟବହାର କରି ସ୍ୱାସ୍ଥ୍ୟ ସେବା ସୁଦୃଢ଼ କରିବାକୁ ଯୋଜନା କରିବାକୁ ସରକାର ବିଚାର କରୁଛନ୍ତି । ଏହା ଦ୍ୱାରା ଅଳ୍ପ ସମୟରେ କିଭଳି ସଠିକ ଚିକିତ୍ସା ସୁବିଧା ଦିଆଯାଇପାରି ସେନେଇ ଯୋଜନା ଚାଲିଥିବା କୁହାଯାଇଥିଲା । ସେହିପରି ମା' ଓ ଶିଶୁଙ୍କ ନିମନ୍ତେ ରହିଥିବା ବିଭିନ୍ନ ଚିକିତ୍ସା ସୁବିଧା ଗୁଡ଼ିକ ସଠିକ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ସେ ସମ୍ପର୍କରେ ଏକ ଅଡିଟ କରିବା ସହ କେତେ ସଂଙ୍କଟାପର୍ଣ୍ଣ ଶିଶୁ ଓ ମାଆଙ୍କୁ ଚିକିତ୍ସା କରି ସୁସ୍ଥ କରିଛନ୍ତି । ତାହାର ଏକ ତାଲିକା ପ୍ରସ୍ତୁତ କରି ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି କାଡ଼ିଓଲୋଜି ବିଭାଗରେ କ୍ୟାଥଲ୍ୟାବ ଓ ଇକୋ ମେସିନ ଅଭାର ରହିଥିବାରୁ ଏହାକୁ ଯୋଗାଇବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା । କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହ ମେଡ଼ିକାଲରେ କଲେଜ ଓ ହସ୍ପିଟାଲରେ ପହଞ୍ଚାଇବାକୁ ସମସ୍ୟା ହେଉଛି । ତେଣୁ ମୃତଦେହ ଦାନ କରୁଥିବା ମୃତ୍ୟୁ ବ୍ୟକ୍ତିଙ୍କ ମୃତଦେହ କିଭଳି ସହଜରେ ମେଡିକାଲ କଲେଜରେ ପହଞ୍ଚିବା ସେନେଇ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ କୁହାଯାଇଥିଲା । ସେହିପରି ସପ୍ତାହରେ ଅନେକ ସମୟରେ ଏକାଧିକ ନ୍ୟୁରୋ ସର୍ଜରୀ ବିଭାଗରେ ବିରଳ ଓ ଜଟିଳ ଅସ୍ତ୍ରୋପଚାର କରାଯାଇଥିବା ବେଳେ ବିଭାଗର ନିଜସ୍ୱ ଆଇସିୟୁ ନାହିଁ । ରୋଗୀଙ୍କ ଉତ୍ତମ ଚିକିତ୍ସା ସେବା ଯୋଗାଇବାକୁ ଆଇସିୟୁ ବ୍ୟବସ୍ଥା କରାଯିବାକୁ ଦାବି ହୋଇଥିଲା । ଏହା ସହ ମେଡ଼ିକାଲ ଏକ ହେମାଟୋଲୋଜି ବିଭାଗ ଖୋଲିବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଉଥିବା ବେଳେ ଏହାକୁ ରାଜ୍ୟ ସରକାର ବିଚାର କରୁଥିବା ମନ୍ତ୍ରୀ କହିଥିଲେ । ମେଡ଼ିକାଲ ପରିସରରେ ୧୯୨୦କୋଟି ଟଙ୍କାରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟର ସମିକ୍ଷା କରିଥିଲେ । ଏହା ସହ ମେଡ଼ିକାଲର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଆବଶ୍ୟକ ପଦେକ୍ଷପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ମନ୍ତ୍ରୀ ଡ଼. ମହାଲିଙ୍ଗ କହିଥିଲେ । ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ସମେତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କର୍ମଚାରୀ ଉପସ୍ଥିତ ଥିଲେ ।

- ଟ୍ରମା କେୟାର ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ
- ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବାକୁ ବ୍ୟବହାର ହେବ 'ଏଆଇ'

# ଦେବୀ ନଦୀରେ ବୁଡ଼ି ଯୁବକ ମୃତ

ବାଲିକୁଦା,୨୨।୫(ସମିସ)

ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ଅସିଲ ଗ୍ରାମ ଦେଇ ପ୍ରବାହିତ ହୋଇଥିବା ଦେବୀ ନଦୀରୁ ମାଛ ଧରିବାକୁ ଯାଇଥିବା ଉକ୍ତ ପଞ୍ଚାୟତର ସଂଗ୍ରାମ ପରିଡା (୨୮) ପାଣିରେ

**ମାଛ ଧରାଳିଙ୍କ ଦ୍ୱାରା ଅନ୍ୟ ଜଣେ ଉଦ୍ଧାର**

ବୁଡି ପ୍ରାଣ ହରାଇଛନ୍ତି। ଅନ୍ୟ ଜଣେ ସହଯୋଗୀ ମିଲୁ ପରିଡାକୁ ନଦୀ ସେପାରିରେ ଜାଲ ପକାଇ ମାଛ ଧରୁଥିବା ଗ୍ରାମର ଯୁବକ ବଳରାମ ମହାନ୍ତି ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ସୂଚନା ଅନୁଯାୟୀ ସୁକିଦା ଗ୍ରାମର ସଂଗ୍ରାମ କଟକରେ ରହି ନିଜର ବ୍ୟବସାୟ କରିଥାନ୍ତି। ସେ ଗତ ୨ ଦିନ ତଳେ ନିଜ ଗ୍ରାମକୁ ଆସିଥିଲେ। ସେ ଜଣେ ଭଲ କ୍ରିକେଟ ଖେଳାଳି ହୋଇଥିବା କାରଣରୁ ତାଙ୍କ ଟିମ୍ ଆଜି ଅପଣ୍ଡରା ଠାରେ ସେମିଫାଇନାଲ ମ୍ୟାଚ ଖେଳିବା ନେଇ ସେ ଘରେ ରହିଥିଲେ। ସକାଳ ୮ଟା ବେଳେ ଗ୍ରାମ ଠାରୁ ୨୦୦ ମିଟର ଦୂର ଅସିଲ ଗ୍ରାମକୁ ଯାଇ ଦେବୀ ନଦୀରେ ନିଜ କ୍ରିକେଟ ଟିମ୍‌ର ସାଥି ଖେଳାଳି ମାଛ ଧରୁଥିବା ଦେଖି ନିଜର ୪ ଜଣ ସାଙ୍ଗ ସହ ନଦୀ କୂଳକୁ ଯାଇଥିଲେ। ନଦୀ ଆର



ପଟେ ମାଛ ଧରୁଥିବା ନିଜ ଟିମର ବଳରାମ ମହାନ୍ତି ନଦୀ ମଧ୍ୟରେ ପ୍ରବେଶ ପାଇଁ ବାରମ୍ବାର ବାରଣ କରିବା ସତ୍ତ୍ୱେ ୨ ଜଣ ସାଙ୍ଗଙ୍କୁ ନଦୀ କୂଳରେ ଠିଆ କରାଇ ନିଜ ପିନ୍ଧିଥିବା ଗଞ୍ଜିକୁ ଧରାଇ ଦେଇ ନଦୀ ମଧ୍ୟରେ ପ୍ରବେଶ କରିଥିଲେ। ଏହି ସମୟରେ ଜଣେ ବନ୍ଧୁ ଟିକିଏ ଆଗକୁ ଯାଇ ବୁଡି ଯାଉଥିବା ସମୟରେ ବଳରାମ ଏହା ଦେଖି ତାଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡି ସଂଗ୍ରାମକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିବା ସମୟରେ ସେ ବୁଡି ଯାଇଥିଲା। ବଳରାମ ବହୁ ଖୋଜାଖୋଜି କରିବା ପରେ ଉଦ୍ଧାର କରି ନପାରି ଶେଷରେ ବାଲିକୁଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା। ପରେ ବାଲିକୁଦା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗ ପ୍ରାୟ ୩ ଘଣ୍ଟା ଖୋଜିବା ପରେ ଉଦ୍ଧାର ପାଇଁ ସଫଳ ହୋଇ ନଥିବାରୁ ଓଡ୍ରାଫ ଟିମ ର ସହାୟତା ନିଆଯାଇଥିଲା। ଓଡ୍ରାଫ ଟିମ ପହଞ୍ଚି ପ୍ରାୟ ଏକ ଘଣ୍ଟା ପରେ ଉଦ୍ଧାର କରିବା ସମୟରେ ସଂଗ୍ରାମର ପ୍ରାଣବାୟୁ ଉଡି ଯାଇଥିଲା। ଆମ୍ବୁଲାନ୍ସ ଯୋଗେ ବାଲିକୁଦା ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପରେ ଥାନା ଅଧିକାରୀ କାବୁଲି ବାରିକ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜଗତସିଂହପୁର ମୁଖ୍ୟ ମେଡିକାଲ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ସୂଚନା ମିଳିଛି।

## ମଦୁଆଙ୍କୁ ଧରିବାକୁ ଛକରେ ଜିଲ୍ଲାପାଳ, ଏସ୍‌ପି



ପାରାଦୀପ,୨୨।୫(ସମିସ): ମଦୁଆଙ୍କୁ ଧରିବାକୁ ପାରାଦୀପରେ ଯାଞ୍ଚ କରୁଛନ୍ତି ଜିଲ୍ଲାପାଳ ଓ ଏସ୍‌ପି। ଜିଲ୍ଲାପାଳ ଜେ. ସୋନାଲ ଓ ଏସ୍‌ପି ଅଙ୍କିତ କୁମାର ବର୍ମା ସନ୍ଧ୍ୟାରେ ବିଭିନ୍ନ ଛକରେ ଛିଡ଼ା ହୋଇ ମଦୁଆଙ୍କୁ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ପାରାଦୀପ ଭଳି ଶିଳ୍ପ ସହରରେ ଯେଉଁଭଳି ଭାବରେ ନିଶାଡ଼ିଙ୍କ ପ୍ରାଦୁର୍ଭାବ ବଢି ଚାଲିଛି ତାକୁ ନେଇ ଏବେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ନିଦ ହଜିଯାଇଛି। ମଦ ଦୋକାନ ନିକଟରେ ଲୋକମାନେ ରାସ୍ତା ଉପରେ ଠିଆ ହୋଇ ମଦ ପିଉଛନ୍ତି। ନା ପୁଲିସର ନା ଲୋକଙ୍କ ଭୟ ରହିଛି ସେମାନଙ୍କ ଭିତରେ। ରାସ୍ତା ଘାଟ, ହସ୍ପିଟାଲ ଓ ସ୍କୁଲ ନିକଟରେ ମଦ ପିଇବା ଉପରେ କଟକଣା ରହିଥିଲେ ମଧ୍ୟ କେହି ତାହାକୁ ମାନୁନାହାନ୍ତି। ରାସ୍ତା ଘାଟ ସବୁଆଡେ ମଦ ବୋତଲ ପଡି ରହିଛି। ତେବେ ଆଜି ସନ୍ଧ୍ୟାରେ ଉଭୟ ଅଫିସର ସହରର ମୁଖ୍ୟ ଛକ ଓ ମଦ ଦୋକାନ ପାଖରେ ମଦୁଆଙ୍କୁ ସାବଡ଼ କରିବାକୁ ଠିଆ ହୋଇଥିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ତେବେ ଏହି ଭଳି ଭାବରେ ପ୍ରତ୍ୟକ ଦିନ ସନ୍ଧ୍ୟାରେ ସବୁ ଛକ ଓ ମଦ ଦୋକାନ ନିକଟରେ ବୁଲିବା ସହିତ ମଦୁଆଙ୍କ ଉପରେ କଡା ନଜର ରଖାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## କର୍କଟରେ ପୀଡ଼ିତ ଅଙ୍ଗନବାଡ଼ି କର୍ମୀଙ୍କ ମୃତ୍ୟୁ



କୁଜଙ୍ଗ,୨୨।୫(ସମିସ): କୁଜଙ୍ଗ ଅଞ୍ଚଳରେ ଏବେ କର୍କଟ ରୋଗ ବ୍ୟାପିବାରେ ଲାଗିଛି। ଏହି ରୋଗ ଗୋଟିଏ ଗୋଟିଏ ପରିବାରକୁ ଛାରଖାର କରିଦେଉଛି। କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ଜନାପାଳ ସ୍ଥିତ ଅଙ୍ଗନବାଡ଼ି କର୍ମୀ ଝୁନିବାଳା ପ୍ରଧାନ (୪୨)ଙ୍କ ଦେହାନ୍ତ ହୋଇଛି। ଗତ କିଛି ଦିନ ତଳେ ତାଙ୍କ ଶାଶୁଙ୍କ ମଧ୍ୟ ଏହି ରୋଗରେ ପରଲୋକ ହୋଇଥିଲା। ଶାଶୂ, ଶଶୁର,

**କିଛି ଦିନ ପୂର୍ବରୁ ଶାଶୂଙ୍କର ମୃତ୍ୟୁ ହୋଇଥିଲା**

ଏକ ବୟସ୍କା ନଣନ୍ଦଙ୍କ ସେବା ଯତ୍ନ ସହ ତିନି ଝିଅ, ଏକ ପୁଅ ଓ ସ୍ୱାମୀ ଦିନ ମଜୁରିଆ ଉମେଶଙ୍କୁ ନେଇ ତାଙ୍କ ପରିବାର। ଝୁନି ଜଣେ ସମର୍ପିତା ଅଙ୍ଗନବାଡି କର୍ମୀ। ଶଶୁର ବନମାଳୀ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସେବା ଯତ୍ନ କରି ଶଶୁରଙ୍କୁ ହରାଇବା ପରେ ଶାଶୂ ଗୁଲୁରୀ ପ୍ରଧାନ କର୍କଟ ରୋଗର ପଡ଼ିଥିଲେ। ତାଙ୍କ ଚିକିତ୍ସା ପାଇଁ ଝୁନୀ ଓ ଦିନ ମଜୁରିଆ ସ୍ୱାମୀ ଦିନ ରାତି ଏକ କରିଥିବା ବେଳେ ସେ ନିଜେ ଭୋକ ଉପାସରେ ରହିବାରୁ ପାକସ୍ଥଳୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ପ୍ରଥମେ କଟକ, ପରେ ମୁମ୍ବାଇ ଯାଇ, ଯାହା କିଛି ସମ୍ବଳ ଥିଲା ସବୁ ସାରି ଦେଇ ମଧ୍ୟ ରୋଗ ସହ ଲଢ଼ି ଗୁରୁବାର ରାତି ଆଠଟାରେ ହାରିଗଲେ। ମୃତ୍ୟୁ ଶଯ୍ୟା ନିକଟରେ ତିନିଝିଅ ଜ୍ୟୋସ୍ନାମୟୀ, ସ୍ନେହମୟୀ, ପ୍ରୀତିମୟୀ ଓ କୁନି ପୁଅ ଦିବ୍ୟାନ୍ସୁ ସହ ସ୍ୱାମୀ ଉମେଶ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ଜଣାପଡ଼ିବା ପରେ ସରପଞ୍ଚ ସରୋଜ କୁମାର ସେଠୀ, ସମିତିସଭ୍ୟ ପ୍ରଶାନ୍ତି ମହାନ୍ତି, ଅଙ୍ଗନବାଡି କର୍ମୀ ଶୈଳବାଳା ଦେଇ, ମନୋରମା ଦାସ, ରାଜତରଙ୍ଗିଣୀ ଚୌଧୁରୀ, ଲତିକା ମଲିକ୍ ଓ ସହାୟିକା ସସ୍ମିତାବାଳା ଦାସ ପ୍ରମୁଖଙ୍କ ସହ ଗ୍ରାମ ମୁରବି ଓ ପରିଜନ ଉପସ୍ଥିତ ଥିଲେ। ଏକମାତ୍ର ସ୍ୱଳ୍ପ ରୋଜଗାରରେ ପାଞ୍ଚ ଜଣ ପରିବାରକୁ ପ୍ରତିପୋଷଣ କରୁଥିବା ଝୁନୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବାରୁ ତାଙ୍କ ଝିଅକୁ ଜନାପାଳରେ ଅଙ୍ଗନବାଡି କର୍ମୀ ରୂପେ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପଳାଷୋଳ ମଣ୍ଡଳର ମହିଳା ଜନ ଆକ୍ରୋସ ଶୋଭାଯାତ୍ରା

ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ଛକ ଠାରୁ ଚାରିପୋଲିଆ ପର୍ଯ୍ୟନ୍ତ ପଳାଷୋଳ ମଣ୍ଡଳର ମହିଳା ଜନ ଆକ୍ରୋଶ ପଦଯାତ୍ରା ମଣ୍ଡଳ ସଭାପତି ତ୍ରିଲୋକନାଥ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କ୍ରିଷ୍ଣା ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ କଳ୍ପନା ମହାନ୍ତି ସର୍ଜନସିଂହ, ଜଗତସିଂହପୁର ନଗର ମଣ୍ଡଳ ସଭାପତି ତଥା ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଏବଂ ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳୀକିଙ୍କର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଉପ ସଭାପତି କମଳାକାନ୍ତ ସାହୁ, ବିଜୟ କୁମାର ସ୍ୱାଇଁ, ଦେବେନ୍ଦ୍ରନାଥ ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ମହିଳା ମଣ୍ଡଳ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ମମତା ରାଣୀ ବେହେରା, ଶୋଭାବତୀ ମାଟି, ସବିତା ଗୋଛାୟତ ପ୍ରମୁଖଙ୍କ ସହ ଶତାଧିକ ମହିଳା, ମା' ଓ ଭଉଣୀ ଏଥିରେ ସାମିଲ ହୋଇଥିଲେ। ଶେଷରେ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘର ସମ୍ପାଦକ ହେଲେ ସୁନାକାର



କୁଜଙ୍ଗ,୨୨।୫(ସମିସ): ଜଗତସିଂହପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଡ. ସୁନାକର ବେହେରାଙ୍କୁ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ପୂର୍ବପ୍ରାନ୍ତୀୟ ସମ୍ପାଦକ ରୂପେ ମନୋନୀତ କରାଯାଇଛି। ଡ. ବେହେରା ପୂର୍ବରୁ ଓଡ଼ିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସଭାପତି ଦାୟିତ୍ୱରେ ଦୀର୍ଘ ନଅ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଆଜି ଓଡ଼ିଶା ସାମ୍ବାଦିକ ସଂଘ ଦ୍ୱାରା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ସତ୍ୟନଗର ପୂର୍ତ୍ତ ବିଭାଗ ସରକାରୀ ଡାକବଙ୍ଗଳା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ସାମ୍ବାଦିକମାନଙ୍କ ସର୍ବସମ୍ମତି କ୍ରମେ ଡ. ବେହେରାଙ୍କୁ ରାଜ୍ୟର ପୂର୍ବ ପ୍ରାନ୍ତୀୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଉକ୍ତ ବୈଠକରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶୀଭୁଷଣ ପ୍ରହରାଜ, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଏରସମାରେ ବିଜେଡିର ମହିଳା ସମାବେଶ




ଏରସମା,୨୨।୫(ସମିସ): ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତାଦଳର ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ଏରସମା ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଏରସମା ତହସିଲ କାର୍ଯ୍ୟାଳୟପଡ଼ିଆରେ ଆୟୋଜିତ ସମାବେଶରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମବେତ ମହିଳାମାନଙ୍କୁ ସମ୍ବୋଧିତ କରିଥିଲେ। ବିଜୁବାବୁ ଓ ନବୀନବାବୁ ନାରୀ ମାନଙ୍କୁ ଯେଉଁ ଅଧିକାର ଓ କ୍ଷମତା ଦେଇଥିଲେ,ବର୍ତ୍ତମାନର ବିଜେପି ସରକାର ସେ' ଅଧିକାର ଓ କ୍ଷମତାକୁ କ୍ଷୁଣ୍ଣ କରୁଛନ୍ତି। ମହିଳା ସଂରକ୍ଷଣ ବିଲ୍ ବିଗତ ଦିନରେ ପାସ୍ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରି ନକରି, ମହିଳା ମାନଙ୍କୁ ଭୁଆଁ ବୁଲେଇ ଚାଲିଥିବା ବିଜେପି ସରକାରକୁ ଆଗାମୀ ଦିନରେ ଫୋପାଡି ଦେବା ପାଇଁ ଉପସ୍ଥିତ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ଲୋରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ ବାଲିକୁଦା ବ୍ଲକ ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ଜୟଶ୍ରୀ ଦର୍ପଦଳନୀ ମଲ୍ଲିକ, ଏରସମା ବ୍ଲକ୍ ସଭାନେତ୍ରୀ ପୁଷ୍ପାଞ୍ଜଳି ବେଉରା, ଜିଲ୍ଲା ପରିଷଦ ସଭ୍ୟା ରାଣୀ ଟୁଡୁ, ରୁନି ଲତା ବେହେରା, ଡଲି ପଣ୍ଡା, ମିନତୀ ବେହେରା, ପ୍ରଦାୟନୀ ମହାନ୍ତି, ତଟିନା ସ୍ୱାଇଁ, ବବିତା ସ୍ୱାଇଁ, ଜ୍ୟୋସ୍ନା ପରିଡା,ଏରସମା ବ୍ଲକ୍ ବିଜେଡି ସଭାପତି ପିତବାସ ଗୋଛାୟତ, ବାଲିକୁଦା ବ୍ଲକ ସଭାପତି ରତ୍ନାକର ନାୟକ ପ୍ରମୁଖ ଯୋଗଦେଇ ପ୍ରତିବାଦ କରିବା ସହିତ ଦିପ୍ତୀରଞ୍ଜନ କୁଁଅର, ନିଶାକାର ରାଉତ, ଦୀନବନ୍ଧୁ ନାୟକ ବହୁ ସକ୍ରିୟ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣପ୍ରଭା ସେନାପତି ଧନ୍ୟବାଦ ଦେଇଥିଲେ।

## ପୂଜ୍ୟପୂଜା ସଂସଦର ବାର୍ଷିକୀ ଉତ୍ସବ




ଜଗତସିଂହପୁର/ଏରସମା,୨୨।୫(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ପଞ୍ଚପଲ୍ଲୀସ୍ଥିତ ପୂଜ୍ୟପୂଜା ସଂସଦର ୫ମ ବାର୍ଷିକୀ ଉତ୍ସବ ଗ୍ରାମେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା ଦେବୀ ମେମୋରିଆଲ ଟ୍ରଷ୍ଟ, ମଧୁସୂଦନ ଭୋଳ ସ୍ମୃତି ପରିଷଦ, ଦିବାକର ମିଶ୍ର ଫାଉଣ୍ଡେସନ ଏବଂ ମାଧବାନନ୍ଦ ବିଶ୍ୱାଳ ସ୍ମୃତି ପରିଷଦର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ସ୍ଥାୟୀ ସଭାପତି ଶୁଭ ନାରାୟନ ନାୟକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଧ୍ରୁବଚରଣ ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ପୂଜ୍ୟପୂଜା ସଂସଦ ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମ ଆମର ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାରେ ସହାୟତା କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏଥିସହିତ ସ୍ଥାନୀୟ ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିକୁ ଆଗକୁ ବଢ଼ିବାରେ ସହଯୋଗ କରିବ ବୋଲି ସେ ପ୍ରକାଶ କରିଥିଲେ। ସେହିଭଳି ବରେଣ୍ୟ ଅତିଥି ଭାବରେ ଏରସମା ବିଡିଓ ଦାଶରଥି ଜେନା ଯୋଗଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପୂଜ୍ୟପୂଜା ସାମିଲ ହୋଇ ରହିଆସିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ ଶତପଥୀ, ବରିଷ୍ଠ ନାଗରିକ ମଞ୍ଚ ପୋଖରିଆପଡା ସଭାପତି ପ୍ରଭାକର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସିମାଇଁ ଭୋଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଜେନା, ନିମାଇଁ ମଲ୍ଲିକ, ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପୂଜ୍ୟପୂଜା ସଂସଦର ବରିଷ୍ଠ ସଭ୍ୟ କ୍ଷେତ୍ରମୋହନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶିଶିର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ସ୍ମୃତିରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ବ୍ଲକ ଟପ୍ପର ଅଞ୍ଜଳା ପ୍ରିୟଦର୍ଶିନୀ, ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ପ୍ରିୟରଞ୍ଜନ ଦାସ, ଆଦ୍ୟାଶା ସାହୁ, ଶ୍ରୀଶାନ୍ତ ଶେଖର, ଶୁଭ୍ରାଂଶୁ ବିଶ୍ୱାଳ, ବିଶ୍ୱରୂପା ଦାସ, ରୁଦ୍ର ସ୍ୱାଇଁ ଏବଂ ଆଶୁତୋଷ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏରସମା ବିଡିଓ ଦାଶରଥି ଜେନାଙ୍କୁ ଶ୍ରେଷ୍ଠ ପ୍ରଶାସକ, ନିମାଇଁ ମଲ୍ଲିକଙ୍କୁ ଶିକ୍ଷାବିତ୍ ରୂପେ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଶିବାନନ୍ଦ ମିଶ୍ର, ପ୍ରଶାନ୍ତ ମହାପତ୍ର, ସୁବୋଧ ମହାପାତ୍ର, ପ୍ରଭାତ ରାମ, ସୁରେନ୍ଦ୍ର ସାମଲ, ବଟକୃଷ୍ଣ ପାଳ ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ଗ୍ରାମ ପଞ୍ଚାୟତର ଆଶ୍ରମ ପାଟଣା ସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ନିହାରିକା ମୁଦୁଲି ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ପରୀକ୍ଷାରେ ୫୪୦ ମାର୍କ ରଖି କଲେଜ ଟପ୍ପର ହେବା ସହିତ ନିଜ ଯୋତ ଗ୍ରାମ ତଥା କଲେଜ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ଅବସରରେ କଲେଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରୀ ନିହାରିକା ମୁଦୁଲି ଯୋତ ଗ୍ରାମର ସନାତନ ମୁଦୁଲି ଓ ସୁକାନ୍ତି ମୁଦୁଲିଙ୍କ ସୁଯୋଗ୍ୟା କନ୍ୟା ଅଟନ୍ତି। ସେ ଭବିଷ୍ୟତରେ ରାଜନୀତି ବିଜ୍ଞାନରେ ଅଧ୍ୟାପିକା ହେବା ସହିତ ପ୍ରଶାସନିକ ସେବାରେ ଯୋଗଦାନ କରି ଲୋକମାନଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିସହିତ ପିଙ୍କିନା ପାତ୍ର ୪୯୫ ମାର୍କ ହାସଲ କରି ଦ୍ୱିତୀୟ ଏବଂ ପ୍ରୀତିମୟୀ ଦାସ ୪୯୨ ମାର୍କ ହାସଲ କରି କଲେଜରେ ତୃତୀୟ ହୋଇଛନ୍ତି।

## ଜିଲ୍ଲା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ପାରାଦୀପ,୨୨।୫(ସମିସ): ଆଜି ପାରାଦୀପ ବିଜୁ କନଭେନସନରେ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬' ଅନ୍ତର୍ଗତ ଦୁଇ ଦିବସୀୟ "ଜିଲ୍ଲା ପ୍ରଶିକ୍ଷଣ ବର୍ଗ"ର ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି ସମାରୋହକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ବିଜେପି ଉପସଭାପତି ଡ. ଯତୀନ ମହାନ୍ତି, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଜେପି ନେତା ସତ୍ୟସାରଥୀ ମହାନ୍ତି ଏବଂ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରର ଦଳୀୟ ନେତା ରାଜକିଶୋର ବେହେରାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଆଗାମୀ ଦିନରେ 'ସମୃଦ୍ଧ ଓଡିଶା' ଗଠନ ସହ 'ବିକଶିତ ଭାରତ'ରେ 'ବିକଶିତ ଓଡ଼ିଶା'ର ଯୋଗଦାନକୁ ସୁନିଶ୍ଚିତ କରିବା ସମସ୍ତ ନେତୃତ୍ୱଙ୍କର ସଂକଳ୍ପ ସଂପର୍କରେ ଆଲୋଚନା ହୋଇଥିଲା।

## ରୟାଲ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ସହରର ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସିପି ଗ୍ରାମ ସ୍ଥିତ ରୟାଲ କିଡ୍ସ ଇଂଲିଶ ମିଡିୟମ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଡ. ସରୋଜ କୁମାର ଷଡ଼ଙ୍ଗୀ ଏବଂ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା ଯୋଗଦେଇଥବଲେ। ରୟାଲ କିଡ୍ସ ଇଂଲିଶ ମିଡିୟମ ସ୍କୁଲର ନିର୍ଦ୍ଦେଶକ ରମାକାନ୍ତ ଦାଶ ଏବଂ ଅଧ୍ୟକ୍ଷା ଅନିତା ଦାଶ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବୀଣାପାଣି ଆଚାର୍ଯ୍ୟ, ମନୋରମା ରାଉତ, ସୌମ୍ୟଶ୍ରୀ ପଟ୍ଟନାୟକ, ଦମୟନ୍ତି ଜେନା, ମଧୁସ୍ମିତା ପଣ୍ଡା, ଲକ୍ଷ୍ମୀପ୍ରିୟା ସାହୁ, ଇତିଶ୍ରୀ ମହାନ୍ତି ଏବଂ ଆୟା ଛବିଲତା ବେହେରା ପ୍ରମୁଖ ସୁଚାରୁ ରୁପେ ପରିଚାଳନା କରିଥିଲେ।

# ସିଦ୍ଧଳ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୨୨।୫(ସମିସ)



ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଶ୍ରୀଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେ ସିଦ୍ଧଳଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ, ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଏବଂ ଉତ୍ସାହର ସହ ପାଳନ କରାଯିବ। ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାର୍ଯ୍ୟର ତଦାରଖ ନିମନ୍ତେ ରଥଯାତ୍ରା ସ୍ଥାନକୁ ଯାଇ ସେଠାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ଦିର ପରିଚାଳନା କମିଟି ଓ ବନାଞ୍ଚଳ ଅଧିକାରୀ ଦୃଷ୍ଟି ଦେବେ। ବନାଞ୍ଚଳ ଅଧିକାରୀ ରଥ ନିର୍ମାଣ ପାଇଁ କାଠ ଯୋଗାଇବେ। ମନ୍ଦିର ପୁଷ୍କରିଣୀର ଚତୁଃପାଶ୍ୱର୍ ସଫା ଓ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲାପାଳ ଶ୍ରୀ ସୋନାଲ, ଉପ ଜିଲ୍ଲାପାଳ ଓ ବିଡିଓଙ୍କୁ ଦାୟିତ୍ୱ ଦେଇଥିଲେ। ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦଙ୍କ ତତ୍ତ୍ୱାବଧାନରେ ଉପଜିଲ୍ଲାପାଳ ଓ ବିଡିଓଙ୍କୁ ଜିଲ୍ଲାପାଳ ଅସ୍ଥାୟୀ ଗ୍ରୀନରୁମ ନିର୍ମାଣ ପାଇଁ ଦାୟିତ୍ୱ ଦେଇଥିଲେ ଏବଂ ବୈଠକରେ ରଥ ନିର୍ମାଣ, ସିଦ୍ଧଳରୁ ପୁରୋହିତପୁର, ସିଦ୍ଧଳରୁ ଛେଳିଆଗଡ଼, ସିଦ୍ଧଳରୁ ଡିହସାହି ରାସ୍ତା ମରାମତି, ବଡଦାଣ୍ଡର ଉଭୟ ପାଶ୍ୱର୍ରେ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ଅଳିଆ ଆବର୍ଜନା ଓ ଚତୁଃପାଶ୍ୱର୍ ପରିଷ୍କାର ପରିଚ୍ଛନ୍ନତା, ସାତଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନ୍ ଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଭାଗୀୟ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବଳଦେବଜିଉ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ସଦସ୍ୟ କାଳୀକିଙ୍କର ଆଚାର୍ଯ୍ୟ, ପ୍ରିୟନାଥ ରାୟ, ରାମଚନ୍ଦ୍ର ଦାସ ଓ ମୁଦୁପୁରର ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଏହି ଉତ୍ସବର ସଫଳତା ପାଇଁ ଉପ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ



ଭଦ୍ରକ,୨୨।୫(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବର୍ଷା ଋତୁ ଓ ସମ୍ଭାବ୍ୟ ବନ୍ୟା, ଘୂର୍ଣ୍ଣିଝଡ଼ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତି ନେଇ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା ସମ୍ପୃକ୍ତ ବିଭାଗଗୁଡ଼ିକୁ ସତର୍କ ଓ ପ୍ରସ୍ତୁତ ରହିବା ସହ ତଳିଆ ଅଞ୍ଚଳର ଲୋକଙ୍କ ସୁରକ୍ଷା, ଆଶ୍ରୟସ୍ଥଳୀ ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ୍ ଓ ଆବଶ୍ୟକ ସେବା ଯୋଗାଣ ନିର୍ବିଘ୍ନ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାଜଳ ନିଷ୍କାସନ, ନଦୀବନ୍ଧ ସୁରକ୍ଷା, ଜରୁରୀକାଳୀନ ଉଦ୍ଧାର ସାମଗ୍ରୀ ମହଜୁଦ ଓ କଣ୍ଟ୍ରୋଲ୍ ରୁମ୍‌କୁ ସକ୍ରିୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଚାନ୍ଦବାଲି ବ୍ଲକ୍‌ରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ସାମ୍ନା କରିବା ସହ ବର୍ଷା ଋତୁ ପୂର୍ବରୁ ବକେୟା ରହିଥିବା ସମସ୍ତ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଅଶୋକ ବଳ, ଚାନ୍ଦବାଲି ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ଶୀଘ୍ର ଓ ସୁଚାରୁ ସେବା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଜୋରଦାର୍ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଥିଲେ ଯେ, ଜିଲ୍ଲାରେ ୩୩ଟି ମେଡିକାଲ୍ ରିଲିଫ୍ ସେଣ୍ଟର ଖୋଲାଯିବା ସହ ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲାସ୍ତରରେ ମେଡିକାଲ୍ ଅଫିସରମାନଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ଏହାସହ ପ୍ରତ୍ୟେକ ବ୍ଲକ୍‌ରେ ୨ଟି ଲେଖାଏଁ ମୋବାଇଲ୍ ହସ୍ପିଟାଲ୍ ବ୍ୟବସ୍ଥା କରାଯିବ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ସିଡିଭିଓଙ୍କୁ ଗୃହପାଳିତ ପଶୁମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଟିପିଏନ୍‌ଓଡିଏଲ୍, ଡ୍ରେନେଜ୍ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗକୁ ବିପର୍ଯ୍ୟୟ ସମୟରେ ବିଦ୍ୟାଳୟଗୁଡ଼ିକୁ ୨୪ ଘଣ୍ଟା ଖୋଲା ରଖିବା ସହ ସମସ୍ତ ପ୍ରସ୍ତୁତି ପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜ, ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବୈଠକରେ ପ୍ରଶାସନର ପ୍ରସ୍ତୁତି

# ଜୁନ୍ ୧୯ରେ ବାବାମଣିଙ୍କ ବାହାଘର

ଭଦ୍ରକ/ଆରଡ଼ି,୨୨।୫(ସମିସ)



ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ବିବାହ ମହୋତ୍ସବ ଆସନ୍ତା ଜୁନ୍ ୧୯ରେ ବୈଦିକ ରୀତିନୀତି ଓ ଲୋକାଚାର ମଧ୍ୟରେ ଆୟୋଜିତ ହେବ। ଏହି ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଭଦ୍ରକ ଜିଲ୍ଲାପାଳ ତଥା ଶିବବିବାହ ଉତ୍ସବ କମିଟିର ଅଧ୍ୟକ୍ଷ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ମନୋଜ ରାଉତ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ଟ୍ରଷ୍ଟ ସଭ୍ୟ ତଥା କନିକା ରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ସେବାୟତ ପ୍ରତିନିଧି ଦେବଦତ୍ତ ପାଢ଼ୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ ଏବଂ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ଶିବବିବାହ ଉତ୍ସବକୁ ସୁଚାରୁ, ଶୃଙ୍ଖଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଉତ୍ସବ ସମୟରେ ଆଇନଶୃଙ୍ଖଳା, ଯାତାୟାତ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍ ଓ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଜ୍ୟେଷ୍ଠ ମାସ ମଳମାସ ହୋଇଥିବାରୁ ଏକ ମାସ ଧରି କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇ ନ ଥାଏ। ତେଣୁ ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜ୍ୟୋତିଷ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିର କରାଯାଇଛି। ଏଥିପାଇଁ ଜୁନ୍ ୧୮ରେ ମଙ୍ଗଳପାଗ ନୀତି ଅନୁଷ୍ଠିତ ହେବ। ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଉପଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉତ୍ସବ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରାଯାଇଥିଲା। ପରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ପ୍ରାରମ୍ଭିକ ଅଭିଭାଷଣ ରଖି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେବାୟତ ବିଜୟ କୁମାର ଦାସ ଶିବବିବାହ ଉତ୍ସବ ଦିନର ନୀତିକାନ୍ତି ଓ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରିବେଶ ସୁରକ୍ଷା ଦୃଷ୍ଟିରୁ ବାଣ ଫୁଟା କାର୍ଯ୍ୟକ୍ରମରେ ସବୁଜ ବାଣ ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିବାହ ମହୋତ୍ସବକୁ ଦୃଷ୍ଟିରେ ରଖି ପୀଠରେ ଦୁଇଦିନ ଧରି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟଜଳ ଯୋଗାଣ, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିବାହ ଉତ୍ସବର ବରଧରା ଓ ବରାନୁଗମନ ଶୋଭାଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଶୋଭାଯାତ୍ରାରେ ବିଭିନ୍ନ ଲୋକନୃତ୍ୟ ଦଳ ଯୋଗଦେବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ବୈଠକରେ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ ମହାନ୍ତି, ସେବାୟତ ଭୀମସେନ ପଣ୍ଡା, ଗଦାଧର ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ଆଶିଷ ପାଢ଼ୀ, ଅରବିନ୍ଦ ପାଢ଼ୀ, ରାଧାକାନ୍ତ ପାଢ଼ୀ, ଲଲାଟକିଶୋର ପାଢ଼ୀ, ଶିବାନନ୍ଦ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ ପ୍ରମୁଖଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

# ୯୮.୬ ପ୍ରତିଶତ ନମ୍ବର ରଖିଛନ୍ତି କିରଣଜ୍ୟୋତି

ବାରିକପୁର,୨୨।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ସ୍ୱାମପାଟଣା ନାୟକ ସାହିର ମେଧାବୀ ଛାତ୍ରୀ କିରଣ ଜ୍ୟୋତି ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ୯୮.୬ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଆଇନଜୀବୀ ଅଭିମନ୍ୟୁ ନାୟକ ଓ ଗୃହିଣୀ ସସ୍ମିତା ନାୟକଙ୍କ ଏକମାତ୍ର କନ୍ୟା କିରଣ ଜ୍ୟୋତି ମାଟ୍ରିକ୍‌ରେ ମଧ୍ୟ ୯୩.୫ ପ୍ରତିଶତ ମାର୍କ ରଖିଥିଲେ।



ବିଦ୍ୟାଳୟ ସମୟରୁ ସେ ଜଣେ ମେଧାବୀ ଛାତ୍ରୀ ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇଥିବାବେଳେ ମାଟ୍ରିକ୍ ପରେ ଯାଜପୁର ରୋଡ୍‌ର ଏକ ଘରୋଇ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ତାଙ୍କର ସଫଳତାକୁ ନେଇ ପରିବାର ବର୍ଗ, ବନ୍ଧୁବାନ୍ଧବ ଓ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଆଗକୁ ସେ ଡାକ୍ତରୀ ପାଠପଢ଼ି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଛନ୍ତି।

# ଘରେ ପଶି ମାଡ଼ମାରି ଟଙ୍କା, ସୁନା ଲୁଟିନେଲେ

ଦୋଳସାହି,୨୨।୫(ସମିସ): ଦୋଳସାହି ଗୋରୁହାଟ ନିକଟରେ ରହୁଥିବା ଗଙ୍ଗାଧର ପଣ୍ଡାଙ୍କ ଘରେ ପଶି କେତେକ ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ କରି ନେଇଛନ୍ତି। ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ଗଙ୍ଗାଧର ଏବଂ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ଖବର ପାଇବା ପରେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଗୁରୁବାର ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ, ଗଙ୍ଗାଧରଙ୍କ ଘରର ପଛ ପାର୍ଶ୍ୱ ଗେଟ୍‌ର ତାଲା ଭାଙ୍ଗି କେତେକ ଦୁର୍ବୃତ୍ତ ଘର ଭିତରକୁ ପଶିବାକୁ ସକ୍ଷମ ହୋଇଥିଲେ। ସେମାନେ ଗଙ୍ଗାଧରଙ୍କ ମାଆ, ବାପା ଶୋଇଥିବା କୋଠରିକୁ ବାହାର ପଟୁ ବନ୍ଦ କରି ଦେଇଥିଲେ। ସେମାନେ ଘରେ ଥିବା ଆଲମିରା ଭାଙ୍ଗି ନଗଦ ୪୦ହଜାର ଟଙ୍କା ସହ ସୁନାହାର ଓ ମୁଦି ଲୁଟି ନେଇଥିଲେ। ଗଙ୍ଗାଧର ଏବଂ ତାଙ୍କ ସ୍ତ୍ରୀ ନିଦରୁ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମରଣାନ୍ତକ କରିବା ସହ ୨ଟି ମୋବାଇଲ୍‌କୁ ଭାଙ୍ଗି ଚୁରମାର୍ କରି ଦେଇଥିଲେ। ଗୁରୁତର ଅବସ୍ଥାରେ ଦମ୍ପତିଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଗୁଆମାଳ ପଞ୍ଚାୟତର ସ୍ୱର୍ଗତ ନରେନ୍ଦ୍ର ପାଣିଗ୍ରାହୀଙ୍କ ଘରେ ବୁଧବାର କେହି ନ ଥିବା ବେଳେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତିହିଡ଼ି ପୁଲିସ ସାଇଣ୍ଟିଫିକ୍ ଟିମ ଦ୍ୱାରା ତଦନ୍ତ କରିଥିବା ଜଣାପଡ଼ିଛି।

# 'ନ୍ୟାୟର ପ୍ରତୀକ ଥିଲେ ଅଧିବକ୍ତା ଦୁର୍ଗାପ୍ରସନ୍ନ ମହାପାତ୍ର'



ଭଦ୍ରକ,୨୨।୫(ସମିସ): ବରିଷ୍ଠ ଅଧିବକ୍ତା ତଥା ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକର ପୂର୍ବତନ ସମ୍ପାଦକ ସ୍ୱର୍ଗତ ଦୁର୍ଗାପ୍ରସନ୍ନ ରାୟମହାପାତ୍ର ଏକାଧାରରେ ଜଣେ ଦକ୍ଷ ଆଇନଜୀବୀ, ସମାଜସେବୀ, ହିନ୍ଦୁ ସଂଗଠକ, ରାଜନେତା, ଶିକ୍ଷାବିତ୍, ସାମାଜିକ ପ୍ରତିବଦ୍ଧତା ଥିବା ବ୍ୟକ୍ତି ଥିଲେ। ଆଇନ ବିଭାଗରେ ନିଜର ପାରଦର୍ଶିତା ଦେଖାଇ ସେ ସମାଜର ଅତି ଗ୍ରହଣୀୟ ହୋଇପାରିଥିଲେ। ରାଷ୍ଟ୍ର ପ୍ରତି ନିଷ୍ଠାପର ସେବା ଓ ଭଦ୍ରକର ଗଣପର୍ବ ଶ୍ରୀରାମ ନବମୀ ମହୋତ୍ସବକୁ ଘରେ ଘରେ ପହଞ୍ଚାଇବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ଶୁକ୍ରବାର ତାଙ୍କ ସ୍ମୃତିଚାରଣ ସଭାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଆଇନଜୀବୀ ପ୍ରଫୁଲ୍ଲ ସାମଲ ଏବଂ ଶ୍ରୀରାମ ମହାଯଜ୍ଞ ସମିତିର ସମ୍ପାଦକ ସ୍ୱାଧୀନସୁନ୍ଦର ଦାସଙ୍କ ସଞ୍ଚାଳନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ନରେନ୍ ପଲେଇ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, ସମ୍ପାଦକ ସ୍ୱରୂପାନନ୍ଦ ମହାପାତ୍ର, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ଅମ୍ବିକା ପ୍ରସନ୍ନ ଦାସ, ବିଶିଷ୍ଟ ନାଟ୍ୟକାର ସୁଧାଂଶୁ ନାୟକ, ଅଜୟ ନାୟକ, ଡ. ପ୍ରଦୀପ ନାୟକ, ଭଦ୍ରକ ଓକିଲ ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସାମ୍ବାଦିକ ଅଶୋକ ନାୟକ, ପ୍ରାକ୍ତନ କାଉନ୍‌ସିଲର ଦୁର୍ଗାପ୍ରସନ୍ନ ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଶ୍ରୀରାମ ମହାଯଜ୍ଞ ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଶିକ୍ଷାବିତ୍ ଡ. ଦୁର୍ଗାଶଙ୍କର ଦାସ ଓ ସମାଜସେବୀ ବଦ୍ରିନାରାୟଣ ଧଳ ତାଙ୍କ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସାହିତ୍ୟିକ କଲ୍ଲୋଳ ଲେଙ୍କାଙ୍କ ସଂଯୋଜନାରେ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତି ପତ୍ରିକା 'ସ୍ମୃତି ପଥେ ନ୍ୟାୟର ପଥିକ' ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭାକୁ ଶ୍ରୀରାମ ମହାଯଜ୍ଞ ସମିତିର ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, କୈଳାସ ସାହୁ, ପୁରୁଷୋତ୍ତମ ମହାନ୍ତି, ପ୍ରଦୀପ ପୁହାଣ, ସଞ୍ଜୀବ ମହାନ୍ତି, ବିଭୁପ୍ରସାଦ ସ୍ୱାଇଁ, ସଞ୍ଜୟ ରାଉତ, ଶିବଶଙ୍କର ଦାସ, ବୃନ୍ଦାବନ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ହାଇସ୍କୁଲ ପରୀକ୍ଷାରେ ଭଦ୍ରକ ସହରର ୫ଟି ବିଦ୍ୟାଳୟର ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ମହାପାତ୍ରଙ୍କ ସୁପୁତ୍ର ବିକାଶ ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଜବତ; ଜଣେ ଗିରଫ

ବାସୁଦେବପୁର,୨୨।୫(ସମିସ): ବାସୁଦେବପୁର ବ୍ଲକ୍ ଅଧୀନ ନାୟକାଣିଡିହି ଥାନା ଅଧୀନ କିସ୍ମତ କୃଷ୍ଣପୁର ଗାଁରେ ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହିତ ଦୈତାରୀ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗଞ୍ଜେଇର ମୁଖ୍ୟ ଡିପୋ ସାନକୃଷ୍ଣପୁର ଗଦି ଗାଁର ମୁଖ୍ୟ ସହଯୋଗୀ ଖସିଯାଇଛି। ବାସୁଦେବପୁର ବ୍ଲକ୍ ଚାନ୍ଦିମାଳ ଛକ, ଗଦି, କୃଷ୍ଣପୁର ଚୋରା ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। କୃଷ୍ଣପୁର ଗ୍ରାମର ଦୈତାରୀ ଦାସ ପାଖରେ ବିପୁଳ ପରିମାଣର ଗଞ୍ଜେଇ ଷ୍ଟକ୍ ଥିବାର ଅବକାରୀ ବିଭାଗ ସୂଚନା ପାଇଥିଲା। ଶୁକ୍ରବାର ଭୋର ସମୟରେ ବାସୁଦେବପୁର ଅବକାରୀ ବିଭାଗର ଇନ୍ସପେକ୍ଟର ମଧୁସୂଦନ ସାହୁଙ୍କ ଟିମ୍ ଅଚାନକ ଚଢ଼ଉ କରି ଦୈତାରୀ ଦାସ(୩୬)ଙ୍କ ଘରୁ ୨ କିଲୋ ୨୦ ଗ୍ରାମ୍‌ର ଗଞ୍ଜେଇ ଜବତ କରିଥିଲେ। ସେହିପରି ନଟିଆପାଳରୁ ଚୋରା ମଦ ଜବତ କରିବା ସହିତ ୨ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ବିଶ୍ୱନାଥ ଜେନା, ଶିବ ପ୍ରସାଦ ସାହୁ, ମନୋରଞ୍ଜନ ରଣା, ରମାକାନ୍ତ ବାରିକ, ଶୁଭଦ୍ରା ବାରିକ ସହଯୋଗ କରିଥିଲେ।

# ରାସ୍ତାକଡ଼ରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଅସୁରାଳି/ଧୂଷୁରୀ,୨୨।୫(ସମିସ): ଧୂଷୁରୀ ଥାନା ଅଧୀନ ଭଣ୍ଡାରୀପଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବେକରେ ରଶି ଲଗାଇ ଜଣେ ୩୫ ବର୍ଷୀୟ ଯୁବକ ଜୀବନ ହାରିଥିବାବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ସେହି ଗ୍ରାମର ସନ୍ୟାସୀ ଜେନାଙ୍କ ପୁଅ ସନ୍ତୋଷ ଜେନା। ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ କୌଣସି ପାରିବାରିକ ଅଶାନ୍ତି କିମ୍ବା ମାନସିକ ଚାପ ଯୋଗୁଁ ସନ୍ତୋଷ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଶୁକ୍ରବାର ସକାଳେ ଧୂଷୁରୀରୁ ବମକୁରା ଯିବା ରାସ୍ତାକଡ଼ରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ରାସ୍ତାରେ ଯାତାୟାତ କରୁଥିବା ସ୍ଥାନୀୟ ଲୋକେ ଏହା ଦେଖିବା ପରେ ତୁରନ୍ତ ଧୂଷୁରୀ ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହା ଏକ ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି ରହସ୍ୟ ରହିଛି, ସେ ନେଇ ପୁଲିସ ତଦନ୍ତ କରିବା ସହ ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନରେ ଅନିୟମିତତା ଅଭିଯୋଗ

ଦୋଳସାହି,୨୨।୫(ସମିସ): ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ତାଙ୍କ ସଂସ୍କାର ନିମନ୍ତେ ପ୍ରଦାନ କରାଯାଉଥିବା ସରକାରୀ ସହାୟତା ଗୁଆମାଳ ପଞ୍ଚାୟତରେ ହରିଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଧରଣର ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହେଉଥିବାବେଳେ ସରକାରଙ୍କ ପକ୍ଷରୁ ମୃତ ବ୍ୟକ୍ତିଙ୍କ ସଂସ୍କାର ପାଇଁ ପ୍ରଦାନ କରାଯାଉଥିବା ୩ ହଜାର ଟଙ୍କା ପ୍ରଦାନ କରାଯାଉ ନ ଥିବା ନେଇ ମୃତକଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଏହି ସହାୟତା ଅର୍ଥ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ୨ରୁ ୮ ମାସ ଧରି ମିଳୁ ନ ଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗ ସମ୍ପର୍କରେ ତିହିଡ଼ି ବ୍ଲକ୍‌ର ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ଓ ପଞ୍ଚାୟତ ଅଧିକାରୀ ଅରୁଣ ପଣ୍ଡାଙ୍କୁ ପଚାରିବାରୁ ୨୫ ଜଣଙ୍କୁ ଏହି ସହାୟତା ଅର୍ଥ ଆସନ୍ତା ସପ୍ତାହରେ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ବାଣିଜ୍ୟରେ ଶକ୍ତିଶାଶ୍ୱତ କୋଠାର କଲେଜ ଟପ୍ପର



ଅସୁରାଳି,୨୨।୫(ସମିସ): କୋଠାର ମା' ଶାରଦା ଦେବୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀମାନେ ବାଜିମାତ୍ କରିଛନ୍ତି। ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୩୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୦ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ଅବଶିଷ୍ଟ ୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ କୋଠାରଠାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ସାମ୍ବାଦିକ ସନ୍ତୋଷ ଦାସ, ରତିକାନ୍ତ ନାୟକ, ଶୁକଦେବ ନାୟକ ପ୍ରମୁଖ। ମହାବିଦ୍ୟାଳୟର ଛାତ୍ର ଶକ୍ତିଶାଶ୍ୱତ ମଲ୍ଲିକ ୫୩୨ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେ ନିକଟସ୍ଥ ଧୂଷୁରୀ ସାହି ନିବାସୀ ଆନନ୍ଦ ଚନ୍ଦ୍ର ମଲ୍ଲିକ ଓ ଗୀତାଞ୍ଜଳି ମଲ୍ଲିକଙ୍କ ସୁପୁତ୍ର ଅଟନ୍ତି। ସେହିପରି ଛାତ୍ରୀମାନଙ୍କ ମଧ୍ୟରେ ଲିପ୍ସା ପ୍ରିୟଦର୍ଶିନୀ ନାୟକ ୪୯୬ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

# କାଳବୈଶାଖୀରେ ବାସ ହରାଇଲେ ବାସନ୍ତୀ

ବାରିକପୁର,୨୨।୫(ସମିସ): ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନବେଳେ ପ୍ରଚଣ୍ଡ ଖରା ସାଙ୍ଗକୁ ଝାଞ୍ଜି ପବନ ଓ ରାତିରେ ଅସହ୍ୟ ଗୁଳୁଗୁଳିରେ ଲୋକେ ଛଟପଟ ହେଉଛନ୍ତି। ଏହାରି ଭିତରେ କାଳବୈଶାଖୀ ତାଣ୍ଡବ ଅନେକ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ାଇ ଦେଉଛି। ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଗତ ଗୁରୁବାର ଅପରାହ୍ଣରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି।



ବର୍ଷା, ଘଡ଼ଘଡ଼ି ସହିତ ପବନ ଅନେକ ସ୍ଥାନରେ ହୋଇଥିଲା। ଏଥିଯୋଗୁଁ ଗଛପତ୍ର ଭାଙ୍ଗିଥିବାବେଳେ ନେରଡା କୁମ୍ଭାରସାହିଠାରେ ଜଣେ ଗରିବ ବୃଦ୍ଧା ବାସନ୍ତୀ ବେହେରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ପବନ ଯୋଗୁଁ ତାଙ୍କର ଚାଳ ଛପର ଘରଟି ଅର୍ଦ୍ଧାଧିକ ଭାଗ ନଷ୍ଟ ହୋଇଛି। ନଡ଼ା ଛପର ଉଡ଼ିଯାଇଥିବା ବେଳେ କାନ୍ଥ ମଧ୍ୟ ପ୍ରଭାବିତ ହୋଇଛି। ଏତଦ୍‌ବ୍ୟତୀତ ଘରର ଆସବାବପତ୍ର ନଷ୍ଟ ହୋଇଛି। ଅସହାୟ ବାସନ୍ତୀ ଏକପ୍ରକାର ବାସହରା ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏନେଇ ତହସିଲଦାର ରୋଜାଲିନ୍ ବେହେରା ଖବର ପାଇବା ପରେ ଯାଞ୍ଚ ପାଇଁ ରାଜସ୍ୱ ନିରୀକ୍ଷକ ମୀନକେତନ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ରାଜସ୍ୱ ନିରୀକ୍ଷକ ଗାଁରେ ପହଞ୍ଚି କାଳବୈଶାଖୀ ପ୍ରଭାବିତ ବାସନ୍ତୀଙ୍କ ବାସଗୃହଟିକୁ ଅନୁଧ୍ୟାନ କରିଛନ୍ତି। ତହସିଲ୍ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଛି। ସରକାରୀ ଯୋଜନାରେ ବୃଦ୍ଧା ଜଣଙ୍କୁ ପକ୍କା ବାସଗୃହ ଖଣ୍ଡେ ପ୍ରଦାନ ପାଇଁ ଦାବି ହୋଇଛି।

## ଭଦ୍ରକରେ ଏସ୍‌ୟୁଜେର ପ୍ରାନ୍ତୀୟ ସମାବେଶ

# ସାମ୍ବାଦିକଙ୍କୁ ଚାପଗ୍ରସ୍ତ କରୁଛି ବ୍ରେକିଙ୍ଗ୍ ନ୍ୟୁଜ୍: ମନ୍ତ୍ରୀ

ଭଦ୍ରକ,୨୨।୫(ସମିସ)




ବ୍ରେକିଙ୍ଗ୍ ନ୍ୟୁଜ୍ ସାମ୍ବାଦିକମାନଙ୍କୁ ଚାପଗ୍ରସ୍ତ କରୁଛି। ଖବର ସଂଗ୍ରହ ଏବଂ ଏହାର ପ୍ରସାରଣ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ପ୍ରସାରିତ ଖବର ଯଥାର୍ଥତା ପ୍ରତିପାଦନ କରିବାକୁ ସାମ୍ବାଦିକଟିଏ ଉପଯୁକ୍ତ ସମୟ ପାଉନାହିଁ। ଫଳରେ ପ୍ରସାରିତ ଖବର ପାଇଁ ନେତା, ଜନତା, ସରକାର ଏପରିକି ପ୍ରକାଶିତ ଗଣମାଧ୍ୟମ ସଂସ୍ଥା ମାଲିକଙ୍କ ନିକଟରେ ସାମ୍ବାଦିକଙ୍କୁ ଉତ୍ତରଦାୟୀ ହେବାକୁ ପଡୁଛି। ତେବେ ପ୍ରସାରିତ ଖବର ପାଇଁ ସମାଜ ନିକଟରେ ଉତ୍ତରଦାୟୀ ରହିବାକୁ ହେଲେ ଜଣେ ସାମ୍ବାଦିକଙ୍କୁ ନିଜ ବିବେକ ଅନୁମୋଦିତ ଖବର ସଂଗ୍ରହ ଏବଂ ଏହାର ପ୍ରସାରଣ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ଭଦ୍ରକ ପ୍ରଜାପତି କଲ୍ୟାଣ ମଣ୍ଡପଠାରେ ଷ୍ଟେଟ୍ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ(ଏସ୍‌ୟୁଜେ)ର ପ୍ରାନ୍ତୀୟ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସୂରଜ ଏହି କଥା କହିଛନ୍ତି। ସାମ୍ବାଦିକତା କ୍ଷେତ୍ରରେ ମହିଳାମାନଙ୍କ ଅନ୍ତର୍ଭୁକ୍ତୀକରଣ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ ଜନସଂଖ୍ୟାର ଅଧା ମହିଳା ବର୍ଗର ହୋଇଥିବାରୁ ସାମାଜିକସ୍ତରରେ ମହିଳାମାନଙ୍କୁ ଆଗକୁ ଆଣିବାକୁ ହେଲେ ସାମ୍ବାଦିକତା କ୍ଷେତ୍ରରେ ଅଧିକରୁ ଅଧିକ ନାରୀମାନଙ୍କ ଅନ୍ତର୍ଭୁକ୍ତୀକରଣର ଆବଶ୍ୟକତା ରହିଛି। ସେହିଭଳି ସମ୍ବାଦ ସଂଗ୍ରହ ଏବଂ ପରିବେଷଣ କ୍ଷେତ୍ରରେ ଆମକୁ ସତ୍ୟର ଅନୁସରଣ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ସାମ୍ବାଦିକମାନଙ୍କ ସୁରକ୍ଷା, ସାମାଜିକ ଦାୟିତ୍ୱ ଏବଂ ଅଧିକାର ପ୍ରତି ସରକାର ସମ୍ବେଦନଶୀଳ ଅଛନ୍ତି ଏବଂ ସେଗୁଡ଼ିକର ସାମାଧାନ ପର୍ଯ୍ୟାୟକ୍ରମେ ହେବ ବୋଲି କହିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ସାମ୍ବାଦିକମାନେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରି ଆସୁଥିବାବେଳେ ସେମାନଙ୍କ ସ୍ୱାର୍ଥ ଏବଂ ସୁରକ୍ଷା ପ୍ରତି ଅନୁରୂପ ପ୍ରଯତ୍ନ ହେଉ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଶାସନ, ପ୍ରଶାସନକୁ ସଠିକ୍ ବାଟରେ ପରିଚାଳନା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହିତ ସାମ୍ବାଦିକମାନଙ୍କ ସମସ୍ୟାଗୁଡ଼ିକ କିଭଳି ସମାଧାନ ହୋଇପାରିବ ସେନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏସ୍‌ୟୁଜେ ଭଦ୍ରକ ଜିଲ୍ଲା ଶାଖା ସଭାପତି ବରିଷ୍ଠ ସାମ୍ବାଦିକ ନିହାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସଂଗଠନର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା, ପେନ୍‌ସନ୍, ସ୍ୱାସ୍ଥ୍ୟବୀମାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ୍ କରିବା, ରାଜଧାନୀ ଭୁବନେଶ୍ୱରରେ ସବୁ ବର୍ଗର ସାମ୍ବାଦିକ ରହିବା ପାଇଁ ଏକ ସାମ୍ବାଦିକ ଭବନ ନିର୍ମାଣ କରିବା ଆଦି ୯ ଦଫା ଦାବି ଉପସ୍ଥାପନା କରିଥିଲେ। ଏସ୍‌ୟୁଜେ ରାଜ୍ୟ ଉପସଭାପତି ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭା ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମ୍ବାଦିକ ରାଜେନ୍ଦ୍ର ପ୍ରସାଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏସ୍‌ୟୁଜେ ଜିଲ୍ଲା ସମ୍ପାଦକ ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ ବିବରଣୀ ପାଠ କରିଥିବାବେଳେ ଜିଲ୍ଲା ଉପସଭାପତି ରଜତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଜିଲ୍ଲାର ବରିଷ୍ଠ ଭେଷଜ ଡାକ୍ତର ତଥା ଆଇଏମ୍‌ଏ ଜିଲ୍ଲା ସଭାପତି ଡ. ରବୀନ୍ଦ୍ର ନାୟକ, ବିଶିଷ୍ଟ ସମାଜସେବୀ ତଥା ସିଆର୍‌ଏସ୍‌ଆର୍‌ର ମୁଖ୍ୟ ଭଗବାନ ପରିଡ଼ା, ଉଦ୍ୟୋଗୀ ମନୋଜ ରାୟ, ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ପ୍ରମୋଦ ରାୟ, ଉମାକଲ୍ୟାଣ ମହାପାତ୍ର, ତପନ ସ୍ୱାଇଁ, ଶିବାନନ୍ଦ ଦାସ ଏବଂ ବିକାଶ ଧଳ ସାମନ୍ତଙ୍କୁ ସେମାନଙ୍କ ବୃତ୍ତିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ସିଂ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ମଧୁପ ରଞ୍ଜନ ନନ୍ଦ, ଜୁଲ୍ ଫିକର ହୁସେନ, ରାଜ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତପନ ସ୍ୱାଇଁ, ସୌଭାଗ୍ୟ ମହାରଣା, ସେକ୍ ମନିରୁଦ୍ଦିନ, ସଦାଶିବ ମହାପାତ୍ର, ଜଗନ୍ନାଥ ଧଳ, ଟୁନା ଜେନାଙ୍କ ସହିତ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ନୟାଗଡ଼, ପୁରୀ, ଅନୁଗୋଳ ପ୍ରଭୃତି ୧୫ଟି ଜିଲ୍ଲାର ସଭାପତି, ସମ୍ପାଦକ ଓ କାର୍ଯ୍ୟକର୍ତ୍ତାଙ୍କୁ ମିଶାଇ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।





୨୨/୫/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୧୭,୨୨୧/- ସୁନା: ୦୩.୧୦୦ ଗ୍ରାମ୍ ରୁପା: ୧୬.୨୦୦ ଗ୍ରାମ୍

# ସିଟି ଶ୍ରୀକ୍ଷେତ୍ର

ରଥଖଳାରୁ...

## ଚଉଦ ନାହାକା ନିର୍ମାଣ ଆରମ୍ଭ



**ପୁରୀ,୨୨।୫(ସମିସ):** ରଥଖଳାରେ ଆଗେଇ ଚାଲିଛି ତିନି ରଥ ନିର୍ମାଣ। ଶୁକ୍ରବାର ତିନିରଥର ଚାରିନାହାକା ଶେଷ ପରେ ତିନିରଥର ଚଉଦ ନାହାକା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥ ଅମୀନ ଭୋଇ ସେବକଙ୍କ ସହାୟତାରେ ତିନିରଥ ଚାଳିକୁ ପ୍ରଥମ ପର୍ଯ୍ୟାୟରେ ୫ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଫାଳି ଯୋଗାଇଛନ୍ତି। ତିନିରଥର ମହାରଣା ସେବକମାନେ ଉକ୍ତ ଚଉଦ ନାହାକା କାଠ ଫାଳିର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚଉପଟ ପରେ ଉକ୍ତ ନାହାକା କାଠର ଅଷ୍ଟକୋଣି ଅଂଶମରା କାର୍ଯ୍ୟ ହେବ। ସେହିପରି ତିନି ରଥର ୨୦ ଫୁଟିଆ ଗରଗରାରେ ବିନ୍ଧ କାର୍ଯ୍ୟ ଜାରି ରହିଛି। ଏଥିସହ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ତିନିରଥର ଅଖ ନିର୍ମାଣ କାର୍ଯ୍ୟ। ତିନିରଥର ସାନ ଉଚ୍ଛୁଳା, ଅଖ ଶେଷ ହୋଇ ନାହାକା ଏବଂ ପଡ଼ି ନାହାକା ଅଖଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନିରଥର ସାଲ ଗୁଜରେ ରୂପ ଖୋଦେଇ ଶେଷ କରି ପଲିସ୍ କାର୍ଯ୍ୟ ସହ ଅଳଙ୍କାର ପକା କାର୍ଯ୍ୟ ସହ ତିନିରଥର ଡୀଖ ଗୁଜଗୁଡ଼ିକରେ ସିଂହ ବିରାଳ ରୂପ ଖଦେଇ ଜାରି ରଖିଛନ୍ତି। କରତି ସେବକମାନେ ତାଳଧ୍ୱଜ ରଥର ୪୦ ଫୁଟିଆ ପୋଲ ଗୟଳର ଚିତା କାର୍ଯ୍ୟ ପରେ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ଅଖ କଣ୍ଟା ସହ ଗରଗରା କଣ୍ଟା, ପୋଟଳ ନନ୍ଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ପହି ମହାରଣା ଦୋଳବେଦୀଠାରେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

ଭିଟାମାଟିର ସୁରକ୍ଷା ଚିନ୍ତା

# ହଜି ନ ଯାଉ ସମୁଦ୍ରକୂଳିଆ ଗାଁ ସିଂଘାରପାଳ

ପୁରୀ,୨୨।୫(ସମିସ)

ପୁରୀ ଜିଲ୍ଲା କାକଟପୁର ବ୍ଲକର ସମୁଦ୍ରକୂଳିଆ ଗାଁ ସିଂଘାରପାଳ। ବେଶ୍ ସରଳ ଏବଂ ସ୍ୱାଭିମାନୀ ମଣିଷଙ୍କ ଏହି ଗାଁ ଆଜି ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି। ଚଇତାଳି ପବନ ସାଙ୍ଗକୁ ବାଲିବନ୍ତରୁ ଉଡୁଥିବା ବାଲି ଗାଁ ଭିତରେ ପଶୁଛି। ଆଉ ସବୁଠୁ ବଡ଼କଥା ହେଉଛି ଗାଁ ଓ ସମୁଦ୍ର ମଝିରେ ପ୍ରାକୃତିକ ପ୍ରାଚୀର ସାଜିଥିବା ଉପକୂଳ ଜଙ୍ଗଲ ଆଜି ଆଉ ନାହିଁ। ଯାହା ଅଛି, ତାହା ବି ଦିନକୁ ଦିନ ମରିଯାଉଛି। ହେଲେ ବନ ବିଭାଗର ଏଥିପ୍ରତି ନିଘା ନାହିଁ। ନୂଆ ଗଛ ଲଗାଯାଉ ନ ଥିବାବେଳେ, ଯାହା ବି ଗଛ ଅଛି ତାହା କିପରି ମୁଣ୍ଡ ଟେକିବ ସେ ଦିଗରେ ବିଶେଷ ଆଗ୍ରହ କରୁନାହିଁ। ଫଳରେ ନିଜ ଭିଟାମାଟିର ସୁରକ୍ଷା ଚିନ୍ତା ଘାରିଛି ଗ୍ରାମବାସୀଙ୍କୁ। ଏମିତି ବି ପ୍ରାକୃତିକ ବିପର୍ଯ୍ୟୟର ଭୟ ବି ରହୁଛି। ଆଉ ରହିବା ବି ସ୍ୱାଭାବିକ। କାରଣ ୧୯୯୯ ମହାବାତ୍ୟାର ତାଣ୍ଡବ ଏବେ ବି ଅନେକଙ୍କ ଆଖିରେ ତାଜା ହୋଇରହିଛି। ତେଣୁ ଜନ୍ମମାଟି କିପରି ସୁରକ୍ଷିତ ରହିବ ସେହି ଚିନ୍ତାରେ ଦିନ କାଟୁଛନ୍ତି ସିଂଘାରପାଳ ଗ୍ରାମବାସୀ।

ଗ୍ରାମବାସୀଙ୍କ ମତରେ, ୩୦/୪୦ ବର୍ଷ ପୂର୍ବେ ଗାଁରୁ ସମୁଦ୍ର ଦେଖାଯାଉ ନ ଥିଲା। ଘଞ୍ଚ ଝାଉଁ, ହେନ୍ତାଳ ଜଙ୍ଗଲ ଥିଲା। ଅନେକ ବାତ୍ୟା, ପବନରୁ ଆମକୁ ଏହି ଜଙ୍ଗଲ ବଞ୍ଚାଇଥିଲା। ହେଲେ ଆଜି ସେଭଳି ଜଙ୍ଗଲ ନାହିଁ। ଜଙ୍ଗଲ ଆଜି ପଡ଼ିଆ ଭଳି ଲାଗୁଛି। ଫଳରେ ପବନ ହେଲେ ମନରେ ଛନକା ପଶୁଛି। ଅନ୍ୟଜଣେ ଗ୍ରାମବାସୀ କହିଛନ୍ତି, ଲଘୁଚାପ ଖବର ଟିଭିରେ ଦେଖିଲେ ଛାତି ଥରେ। ଛେନୁଅ ଆଉ ଉଦୟକଣୀ ଗାଁ ଆମ ଆଖି ଆଗରେ ସମୁଦ୍ର ଗିଳିଗଲା। ଆମ ପାଳି ଆସିଲାଣି। ରୋଜଗାର ପରେ, ପ୍ରଥମେ ଭିଟାମାଟି ବଞ୍ଚାଇବା ଆମ ପାଇଁ ବଡ଼ ଆହ୍ୱାନ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବନ ବିଭାଗ ବିଗତ ବର୍ଷରେ ଉଦୟକଣୀ ବେଳାଭୂମି କଡ଼ରେ ଯେଉଁ ଝାଉଁ ଗଛ ଲଗାଇଥିଲା ବାଡ଼ ନ ଦେବାରୁ ବାଲି ମାଡ଼ି ଚାରା ଧୀରେ ଧୀରେ ମରିବାକୁ ବସିଲାଣି। କିନ୍ତୁ ସରକାର କେବଳ ଫଟୋ ଉଠାଇ କାମ ସାରୁଛନ୍ତି। ସୂଚନା ଅନୁଯାୟୀ, ଚଳିତ ବର୍ଷ ସମୁଦ୍ର ଉପକୂଳରେ କୌଣସି ଜାଗାରେ ସେମିତି ବାଡ଼ ହୋଇନାହିଁ। ସେହିପରି ମରିଯାଉଥିବା ଗଛ ବଦଳରେ ନୂଆ ଚାରା ଲଗାଯାଉନାହିଁ। ଅଞ୍ଚଳବାସୀଙ୍କ ଭିଟାମାଟିରେ ଲୁଣା ବଢୁଛି, ଚାଷ ଉଜୁଡୁଛି। ତେଣୁ ଏଭଳି ସମସ୍ୟା ସମାଧାନ ନେଇ ଗ୍ରାମବାସୀ ସରକାରଙ୍କ ପାଖରେ ବିଭିନ୍ନ ଦାବି କରିଛନ୍ତି। ଏହି ଦାବି ମଧ୍ୟରେ ସମୁଦ୍ରକୂଳରେ ବାଲି ଅଟକାଇବାକୁ ତୁରନ୍ତ ଜୈବିକ (କିଆ ଓ ଝାଟି) ବାଡ଼ କରାଯାଉ। ସିଂଘାରପାଳଠାରୁ ତଣ୍ଡାହାର ମୁହାଣ ପର୍ଯ୍ୟନ୍ତ ଝାଉଁ, ହେନ୍ତାଳ, ଖଜୁରୀ ଭଳି ଉପକୂଳ ସହନଶୀଳ ପ୍ରଜାତିର ଗଛ ଲଗାଯାଉ। ବ୍ୟାପକ ମାତ୍ରାରେ ଚାରା ଲଗାଇ ତାକୁ ବଞ୍ଚାଇବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜଙ୍ଗଲ ବିଭାଗ ଉଦ୍ୟମ କରୁ। ଜଣେ ବୁଦ୍ଧିଜୀବୀ କହିଛନ୍ତି, ଛେନୁଅ, ଉଦୟକଣୀ ଭଳି ସିଂଘାରପାଳ ବି ମାନଚିତ୍ରରୁ ଲିଭିଯିବା ଆଗରୁ ସରକାର ଜାଗନ୍ତୁ। ଥଇଥାନ ନୁହେଁ, ଆମ ଭିଟାମାଟିରେ ସୁରକ୍ଷା ଦରକାର। ପ୍ରକୃତିର କରାଳ ରୂପ ଆଗରେ ସିଂଘାରପାଳ ଆଜି ଅସହାୟ। ବନ ବିଭାଗ ଯଦି ଚୁପ୍ ବସେ, ତେବେ ଆଉ କିଛିବର୍ଷ ପରେ ଏଠି କେବଳ ବାଲି ଓ ଲହର କାହାଣୀ ରହିଯିବ। ଗାଁ ବଞ୍ଚାଇବାକୁ ହେଲେ ଗଛ ହିଁ ଏକମାତ୍ର ପ୍ରାଚୀର।




ସୂଚନାଥାଉ କି, ସିଂଘାରପାଳ ନିକଟରେ ଥିବା ଅସ୍ତରଙ୍ଗ ବ୍ଲକ୍‌ର ଦୁଇଟି ଗାଁ ଉଦୟକଣୀ ଓ ଛେନୁଅ। ୧୯୯୯ ମହାବାତ୍ୟାର କରାଳ ରୂପକୁ ଏମାନେ ଅତି ପାଖରୁ ଦେଖିଥିଲେ। ଜୀବନ ବଞ୍ଚାଇବାକୁ ଯାଇ ଘରଦ୍ୱାର ସବୁ ଛାଡ଼ି ପିଲାଛୁଆଙ୍କୁ ଧରି ଚାଲି ଯାଇଥିଲେ। ହେଲେ ଆଉ ସେଠାକୁ ଫେରିବାକୁ ସାହସ କରି ନ ଥିଲେ। କାରଣ ଯେଉଁଠି ସେମାନଙ୍କର ଘର ଥିଲା, ମନ୍ଦିର ଥିଲା, ଜୀବନ ଜୀବିକା ନେଇ ବଞ୍ଚୁଥିଲେ ତାହାକୁ ଉଜାଡ଼ି ଦେଇଥିଲା ମହାବାତ୍ୟା। ଭସାଇ ନେଇଥିଲା ସେମାନଙ୍କ ତେଲଲୁଣର ସଂସାର। ସମୁଦ୍ର ଢେଉରେ ଉଦୟକଣୀ ଓ ଛେନୁଅ ଗାଁ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ମହାବାତ୍ୟା ପରେ ଛେନୁଅ ଗାଁ ଯେଉଁଠିକୁ ସ୍ଥାନାନ୍ତର ହୋଇଥିଲା ତାହା ବି ସେମାନଙ୍କ ସ୍ଥାୟୀ ଠିକଣା ହୋଇ ରହିପାରିଲା ନାହିଁ। ସମୁଦ୍ର ଜୁଆର ଭୟ ଦେଖାଇବାରୁ ଚିତ୍ରେଶ୍ୱରୀ ପିଆର୍‌ଏଫ୍ ନଡ଼ିଆ ମଠ ବିଟ୍ ପାଖ ଜଙ୍ଗଲ ଜମିକୁ ଉଠିଯାଇଛନ୍ତି ଏହି ଗାଁ ଲୋକେ। ସେହିପରି ଉଦୟକଣୀ ବି ସ୍ଥାନାନ୍ତର ହୋଇଛି। ଗାଁ ଥିବା ପୂର୍ବ ସ୍ଥାନରେ ଏବେ କେବଳ ମା' ବାଟୁଳେଇଙ୍କ ମନ୍ଦିର ପରିତ୍ୟକ୍ତ ଅବସ୍ଥାରେ ରହିଛି। ତେଣୁ ଏହି ଦୁଇ ଗାଁର ଅବସ୍ଥା ଦେଖିଥିବା ସିଂଘାରପାଳ ଗାଁ ଲୋକେ ସେମାନଙ୍କ ଭିଟାମାଟିର ସୁରକ୍ଷାକୁ ନେଇ ଏବେ ଚିନ୍ତାରେ ଅଛନ୍ତି।

## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା

**ପୁରୀ,୨୨।୫(ସମିସ):** ଶ୍ରୀମନ୍ଦିରରେ ବୁଧବାର ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳକୁଣ୍ଡରେ ସ୍ନାନ କରିଥିଲେ। ଜଳ କୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ତୃତୀୟ ଜଳକ୍ରୀଡ଼ା।

ଏଫ୍‌ଏଫ୍‌ଏଫ୍‌ଏଆଇର କାର୍ଯ୍ୟନିର୍ବାହୀ କମିଟି ବୈଠକ

# ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର

ପୁରୀ,୨୨।୫(ସମିସ)

ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି କହିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ (ଓସିବିଏ) ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ ଅଫ୍ ଫ୍ରେଟ୍ ଫରୱାର୍ଡ୍ସ ଆସୋସିଏସନ ଇନ୍ ଇଣ୍ଡିଆ (ଏଫ୍‌ଏଫ୍‌ଏଫ୍‌ଏଆଇ)ର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ। ଦେଶର ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମ୍‌ରେ ଏହି ସଂଗଠନ ସାରା ଦେଶରେ କଷ୍ଟମ୍ସ ବ୍ରୋକର ଏବଂ ଫ୍ରେଟ୍ ଫରୱାର୍ଡ୍ସଙ୍କ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ସଂସ୍ଥା ଭାବରେ ଉଭା ହୋଇଛି। ମାଲ୍‌ବାହୀ ଫରୱାର୍ଡର ଏବଂ କଷ୍ଟମ୍ସ ବ୍ରୋକରଙ୍କ ଭୂମିକା ପ୍ରାୟତଃ ପରଦା ପଛରେ ରହିଥାଏ, ତଥାପି ଏହା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥା'ନ୍ତି। ବାଣିଜ୍ୟର ନିରବ ସମର୍ଥକ ଭାବେ କଷ୍ଟମ୍ସ ଅନୁପାଳନ, ଲଜିଷ୍ଟିକ୍ସ ପରିଚାଳନା, ମଲ୍ଟିମୋଡାଲ୍ ପରିବହନ ଏବଂ ବାଣିଜ୍ୟ ସୁବିଧାରେ ସେମାନଙ୍କ ବିଶେଷଜ୍ଞତା ଅର୍ଥନୀତିର ଚକ୍ରକୁ ସୁଗମ ଭାବରେ ଗତିଶୀଳ ରଖିଥାଏ ବୋଲି କହିଥିଲେ। ଏହି ଅବସରରେ ଦକ୍ଷତା ବୃଦ୍ଧି ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଲକ୍ଷ୍ୟରେ ଜାତୀୟ ଲଜିଷ୍ଟିକ୍ସ ନୀତି, ପ୍ରଧାନମନ୍ତ୍ରୀ ଗତି ଶକ୍ତି, ଡିଜିଟାଲ୍ କଷ୍ଟମ୍ସ ପ୍ରକ୍ରିୟା ଏବଂ ବିକଳ୍ପ ବାଣିଜ୍ୟ କରିଡର କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ। ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି। ଏହାର ଦୀର୍ଘ ବେଳାଭୂମି, ପାରାଦୀପ, ଧାମରା ଓ ଗୋପାଳପୁର ଭଳି ବନ୍ଦର ଯୋଗାଯୋଗ ଓ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି। ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ 'ଆର୍ଥିକ ଆତ୍ମସୁରକ୍ଷା' ପରାମର୍ଶକୁ ପାଳନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏଫ୍‌ଏଫ୍‌ଏଫ୍‌ଏଆଇର ଅଧ୍ୟକ୍ଷ ଅମିତ କାମତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ହରିହର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ପାନ୍-ଇଣ୍ଡିଆ ସାଇବର ଠକେଇ ନେଟ୍‌ୱର୍କର ଜଣେ ଗିରଫ

**ପୁରୀ,୨୨।୫(ସମିସ):** ଓଡ଼ିଶାରେ ଚାଲିଥିବା 'ଅପରେସନ୍ ସାଇବର କବଚ' ଅଭିଯାନ ଅଧୀନରେ ପୁରୀ ସାଇବର ପୁଲିସ ଏକ ସର୍ବଭାରତୀୟ ସାଇବର ଠକେଇ ନେଟ୍‌ୱର୍କ ପାନ୍ ଇଣ୍ଡିଆର ପର୍ଦ୍ଦାଫାସ୍ କରି ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ଚନ୍ଦ୍ରଭାଗା ମେରାଇନ ଥାନା ଅନ୍ତର୍ଗତ ସୁତନର ଚିନ୍ମୟ ରଞ୍ଜନ ସାମନ୍ତରାୟ (୪୨)। ତାଙ୍କ ନିକଟରୁ ୨ଟି ସିମ୍ କାର୍ଡ, ୬ଟି ଚେକ୍ ବୁକ୍, ୨ଟି ସ୍ୱାଇପ୍ ମେସିନ୍ ଓ ଗୋଟିଏ ପାସ୍‌ବୁକ୍ ଜବତ କରାଯାଇଛି। 'ସାଇବର କବଚ' ଅପରେସନ ସମୟରେ ପୁରୀ ସାଇବର ପୁଲିସ ବନ୍ଧନ ବ୍ୟାଙ୍କରେ ଥିବା ଏକ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟକୁ ଠାବ କରିଥିଲା। ଏହି ଆକାଉଣ୍ଟ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟର ପୀଡ଼ିତଙ୍କଠାରୁ ଠକି ଆଣିଥିବା ପ୍ରାୟ ୭ ଲକ୍ଷ ଟଙ୍କା ହଡ଼ପ କରାଯାଉଥିଲା। ଅଭିଯୁକ୍ତ ଚିନ୍ମୟଙ୍କ ସମ୍ପୃକ୍ତି ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି। ବ୍ୟବହୃତ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଓ ପ୍ରମାଣ ଜବତ କରାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ସହ ଅଭିଯୁକ୍ତ ସୁଶାନ୍ତ ପରିଡ଼ାଙ୍କୁ ପୂର୍ବରୁ ପୁରୀ ସାଇବର ପୁଲିସ ଗିରଫ କରି କୋର୍ଟଚାଲାଣ କରିସାରିଛି। ଶୁକ୍ରବାର ଚିନ୍ମୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ସିଣ୍ଡିକେଟ୍ ସାରା ଦେଶରେ ଲୋକଙ୍କୁ ଠକି ଅବୈଧ ଅର୍ଥକୁ ନିଜ କରେଣ୍ଟ ଆକାଉଣ୍ଟ ମାଧ୍ୟମରେ ଚାଲାଣ କରୁଥିଲା। ନେଟ୍‌ୱର୍କରେ ସାମିଲ୍ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜି ଗିରଫ କରିବାକୁ ପୁଲିସ ପ୍ରୟାସ ଜାରି ରଖିଛି।

## ପାରିବାରିକ କଳହ: ଥାନା ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ପୁରୀ,୨୨।୫(ସମିସ):** ଶୁକ୍ରବାର ସନ୍ଧ୍ୟାରେ ଟାଉନ୍ ଥାନା ସମ୍ମୁଖରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହକୁ ନେଇ ଜଣେ ମହିଳା ଦେହରେ କିରାସିନି ଢାଳି ହୋଇ ଆତ୍ମାହୁତି ଉଦ୍ୟମ କରିଥିଲା। ମହିଳା ଜଣଙ୍କ ଗତ ୧୮ ତାରିଖରେ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ କି ତାଙ୍କ ସ୍ୱାମୀଙ୍କର ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ରହିଛି। ଏହାପରେ ଟାଉନ ଥାନା ପୁଲିସ ମହିଳାଙ୍କ ସ୍ୱାମୀଙ୍କୁ ନୋଟିସ ଦେଇଥିଲା। ପୁଲିସ ଉପସ୍ଥିତିରେ ଆପୋସ ବୁଝାବଣା ପରେ ସ୍ୱାମୀ-ସ୍ତ୍ରୀ ଉଭୟେ ଘରେ ଏକାଠି ରହିଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ପୁଣି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମହିଳା ଜଣକ ଆତ୍ମହତ୍ୟା ଧମକ ଦେବାରୁ ସ୍ୱାମୀ ତାଙ୍କୁ ଗାଡ଼ିରେ ବସାଇ ଥାନାରେ ପହଞ୍ଚିଥିଲେ। ମହିଳା ଥାନା ସମ୍ମୁଖରେ ପହଞ୍ଚିବା ପରେ ସାଥିରେ ଲୁଚାଇ ଆଣିଥିବା କିରାସିନି ନିଜ ଦେହରେ ଢାଳିଥିଲେ। ସେଠାରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ପୁଣି ପୁଲିସ ଉପସ୍ଥିତିରେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ମହିଳା ଏପରି କାର୍ଯ୍ୟ ଭବିଷ୍ୟତରେ କେବେ କରିବେ ନାହିଁ ବୋଲି ପୁଲିସ ନିକଟରେ ଲିଖିତ ଭାବରେ ଦେବା ପରେ ପୁଲିସ ଉଭୟଙ୍କୁ ଘରକୁ ଛାଡ଼ିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପୁଲିସ ସୂଚନା ଦେଇଛି ଯେ, ଶୁକ୍ରବାର ସନ୍ଧ୍ୟା ସମୟରେ ଏକ ଦମ୍ପତି ତାଙ୍କର ପାରିବାରିକ କଳହ ସମ୍ପର୍କିତ ବିଷୟକୁ ନେଇ ଟାଉନ୍ ଥାନାକୁ ଆସିଥିଲେ। ସେହି ସମୟରେ ଏକ ଗୁଜବ ପ୍ରଚାର ହୋଇଥିଲା ଯେ ଟାଉନ ଥାନା ସମ୍ମୁଖରେ ଜଣେ ମହିଳା କିରାସିନି ଢାଳି ଆତ୍ମହତ୍ୟା ପ୍ରୟାସ କରିଛନ୍ତି। ଏହି ସୂଚନା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଏବଂ ଭ୍ରମିକ। ଉକ୍ତ ଦମ୍ପତିଙ୍କୁ ଥାନାରେ ବୁଝାସୁଝା କରାଯାଇଥିଲା।

## ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ଉଦ୍‌ଘାଟିତ



**ପୁରୀ,୨୨।୫(ସମିସ):** ସ୍ଥାନୀୟ ବଗଲା ଧର୍ମଶାଳା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬ ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ପିଡବ୍ଲୁଡି ଇଞ୍ଜିନିୟର ଜଳଧର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ବ୍ୟବସାୟୀ ସୁବିମଳ ଭଦ୍ର, ବିଶିଷ୍ଟ ବ୍ୟବସାୟୀ ସୁବ୍ରତ ମହାନ୍ତି ଏବଂ ସ୍ୟାଡୋ ଆଡ୍‌ଭର୍ଟାଇଜିଂ ଆଣ୍ଡ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସଂସ୍ଥାପକ ତାପସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଏକ୍ସପୋରେ ୮ଟି ଦେଶର ବ୍ୟବସାୟୀ ଯୋଗଦେଇଥିବା ବେଳେ ଭାରତର ୨୦ଟି ରାଜ୍ୟର ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶିତ ହେଉଛି। ୧୦୦ରୁ ଅଧିକ ଷ୍ଟଲ୍‌ରେ ଦେଶୀ ଓ ବିଦେଶୀ ଉତ୍ପାଦର ବିଶେଷ ପ୍ରଦର୍ଶନୀ ଦର୍ଶକମାନଙ୍କୁ ବହୁତ ଆକର୍ଷିତ କରୁଛି। ଏହି ବ୍ୟାପାର ମେଳାର ପ୍ରମୁଖ ଆକର୍ଷଣ ଭିତରେ ରହିଛି ଆର୍ଟିଫିସିଆଲ୍ ଜୁଏଲାରୀ, ରୟାଲ୍ ଡ୍ରାଏ ଫ୍ରୁଟ୍ସ, ଥାଇଲ୍ୟାଣ୍ଡ ଫୁଟ୍‌ୱେର୍, ଘରକରଣା ସାମଗ୍ରୀ, ହାଇଦରାବାଦୀ ଫର୍ଣ୍ଣିଚର ଆଣ୍ଟିକ୍ ଫର୍ଣ୍ଣିଚର, ବନାରସୀ ଶାଢ଼ି, ସାଉଥ୍ ଇଣ୍ଡିଆନ୍ ଶାଢ଼ି, ପଞ୍ଜାବୀ ସୁଟ୍, ବଡି ମସାଜର୍ ସହ ବହୁ ପ୍ରକାରର ଘରୋଇ ଓ ଲାଇଫ୍ ଷ୍ଟାଇଲ୍ ଉତ୍ପାଦ ରହିଛି। ପରିବାର ସହ ସପିଙ୍ଗ୍, ବିନୋଦନ ଓ ନୂତନ ବ୍ୟାବସାୟିକ ସଂଯୋଗ ସୃଷ୍ଟି ପାଇଁ ଏହି ଏକ୍ସପୋ ଏକ ଅଦ୍ଭୁତ ସୁଯୋଗ ହୋଇଥିବାବେଳେ ପ୍ରଥମ ଦିନରୁ ଦର୍ଶକମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ଏକ୍ସପୋ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ମୋଟ୍ ୧୧ ଦିନ ଧରି ଚାଲିବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ଅବସରରେ ଜନସାଧାରଣଙ୍କୁ ଏହି ବିଶାଳ ଏକ୍ସପୋକୁ ପରିବାର ସହ ଆସି ଉପଭୋଗ କରିବା ପାଇଁ ଆୟୋଜକମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

ଆଜି ବିଶ୍ୱ କଇଁଛ ଦିବସ

# ବଢ଼ିଛି ଅଣ୍ଡା ସଂଗ୍ରହ ଓ ଛୁଆ ଫୁଟିବା ହାର

ପୁରୀ,୨୨।୫(ସମିସ)

ପ୍ରତିବର୍ଷ ମେ' ୨୩ ତାରିଖକୁ 'ବିଶ୍ୱ କଇଁଛ ଦିବସ' ରୂପେ ପାଳନ କରାଯାଏ। ଜୈବ ବିବିଧତା ରକ୍ଷା କ୍ଷେତ୍ରରେ କଇଁଛର ଗୁରୁତ୍ୱ ଓ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନ ପାଇଁ ପୁରୀ ଜିଲ୍ଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ପ୍ରତିବର୍ଷ ନଭେମ୍ବର ମାସରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ୍‌ରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥା'ନ୍ତି। କୂଳରୁ ୫ରୁ ୧୦ କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହୀରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କର ଅନ୍ୟତମ ପସନ୍ଦର ସ୍ଥାନ ପାଲଟିଥାଏ। ଡିସେମ୍ବରରେ ହଜାର ହଜାର ସଂଖ୍ୟାରେ ଅଲିଭ୍‌ରିଡ୍‌ଲେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀଠାରୁ ଦେବୀ ମୁହାଣ ଅଞ୍ଚଳକୁ ଆସିଥା'ନ୍ତି। କିନ୍ତୁ କୋଣାର୍କଠାରୁ ଦେବୀନାସୀ ବେଳାଭୂମି ଅଞ୍ଚଳରେ ଏମାନେ ଅଣ୍ଡା ଦେଇଥା'ନ୍ତି। ଗହୀରମଥା ଓ ଋଷିକୁଲ୍ୟା ମୁହାଣ ସଂଲଗ୍ନ ବେଳାଭୂମିରେ ଅଲିଭ୍‌ରିଡ୍‌ଲେ ସାମୂହିକ ଭାବେ ଅଣ୍ଡା ଦେଉଥିବାବେଳେ ପୁରୀ ଜିଲ୍ଲା ଉପକୂଳ ବେଳାଭୂମିରେ ଏମାନେ ସ୍ଥାନେ ସ୍ଥାନେ ଅଣ୍ଡା ଦେଇଥା'ନ୍ତି। ଜାନୁଆରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇଥା'ନ୍ତି। ଅଣ୍ଡିରା କଇଁଛ ବେଳାଭୂମିକୁ ଆସି ନ ଥା'ନ୍ତି। ପ୍ରାୟ ଅନ୍ଧାର ରାତିରେ ମାଈ ଅଲିଭ୍‌ରିଡ୍‌ଲେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। ପଛ ଦୁଇପାଦରେ ପ୍ରାୟ ଦେଢ଼ଫୁଟ୍‌ର ଗାତ ଖୋଳି ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି। ଅଣ୍ଡା ଦେଲା ପରେ ପଛ ଦୁଇପାଦରେ ଗାତକୁ ଘୋଡ଼ାଇ ଦେଇ ସମୁଦ୍ରକୁ ଫେରିଯାଆନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ପୁରୀ ଜିଲ୍ଲା ଉପକୂଳରେ ଅଲିଭରିଡ୍‌ଲେ ବେଳାଭୂମିର ସ୍ଥାନେ ସ୍ଥାନେ ଅଣ୍ଡା ଦେଉଥିବାରୁ ବନ ବିଭାଗ ପକ୍ଷରୁ କୃତ୍ରିମ ହାଚେରି (ଅସ୍ଥାୟୀ ପ୍ରଜନନ କେନ୍ଦ୍ର) କରାଯାଏ। କାରଣ ମାଈ କଇଁଛ ଅଣ୍ଡା ଦେଇ ସମୁଦ୍ରକୁ ପଳାଇବା ପରେ କୁକୁର, ବିଲୁଆ, ବାର୍‌ହା, ହେଟା ପ୍ରଭୃତି ଜୀବମାନେ ବାଲି ଖୋଳି କଇଁଛ ଅଣ୍ଡା ଖାଇଦେଇଥା'ନ୍ତି। ତେଣୁ ଅଣ୍ଡାର ସୁରକ୍ଷା ପାଇଁ ହାଚେରି କରାଯାଇଥାଏ। ପ୍ରତ୍ୟହ ଅଣ୍ଡାଗୁଡ଼ିକୁ ବସା (କଇଁଛ ଅଣ୍ଡା ଦେଉଥିବା ସ୍ଥାନ)ରୁ ସଂଗ୍ରହ କରି ବନ ବିଭାଗ କର୍ମଚାରୀମାନେ ଆଣି ହାଚେରିରେ ରଖିଥା'ନ୍ତି। ଛୁଆ ଫୁଟିବା ପରେ ସେଗୁଡ଼ିକୁ ସମୁଦ୍ରକୁ ଛଡ଼ାଯାଇଥାଏ। ଏଥର କୋଣାର୍କ ରେଞ୍ଜର ରାମଚଣ୍ଡୀ, ଦଶଧାଡ଼ିଆ, ଚନ୍ଦ୍ରଭାଗା ଓ କଅଁରପୁର, ଅସ୍ତରଙ୍ଗର ଦେବୀନାସୀ, ଜାହାନିଆ, ଡାଲୁଅକଣି, ଗୁଣ୍ଡଲବା ଓ ଗଙ୍ଗାଦେବୀ, ବାଲୁଖଣ୍ଡର ନୂଆନଇ, ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ବାଲିହରଚଣ୍ଡୀ ଓ ଚାପମାଣିକଠାରେ ବନ ବିଭାଗ ପକ୍ଷରୁ ମୋଟ୍ ୧୪ଟି ହାଚେରି ନିର୍ମାଣ କରାଯାଇଛି। ତେବେ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ କଇଁଛଙ୍କ ଅଣ୍ଡା ସଂଗ୍ରହ ଏବଂ ଅଣ୍ଡାରୁ ଛୁଆ ଫୁଟିବା ହାର ବଢ଼ିଛି। ୫ ବର୍ଷରେ ୯ ଲକ୍ଷ ୩୦ ହଜାର ୧୫୫ଟି ଅଣ୍ଡା ସଂଗ୍ରହ ହୋଇଛି। ଏହି ସମୟରେ ୬ ଲକ୍ଷ ୪୩ ହଜାର ୧୭୩ଟି ଅଣ୍ଡାରୁ ଛୁଆ ଫୁଟିବା ପରେ ସେମାନଙ୍କୁ ସମୁଦ୍ରରେ ଛଡ଼ାଯାଇଛି।




୨୦୨୫-୨୬ରେ ଏଯାବତ୍ ବାଲୁଖଣ୍ଡ ରେଞ୍ଜରେ ୧୮୮ଟି ବସା ଚିହ୍ନଟ ହୋଇଥିଲା। ୨୦ ହଜାର ୮୪୯ଟି ଅଣ୍ଡା ସଂଗ୍ରହ ହୋଇଥିଲା। ସେଥିରୁ ୧୭ ହଜାର ୪୫୬ଟି ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଛି। ୩୦୪ କଇଁଛଙ୍କ ମୃତ୍ୟୁ ହୋଇଛି। ସେହିପରି ବ୍ରହ୍ମଗିରି ରେଞ୍ଜରେ ୬୪୬ ବସା ଚିହ୍ନଟ ହୋଇ ୭୯ ହଜାର ୪୨୦ଟି ଅଣ୍ଡା ସଂଗ୍ରହ ହୋଇଥିଲା। ୬୬ ହଜାର ୪୫୧ଟି ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଛି। ୪୧ କଇଁଛଙ୍କ ମୃତ୍ୟୁ ହୋଇଛି। ଅସ୍ତରଙ୍ଗ ରେଞ୍ଜରେ ୧,୨୯୧ ବସା ଚିହ୍ନଟ କରାଯାଇଥିବା ବେଳେ ୧ ଲକ୍ଷ ୪୭ ହଜାର ୧୭୧ ଅଣ୍ଡା ସଂଗ୍ରହ ହୋଇଥିଲା। ୧ ଲକ୍ଷ ୨୦ ହଜାର ୮୯୦ଟି ଛୁଆ ସମୁଦ୍ରରେ ଛଡ଼ାଯାଇଥିଲା। କଇଁଛ ମୃତ୍ୟୁ ସଂଖ୍ୟା ୧୩୫ ରହିଛି। କୋଣାର୍କ ରେଞ୍ଜରେ ୪୫୮ଟି ବସା ଚିହ୍ନଟ ହୋଇଥିବାବେଳେ ୫୩ ହଜାର ୫୩୨ ଅଣ୍ଡା ସଂଗ୍ରହ ହୋଇଛି। ୪୫ ହଜାର ୮୮୫ ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଥିବା ବେଳେ ୧୦୬ କଇଁଛଙ୍କର ମୃତ୍ୟୁ ହୋଇଛି। ମୋଟ୍ ୨୫୮୨ଟି ବସା ଚିହ୍ନଟ ହୋଇଥିବାବେଳେ ୨ ଲକ୍ଷ ୯୬ ହଜାର ୪୭୨ଟି ଅଣ୍ଡା ସଂଗ୍ରହ ହୋଇଛି। ୨ ଲକ୍ଷ ୫୦ ହଜାର ୬୮୨ଟି ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଛି। ୫୮୬ଟି କଇଁଛଙ୍କ ମୃତ୍ୟୁ ହୋଇଛି। ତେବେ କଇଁଛଙ୍କ ପ୍ରଜନନ ଋତୁ ପୂର୍ବରୁ ମତ୍ସ୍ୟ ବିଭାଗ, ବନ ବିଭାଗ, ପୁଲିସ ପକ୍ଷରୁ ଅନୁଷ୍ଠିତ ସମନ୍ୱୟ ବୈଠକରେ କଇଁଛଙ୍କ ସୁରକ୍ଷା ପାଇଁ ଆକ୍ସନ ପ୍ଲାନରେ ଘୋଷଣା କରାଯାଇଥିବା ତଥ୍ୟ ଏବଂ ବନ ବିଭାଗ ପକ୍ଷରୁ ଶୁକ୍ରବାର ଗଣମାଧ୍ୟମକୁ ଦିଆଯାଇଥିବା ତଥ୍ୟ ମଧ୍ୟରେ ତାଳମେଳ ରହୁ ନ ଥିବା ନଜରକୁ ଆସିଛି। ବୈଠକରେ ଯେଉଁ ତଥ୍ୟ ୨୦୨୨-୨୩ରେ ଦିଆଯାଇଥିଲା ତାହାକୁ ଗଣମାଧ୍ୟମକୁ ୨୦୨୧-୨୨ ତଥ୍ୟ ବୋଲି ଦିଆଯାଇଛି। ବାସ୍ତବରେ ଠିକ୍ କ'ଣ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର

## ଉପଶାସ୍ତ୍ରୀ ପରୀକ୍ଷା ଫଳ ପ୍ରକାଶ

**ପୁରୀ,୨୨।୫(ସମିସ):** ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ଦ୍ୱାରା ପରିଚାଳିତ ୨୦୨୬ ମସିହାର ଉପଶାସ୍ତ୍ରୀ ନିୟମିତ ଓ ପୂର୍ବ ନିୟମିତ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ପରୀକ୍ଷାରେ ମୋଟ୍ ୨୩ ଜିଲ୍ଲାରେ ଥିବା ସର୍ବମୋଟ ୧୭୨ଟି ସଂସ୍କୃତ ମହାବିଦ୍ୟାଳୟର ପରୀକ୍ଷାର୍ଥୀ ୧୨୫ଟି ପରୀକ୍ଷା କେନ୍ଦ୍ରରେ ଗତ ଫେବୃଆରୀ ୨୫ରୁ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ମୋଟ ୯,୩୨୯ ଜଣ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୮,୪୪୨ ଜଣ ପରୀକ୍ଷା ଦେଇଥିବାବେଳେ ୭,୫୨୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ୍ ପାସ୍‌ହାର ୮୯.୧୬ ପ୍ରତିଶତ ରହିଛି। ତନ୍ମଧ୍ୟରୁ ଛାତ୍ରୀମାନଙ୍କ ପାସ୍‌ହାର ୯୧.୨୮ ଥିବାବେଳେ ଛାତ୍ରମାନଙ୍କର ପାସ୍‌ହାର ୮୬.୭୪ ପ୍ରତିଶତ ରହିଛି। ପ୍ରଥମ ଶ୍ରେଣୀରେ ୨,୧୭୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୪,୫୬୨ ଜଣ, ତୃତୀୟ ଶ୍ରେଣୀରେ ୭୭୦ ଜଣ ଏବଂ କମ୍ପାର୍ଟମେଣ୍ଟାଲରେ ୧୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜଣଙ୍କର ପରୀକ୍ଷା ଫଳକୁ ସ୍ଥଗିତ ରଖାଯାଇଛି। ଚଳିତ ବର୍ଷ ପ୍ରଦୀପ୍ତ ରାୟ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଧ୍ୟଖଣ୍ଡ, ନୟାଗଡ଼ର ଛାତ୍ରୀ ମିତାରାଣୀ ମାଝୀ ମୋଟ ୭୦୦ରୁ ୫୪୦ ମାର୍କ (୭୭.୧୪ ପ୍ରତିଶତ) ରଖି ରାଜ୍ୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ତେବେ ଗତବର୍ଷ ୧୬୯ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଏଥର ୧୭୨ କଲେଜର ପିଲା ପରୀକ୍ଷା ଦେଇଥିଲେ। ଗତ ବର୍ଷ ମୋଟ୍ ୯୦.୧୮ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବାବେଳେ ଚଳିତ ବର୍ଷ ଏହା ୮୯.୧୬ ପ୍ରତିଶତ ରହିଛି। ପୂର୍ବ ବର୍ଷ ତୁଳନାରେ ଏଥର ପାସ୍‌ହାର କମ୍ ରହିଛି।